R.N.I. REGN. No. 65000/96 POSTAL REGN. No. OR/BN-32/12-14

ସମୟ SAMAYA

ସବୁ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ


30th ANNIVERSARY

ଏକତ୍ରିଂଶତମ ବର୍ଷ
ସଂଖ୍ୟା : ୨୧
ତିଥି : ତ୍ରୟୋଦଶୀ
୨୪ ଅକ୍ଟୋବର ୨୦୨୬, ଶନିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦
24 October 2026, Saturday

Bhubaneswar | Balasore | Angul | Berhampur | Sambalpur

ବଳ ଗୋଟାଇ ମାଡ଼ି ଆସୁଛି ବାତ୍ୟା

ଆଜି ଅବପାତ, ୨୬ରେ ବାତ୍ୟା



ଭୁବନେଶ୍ୱର, ୨୩ ।୧୦ (ସବୁ୍ୟ) : କେନ୍ଦ୍ରୀୟ ଓ ସଂଲଗ୍ନ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ସୃଷ୍ଟି ହୋଇଛି ଲଘୁଚାପ । ଆସନ୍ତାକାଲି(ଶନିବାର) ଅବପାତ, ୨୫ ତାରିଖରେ ଗଭୀର ଅବପାତରେ ପରିଣତ ହେବାର ସମ୍ଭାବନା ଅଛି । ଏହା ଅଧିକ ଘନୀଭୂତ ହୋଇଛି ୨୬ ତାରିଖ ସକାଳ ସୁଦ୍ଧା ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗରରେ ଏକ ବାତ୍ୟା ରୂପ ନେବ । ଏହାପରେ ଆହୁରି ଘନୀଭୂତ ହୋଇ ପଶ୍ଚିମ-ଉତ୍ତରପଶ୍ଚିମ ଦିଗରେ ଗତି କରି ପର ୨ ଦିନ ମଧ୍ୟରେ ଉତ୍ତର ଆନ୍ଧ୍ରପ୍ରଦେଶ ଏବଂ ସଂଲଗ୍ନ ଦକ୍ଷିଣ ଓଡ଼ିଶା ମୁହାଁ ହୋଇପାରେ। ରାଜ୍ୟ ସରକାର ଶୂନ୍ୟ ମୃତ୍ୟୁ ନୀତିକୁ ଆପଣାଇ ପ୍ରଶାସନକୁ ସମ୍ପୂର୍ଣ୍ଣ ସତର୍କ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ କ୍ରମଶଃ ଘନୀଭୂତ ହୋଇ ବାତ୍ୟାର ରୂପ ନେବାର ଆଶଙ୍କା ଥିବାରୁ ରାଜ୍ୟ ସରକାର ସତର୍କ ହୋଇଛନ୍ତି । ଏହି ପରିପ୍ରେକ୍ଷୀରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ରାଜୀବ ଭବନସ୍ଥିତ ଏସ୍‌ଆର୍‌ସି କନଫରେନ୍ସ ହଲରେ ଏକ ଉଚ୍ଚସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲାପାଳମାନଙ୍କୁ ଆକସ୍ମିକ ଯୋଜନା ଏବଂ ସମସ୍ତ ବିଭାଗୀୟ ପ୍ରସ୍ତୁତି ସମ୍ପୂର୍ଣ୍ଣ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି ।

ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ଆକଳନ ଅନୁଯାୟୀ, ସମୁଦ୍ର ଅଶାନ୍ତ ରହୁଥିବାରୁ ଗଭୀର ସମୁଦ୍ରକୁ ଯାଇଥିବା ମତ୍ସ୍ୟଜୀବୀମାନଙ୍କୁ ତୁରନ୍ତ କୂଳକୁ ଫେରିଆସିବାକୁ କୁହାଯାଇଛି । ବଡ଼ ବଡ଼ ଟ୍ରଲର୍ ଏବଂ ଜାହାଜର ମାଲିକମାନଙ୍କୁ ମଧ୍ୟ ସତର୍କ କରାଯାଇଛି । ତଳିଆ ଅଞ୍ଚଳରୁ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର, ଆଶ୍ରୟସ୍ଥଳୀଗୁଡ଼ିକୁ ପ୍ରସ୍ତୁତ (୯ ପୃଷ୍ଠାରେ)

- ୨୮ରେ ଆନ୍ଧ୍ର-ଦକ୍ଷିଣ ଓଡ଼ିଶା ଉପକୂଳରେ ପହଞ୍ଚିବ
- ୨୬,୨୮ରେ ଦକ୍ଷିଣ ଓଡ଼ିଶାକୁ ରେଡ ୱାର୍ଣ୍ଣିଂ
- ମୁକାବିଲା ଲାଗି ସରକାରଙ୍କ ବ୍ୟାପକ ପ୍ରସ୍ତୁତି
- ସରକାରୀ ସୂଚନା ଉପରେ ବିଶ୍ୱାସ କରନ୍ତୁ

ଇଣ୍ଡିଆ କେମ୍ ୨୦୨୬ରୁ ଫେରିଲେ ମୁଖ୍ୟମନ୍ତ୍ରୀ

୫୪ ହଜାର କୋଟିର ନିବେଶ ପ୍ରସ୍ତାବ



ଭୁବନେଶ୍ୱର, ୨୩ ।୧୦ (ସବୁ୍ୟ) : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ମୁମ୍ବାଇରେ ଅନୁଷ୍ଠିତ ଇଣ୍ଡିଆ କେମ୍ ୨୦୨୬ରେ ଓଡ଼ିଶା ଏକ ଅଗ୍ରଣୀ ପୁଞ୍ଜି ଆକର୍ଷଣକାରୀ ରାଜ୍ୟ ଭାବେ ନିଜର ସ୍ଥିତିକୁ ସୁଦୃଢ଼ କରିଛି। ମୁଖ୍ୟମନ୍ତ୍ରୀ ଟିମ୍ ଓଡ଼ିଶାର ନେତୃତ୍ୱ ନେଇ କେମିକାଲ ଓ ପେଟ୍ରୋ କେମିକାଲ କ୍ଷେତ୍ରରେ ଆୟୋଜିତ ଏହି କନ୍‌କ୍ଲେଭ୍‌ରେ ଅକ୍ଟୋବର ୨୨ ଏବଂ ୨୩ ତାରିଖରେ ଯୋଗ ଦେବା ପରେ ଆଜି ଭୁବନେଶ୍ୱର ଫେରି ଆସିଛନ୍ତି ।

୨୦ ହଜାର ନିଯୁକ୍ତି ସୁଯୋଗ

୯ ଏମ୍‌ଓୟୁ, ୪ ଆଗ୍ରହ ପତ୍ର

ଆସନ୍ତାବର୍ଷ ଓଡ଼ିଶାରେ ହେବ କେମ୍ ୨୦୨୬

ଆଜି ସନ୍ଧ୍ୟାରେ ଗଣମାଧ୍ୟମ ଆଗରେ ବିବୃତି ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ମୁମ୍ବାଇରେ ଏହି ଦୁଇ ଦିନରେ ୯ଟି ଏମ୍‌ଓୟୁ ସହିତ ୪ଟି ଇନ୍‌ଭେଷ୍ଟମେଣ୍ଟ ଇଣ୍ଟେଣ୍ଟ ସ୍ୱାକ୍ଷରିତ ହୋଇଛି ଏବଂ ଏହାଦ୍ୱାରା ଓଡ଼ିଶାକୁ ସମୁଦାୟ ୫୩,୮୯୩.୫୧ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବ ଆସିଛି, ଯାହା ଦ୍ୱାରା ୨୦,୨୧୦ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆସନ୍ତା ବର୍ଷ ଏହି ସମ୍ମିଳନୀ ଓଡ଼ିଶାରେ ଆୟୋଜନ କରିବା ପାଇଁ ସେ କେନ୍ଦ୍ର ସରକାର ଓ ଏଫ୍‌ଆଇସିସିଆଇ ସହିତ ଆଲୋଚନା କରିଥିଲେ ଏବଂ (୯ ପୃଷ୍ଠାରେ)

ଜିଓ ଆଇପିଓର ବିଶ୍ୱ ରେକର୍ଡ

୧.୩୮ କୋଟି ଆବେଦନ, ୨୨ ଗୁଣରୁ ଅଧିକ ସବସ୍କ୍ରିପ୍ସନ୍



ଭୁବନେଶ୍ୱର ୨୩/୧୦ (ସବୁ୍ୟ) : ଦେଶର ସର୍ବବୃହତ୍ ଜିଓ ଆଇପିଓ ଐତିହାସିକ ସମାପ୍ତି ସହ ବିଶ୍ୱ ରେକର୍ଡ ସୃଷ୍ଟି କରିଛି। ଜିଓ ପ୍ଲାଟଫର୍ମସ୍‌ର ୩୦, ୨୧୩ କୋଟି ଟଙ୍କାର ଆଇପିଓରେ ତିନି ଦିନ ମଧ୍ୟରେ ୧.୩୮ କୋଟିରୁ ଅଧିକ ଆବେଦନ ମିଳିଛି। ବିଶ୍ୱରେ ଯେକୌଣସି ଆଇପିଓ ପାଇଁ ଏହା ଏପର୍ଯ୍ୟନ୍ତ ମିଳିଥିବା ସର୍ବାଧିକ ଆବେଦନ ସଂଖ୍ୟା। ଶୁକ୍ରବାର ସନ୍ଧ୍ୟା ୭ଟାରେ ବିଡିଂ ବନ୍ଦ ହେବା ସୁଦ୍ଧା ଜିଓ ଆଇପିଓ ୨୨ ଗୁଣରୁ ଅଧିକ ସବସ୍କ୍ରାଇବ୍ ହୋଇଥିଲା। ଆଙ୍କର୍ ଓ ଅଣ-ଆଙ୍କର୍ ନିବେଶକଙ୍କ ମୋଟ ବିଡ୍ ର ପରିମାଣ ପ୍ରାୟ ୭.୪୦ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଥିଲା। ଏଥିରେ ଅଣ-ଆଙ୍କର୍ ନିବେଶକଙ୍କ ପକ୍ଷରୁ ପ୍ରାୟ ୪.୯୦ ଲକ୍ଷ କୋଟି ଟଙ୍କା ଏବଂ ଆଙ୍କର୍ ନିବେଶକଙ୍କ ପକ୍ଷରୁ ପ୍ରାୟ ୨.୫୦ ଲକ୍ଷ କୋଟି ଟଙ୍କାର ବିଡ୍ ସାମିଲ ରହିଛି।

ଜିଓ ଆଇପିଓରେ ରିଟେଲ ବା ଖୁଚୁରା ନିବେଶକଙ୍କ ମଧ୍ୟରେ ମଧ୍ୟ ସେୟାର କିଣିବା ପାଇଁ ଜୋରଦାର ପ୍ରତିଯୋଗିତା ଦେଖିବାକୁ ମିଳିଥିଲା। ରିଟେଲ ନିବେଶକ ବର୍ଗରେ ପ୍ରାୟ ୮.୫ କୋଟି ସେୟାର ଉପଲବ୍ଧ (୯ ପୃଷ୍ଠାରେ)

ଖୁଚୁରା ନିବେଶକଙ୍କ ପାଇଁ ଉପଲବ୍ଧ ସେୟାର ତୁଳନାରେ ୨.୬୨ ଗୁଣ ଚାହିଦା

ଅରୁଣାଚଳ ସୀମାରେ ଚୀନ୍ ସହ ମୁହାଁମୁହିଁ ସ୍ଥିତି ଜାରି



ନୂଆଦିଲ୍ଲୀ, ୨୩ ।୧୦ : ଅରୁଣାଚଳ ପ୍ରଦେଶର ସୀମାବର୍ତ୍ତୀ ଅଞ୍ଚଳରେ ଗତ କିଛି ଦିନ ଧରି ଭାରତ ଓ ଚୀନ୍‌ର ସୈନ୍ୟଙ୍କ ମଧ୍ୟରେ ଏକାଧିକ ସ୍ଥାନରେ ମୁହାଁମୁହିଁ ସ୍ଥିତି ସୃଷ୍ଟି ହୋଇଛି। ଏହି ସ୍ଥିତି ଏବେ ବି ଜାରି ରହିଛି ବୋଲି ଇଣ୍ଡୋ-ତିବ୍ବତୀୟ ସୀମା ପୁଲିସ (ଆଇଟିବିପି) ମହାନିର୍ଦ୍ଦେଶକ ଶତ୍ରୁଜିତ କପୁର ଗୁରୁବାର କହିଛନ୍ତି।

ରାଜସ୍ଥାନର ଅଲୱରସ୍ଥିତ ଏକ ବଳ ଶିବିରରେ ଯବାନମାନଙ୍କୁ ସମ୍ବୋଧିତ କରି କପୁର କହିଛନ୍ତି ଯେ, ଗତ କିଛି ଦିନ ମଧ୍ୟରେ ଅରୁଣାଚଳ ପ୍ରଦେଶର ବିଭିନ୍ନ ସ୍ଥାନରେ ଚୀନ୍‌ର ପିପୁଲ୍ସ ଲିବରେସନ୍ ଆର୍ମି (ପିଏଲ୍‌ଏ) ସହ ମୁହାଁମୁହିଁ ସ୍ଥିତି ଉପୁଜିଛି ଏବଂ ତାହା ଏବେ ବି ଜାରି ରହିଛି। ଚଳିତ ମାସ ଶେଷରେ ସେ ଅବସର ନେବାକୁ ଯାଉଛନ୍ତି। ଆଇଟିବିପି ମୁଖ୍ୟଙ୍କ ଏହି ବକ୍ତବ୍ୟ ଭାରତ-ଚୀନ୍ ସୀମାରେ ନିୟମିତ ସୈନ୍ୟ ମୁତୟନ ଓ ପ୍ରସ୍ତୁତି ସମ୍ପର୍କିତ ବୋଲି ସୂତ୍ରରୁ ଜଣାପଡ଼ିଛି। ଏହା କୌଣସି ନିର୍ଦ୍ଦିଷ୍ଟ ଘଟଣାକୁ ଆଧାର କରି କୁହାଯାଇନାହିଁ ବୋଲି ମଧ୍ୟ ସୂତ୍ର ସ୍ପଷ୍ଟ କରିଛି।

ଚୀନ୍‌ର ସୈନ୍ୟଙ୍କ ମୁକାବିଲା ପାଇଁ ଆଇଟିବିପି ଏକ ନୂଆ ଯୁଦ୍ଧ ଦଳ 'ଶୌର୍ଯ୍ୟ କମାଣ୍ଡୋ' ଗଠନ କରିଛି। ଅରୁଣାଚଳ ପ୍ରଦେଶରେ ଚୀନ୍‌ର ପିଏଲ୍‌ଏ ଯବାନଙ୍କ ସହ ଚାଲିଥିବା ମୁହାଁମୁହିଁ ସ୍ଥିତି ସମୟରେ ଏହି କମାଣ୍ଡୋମାନେ ନିଜର ଦକ୍ଷତା ପ୍ରଦର୍ଶନ କରିଥିବା (୯ ପୃଷ୍ଠାରେ)

- ଚୀନ୍ ମୁକାବିଲା ଲାଗି ଶୌର୍ଯ୍ୟ କମାଣ୍ଡୋ ଗଠନ
- ୨୦୨୬ ସୁଦ୍ଧା ସମସ୍ତ ଯବାନଙ୍କୁ ଷ୍ଟ୍ରାଇକ୍ ପ୍ରଶିକ୍ଷଣ

କୋଟିଆ ବିବାଦ

ସୁପ୍ରିମ୍‌କୋର୍ଟ ଗଲେ ସରକାର

ଭୁବନେଶ୍ୱର, ୨୩ ।୧୦ (ସବୁ୍ୟ) : କୋଟିଆ ବିବାଦ ନେଇ ରାଜ୍ୟ ସରକାର ସୁପ୍ରିମ୍‌କୋର୍ଟ ଯାଇଛନ୍ତି। କୋରାପୁଟ ଜିଲ୍ଲାପାଳଙ୍କ ଜରିଆରେ ସୁପ୍ରିମ୍‌କୋର୍ଟରେ ଆବେଦନ କରାଯାଇଛି। ସ୍ଥିତାବସ୍ଥା ବଜାୟ ରଖିବା ପାଇଁ ଅନୁରୋଧ କରାଯିବା ସହ ସୁପ୍ରିମ୍‌କୋର୍ଟଙ୍କ ଆଦେଶ ଅବମାନନା ହୋଇଥିବା ଅଭିଯୋଗ ହୋଇଛି।

ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ଯେ ଆନ୍ଧ୍ର ସରକାର ସୁପ୍ରିମ୍‌କୋର୍ଟଙ୍କ ଆଦେଶ ଅବମାନନା କରୁଛନ୍ତି। ଆନ୍ଧ୍ରର ରାଜ୍ୟ ନିର୍ବାଚନ କମିଶନର ଓ ପାର୍ବତୀପୁରମ୍ ଜିଲ୍ଲାପାଳଙ୍କ ନାମରେ ମାମଲା ରୁଜୁ କରାଯାଇଛି। ପୂର୍ବରୁ ସ୍ଥିତାବସ୍ଥା ବଜାୟ ରଖିବାକୁ କୋର୍ଟ ଉଭୟ ରାଜ୍ୟକୁ ନିର୍ଦ୍ଦେଶ ଦେଇଥିଲେ। ଗତ ୧୦ରେ ଜିଲ୍ଲା ପରିଷଦ ଓ ସମିତି ସଭ୍ୟ ନିର୍ବାଚନ ପାଇଁ ଆନ୍ଧ୍ର ବିଜ୍ଞପ୍ତି ପ୍ରକାଶ କରିଥିଲା। ଏଥିରେ କୋଟିଆ ଗ୍ରାମପୁଞ୍ଜକୁ ସାମିଲ କରାଯାଇଛି। ଏହା (୯ ପୃଷ୍ଠାରେ)

ଏସ୍‌ଆଇଆର୍‌କୁ ନେଇ ନିର୍ବାଚନ ଅଧିକାରୀଙ୍କ ସହ ବୈଠକ

ଟିଭିକେ, ଡିଏମ୍‌କେ ସହ ବୈଠକରୁ ଉଠିଗଲେ ବହୁ ଦଳ

ଚେନ୍ନାଇ, ୨୩ ।୧୦ : ତାମିଲନାଡୁରେ ଭୋଟର ତାଲିକା ସଂଶୋଧନକୁ ନେଇ ରାଜନୈତିକ ବିବାଦ ତୀବ୍ର ହୋଇଛି। ଶୁକ୍ରବାର ନିର୍ବାଚନ କମିଶନଙ୍କ ପକ୍ଷରୁ ଆୟୋଜିତ ସର୍ବଦଳୀୟ ବୈଠକକୁ ଶାସକ ଟିଭିକେ, ଡିଏମ୍‌କେ, କଂଗ୍ରେସ, ଭିସିକେ ଏବଂ ବାମପନ୍ଥୀ ଦଳଗୁଡ଼ିକ ବର୍ଜନ କରି କକ୍ଷତ୍ୟାଗ କରିଛନ୍ତି। ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରିବା ସହ ପୂର୍ବରୁ ହୋଇଥିବା ଭୋଟର ତାଲିକାର ସ୍ୱତନ୍ତ୍ର ଗଭୀର ସଂଶୋଧନ (ଏସ୍‌ଆଇଆର୍) ପ୍ରକ୍ରିୟାରେ ଥିବା କଥିତ ତ୍ରୁଟି ସୁଧାରିବାକୁ ଦଳଗୁଡ଼ିକ ଦାବି କରିଛନ୍ତି।

ତାମିଲନାଡୁର ମୁଖ୍ୟ ନିର୍ବାଚନ ଅଧିକାରୀ ଅର୍ଚ୍ଚନା ପଟ୍ଟନାୟକ ସଚିବାଳୟରେ ଏହି ବୈଠକ ଡାକିଥିଲେ। ଭୋଟର ତାଲିକାର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ (ଏସ୍‌ଏସ୍‌ଆର୍) ସମ୍ପର୍କରେ ଆଲୋଚନା ପାଇଁ ଡିଏମ୍‌କେ, ଏଆଇଏଡିଏମ୍‌କେ, ଟିଭିକେ, ଭିସିକେ ଏବଂ ନାମ ତାମିଝର କାଚି ସମେତ ବିଭିନ୍ନ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳକୁ ଆମନ୍ତ୍ରଣ କରାଯାଇଥିଲା। ବିରୋଧୀ ଦଳଗୁଡ଼ିକ ଅଭିଯୋଗ କରିଛନ୍ତି ଯେ, ପୂର୍ବ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାରେ ସ୍ୱଚ୍ଛତା ଓ ନିରପେକ୍ଷତା ରକ୍ଷା କରାଯାଇନାହିଁ। ବହୁ ସଂଖ୍ୟକ ଭୋଟରଙ୍କ ନାମ (୯ ପୃଷ୍ଠାରେ)

୭୨୬୮ ପୋଲିସ ପଦବୀ ଲାଗି ନିଯୁକ୍ତି ବିଜ୍ଞପ୍ତି

ଭୁବନେଶ୍ୱର, ୨୩ ।୧୦ (ସବୁ୍ୟ) : ପୋଲିସ ଓ ଅଗ୍ନିଶମ ବିଭାଗରେ ଚାକିରି କରିବାକୁ ଆଶା ରଖିଥିବା ଯୁବକଯୁବତୀଙ୍କ ପାଇଁ ବଡ଼ ଖବର । ୭ ହଜାର ୨୬୮ଟି ପଦବୀରେ ନିଯୁକ୍ତି ଲାଗି ବିଜ୍ଞପ୍ତି ପ୍ରକାଶ ପାଇଛି । ଓଡିଶାୟୁନିଫର୍ମଡ୍ ସେବା କର୍ମଚାରୀ ଚୟନ ଆୟୋଗ(ଓୟୁଏସ୍‌ଏସ୍‌ଏସ୍‌ସି) ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି ।

ମିଳିତୟୁନିଫର୍ମଡ୍ ସେବା (ସ୍ନାତକ ଡିଗ୍ରୀଠାରୁ ନିମ୍ନ ସ୍ତର) ପରୀକ୍ଷା-୨୦୨୬ ଅଧୀନରେ କନଷ୍ଟେବଳ (ସିଭିଲ୍), କନଷ୍ଟେବଳ (କମ୍ୟୁନିକେସନ୍), କନଷ୍ଟେବଳ (ଓଡ଼ିଶା ଶିଳ୍ପ ସୁରକ୍ଷା ବାହିନୀ-ଓଆଇଏସ୍‌ଏଫ), ଅଗ୍ନିଶମ କର୍ମଚାରୀ, ଅଗ୍ନିଶମ ଗାଡ଼ି ଚାଳକ, ପୋଲିସ୍ ମୋଟର ପରିବହନ ବିଭାଗରେ ଡ୍ରାଇଭର ଏବଂ ଟ୍ରାଫିକ୍ କନଷ୍ଟେବଳ ଆଦି ପଦବୀରେ ମୋଟ ୭,୨୬୮ଟି ଖାଲି ପଦ ପୂରଣ ନିମନ୍ତେ ଆୟୋଗଙ୍କ ପକ୍ଷରୁ ବିସ୍ତୃତ ନିଯୁକ୍ତି ବିଜ୍ଞାପନ ପ୍ରକାଶ କରାଯାଇଛି ।

ଏହି ନିଯୁକ୍ତି ସମ୍ବନ୍ଧୀୟ ଖାଲି ପଦବୀର ବିବରଣୀ, ଯୋଗ୍ୟତା ମାନଦଣ୍ଡ, ପରୀକ୍ଷା ପ୍ରଣାଳୀ ଏବଂ ଅନଲାଇନ୍ ପଞ୍ଜୀକରଣ ଓ ଆବେଦନପତ୍ର ଦାଖଲର ସମୟସୂଚୀ ସମ୍ପର୍କରେ ଜାଣିବା ପାଇଁ (୯ ପୃଷ୍ଠାରେ)

ଭୋଟ୍ ଚୋରି ବରଦାସ୍ତ କରିବୁନି



ନୂଆଦିଲ୍ଲୀ, ୨୩ ।୧୦ : ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ବିରୋଧରେ ଶୁକ୍ରବାର ଦିଲ୍ଲୀରେ ବିକ୍ଷୋଭ ଓ ପ୍ରତିବାଦ ଶୋଭାଯାତ୍ରା ହୋଇଛି। ନିର୍ବାଚନ କମିଶନଙ୍କ ମୁଖ୍ୟାଳୟ ଆଡ଼କୁ ଯାଉଥିବା ଶୋଭାଯାତ୍ରାକୁ ପୁଲିସ ଅଟକାଇବା ସହ ଏକାଧିକ ପ୍ରତିବାଦକାରୀଙ୍କୁ ଅଟକ ରଖିଛି। ଏହା ପରେ ଆନ୍ଦୋଳନକାରୀମାନେ ରାସ୍ତାରେ ବସି 'ଲୋକଙ୍କ ସଂସଦ' ଆୟୋଜନ କରିଥିଲେ।

ଛାତ୍ରଛାତ୍ରୀ, ଯୁବବର୍ଗ ଓ କୃଷକଙ୍କ ସମେତ ବିଭିନ୍ନ ବର୍ଗର ଲୋକ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଭୋଟର ତାଲିକାରୁ ବହୁ ଲୋକଙ୍କ ନାମ ବାଦ୍ ଦିଆଯାଉଥିବା ଅଭିଯୋଗ କରି ସେମାନେ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରିଥିଲେ।

ଦିଲ୍ଲୀର ଗୋଲେ ଡାକଖାନା ନିକଟ କାଳୀବାଡ଼ି ମାର୍ଗ ଓ ଭାଇ ବୀର ସିଂହ ମାର୍ଗ ଛକରୁ ଏହି ଶୋଭାଯାତ୍ରା ଆରମ୍ଭ ହୋଇଥିଲା। 'ପିପୁଲ୍ ଏଗେନ୍‌ଷ୍ଟ ଏସ୍‌ଆଇଆର୍' ନାମକ ଜନସଂଗଠନର ଦିଲ୍ଲୀ ସମନ୍ୱୟ କମିଟି ଏହାର ଆହ୍ୱାନ ଦେଇଥିଲା। ପ୍ରତିବାଦକାରୀମାନେ ଜାତୀୟ ପତାକା ଓ ସଂଗଠନର ବ୍ୟାନର ଧରି ନିର୍ବାଚନ କମିଶନଙ୍କ ମୁଖ୍ୟାଳୟ ଆଡ଼କୁ ଅଗ୍ରସର ହୋଇଥିଲେ।

'ଜ୍ଞାନେଶ କୁମାର ଇସ୍ତଫା ଦିଅନ୍ତୁ', 'ଏସ୍‌ଆଇଆର୍ ବନ୍ଦ କର' ଏବଂ 'ଭୋଟ ଚୋରି ସହ୍ୟ କରାଯିବ ନାହିଁ' ଭଳି ସ୍ଲୋଗାନରେ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ଏହି ଆନ୍ଦୋଳନରେ ସିପିଆଇ(ଏମ୍)ର (୯ ପୃଷ୍ଠାରେ)

- ଦିଲ୍ଲୀରେ ଜ୍ଞାନେଶଙ୍କ ଇସ୍ତଫା ଦାବିରେ ଶୋଭାଯାତ୍ରା
- ପୋଲିସ ଅଟକାଇବାରୁ ଲୋକଙ୍କ ସଂସଦ ଆୟୋଜନ
- ୧୮ ରାଜ୍ୟର ୮୮ ସହରରେ ଆନ୍ଦୋଳନ ଯୋଜନା
- ଦିଲ୍ଲୀରେ କଡ଼ା ସୁରକ୍ଷା, ଯାତାୟତ କଟକଣା

ଅପରାଧୀ ଅର୍ଜୁନକୁ ଏନକାଉଣ୍ଟର



ଆନନ୍ଦପୁର/ହାଟଡିହି, ୨୩/୧୦ (ସବୁ୍ୟ) : ଯାଜପୁର ଜିଲ୍ଲାର ଦୁର୍ଦ୍ଦାନ୍ତ ଅପରାଧୀ ଅର୍ଜୁନ ପ୍ରଧାନ ପୁଲିସ ଏନକାଉଣ୍ଟରରେ ଆହତ ହୋଇଛି। ତା'ର ଡାହାଣ ଗୋଡ଼ରେ ଗୁଳି ବାଜିଥିବା ବେଳେ ଗୁରୁତର ଅବସ୍ଥାରେ ପ୍ରଥମେ ତାକୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ସେଠାରେ ପ୍ରାଥମିକ ତଥା ଆଶୁ ଚିକିତ୍ସା ପରେ ଅଧିକ ଚିକିତ୍ସା ପାଇଁ ତାକୁ କଟକ ସ୍ଥାନାନ୍ତର କରାଯାଇଛି । ଅର୍ଜୁନ ଓଡ଼ିଶା ସମେତ ବିହାର ଓ ଝାଡ଼ଖଣ୍ଡ ରାଜ୍ୟରେ ୨୦ରୁ ଊର୍ଦ୍ଧ୍ୱ ଅପରାଧିକ ମାମଲାରେ ସମ୍ପୃକ୍ତ ଥିବା ପୁଲିସ ସୂତ୍ରରୁ ଜଣାପଡ଼ିଛି ।

୨୦ରୁ ଊର୍ଦ୍ଧ୍ୱ ଅପରାଧରେ ସମ୍ପୃକ୍ତ ଥିବା ଅଭିଯୋଗ

ଅର୍ଜୁନ ପ୍ରଧାନ ନନ୍ଦିପଦା ଥାନା ଅଞ୍ଚଳରେ ଆତ୍ମଗୋପନ କରିଥିବା ନେଇ ପୁଲିସକୁ ଖବର ମିଳିଥିଲା । ଏହି ସୂଚନା ଆଧାରରେ ପୁଲିସ ତା'ର ଗତିବିଧି ଉପରେ ନଜର ରଖି ତାକୁ ଧରିବା ପାଇଁ ଉଦ୍ୟମ ଚଳାଇଥିଲା । ଗୁରୁବାରଦିନ ନନ୍ଦିପଦା ପୁଲିସ ଛେନାପଦି ଛକ ନିକଟରୁ ଅର୍ଜୁନକୁ ଧରିବାରେ ସଫଳ ହୋଇଥିଲା । ପରେ ତାକୁ ସୋସୋ ଥାନାକୁ ନିଆଯାଇ ପଚରାଉଚରା କରାଯାଇଥିଲା । ସେପ୍ଟେମ୍ବର ୨୭ ତାରିଖରେ ସୋସୋ ଥାନା ଅନ୍ତର୍ଗତ ବନ୍ତଳା ଗ୍ରାମର ଜଣେ ସୁନା ବ୍ୟବସାୟୀ ଘରକୁ ଫେରୁଥିବା ସମୟରେ ତାଙ୍କୁ ଗୁଳି କରି ଲୁଟ କରାଯାଇଥିଲା । ଏହି ଘଟଣାରେ କେସ ନଂ ୧୭୮/୨୦୨୬ ଘଟଣାର ତଦନ୍ତ କରି ପୁଲିସ ଦୁଇ ଜଣଙ୍କୁ ଗିରଫ କରିଥିବା ବେଳେ ମୁଖ୍ୟ ଅଭିଯୁକ୍ତ ଅର୍ଜୁନ ପ୍ରଧାନକୁ ଖୋଜୁଥିଲା । ଦୀର୍ଘଦିନ ଧରି ତାକୁ ଧରିବା ପାଇଁ ପୁଲିସ ଉଦ୍ୟମ ଜାରି ରଖିଥିଲା । (୯ ପୃଷ୍ଠାରେ)



ଭୁଲ୍ ମାଗିଲେ ରଣବୀର

ପଶ୍ଚିମବଙ୍ଗର କୋଲକାତାରେ ଆୟୋଜିତ ଦଶହରା ଉତ୍ସବରେ ରଣବୀର କପୁରଙ୍କର ଏକ ବକ୍ତବ୍ୟକୁ ନେଇ ସୋସିଆଲ ମିଡିଆରେ ଖୁବ ଟ୍ରୋଲିଂ ହେଉଥିବା ଦେଖିବାକୁ ମିଳୁଛି । ତେବେ ଏହାପରେ ଅଭିନେତା ରଣବୀର କପୁର ଆନୁଷ୍ଠାନିକ ଭାବେ କ୍ଷମା ପ୍ରାର୍ଥନା କରିଛନ୍ତି । ଚେନ୍ନାଇଠାରେ ଆଗାମୀ ଚଳଚ୍ଚିତ୍ର 'ରାମାୟଣ'ର ଏକ ମ୍ୟୁଜିକ୍ ଇଭେଣ୍ଟରେ ସେ ଏହି ସ୍ୱୀକାରୋକ୍ତି ଦେଇଛନ୍ତି । "ଅଧର୍ମ ବା ପାପ ଯେତେ ଶକ୍ତିଶାଳୀ ହେଲେ ବି ଶେଷରେ ସତ୍ୟ ଓ ଧର୍ମର ଜୟ ହୁଏ" ବୋଲି ସେ କହିବାକୁ ଚାହୁଁଥିଲେ, କିନ୍ତୁ କିଛି ଅଲଗା କହିଦେଲେ। ଯାହା ସେ ଭୁଲ ବଶତଃ କରିଛନ୍ତି ବୋଲି ରଣବୀର ପ୍ରକାଶ କରିଛନ୍ତି । ନିଜର ଏହି ଭୁଲ୍ ପାଇଁ ଅସନ୍ତୋଷ ପ୍ରକାଶ କରି ସେ ଦର୍ଶକଙ୍କୁ ଭୁଲ ମାଗିଛନ୍ତି । ଅନ୍ୟପଟେ ରାମାୟଣ ଫିଲ୍ମର ନୂଆ ଗୀତ 'ରାବଣ ତାଣ୍ଡବ'କୁ ନେଇ ମଧ୍ୟ ଦର୍ଶକଙ୍କ ମଧ୍ୟରେ ମିଶ୍ରିତ ପ୍ରତିକ୍ରିୟା ପ୍ରକାଶ ପାଇଛି । ଗୀତଟିକୁ 'ଆଦିପୁରୁଷ'ର 'ଶିବ ତାଣ୍ଡବ' ସହ ତୁଳନା କରିବା ସହ ଆଗାମୀ ଭାଗ ପାଇଁ ସଙ୍ଗୀତ ନିର୍ଦ୍ଦେଶକ ଅଜୟ-ଅତୁଲଙ୍କୁ ଦାୟିତ୍ୱ ଦେବାକୁ ପରାମର୍ଶ ଦେଇଛନ୍ତି । ଏଥିସହିତ ପୂର୍ବରୁ ପ୍ରକାଶିତ ହୋଇଥିବା ଯୁଦ୍ଧ ଓ ଭିଏଫ୍ଏକ୍ସ ଦୃଶ୍ୟଗୁଡ଼ିକ ହଲିଉଡ୍ ସିନେମାରୁ ଅନୁକରଣ କରାଯାଇଥିବା ନେଇ ମଧ୍ୟ ସୋସିଆଲ ମିଡିଆରେ ଚର୍ଚ୍ଚା ଜାରି ରହିଛି । ତେବେ ଏହି ସବୁ ଟ୍ରୋଲିଂର ପ୍ରଭାବ ଫିଲ୍ମ ଉପରେ କିଭଳି ପଡିବ ତାହାକୁ ନେଇ ଆଲୋଚନା ଜାରି ରହିଛି ।

ରୋବଟ ଚଳାଉଛି ଦୋକାନ

ହଂକଂରେ ଏପରି ତିନୋଟି ଦୋକାନ ଖୋଲିଛି, ଯେଉଁଠାରେ ମଣିଷଙ୍କ ବଦଳରେ ରୋବଟ୍ମାନେ ଗ୍ରାହକଙ୍କୁ ପାନୀୟ ଓ ସ୍ନାକ୍ସ ବିକ୍ରି କରିବା ସହ ସେମାନଙ୍କ ସହ ବିଭିନ୍ନ ଭାଷାରେ କଥାବାର୍ତ୍ତା ମଧ୍ୟ ହେଉଛନ୍ତି । ଏପରିକି ଗ୍ରାହକଙ୍କ ମନୋରଞ୍ଜନ ପାଇଁ ସେମାନଙ୍କ ଆଗରେ ସେମାନେ ନୃତ୍ୟ ମଧ୍ୟ କରୁଛନ୍ତି । 'ଗ୍ୟାଲବୋଟ୍' କମ୍ପାନୀ ଦ୍ୱାରା ପରିଚାଳିତ ଏହି ୨୪ ଘଣ୍ଟିଆ ଦୋକାନଗୁଡ଼ିକରେ ପ୍ରାୟ ୫ ଫୁଟ ୮ ଇଞ୍ଚ ଉଚ୍ଚତାର 'ଜି ୧ ହ୍ୟୁମାନଏଡ୍ ରୋବଟ୍' ନିୟୋଜିତ ଅଛନ୍ତି । ଯେଉଁଥିମଧ୍ୟରୁ 'ଶିଆଓଗାଇ' ନାମକ ରୋବଟ୍ ମ୍ୟାଣ୍ଡାରିନ୍, କ୍ୟାଣ୍ଟୋନିଜ୍ ଏବଂ ଇଂରାଜୀ ଭାଷାରେ ଗ୍ରାହକଙ୍କ ସହ ସହଜରେ କଥାବାର୍ତ୍ତା କରିପାରୁଛି । ଚୀନ୍ର ପ୍ରାୟ ୫୦ଟି ସହରରେ ପ୍ରାୟ ୨୦୦ଟି ଏଭଳି ଦୋକାନ ଚଲାଉଥିବା ଏହି କମ୍ପାନୀ ହଂକଂରେ ପ୍ରଥମ ଥର ପାଇଁ ଚୀନ୍ ବାହାରେ ନିଜର ବ୍ୟବସାୟ ବିସ୍ତାର କରିଛି । ଏହି ଦୋକାନ ଗୁଡିକର ଭିଡିଓ ବର୍ତ୍ତମାନ ସୋସିଆଲ ମିଡିଆରେ ଖୁବ ଭାଇରାଲ ହେବାରେ ଲାଗିଛି ।





ସୁଇମିଂପୁଲରେ ହକି ଖେଳ

ହଂକଂରେ ବିଭିନ୍ନ ଦେଶର ଖେଳାଳିମାନଙ୍କୁ ନେଇ ଏକ ପାଣି ଭିତରେ ହକି ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଛି । ଯେଉଁଥିରେ ଖେଳାଳିମାନେ ସୁଇମିଂ ପୁଲ୍ର ତଳେ ରହି ସ୍ନୋର୍କେଲ୍ ମାସ୍କ, ପାଦରେ ଫିନ୍ ଓ ହାତରେ ଛୋଟ ହକି ଷ୍ଟିକ୍ ସାହାଯ୍ୟରେ ଏକ ଓଜନିଆ ଛୋଟ ଡିସ୍କକୁ ବିରୋଧୀ ଦଳର ଗୋଲ୍ ମଧ୍ୟକୁ ପଠାଇବା ପାଇଁ ପ୍ରତିଯୋଗିତା କରିଥାନ୍ତି । ତେବେ ଖେଳିବା ସମୟରେ ଶ୍ୱାସକ୍ରିୟା ପାଇଁ ସେମାନଙ୍କୁ ବାରମ୍ବାର ପାଣିର ଉପରିଭାଗକୁ ଆସିବାକୁ ପଡ଼ିଥାଏ। ପ୍ରତ୍ୟେକ ଦଳରେ ୬ ଜଣ ଖେଳାଳି ଥିବାବେଳେ କୌଣସି ଗୋଲ୍କିପର ନଥାଆନ୍ତି । ଏହି ୩୦ ମିନିଟିଆ ମ୍ୟାଚରେ ୧୫ - ୧୫ ମିନିଟ୍ର ଦୁଇଟି ହାଫ୍ ଏବଂ ୩ ମିନିଟ୍ର ବ୍ରେକ ରହିଥାଏ । ପ୍ରଥମେ ଗୋତାଖୋରମାନଙ୍କ ଫିଟ୍ନେସ୍ ବଜାୟ ରଖିବା ପାଇଁ ୧୯୫୪ ମସିହାରେ ଇଂଲଣ୍ଡରେ ଏହି ଖେଳ ଆରମ୍ଭ ହୋଇଥିବାଲା । ବର୍ତ୍ତମାନ ଏହା ଆନ୍ତର୍ଜାତୀୟ ସ୍ତରରେ ଖେଳାଯାଉଛି ଏବଂ ୨୦୧୯ରେ ଏହାକୁ ଦକ୍ଷିଣ-ପୂର୍ବ ଏସୀୟ କ୍ରୀଡ଼ାରେ ମଧ୍ୟ ସାମିଲ କରାଯାଇଥିଲା ।

କୁକୁର ଦେଉଛି ସିପିଆର

ସ୍ପେନରେ ଏକ ତାଲିମ ଶିବିର ଚାଲିଥିବା ସମୟରେ 'ପୋଞ୍ଚୋ' ନାମକ ଏକ ପୁଲିସ୍ କୁକୁର ଜଣେ ପୁଲିସ୍ ଅଫିସରଙ୍କୁ ସିପିଆର ଦେଇ ସମସ୍ତଙ୍କୁ ଆଶ୍ଚର୍ଯ୍ୟଚକିତ କରିଦେଇଛି । ପ୍ରଶିକ୍ଷଣ ସମୟରେ ଅଫିସର ଜଣକ ଅଚେତ ହୋଇଯିବାର ନାଟକ କରି ତଳେ ଶୋଇପଡ଼ିବା କ୍ଷଣି, ପୋଞ୍ଚୋ ତୁରନ୍ତ ତାଙ୍କ ପାଖକୁ ଆସି ନିଜର ଆଗ ଦୁଇ ଗୋଡ଼ରେ ତାଙ୍କ ଛାତି ଉପରେ ବାରମ୍ବାର ଡେଇଁ ତାଙ୍କୁ ସିପିଆର ଦେଇଥିଲା । ଏହାସହ ତାଙ୍କ ମୁହଁ ପାଖରେ ରହି ନିଶ୍ୱାସପ୍ରଶ୍ୱାସ ଯାଞ୍ଚ ମଧ୍ୟ କରିଥିଲା । ଏହା ପରେ ଅଫିସର ଜଣକ ଉଠି ବସି ପୋଞ୍ଚୋକୁ ପୁରସ୍କାର ସ୍ୱରୂପ ଖାଦ୍ୟ ଦେଇଥିଲେ । ତେବେ ଏହି ଭିଡିଓଟି ପୁରୁଣା ହେଲେ ମଧ୍ୟ ବର୍ତ୍ତମାନ ଖୁବ ଭାଇରାଲ ହେବାରେ ଲାଗିଛି । ଲୋକମାନେ ଏହାକୁ ଖୁବ ପସନ୍ଦ କରୁଛନ୍ତି । କୁକୁରର ବୁଦ୍ଧିମତାକୁ ସମସ୍ତେ ଖୁବ ପ୍ରଶଂସା କରୁଥିବା ଦେଖିବାକୁ ମିଳୁଛି ।





ସୋସିଆଲ କୋଟ୍ସ



ସଲମାନ ଓ ମୋ ଯୋଡି ସବୁବେଳେ ଖାସ । ବଜରଙ୍ଗୀ ଭାଇଜାନ ଫିଲ୍ମକୁ ଏବେ ମଧ୍ୟ ଦର୍ଶକଙ୍କ ଭଲପାଇବା ମିଳୁଛି । ଯାହା ଖୁବ ଖୁସି ଦେଇଥାଏ ।

କବିର ଖାନ୍, ଫିଲ୍ମ ମେକର



ଫ୍ୟାମିଲି ମ୍ୟାନ ୩ ମୋ ପାଇଁ ସବୁବେଳେ ଖାସ ରହିବ । ସେଟ୍ରେ ଅନେକ ମଜା ମସ୍ତିରେ ସୁଟିଂ ହୁଏ । ସମସ୍ତଙ୍କ ଠାରୁ କିଛି ନା କିଛି ଶିଖିବାକୁ ମିଳିଥାଏ ।

ପ୍ରିୟାମଣି, ଅଭିନେତ୍ରୀ



ମୋତେ ମୋ ମିମ୍ସ ଖୁବ ଭଲ ଲାଗେ । ମୁଁ ସେଗୁଡିକ ଦେଖି ଖୁବ ଏଞ୍ଜାୟ କରିଥାଏ । ଏହାକୁ ସବୁବେଳେ ମୁଁ ସକାରାତ୍ମକତାରେ ନିଏ ।

ଶାରିବ, ଅଭିନେତା

ଇତିହାସ

୧୭୭୫ - ଭାରତର ଶେଷ ମୋଗଲ ଶାସକ ବାହାଦୂର ଶାହ ଜଫରଙ୍କ ଜନ୍ମ ।
୧୮୫୧ - କୋଲକାତା ଓ ଡାଇମଣ୍ଡ ହାର୍ବର ମଧ୍ୟରେ ପ୍ରଥମ ଅଧିକାରୀକ ଟେଲିଗ୍ରାଫ୍ ଲାଇନ୍ର ଆରମ୍ଭ ହୋଇଥିଲା ।
୧୯୧୪ - ମହାନ ସ୍ୱତନ୍ତ୍ରତା ସେନାନୀ ଲକ୍ଷ୍ମୀ ସହଗଲଙ୍କର ଜନ୍ମ ।
୧୯୨୧ - ଦେଶର ସମ୍ମାନିତ କାର୍ଟୁନିଷ୍ଟ ଆର୍ କେ ଲକ୍ଷ୍ମଣଙ୍କ ଜନ୍ମ ।
୧୯୪୫ - ସଂଯୁକ୍ତ ରାଷ୍ଟ୍ରର ସ୍ଥାପନା ।
୧୯୮୪ - ଭାରତରେ ପ୍ରଥମ ମେଟ୍ରୋ ରେଳ ସେବାର ଆରମ୍ଭ ।
୧୯୯୭ - କେରଳରେ ଶିକ୍ଷା ଅନୁଷ୍ଠାନ ଗୁଡିକରେ ରାଗିଂ ଉପରେ ରୋକ ଲଗାଯାଇଥିଲା ।
୨୦୦୩ - ବ୍ରିଟେନ୍ରେ ସୁପରସୋନିକ୍ ଯାତ୍ରୀ ବିମାନକୁ ବିଦାୟ ଦିଆଗଲା ।


ହସକଥା




କାଳିଆ: ଭାଇ, ବାହାଘର ପରେ ଜୀବନ କେମିତି ଚାଲିଛି ?
ହରିଆ: ପୂରା "ସାଇଲେଣ୍ଟ ମୋଡ୍"ରେ!
କାଳିଆ: ସାଇଲେଣ୍ଟ ମୋଡ୍ ମାନେ?
ହରିଆ: ମାନେ, ସ୍ତ୍ରୀର ଗାଳି "ଭାଇବ୍ରେସନ୍"ରେ ଶୁଣିବାକୁ ପଡ଼େ ଆଉ ମୁଁ ନିଜେ "ମ୍ୟୁଟ୍" ହୋଇ ରହେ !

ବିବାହରେ ମଇଁଷିଙ୍କୁ ନିମନ୍ତ୍ରଣ

ସାଧାରଣତଃ ବିବାହ ଉତ୍ସବରେ ବନ୍ଧୁବାନ୍ଧବ ଓ ପରିଜନ ଅତିଥି ଭାବେ ଯୋଗ ଦେଇଥାଆନ୍ତି । ହେଲେ ଜଣେ ବର ନିଜ ଫାର୍ମର ମଇଁଷିମାନଙ୍କୁ ନିଜ ବିବାହକୁ ନିମନ୍ତ୍ରଣ କରି ଏକ ନିଆରା ଉଦାହରଣ ସୃଷ୍ଟି କରିଛନ୍ତି । ଏହାର ଏକ ଭିଡିଓ ବର୍ତ୍ତମାନ ସୋସିଆଲ ମିଡିଆରେ ଖୁବ ଭାଇରାଲ ହେବାରେ ଲାଗିଛି । ଏହି ବିବାହ ମଣ୍ଡପରେ ମଇଁଷିଗୁଡ଼ିକ ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଶାନ୍ତ ଭାବେ ଠିଆ ହୋଇଥିବାର ଦୃଶ୍ୟ ଦେଖିବାକୁ ମିଳିଥିଲା । ଇନ୍ଷ୍ଟାଗ୍ରାମରେ ଏହି ଭିଡିଓଟି ପୋଷ୍ଟ ହେବାପରେ ଖୁବ ଭାଇରାଲ ହେବାରେ ଲାଗିଛି, ସମସ୍ତେ ଉକ୍ତ ବ୍ୟକ୍ତିଙ୍କର ଏଭଳି ବ୍ୟବହାରକୁ ଖୁବ ପସନ୍ଦ କରୁଛନ୍ତି । ଏହା ପଶୁପ୍ରେମର ଏକ ନିଆରା ଉଦାହରଣବୋଲି କମେଣ୍ଟରେ ମତ ପ୍ରକାଶ ପାଇବାରେ ଲାଗିଛି । ତେବେ ଏହି ବିବାହର ସଠିକ୍ ସ୍ଥାନ ସମ୍ପର୍କରେ କୌଣସି ସ୍ୱତନ୍ତ୍ର ସତ୍ୟାସତ୍ୟ ମିଳିପାରି ନାହିଁ, କିଛି ଲୋକ ଏହାକୁ ଏଆଇ ଭିଡିଓ ବୋଲି ମଧ୍ୟ ଦାବି କରୁଛନ୍ତି ।



ବିଶ୍ୱ ପୋଲିଓ ଦିବସ



ପ୍ରତିବର୍ଷ ଅକ୍ଟୋବର ୨୪ ତାରିଖରେ ବିଶ୍ୱବ୍ୟାପୀ ପାଳିତ ହେଉଥିବା 'ବିଶ୍ୱ ପୋଲିଓ ଦିବସ' ଶିଶୁ ସ୍ୱାସ୍ଥ୍ୟ ସୁରକ୍ଷା ଓ ଏକ ପୋଲିଓମୁକ୍ତ ପୃଥିବୀ ଗଠନ ଦିଗରେ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରୟାସ । ପୋଲିଓ ଟିକାର ପ୍ରଥମ ପ୍ରସ୍ତୁତକର୍ତ୍ତା ପ୍ରସିଦ୍ଧ ବୈଜ୍ଞାନିକ ଡକ୍ଟର ଜୋନାସ୍ ସାଲ୍କଙ୍କ ଜନ୍ମବାର୍ଷିକୀକୁ ସମ୍ମାନ ଜଣାଇ ରୋଟାରୀ ଆନ୍ତର୍ଜାତୀୟ ଦ୍ୱାରା ଏହି ଦିବସର ଶୁଭାରମ୍ଭ କରାଯାଇଥିଲା । ଏହି ଅବସରରେ ବିଶ୍ୱବ୍ୟାପୀ ସ୍ୱାସ୍ଥ୍ୟ ସଂଗଠନ, ସରକାରୀ ସଂସ୍ଥା ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକ ଦ୍ୱାରା ପୋଲିଓ ଟିକାଦାନ ଶିବିର, ସଚେତନତା ରାଲି ଓ ଆଲୋଚନାଚକ୍ର ସବୁ ଆୟୋଜିତ ହୋଇଥାଏ । ପୋଲିଓ ଭଳି ଏକ ମାରାତ୍ମକ ଭୂତାଣୁଜନିତ ରୋଗରୁ ଶିଶୁମାନଙ୍କୁ ସୁରକ୍ଷିତ ରଖିବା ପାଇଁ "ଦୁଇ ବୁନ୍ଦା ଜୀବନ ପାଇଁ" (ଟିକାଦାନ)ର ଆବଶ୍ୟକତାକୁ ପ୍ରଚାର କରିବା ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ । ସମଗ୍ର ବିଶ୍ୱରୁ ଏହି ରୋଗକୁ ସମ୍ପୂର୍ଣ୍ଣ ଭାବେ ନିର୍ମୂଳ କରିବା ଏବଂ ସ୍ୱାସ୍ଥ୍ୟସେବୀଙ୍କ ଅକ୍ଲାନ୍ତ ପରିଶ୍ରମକୁ ସ୍ୱୀକୃତି ଦେବା କ୍ଷେତ୍ରରେ ବିଶ୍ୱ ପୋଲିଓ ଦିବସର ମହତ୍ତ୍ୱ ଅତୁଳନୀୟ ।



ମେଷ: ପ୍ରାତିହାନି, ନୂତନ କାର୍ଯ୍ୟରେ ସମସ୍ୟା, ବନ୍ଧୁଲାଭ, ସ୍ୱାଦିଷ୍ଟ ଭୋଜନ, ଭ୍ରମଣଖୁସି, ସମ୍ପତ୍ତିବିବାଦ, କର୍ମକ୍ଷେତ୍ରେ ସମସ୍ୟା, ବ୍ୟବସାୟରେ ସ୍ୱଳ୍ପଲାଭ, ସନ୍ତାନଲାଭ, ବିଦ୍ୟାରେ ସଫଳ, ଅଶ୍ୱିନୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୫, ଆରାଧନା-ମହାଲକ୍ଷ୍ମୀ ।

ବୃଷ: ଯାତ୍ରାରେ କଷ୍ଟ, ଲୋକସମ୍ପର୍କ ବୃଦ୍ଧି, ବ୍ୟବସାୟରେ ସ୍ୱଳ୍ପଲାଭ, ଅର୍ଥକଷ୍ଟ, ଦ୍ରବ୍ୟପ୍ରାପ୍ତି, ବିଶିଷ୍ଟ କାର୍ଯ୍ୟରେ ଲାଭ, ପାରିବାରିକ ସହଯୋଗ, ସମ୍ମାନଲାଭ, ପୁରାତନ ବିବାଦ, ସନ୍ତାନସମସ୍ୟା, କୃତ୍ତିକା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୪ ଆରାଧନା-ଶଙ୍କର ଭଗବାନ ।

ମିଥୁନ: କାର୍ଯ୍ୟରେ ସଫଳ, ସମ୍ପତ୍ତିଲାଭ, ଶୁଭଖବର, ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତା, ଦେବଦର୍ଶନ, ଶରୀର ସୁସ୍ଥ, କର୍ମକ୍ଷେତ୍ରେ ସଫଳ, ବ୍ୟବସାୟିକ ଲାଭ, ବନ୍ଧୁଦର୍ଶନ, ଆଦ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୭, ଆରାଧନା-ପ୍ରଭୁ ହନୁମାନ ।

କର୍କଟ: ଶୁଭକାର୍ଯ୍ୟରେ ଧନଖର୍ଚ୍ଚ, ବ୍ୟବସାୟରେ ସନ୍ତୁଷ୍ଟ, ନୂତନ କର୍ମଆରମ୍ଭ, ପାରିବାରିକ ଖୁସି, ବନ୍ଧୁ ସହଯୋଗ, ଅନୁଷ୍ଠାନରୁ ଲାଭ, ଶତ୍ରୁସମସ୍ୟା, ଦାମ୍ପତ୍ୟଖୁସି, ବ୍ୟକ୍ତିସାହାଯ୍ୟ, ମାନସିକ ଅବସାଦ, ପୁଷ୍ୟା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୭, ଆରାଧନା-ମା' ଭଗବତୀ ।

ସିଂହ: ସୁସମାଚାର, ମାନସିକ ଶାନ୍ତି, ମାନସମ୍ମାନ ପ୍ରାପ୍ତି, ଲୋକସମ୍ପର୍କରେ ଉନ୍ନତି, ଦେବଦର୍ଶନ, କର୍ମକ୍ଷେତ୍ରେ ସମ୍ମାନ, ବିଦ୍ୟାରେ ସଫଳ, ଅନୁଷ୍ଠାନରୁ ଲାଭ, ମଘା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୧୦, ଆରାଧନା-ମା' ଦକ୍ଷିଣକାଳୀ ।

କନ୍ୟା: ଅଯଥା ଖର୍ଚ୍ଚ, ଶତ୍ରୁସମସ୍ୟା, ଭ୍ରମଣକଷ୍ଟ, ଭ୍ରାତୃସ୍ନେହ, ଲୋକସମ୍ପର୍କ ବୃଦ୍ଧି, କଚେରୀ ମାମଲା, ବ୍ୟବସାୟିକ କଷ୍ଟ, ଦାମ୍ପତ୍ୟ ଖୁସି, ଚୋରିଭୟ, ଉତ୍ତରାଫାଲଗୁନି ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୮, ଆରାଧନା-ମା' ଭଗବତୀ ।

ତୁଳା: ଭ୍ରମଣ ସୁଖ, ଖୁସିଖବର, ଦାମ୍ପତ୍ୟସୁଖ, ସମ୍ପତ୍ତିବିବାଦ, ଉଚ୍ଚଆଶା ସଫଳ, ଦେବଦର୍ଶନ, ଅତିଥିସତ୍କାର, ପଢ଼ିଶା ଗଣ୍ଡଗୋଳ, ସ୍ୱାତୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-କମଳା, ସଂଖ୍ୟା-୯, ଆରାଧନା-ମା' ପାର୍ବତୀ ।

ବିଛା: ଖୁସିଖବର, ବ୍ୟବସାୟରେ ଲାଭ, ବ୍ୟକ୍ତିସାହାଯ୍ୟ, ଅର୍ଥପ୍ରାପ୍ତି, ଶରୀର ସୁସ୍ଥ, କର୍ମକ୍ଷେତ୍ରେ ସୁଖବର, ସମ୍ମାନବୃଦ୍ଧି, ଶତ୍ରୁବୃଦ୍ଧି, ଦାମ୍ପତ୍ୟଖୁସି, ଅନୁରାଧା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୮, ଆରାଧନା-ପ୍ରଭୁ ଜଗନ୍ନାଥ ।

ଧନୁ: କାର୍ଯ୍ୟରେ ବାଧା, ଦ୍ରବ୍ୟନଷ୍ଟ, ବନ୍ଧୁସହଯୋଗ, ଅର୍ଥସମସ୍ୟା, ଅନୁଷ୍ଠାନରୁ ଲାଭ, ବ୍ୟବସାୟରେ ସ୍ୱଳ୍ପଲାଭ, ଅପମାନଯୋଗ, ଶତ୍ରୁସମସ୍ୟା, ସମ୍ପତ୍ତିଲାଭ, ମୂଳା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୭, ଆରାଧନା-ଗୁରୁଜନଙ୍କ ସେବା ।

ମକର: ଯାତ୍ରାରେ ସତର୍କ, ବ୍ୟବସାୟିକ କଷ୍ଟ, ତୀର୍ଥଯାତ୍ରା ସଫଳ, ବନ୍ଧୁଦର୍ଶନ, ଶତ୍ରୁସମସ୍ୟା, ମାନସିକ ଦ୍ୱନ୍ଦ୍ୱ, ନୂତନ କର୍ମପ୍ରତି ଆଗ୍ରହ, ଉତ୍ତରାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-କଳା, ସଂଖ୍ୟା-୭, ଆରାଧନା-ମା' ଗ୍ରାମଦେବତା ।

କୁମ୍ଭ: ସମ୍ପର୍କରେ ଉନ୍ନତି, ବ୍ୟବସାୟିକ ଲାଭ, ଶୁଭଖବର, ଶରୀର ସୁସ୍ଥ, ସମ୍ପତ୍ତିଲାଭ, କର୍ମକ୍ଷେତ୍ରେ ସ୍ଥାନାନ୍ତର, ଉଚ୍ଚଆଶା ସଫଳ, ଅର୍ଥଲାଭ, ବାନ୍ଧବୀଲାଭ, ସନ୍ତାନଖୁସି, ଶତଭିଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଇଗେଣି, ସଂଖ୍ୟା-୯, ଆରାଧନା-ବଗଳାମୁଖୀ ।

ମୀନ: ଦ୍ରବ୍ୟଲାଭ, ଗୃହେ ସହଯୋଗ, ଶରୀର ସୁସ୍ଥ, ଦେବଦର୍ଶନ, ନୂତନ କାର୍ଯ୍ୟାରମ୍ଭ, ଦୂରଯାତ୍ରା ସଫଳ, ଗୃହଜଞ୍ଜାବ ବୃଦ୍ଧି, ଶୁଭଖବର, ଉତ୍ତରଭାଦ୍ର ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୮, ଆରାଧନା-ମା' ଗୌରୀ ।

ଆଶ୍ୱିନ ଶୁକ୍ଳ ପକ୍ଷ ତ୍ରୟୋଦଶୀ
୨୪.୧୦.୨୦୨୬, ଶନିବାର



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୧୭୨୮୪୩୩୮

Ministry of Home Affairs
Government of India

ସେହି ବୀରମାନଙ୍କୁ ସଲାମ୍, ଯେଉଁମାନେ ଦେଶକୁ ଏକଜୁଟ୍ କରି ରଖିଛନ୍ତି

CBC 19101/13/0017/2627

ଆଭ୍ୟନ୍ତରୀଣ ସୁରକ୍ଷା ବାହିନୀକୁ ସଲାମ୍

ଏକତାର ବିଭିନ୍ନ ରୂପକୁ, ଏକ ସ୍ଥାନରେ ଦେଖନ୍ତୁ

Rashtriya Ekta Diwas
31st OCTOBER, 2026

ଜାତୀୟ ଏକତା ଦିବସ
୩୧ ଅକ୍ଟୋବର, ୨୦୨୬
ଏକତା ନଗର, ଗୁଜରାଟ

ଭାରତ ପର୍ବ
୧ ରୁ ୧୫ ନଭେମ୍ବର, ୨୦୨୬
ଏକତା ନଗର, ଗୁଜରାଟ



ନରେନ୍ଦ୍ର ମୋଦୀ
ମାନ୍ୟବର ପ୍ରଧାନମନ୍ତ୍ରୀ

ସୂଚନା ପାଇବା ଏବଂ ରହିବା ବ୍ୟବସ୍ଥା ବୁକ୍ କରିବା ପାଇଁ ସ୍କାନ୍ କରନ୍ତୁ, ଅଥବା rashtriyaektadiwas.com ପରିଦର୍ଶନ କରନ୍ତୁ







ମୁମ୍ବାଇରେ ଅନୁଷ୍ଠିତ ଇଣ୍ଡିଆ କେମ୍-୨୦୨୬ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୋସ୍କୋ ଓ ଜେଏସ୍ଡବ୍ଲ୍ୟୁ ର ପ୍ରମୁଖ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି ।



ମୁମ୍ବାଇ ଇଣ୍ଡିଆ କେମ୍ ୨୦୨୬ ରେ ଯୋଗଦେଇ ଫେରିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭୁବନେଶ୍ୱର ବିମାନ ବନ୍ଦର ଠାରେ ମନ୍ତ୍ରୀ,ବିଧାୟକ ଓ ସାଧାରଣ ବ୍ୟକ୍ତି ବିଶେଷ ସମ୍ବର୍ଦ୍ଧିତ କରୁଛନ୍ତି ।

ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଥାନା ଘେରିଲେ ଗ୍ରାମବାସୀ

ବାଲିଅନ୍ତା, (ସବୁ୍ୟ) : ବାଲିଅନ୍ତା ଥାନା ପାଟେଣା ଗ୍ରାମର ସ୍ମୃତି ରଞ୍ଜନ ମାର୍ଥା ଙ୍କ ମୃତ୍ୟୁ ମାମଲାରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଗିରଫ ଦାବିରେ ଶୁକ୍ରବାରଦିନ ତାଙ୍କର ସମ୍ପର୍କୀୟ ଏବଂ ଗ୍ରାମବାସୀ ଥାନା ଘେରିଛନ୍ତି ।ଥାନା ସମ୍ମୁଖରେ ଶବ ରଖି ଧାରଣା ଦେଇଛନ୍ତି ପରିବାର ଲୋକ । ସୂଚନା ଥାଉକି ୨୦ ତାରିଖ ମଙ୍ଗଳବାର ଦିନ ସାମାନ୍ୟ ବଚସାକୁ ନେଇ ଉଭୟ ଗୋଷ୍ଠୀ ଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା ।ଏହି ଗଣ୍ଡଗୋଳ ରେ ମୃତ ସ୍ମୃତି ରଞ୍ଜନ ଗୁରୁତର ହୋଇଥିଲେ ତେବେ ଗତକାଲି ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା । ଫଳରେ ଏହି ଘଟଣାକୁ ନେଇ ଗୁରୁବାର ଦିନ ଥାନାରେ ଉତେଜନା ଦେଖାଦେଇଥିଲା ଆଜି ମଧ୍ୟ ମୃତକ ଙ୍କ ସମ୍ପର୍କୀୟ ବାଲିଅନ୍ତା ଥାନା ସମ୍ମୁଖରେ ଶବ ରଖି ନ୍ୟାୟଦାବି ଏବଂ ଅଭିଯୁକ୍ତଙ୍କୁ ଗିରଫ ଦାବି କରିଛନ୍ତି । ବାଲିଅନ୍ତା ପୋଲିସ ଏହି ଘଟଣାରେ ଜଣେ ଅଭିଯୁକ୍ତ ମହେଶ ରାୟ ବାହାଦୁର (୨) ଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ମାନଙ୍କୁ ଗିରଫ ଦାବି ଜୋର ଧରିଛି । ଉତକ୍ତ୍ୟ ଲୋକମନେ ଶୁକ୍ରବାରଦିନି ଥାନା ସମ୍ମୁଖରେ ଶବ ରଖି ବିକ୍ଷୋଭ ପଦର୍ଶନ କରିଥିଲେ । ଏହି ଘଟଣାରେ ଏସିପି ଅବିମନ୍ୟୁ ନାୟକ ହସ୍ତକ୍ଷେପ କରି ଉତ୍ତ୍ୟକୁକ୍ତ ଲୋକଙ୍କୁ ବୁଝା ସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା ତେବେ ଏଥିରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ୭ଦିନ ଭିତରେ ଗିରଫ କରାଯିବ ବୋଲି ପ୍ରତିଶୃତି ପାଇବା ପରେ ଧାରଣାରୁ ଲୋକ ଉଠିଥିଲେ ।

୨୬ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ

ଭୁବନେଶ୍ୱର, (ସବୁ୍ୟ): ଆସନ୍ତା ସୋମବାର ୨୬ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ "ଜନ ଅଭିଯୋଗ ଶୁଣାଣି" କାର୍ଯ୍ୟକ୍ରମ ବନ୍ଦ ରହିବ । ସମ୍ଭାବ୍ୟ ବାତ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଆସନ୍ତା ସୋମବାର ତା-୨୬.୧୦.୨୦୨୬ ରିଖରେ ୟୁନିଟ–୨, ଅଶୋକ ନଗର, ଭୁବନେଶ୍ୱର ସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ (କ୍ୟାପିଟାଲ ନର୍ମରୀ ନିକଟସ୍ଥ) ଠାରେ ହେବାକୁ ଥିବା ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣିକୁ ସ୍ଥଗିତ ରଖାଗଲା । ଯେଉଁମାନେ ଏହି ଦିନ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ପାଇଁ ଅନଲାଇନ ଯୋଗେ ପଞ୍ଜୀକରଣ କରିଥିଲେ, ସେମାନେ ମୁଖ୍ୟମନ୍ତ୍ରୀଙ୍କ ପରବର୍ତ୍ତୀ ଅଭିଯୋଗ ଶୁଣାଣି ପାଇଁ ପୁନଃ ପଞ୍ଜୀକରଣ କରିବାର ଆବଶ୍ୟକତା ନାହିଁ । ସେମାନଙ୍କ ପାଇଁ ଭୁବନେଶ୍ୱର ଠାରେ ଅନୁଷ୍ଠିତ ହେବାକୁ ଥିବା ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ସମ୍ବାଦପତ୍ର ତଥା ଅନ୍ୟ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ । ଏ ସଂପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

ଟ୍ୟାଙ୍କର କ୍ଷୀର - ଯାଞ୍ଚ କେବେ ?

ଭୁବନେଶ୍ୱର,(ତଥ୍ୟ) ଦୁଗ୍ଧଜାତ ସାମଗ୍ରୀର ଯାଞ୍ଚ ସମୟରେ ଛେନା, ପନିର, ଛେନାରୁ ପ୍ରସ୍ତୁତ ବିଭିନ୍ନ ପ୍ରକାରର ମିଠାର ପରୀକ୍ଷା ନିରୀକ୍ଷା ହେଉଥିବାବେଳେ ବିକ୍ରି ହେଉଥିବା ପ୍ୟାକେଟ୍ କିମ୍ବା ଖୋଲାରେ ଟ୍ୟାଙ୍କରରେ ମିଳୁଥିବା ଦୁଗ୍ଧର କିନ୍ତୁ ସେଭଳି ଯାଞ୍ଚ ହେଉନାହିଁ। ଏହାର ସୁଯୋଗ ନେଇ ଲୋକଙ୍କୁ ଖାଣ୍ଟି ଦୁଗ୍ଧ ଯୋଗାଣ ନାଁରେ ବ୍ୟବସାୟୀମାନେ ପାଉଡର ମିଶା ଦୁଗ୍ଧ ବିକ୍ରି କରିବାରେ ଲାଗିଛନ୍ତି। ରାଜଧାନୀରେ ଏବେ ଖୋଲାରେ ଦୁଗ୍ଧ ବିକ୍ରି ବଢିବାରେ ଲାଗିଛି। ସହର ଆଖପାଖ ଅଞ୍ଚଳର ବ୍ୟବସାୟୀମାନେ ଟ୍ୟାଙ୍କରରେ କ୍ଷୀର ଆଣି ବିକ୍ରି କରୁଛନ୍ତି। ଲୋକେ ବି ଖାଣ୍ଟି କ୍ଷୀର ଟିକେ ପାଇବାପାଇଁ ଏମାନଙ୍କ ନିକଟରେ ଭିଡ ଜମାଉଛନ୍ତି। ତେବେ ଏହି କ୍ଷୀରର ନିୟମିତ ଯାଞ୍ଚ ହେଉନାହିଁ। ଏତେ ପରିମାଣରେ କ୍ଷୀର କେଉଁଠାରୁ ସଂଗ୍ରହ ହେଉଛି ତାହାର ବି ଖୋଳତାଡ ହେଉନାହିଁ। ଯେଉଁସବୁ ଅଞ୍ଚଳରୁ ଏହି କ୍ଷୀର ଆସୁଥିବା କୁହାଯାଉଛି ସେଠାରେ ଓମଫେଡ୍ ଠାରୁ ଆରମ୍ଭ କରି ଅନ୍ୟାନ୍ୟ ଦୁଗ୍ଧ କମ୍ପାନୀ ଦୁଗ୍ଧ ସଂଗ୍ରହ କରୁଛନ୍ତି। ସେମାନଙ୍କୁ ଦୁଗ୍ଧ ବିକ୍ରି କଲାପରେ ଏତେ ପରିମାଣର ଦୁଗ୍ଧ କେଉଁଠାରୁ ଆଣୁଛନ୍ତି ସେ ନେଇ କେହି ପ୍ରଶ୍ନ କରୁନାହାନ୍ତି। ତେବେ ନିଆଳି ଛେନା ଭଳି ଟ୍ୟାଙ୍କରରେ ବିକ୍ରି ହେଉଥିବା କ୍ଷୀର ମଧ୍ୟ ପାଉଡର ପ୍ରସ୍ତୁତ ବୋଲି କୁହାଯାଉଛି। ଏଥିରେ ଖାଣ୍ଟି କ୍ଷୀର ସହିତ ଦୁଗ୍ଧ ପାଉଡର ମିଶାଯାଉଛି। ଫଳରେ ଏହି କ୍ଷୀର ବହଳିଆ ହେବା ସହିତ ସ୍ୱାଦିଷ୍ଟ ବି ହେଉଛି। କେତେକ ସ୍ଥାନରେ ଲୋକେ ଡିଟରଜେଣ୍ଟ ବ୍ୟବହାର କରି ଦୁଗ୍ଧ ପ୍ରସ୍ତୁତ କରୁଥିବା ନେଇ ମଧ୍ୟ ସନ୍ଦେହ ପ୍ରକଟ ହେଉଛି।





ଏସିଏଫ୍ ସୌମ୍ୟରଞ୍ଜନ ମହାପାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ ମାମଲା

ପତ୍ନୀ ବିଦ୍ୟାଭାରତୀଙ୍କୁ ମିଳିଲାନି ଅନ୍ତରୀଣ ସୁରକ୍ଷା, କେସ୍ ଡାଏରୀ ଦାଖଲ ନିର୍ଦ୍ଦେଶ

କଟକ,(ସବ୍ୟୁ): ବହୁଚର୍ଚ୍ଚିତ ପାରଳାଖେମୁଣ୍ଡି ଏସିଏଫ୍ ସୌମ୍ୟରଞ୍ଜନ ମହାପାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାରେ ଅଭିଯୁକ୍ତ ପତ୍ନୀ ବିଦ୍ୟାଭାରତୀ ପଣ୍ଡା ଆଗୁଆ ଜାମିନ୍ ଆବେଦନ କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଆଜି ଅବକାଶକାଳୀନ ଅଦାଲତରେ ଏହି ମାମଲାର ଶୁଣାଣି ହୋଇଥିଲା । ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଆଦିତ୍ୟ କୁମାର ମହାପାତ୍ର ଏହି ମାମଲାର ଶୁଣାଣି କରି ବିଦ୍ୟାଭାରତୀଙ୍କୁ କୌଣସି ପ୍ରକାର ଅନ୍ତରୀଣ ସୁରାକ୍ଷା ଦେବାଲାଗି ମନା କରି ଦେଇଛନ୍ତି। ତେବେ ଏହି ମାମଲାରେ କେସ୍ ଡାଏରୀ(ସିଡି) ତଲବ କରାଯାଇଛି । ଫଳରେ ବିଦ୍ୟାଭାରତୀଙ୍କ ଅଡୁଆ ବଢ଼ିଯାଇଛି। ବିଦ୍ୟାଭାରତୀ ନିମ୍ନ ଅଦାଲତରେ ହାଜିରାକୁ ଏଡ଼ାଇବା ପାଇଁ ହାଇକୋର୍ଟରୁ ସୁପ୍ରିମ୍‌କୋର୍ଟ ଯାଇ ନିରାଶ ହେବାପରେ ଏବେ ଏହି ଆଗୁଆ ଜାମିନ୍ ଆବେଦନ କରିଛନ୍ତି।

ହାଇକୋର୍ଟ ଗତ ସେପ୍ଟେମ୍ବର ୩ ତାରିଖ ଆଦେଶରେ ବିଦ୍ୟାଭାରତୀଙ୍କ ବ୍ୟକ୍ତିଗତ ହାଜିରାରୁ ଛାଡ଼ ଆବେଦନକୁ ଖାରଜ କରିଦେବା ସହ ଅକ୍ଟୋବର ୧ ତାରିଖ ସୁଦ୍ଧା ପାରଳାଖେମୁଣ୍ଡି ଏସ୍‌ଡିଜେଏମ୍‌ଙ୍କ ଅଦାଲତରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଆଦେଶକୁ ଚ୍ୟାଲେଞ୍ଜ କରି ବିଦ୍ୟାଭାରତୀ ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ମାତ୍ର ସୁପ୍ରିମ୍‌କୋର୍ଟ ତାଙ୍କୁ ହାଇକୋର୍ଟରେ ଅଗ୍ରିମ ଜାମିନ ଆବେଦନ କରିବା ପାଇଁ ଅନୁମତି ଦେଇ ମାମଲାର ଅନ୍ତ ଘଟାଇଥିଲେ। ଫଳରେ ସୁପ୍ରିମ୍‌କୋର୍ଟରୁ ମଧ୍ୟ ବିଦ୍ୟାଭାରତୀଙ୍କୁ କୌଣସି ପ୍ରକାର ସୁରକ୍ଷା ମିଳିନଥିଲା । ସୁପ୍ରିମ୍‌କୋର୍ଟଙ୍କ ଆଦେଶ ଅନୁସାରେ ହାଇକୋର୍ଟରେ ଅଗ୍ରିମ ଜାମିନ ଆବେଦନ ଦାଖଲ ପ୍ରକ୍ରିୟା ଜାରି ରହିଥିବା ଦର୍ଶାଇ ବିଦ୍ୟାଭାରତୀଙ୍କ ଓକିଲ ସମୟ ବୃଦ୍ଧି ପାଇଁ ଅଦାଲତରେ ପ୍ରାର୍ଥନା କରିଥିଲେ। ହାଇକୋର୍ଟ ଏହି ଯୁକ୍ତିକୁ ଗ୍ରହଣ କରି ବିଦ୍ୟାଭାରତୀଙ୍କ ହାଜର ସମୟସୀମାକୁ ଚଳିତମାସ ୩୦ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଏଭଳି ସ୍ଥିତିରେ ବିଦ୍ୟାଭାରତୀ ଆଗୁଆ ଜାମିନ୍ ଆବେଦନ କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ପୁରୀର ୩ ଟି କେନ୍ଦ୍ରରେ ହବିଷିଆଳି ମା' ମାନଙ୍କ ରହଣି ବ୍ୟବସ୍ଥା

ପୁରୀ (ସବ୍ୟୁ): ଚଳିତ ବର୍ଷର ହବିଷ ବ୍ରତ ୩ ଟି କେନ୍ଦ୍ର ରେ ଅକ୍ଟୋବର ମାସ ୨୬ ତାରିଖ ରୁ ଆରମ୍ଭ ହୋଇ ନଭେମ୍ବର ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ ।ଏହି ହବିଷ୍ୟାଳୀ ମା ମାନଙ୍କୁ ଉପଯୁକ୍ତ ଓ ଆବଶ୍ୟକୀୟ ସହାୟତା ଯୋଗାଇ ଦେବା ଆମ ସମସ୍ତଙ୍କ ଦାୟିତ୍ୱ ।କାର୍ତ୍ତିକ ମାସରେ ଏହାକୁ ଏକ ପବିତ୍ର ସେବା ଭାବେ ଗ୍ରହଣ କରି ମାଆ ମାନଙ୍କୁ ସହଯୋଗ କରିବାକୁ ସମସ୍ତ ସ୍ୱେଚ୍ଛାସେବୀ ମାନଙ୍କୁ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡ଼ା ପରାମର୍ଶ ଦେଇଛନ୍ତି । ଟାଉନ ହଲ ଠାରେ ହବିଷ ବ୍ରତ କାର୍ଯ୍ୟ ରେ ନିୟୋଜିତ ସ୍ୱଚ୍ଛାସେବୀ ମାନଙ୍କୁ ନେଇ ସେମାନଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଶ୍ରୀ ପରିଡ଼ା ହବିଷ୍ୟାଳୀ ମାନଙ୍କର ସେବା କୁ ନିଷ୍ଠା ଓ ଧର୍ମର କାର୍ଯ୍ୟ ବୋଲି ବିବେଚନା କରି ପ୍ରତ୍ୟେକ ଦାୟିତ୍ୱ ନିର୍ବାହ ପାଇଁ ଆହ୍ୱାନ ଦେଇଥିଲେ। ପବିତ୍ର କାର୍ତ୍ତିକ ମାସ ପାଇଁ ଆସୁଥିବା ବିଭିନ୍ନ ଅଞ୍ଚଳର ମାଆ ମାନଙ୍କୁ ଆମେ ଉପଯୁକ୍ତ ସେବା ଯୋଗାଇ ଦେବା ।ସେମାନେ ମାସକ ପରେ ନିଜ ଘରକୁ ଫେରି ଗଲା ବେଳେ ଯେପରି ଏକ ସୁଖଦ ଓ ଆନନ୍ଦମୟ ଅନୁଭବ ନେଇ ଫେରିବେ ସେହି ଅନୁସାରେ ଆମେ ତାଙ୍କୁ ସେବା ଯୋଗାଇଦେବା। ସକାଳ ଦର୍ଶନ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ତେଣୁ ଯେଉଁ ମାନଙ୍କ ଡିଉଟି ଯେଉଁ ସମୟରେ ରହୁଛି ତାହାକୁ ସଠିକ ଭାବେ ପାଳନ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ହବିଷ୍ୟାଳୀ କାର୍ଯ୍ୟରେ କୌଣସି ଅବହେଳା ଗ୍ରହଣୀୟ ନୁହେଁ ବୋଲି କହିଥିଲେ ।



ଏସପି ପ୍ରତୀକ ସିଂ ଯୋଗ ଦେଇ ହବିଷ୍ୟାଳୀ ମା ମାନଙ୍କ ସୁରକ୍ଷା, ଶୃଙ୍ଖଳିତ ଦର୍ଶନ, ଟ୍ରାଫିକ ବ୍ୟବସ୍ଥା ଗୁଡିକୁ ସଠିକ ଭାବେ ନିର୍ବାହ ପାଇଁ କାର୍ଯ୍ୟକ୍ରମ ପ୍ରସ୍ତୁତ ହୋଇଛି। ପୋଲିସ ଓ ସ୍ୱେଚ୍ଛାସେବୀ ମାନଙ୍କ ସମନ୍ୱୟ ରେ ଚଳିତ ବର୍ଷ ଶୃଙ୍ଖଳିତ ଭାବେ ଏହାକୁ ଆମେ ସମ୍ପୂର୍ଣ୍ଣ କରିବା ବୋଲି ସେ ମତ ଦେଇଥିଲେ। ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ ସମସ୍ତ ଙ୍କୁ ସ୍ୱାଗତ କରି ବୃନ୍ଦାବତୀ ନିବାସ, ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସ ଓ ମୋଚିସାହି କଲ୍ୟାଣ ମଣ୍ଡପ ଠାରେ ହବିଷ୍ୟାଳୀ ମା ମାନଙ୍କର ରହଣି ର ବ୍ୟବସ୍ଥା ହୋଇଛି ବୋଲି କହିଥିଲେ। ହବିଷ୍ୟାଳୀ ଯୋଜନା ଆଧାର ରେ ବୟସ୍କା ମା ମାନେ ଏହି ବ୍ରତରେ ସାମିଲ ହେଉଛନ୍ତି। ତେଣୁ ପ୍ରଶାସନ ସମସ୍ତ ସୁବିଧା ସେମାନଙ୍କୁ ଯୋଗାଇ ବାକୁ ବ୍ୟବସ୍ଥା କରିଛି। ସେମାନଙ୍କର ସୁରକ୍ଷିତ ରହଣି, ସୁରକ୍ଷା, ମନ୍ଦିର ଦର୍ଶନ, ମହାପ୍ରସାଦ ସେବନ, ପ୍ରବଚନ, ଭଜନ,ପାଲା ଇତ୍ୟାଦି ବ୍ୟବସ୍ଥା, ଚିକିତ୍ସା, ପରିମଳ,ପାନୀୟ ଜଳ, ନରେନ୍ଦ୍ର ରେ ସ୍ନାନ ବ୍ୟବସ୍ଥା, ସ୍ୱଚ୍ଛାସେବୀ ସହଯୋଗ ଇତ୍ୟାଦି ବ୍ୟବସ୍ଥା କରାଯାଇଛି। ଏଥିପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀ ଓ କର୍ମଚାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ଏହାକୁ ସୁ ନିୟନ୍ତ୍ରିତ କରିବାକୁ ନୋଡାଲ ଅଧିକାରୀ, ବରିଷ୍ଠ ଅଧିକାରୀ,ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀ ମାନଙ୍କୁ ଦାୟିତ୍ୱ ଦିଆଯାଇଛି। ମା ମାନଙ୍କୁ ଠାକୁର ଦର୍ଶନ ସମୟରେ ସୁରକ୍ଷା ଓ ଶୃଙ୍ଖଳିତ ଦର୍ଶନ ପାଇଁ ଆରକ୍ଷୀ ବିଭାଗ ଓ ସ୍ୱଚ୍ଛାସେବୀ ମାନେ ସମନ୍ୱୟ ରଖି କାର୍ଯ୍ୟ କରିବେ। ଏହି କାର୍ଯ୍ୟ ଏକ ବ୍ୟାପକ ଓ ଏକ ମାସ ଧରି କରିବା ର ଆବଶ୍ୟକତା ଥିବାରୁ ବିଭାଗ ବିଭାଗର ଅଧିକାରୀ ଓ କର୍ମଚାରୀ ମାନଙ୍କୁ ମଧ୍ୟ ଦାୟିତ୍ୱ ଦିଆଯାଇ ଉପଯୁକ୍ତ ପ୍ରଶିକ୍ଷଣ ଦିଆଯାଉଛି ।ତେଣୁ ଏହି କାର୍ଯ୍ୟ କୁ ପାରସ୍ପରିକ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ଜିଲ୍ଲାପାଳ ସମସ୍ତ ଙ୍କୁ ପରାମର୍ଶ ଦେଇଛନ୍ତି ।ପିକେଡିଏ ସେକ୍ରେଟାରୀ ଦିଲ୍ଲୀପ କୁମାର ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

ବଡଚଣା ଓ ଧର୍ମଶାଳାରେ ସୀମା ଟପିଛି ଦୁର୍ନୀତି

ମାସେ ଭିତରେ ୩ ଅଧିକାରୀଙ୍କୁ ଧରି ଜେଲ ପଠାଇଲାଣି ଭିଜିଲାନ୍ସ

ଚଣ୍ଡିଖୋଲ, (ସବ୍ୟୁ) ଲୋକ ମାନଙ୍କୁ ଦୁର୍ନୀତି ମୁକ୍ତ ସ୍ୱଚ୍ଛ ଶାସନ ପ୍ରଦାନ ପାଇଁ ରାଜ୍ୟ ସରକାର ଘୋଷଣା କରି ନିଜ ଆଭିମୁଖ୍ୟକୁ ସ୍ପଷ୍ଟ କରିଥିଲେ ମଧ୍ୟ ଏବେ କିନ୍ତୁ ଯାଜପୁର ଜିଲ୍ଲାର ବଡଚଣା ଓ ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ ଏହାର ଓଲଟା ଚିତ୍ର ଦେଖିବାକୁ ମିଳୁଛି । ଏଠାରେ ବିଭିନ୍ନ ଦପ୍ତରରେ କାର୍ଯ୍ୟରତ ସରକାରୀ ବାବୁ ମାନେ ସରକାରଙ୍କ ଆଭିମୁଖ୍ୟକୁ ଖାତିର ନକରି ସେବା ପ୍ରଦାନ ଆଳରେ ଲୋକ ମାନଙ୍କୁ ଶୋଷଣ କରି ଅନୈତିକ ଉପାୟରେ ଅର୍ଥ ଠୁଳ କରୁଥିବା ଦେଖାଯାଇଛି । ସବୁଠାରୁ ବଡକଥା କି ଏଇ ମାସକ ଭିତରେ ବଡଚଣା ଓ ଧର୍ମଶାଳା ନିର୍ବାଚନ ମଣ୍ଡଳୀର ବିଭିନ୍ନ ସରକାରୀ ଦପ୍ତରରେ ତିନିତିନି ଥର ଭିଜିଲାନ୍ସ ଚଢାଉ ହୋଇ ସାରିଲାଣି ।ଚଢାଉ ପରେ ତିନିଜଣ ଦୁର୍ନୀତି ଖୋର ଅଧିକାରୀଙ୍କୁ ଭିଜିଲାନ୍ସ ଗିରଫ କରି ଜେଲ ପଠାଇବା ସହ ସେହିସବୁ ବାବୁ ମାନଙ୍କ ଠାରୁ ଅମାପ ଆୟ ବହିର୍ଭୁତ ସମ୍ପତ୍ତି,ସୁନା ଓ ନଗଦ ଟଙ୍କା ଜବତ କରିଛନ୍ତି । ଭିଜିଲାନ୍ସର ପ୍ରଥମ ଚଢାଉ ଗତ ସେପ୍ଟେମ୍ବର ମାସ ୨୮ ତାରିଖରେ ବଡଚଣା ବ୍ଲକରେ କାର୍ଯ୍ୟରତ ସହକାରୀ ଯନ୍ତ୍ରୀ ବନ୍ଦୀତା ଦାଶଙ୍କ ଉପରେ ହୋଇଥିଲା। ଏହି ମହିଳା ଯନ୍ତ୍ରୀ ଜଣକ ନିଜ ସହଯୋଗୀଙ୍କ ମାଧ୍ୟମରେ ଜଣେ ଠିକାଦାରଙ୍କ ଠାରୁ ଅଫିସ ଭିତରେ ୩୫ ହଜାର ଟଙ୍କା ଲାଞ୍ଚ ନେଉଥିଲା ବେଳେ ଭିଜିଲାନ୍ସ ହାତରେ ଧରାପଡିଥିଲେ। ପରେ ତାଙ୍କର ତିନୋଟି ଠିକଣାରେ ଚଢାଉ କରି ଭିଜିଲାନ୍ସ ବହୁ ଆୟ ବହିର୍ଭୁତ ସମ୍ପତ୍ତି ସହିତ ନଗଦ ଟଙ୍କା ଠାବ କରିଥିଲା। ଏବେ ସଂପୃକ୍ତ ମହିଳା ଯନ୍ତ୍ରୀ ଓ ତାଙ୍କ ସହଯୋଗୀ ଜେଲରେ ଅଛନ୍ତି। ଏହି ଘଟଣା ପରେପରେ ଗତ ଅକ୍ଟୋବର ୧୨ ତାରିଖରେ ଧର୍ମଶାଳା ବ୍ଲକରେ କାର୍ଯ୍ୟରତ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଜୟଦେବ ଜେନାଙ୍କ ଉପରେ ଭିଜିଲାନ୍ସ ଚଢାଉ କରିଥିଲା। ସଂପୃକ୍ତ ବାବୁ ଜଣଙ୍କୁ ଧରିବା ପରେ ତାଙ୍କର ଏକାଧିକ ଠିକଣାରେ ଚଢାଉକରି ଭିଜିଲାନ୍ସ ତାଙ୍କର ଭୁବନେଶ୍ୱର,ଗଞ୍ଜାମ ସମେତ ବିଭିନ୍ନ ସ୍ଥାନରେ ଥିବା ତିନୋଟି ବହୁତଳ ପ୍ରାସାଦ,୧୯ଟି ମୁଲ୍ୟବାନ ପ୍ଲଟ,୭୪୦ଗ୍ରାମ ସୁନା,ଚାରି ଚକିଆ ଗାଡି ଓ ନଗଦ ୨୮ ପକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଥିବା ଠାବ କରିଥିଲା । ପରେ ଏହି ବାବୁ ଜଣକୁ ଗିରଫ କରି ଭିଜିଲାନ୍ସ ଜେଲ ପଠାଇ ଥିଲା । ଏହି ଦୁଇ ଘଟଣାକୁ ଲୋକେ ଭୁଲି ନଥିଲା ବେଳେ ଏବେ ଗୁରୁବାର ୨୨ ତାରିଖରେ ପୁଣି ବଡଚଣାରେ ଆଉଏକ ଭିଜିଲାନ୍ସ ଚଢାଉ ହୋଇଥିଲା। ଏହି ଚଢାଉ ପୂର୍ତ୍ତ ବିଭାଗର ଚାରବାଟିଆ ଡିଭିଜନ ଅଧିନ ବଡଚଣା ପୂର୍ତ୍ତ ସବ ଡିଭିଜନ କାର୍ଯ୍ୟାଳୟରେ କାର୍ଯ୍ୟରତ ସହକାରୀ ନିର୍ବାହୀ ଯନ୍ତ୍ରୀ ତପନ ସେଠୀଙ୍କ ଉପରେ ହୋଇଥିଲା। ଭିଜିଲାନ୍ସ ସ୍ୱତନ୍ତ୍ର ଜର୍ଜଙ୍କ ନିର୍ଦ୍ଦେଶ ବଳରେ କଟକ ସ୍ୱତନ୍ତ୍ର ଭିଜିଲାନ୍ସ ଟିମ ଶ୍ରୀ ସେଠୀଙ୍କ ଆୟ ବହିର୍ଭୁତ ସମ୍ପତ୍ତିର ଆକଳନ ପାଇଁ ବଡଚଣା ସ୍ଥିତ ତାଙ୍କ କାର୍ଯ୍ୟାଳୟ ସହିତ ଏକ କାଳିନ ତାଙ୍କର ୭ଟି ସଠିକଣାରେ ଚଢାଉ କରିଥିଲା। ଚଢାଉ ସମୟରେ ତାଙ୍କର ଅମାପ ଆୟ ବହିର୍ଭୁତ ସମ୍ପତ୍ତି ଠାବ କରିଥିଲା। ଏହି ଘଟଣାରେ ଶ୍ରୀ ସେଠୀଙ୍କୁ ଭିଜିଲାନ୍ସ ଗିରଫକରି ଶୁକ୍ରବାର ଦିନ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ହାଜର କରିଥିଲା ବେଳେ ତାଙ୍କ ଜାମିନ ନାମଞ୍ଜୁର କରି କୋର୍ଟ ତାଙ୍କୁ ଜେଲ ପଠାଇ ଦେଇଥିବା ଜଣାପଡିଛି। ବଡଚଣା ଓ ଧର୍ମଶାଳାରେ ମାସକ ଭିତରେ ଏପରି ଗୋଟିଏ ପରେ ଗୋଟିଏ ଘଟଣା ଘଟିବା ଓ ଦୁର୍ନୀତି ଖୋର ବାବୁମାନେ ଧରାପଡି ଜେଲ ଯିବା ଘଟଣାକୁ ନେଇ ଚର୍ଚ୍ଚା ଯୋର ଧରିଛି।

ଟି.ଆର୍.ଏସ୍. କାର୍ଯ୍ୟାଳୟ ସମ୍ମୁଖରେ ଠିକା କର୍ମଚାରୀଙ୍କ ଆନ୍ଦୋଳନ

ଚାରିମାସ ଖଟାଇ କର୍ମଚାରୀଙ୍କ ଦରମା ଦେଉନାହିଁ ଠିକାସଂସ୍ଥା

ଜଟଣୀ, (ସବ୍ୟୁ): ଖୋର୍ଦ୍ଧାରୋଡ୍ ଡିଭିଜନର ଟି.ଆର୍.ଏସ୍. କାର୍ଯ୍ୟାଳୟ ସମ୍ମୁଖରେ ଠିକା କର୍ମଚାରୀଙ୍କ ଛଅ ଦଫା ଦାବି ନେଇ ଆନ୍ଦୋଳନ ଜାରି ରହିଛି। ଏହି ଆନ୍ଦୋଳନ ଆଜିକୁ ଏକ ସପ୍ତାହ ଧରି ଚାଲିଥିଲେ ମଧ୍ୟ ରେଳୱେ ଉଚ୍ଚ କର୍ତ୍ତୃପକ୍ଷଙ୍କ ଏଥିପ୍ରତି କୌଣସି ସମବେଦନା ନାହିଁ। ନିଜର ମୌଳିକ ଦାବି ନେଇ ଆନ୍ଦୋଳନକୁ ଓହ୍ଲାଇଛନ୍ତି ଠିକା କର୍ମଚାରୀ। ଚାରି ମାସର ବକେୟା ଦରମା ପୈଠ, ସ୍ଥାୟୀ ନିଯୁକ୍ତି, ରେଳବାଇ ନିୟମ ଅନୁସାରେ ଠିକା କର୍ମଚାରୀଙ୍କ ନ୍ୟାଯ୍ୟ ମଜୁରୀ ପ୍ରଦାନ, ଇପିଏଫ୍ ଏବଂ ଇଏସ୍‌ଆଇ ସୁବିଧା ଯୋଗାଇ ଦିଆଯିବା, କାର୍ଯ୍ୟ କରିବା ସମୟରେ କର୍ମଚାରୀଙ୍କ ସୁରକ୍ଷା ନିମନ୍ତେ ପ୍ରତିରକ୍ଷା ସାମଗ୍ରୀ ଯୋଗାଇବା ଏବଂ ନିଜର ଚିହ୍ନ ପୋଷାକ ବ୍ୟବସ୍ଥା କରିବା, ପ୍ରତ୍ୟେକ କର୍ମଚାରୀଙ୍କୁ ସୁରକ୍ଷା ସ୍ଲିପ୍ ଯୋଗାଇବା ଇତ୍ୟାଦି ସେମାନଙ୍କର ପ୍ରମୁଖ ଦାବି। ଉଲ୍ଲେଖ ଯୋଗ୍ୟ ଯେ ସେମାନେ ଦୀର୍ଘ ଦିନ ଧରି ରେଳବାଇ ଠିକାଦାରଙ୍କ ଅଧୀନରେ କାର୍ଯ୍ୟ କରି ଆସୁଥିଲେ ମଧ୍ୟ ସେମାନଙ୍କୁ ମୌଳିକ ସୁବିଧା ଆଜି ପର୍ଯ୍ୟନ୍ତ ମିଳିପାରିନାହିଁ, ଏହା ଅତି ଦୁଃଖର ବିଷୟ। ଏହି ବାବଦରେ ସ୍ଥାନୀୟ ଗଣମାଧ୍ୟମ ରେଳବାଇ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ପ୍ରତିକ୍ରିୟା ପାଇଁ ଚେଷ୍ଟା କରିଥିଲେ ମଧ୍ୟ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ। ଏପରି ଭାବରେ ଖୋର୍ଦ୍ଧାରୋଡ୍, ପଲାସା, ଭଦ୍ରକ, ରାଜାଆଠଗଡ଼, ଅନୁଗୁଳ ଭଳି ଏଗାରଟି ସ୍ଥାନରେ ଠିକା କର୍ମଚାରୀଙ୍କ ଆନ୍ଦୋଳନ ଚାଲୁଥିବା ଠିକା କର୍ମଚାରୀମାନେ ପ୍ରକାଶ କରିଛନ୍ତି । ଏହି ବାବଦରେ ପଚାରିଲେ ଠିକାଦାରଙ୍କ ପକ୍ଷରୁ ଚାକିରିରୁ ବହିଷ୍କାରର ଧମକ ମିଳୁଥିବା ଅଭିଯୋଗ ହୋଇଛି ।ଯଦି ଏହାର କୌଣସି ସ୍ଥାୟୀ ସମାଧାନ ନ ହୁଏ, ତେବେ ଆଗାମୀ ଦିନରେ ରେଳ ଠିକାଦାରଙ୍କ ବିରୋଧରେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ୟୁନିୟନ ପକ୍ଷରୁ ଚେତାବନୀ ଦିଆଯାଇଛି।

ବସନ୍ତପୁର ଶ୍ରୀ ଶିରିଡ଼ି ସାଇ ମନ୍ଦିରରେ ସାଇବାବା ଙ୍କ ୧୦୮ ମହାସମାଧି ଦିବସ

ଭୁବନେଶ୍ୱର (ସବ୍ୟୁ): ଗରଦପୁର ବ୍ଲକ୍ ଅନ୍ତର୍ଗତ ତେଣ୍ଡାକୁଡ଼ା ପଂଚାୟତ ବସନ୍ତପୁର ଗ୍ରାମରେ ପ୍ରତିଷ୍ଠିତ ଶ୍ରୀ ଶିରିଡ଼ି ସାଇ ମନ୍ଦିରରେ ସାଇବାବା ଙ୍କ ୧୦୮ ମହାସମାଧି ଦିବସ ପାଳିତ ହୋଇ ଯାଇଛି । ଏହି ଉପଲକ୍ଷେ ସକାଳ ସାଢ଼େ ୫ ଟାରେ କାକଡ଼ ଆଳତି, ସକାଳ ସାଢ଼େ ୬ ଟା ରେ ବାବା ଙ୍କ ସ୍ନାନ ଆରତି, ସକାଳ ୯ ଟାରେ ହୋମ ଓ ମହାଭିଷେକ ପୂଜା,୧୨ ଟା ରେ ମଧାହ୍ନ ଆରତି,୬ ଟାରେ ସନ୍ଧ୍ୟା ଆରତି ଅନୁଷ୍ଠିତ ହୋଇଥିଲା । ଆନ୍ତର୍ଜାତିକ ଆଧାତ୍ମିକ ଗୁରୁ ଡ଼କ୍ଟର ଚନ୍ଦ୍ରଭାନୁ ଶତପଥି ଜୀ ଶୁଭେଚ୍ଛା ଜଣାଇ ବାର୍ତ୍ତା ପଠାଇଛନ୍ତି



। ଶିରିଡ଼ି ସାଇ ଚାରିଟେବୁଲ ଟ୍ରଷ୍ଟ ର ମ୍ୟାନେଜିଂ ଟ୍ରଷ୍ଟି ଡ଼କ୍ଟର ରୁଦ୍ର ମହାନ୍ତି , ସମ୍ପାଦକ ସୁନିଲ କୁମାର ମହାନ୍ତି, ଚଣ୍ଡିପ୍ରସାଦ ମହାନ୍ତି, କସ୍ତୁରିକା ମହାନ୍ତି,ସାମ୍ବାଦିକ ଡ଼କ୍ଟର ଦୀପ୍ତିରଂଜନ କାନୁନଗୋ , ରବିନ୍ଦ୍ର କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ବାବାଙ୍କ ମହାଭିଷେକ କରାଇଥିଲେ । କମଳ ମହାନ୍ତି ଓ ସଂଯୁକ୍ତା ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ମହାଭିଷେକ ପରେ ଶ୍ରୀ ଶ୍ରୀ ଶିରିଡ଼ି ସାଇ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ସମସ୍ତ ଶ୍ରଦ୍ଧାଳୁ ମାନଙ୍କୁ ପ୍ରସାଦ ବିତରଣ କରାଯାଇଥିଲା ।

ଏଚ୍‌ସିଜି ପଣ୍ଡା କ୍ୟାନ୍ସର ହସ୍ପିଟାଲ ଓ ଭାରତୀୟ ବିମାନବନ୍ଦର ପ୍ରାଧିକରଣର ମିଳିତ ପଦକ୍ଷେପ

ବିମାନବନ୍ଦରରେ ସ୍ତନ କର୍କଟ ସଚେତନତା

କଟକ, (ସବ୍ୟୁ):କର୍କଟ ଆଉ ମାରାତ୍ମକ ରୋଗ ହୋଇ ରହି ନାହିଁ। ପ୍ରାଥମିକ ଅବସ୍ଥାରୁ ଏହାର ଚିକିତ୍ସା କରାଗଲେ କର୍କଟ ରୋଗରେ ଆକ୍ରାନ୍ତ ରୋଗୀଟି ସମ୍ପୂର୍ଣ୍ଣ ସୁସ୍ଥ ରହିବ। ତେଣୁ ସ୍ତନ କର୍କଟ ରୋଗ ସମ୍ପର୍କରେ ଜନସଚେତନତା ସୃଷ୍ଟି ଓ ଏହାର ପ୍ରାରମ୍ଭିକ ଚିହ୍ନଟକୁ ଗୁରୁତ୍ୱ ଦେବା ଲକ୍ଷ୍ୟରେ କଟକ ତେଲେଙ୍ଗାପୀଠସ୍ଥ ଏଚ୍‌ସିଜି ପଣ୍ଡା କ୍ୟାନ୍ସର ହସ୍ପିଟାଲ, ଏବଂ ଭାରତୀୟ ବିମାନବନ୍ଦର ପ୍ରାଧିକରଣ (ଏଏଆଇ) ମିଳିତ ଭାବେ ଏକ ଅଭିନବ ସଚେତନତା ଅଭିଯାନ ଆରମ୍ଭ କରିଛନ୍ତି। ଭୁବନେଶ୍ୱର ବିମାନବନ୍ଦରରେ ଆୟୋଜିତ ଏହି ଅଭିଯାନ ମାଧ୍ୟମରେ ବିମାନଯାତ୍ରୀଙ୍କୁ ସ୍ତନ କର୍କଟର ଲକ୍ଷଣ, ପ୍ରାରମ୍ଭିକ ଚିହ୍ନଟ ଏବଂ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷାର ଆବଶ୍ୟକତା ସମ୍ପର୍କରେ ନାଚଗୀତ ମାଧ୍ୟମରେ ସଚେତନ କରାଯାଇଛି।

ସ୍ତନ କର୍କଟ ମହିଳାମାନଙ୍କ ଠାରେ ଦେଖାଦେଉଥିବା ପ୍ରମୁଖ କର୍କଟ ରୋଗ ମଧ୍ୟରୁ ଅନ୍ୟତମ। ତେବେ ରୋଗକୁ ପ୍ରାରମ୍ଭିକ ଅବସ୍ଥାରେ ଚିହ୍ନଟ କରାଯାଇପାରିଲେ ଚିକିତ୍ସା ସଫଳତାର ସମ୍ଭାବନା ବୃଦ୍ଧି ପାଇଥାଏ। ଏହି ବାର୍ତ୍ତାକୁ ଅଧିକରୁ ଅଧିକ ଲୋକଙ୍କ ନିକଟରେ ପହଞ୍ଚାଇବା ଲକ୍ଷ୍ୟରେ ବିମାନବନ୍ଦର ପରି ଏକ ଜନଗହଳିପୂର୍ଣ୍ଣ ସ୍ଥାନକୁ ସଚେତନତା ଅଭିଯାନ ପାଇଁ ଚୟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଏଚ୍‌ସିଜି ପଣ୍ଡା କ୍ୟାନ୍ସର ହସ୍ପିଟାଲର ସିଓଓ ଡାକ୍ତର ସ୍ମିତା ପାଢ଼ୀ ଯୋଗଦେଇ



ଉପସ୍ଥିତ ବିମାନଯାତ୍ରୀଙ୍କୁ ସ୍ତନ କର୍କଟର ପ୍ରାରମ୍ଭିକ ଲକ୍ଷଣ, ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ଆବଶ୍ୟକ ସମୟରେ ଡାକ୍ତରଙ୍କ ପରାମର୍ଶ ନେବା ସମ୍ପର୍କରେ ସଚେତନ କରାଇଥିଲେ। ଏଥିରେ ଭୁବନେଶ୍ୱର ବିମାନ ବନ୍ଦରର ନିର୍ଦ୍ଦେଶକ ପ୍ରସନ୍ନ ପାଢ଼ୀ ଅନ୍ୟତମ ଅତିଥି ଭାବେ ଯୋଗଦେଇ ସ୍ୱାସ୍ଥ୍ୟ ସଚେତନତାକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ଦିଗରେ ଏଚ୍‌ସିଜି ପଣ୍ଡା କ୍ୟାନ୍ସର ହସ୍ପିଟାଲ ଓ ଭାରତୀୟ ବିମାନବନ୍ଦର ପ୍ରାଧିକରଣର ଏହି ମିଳିତ ପ୍ରୟାସ ଏକ ଉଲ୍ଲେଖନୀୟ ପଦକ୍ଷେପ ବୋଲି କହିଥିଲେ । ବିମାନବନ୍ଦର ଡେପୁଟି ମ୍ୟାନେଜର(ପରିଚାଳନା) ଉମାକାନ୍ତ ପଟେଲ ବିମାନବନ୍ଦରରେ ଯାତ୍ରୀଙ୍କ ସକାରାତ୍ମକ ପ୍ରତିକ୍ରିୟା ଏବଂ ଜନସ୍ୱାସ୍ଥ୍ୟ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମକୁ ଆଗକୁ ବଢ଼ାଇବା ପାଇଁ ଏଏଆଇର ପ୍ରତିବଦ୍ଧତା ଏହି ଅଭିଯାନକୁ ଅଧିକ ପ୍ରଭାବଶାଳୀ କରିଛି ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଲୋକସମ୍ପର୍କ ଅଧିକାରୀ ଦୁର୍ଗାଚରଣ ସାମଲଙ୍କ ସମେତ ହସ୍ପିଟାଲର କର୍ମକର୍ତ୍ତା ମାନେ ସାମିଲ ଥିଲେ।

ସମ୍ଭାବ୍ୟ ବାତ୍ୟା ମୁକାବିଲା ପାଇଁ ପ୍ରସ୍ତୁତି ବୈଠକ

ବେତନଟୀ (ସବ୍ୟୁ)- ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଆଗୁଆ ସତର୍କ ସୂଚନା ଜାରି କରାଯାଇଥିବା ବେଳେ ସମ୍ଭାବ୍ୟ ବାତ୍ୟା ମୁକାବିଲା ପାଇଁ ଶୁକ୍ରବାର ମୟୂରଭଞ୍ଜ ଜିଲ୍ଲାପାଳ ଭର୍ଚ୍ଚୁଆଲ ମୋଡରେ ଜିଲ୍ଲାର ସମସ୍ତ ବିଡ଼ିଓ, ତହସିଲଦାରଙ୍କ ସମେତ ଲାଇନ ଡିପାର୍ଟମେଣ୍ଟର ଅଧିକାରୀଙ୍କ ସହିତ ଆଲୋଚନା କରିଛନ୍ତି। ବଙ୍ଗୋପସାଗର ଉପରେ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରେ ବିଭିନ୍ନ ସ୍ଥାନରେ ପବନରୁ ଅତିପ୍ରବଳ ବର୍ଷା ହେବାର ସୂଚନା ଅଛି । ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଅପରାହ୍ନରେ ବେତନଟୀ ବ୍ଲକଅଫିସ ପରିସରସ୍ଥ ଭିଡିଓକନ୍ଫେରେନ୍ସିଂ ହଲରେ ଆୟୋଜିତ ଭର୍ଚ୍ଚୁଆଲ ବୈଠକରେ ଏବିଡ଼ିଓ ଗଗନ ବିହାରୀ ବେହେରା, ଅତିରିକ୍ତ ତହସିଲଦାର ଈଶ୍ୱରଚନ୍ଦ୍ର ରଣାଙ୍କ ସମେତ ଅଗ୍ନିଶମ ବିଭାଗ ଏବଂ ଅନ୍ୟାନ୍ୟ ବିଭାଗର ଅଧିକାରୀ ଓ କର୍ମଚାରୀ ଯୋଗ ଦେଇଥିଲେ।

ନନ୍ଦନକାନନରେ ୭୨ ଘଣ୍ଟାରେ ୪ ପ୍ରାଣୀ ମୃତ

ବାରଙ୍ଗ,(ସବ୍ୟୁ) : ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ମାତ୍ର ୭୨ ଘଣ୍ଟା ମଧ୍ୟରେ ୪ଟି ପ୍ରାଣୀଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଛି । ଗତ ମଙ୍ଗଳବାର ଶାଗୁଣା ପ୍ରଜନନ କେନ୍ଦ୍ରରେ ଗୋଟିଏ ମାଈ ଶାଗୁଣାର ମୃତ୍ୟୁ ହୋଇଥିବା ବେଳେ ବୁଧବାର ଗୋଟିଏ ମାଈ ରାଟେଲ (ଗାଡ଼ ଭାଲୁ)ର ମୃତ୍ୟୁ ହୋଇଥିଲା ।ପୁଣି ଗୁରୁବାର ଗୋଟିଏ ମାଈ କଟନ ଟପ ଟାମାରିନ ବିଦେଶୀ ମାଙ୍କଡ ଓ କୁଟୁରାର ମତ୍ୟୁ ହୋଇଛି ।ସୂଚନା ଅନୁସାରେ, କ୍ୱାରେଣ୍ଟାଇନରେ ଥିବା ଶାଗୁଣାଟି ପରସ୍ପର ଲଢ଼େଇ ପରେ କାନ୍ଥରେ ମୁଣ୍ଡ ପିଟି ହୋଇ ଆହତ ହୋଇଥିଲା ।ପରେ ମୃତ୍ୟୁ ହୋଇଥିଲା । ସେହିପରି ମାଈ ରାଟେଲଟି ୪ରୁ୫ ଦିନ ଧରି ଚିକିତ୍ସାଧୀନ ଅବସ୍ଥାରେ ଥିଲା । ବୁଧବାର ଦିନ ମୃତ୍ୟୁ ହୋଇଥିଲା । ସେହିପରି ଗୁରୁବାର ଗୋଟିଏ ମାଈ କଟନ ଟପ ଟାମାରିନ ବିଦେଶୀ ମାଙ୍କଡ ଓ କୁଟୁରାର ମୃତ୍ୟୁ ହୋଇଛି । ମୃତ୍ୟୁର ପ୍ରକୃତ କାରଣ ଜଣାପଡିନଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଜଣାପଡିବ ବୋଲି ସୂଚନା ମିଳିଛି । କଟନ ଟପ ଟାମାରିନ ବିଶ୍ୱର ବିରଳତମ ପ୍ରାଇମେଟ ପ୍ରଜାତି ମଧ୍ୟରୁ ଅନ୍ୟତମ । ଦେଶରେ ଶାଗୁଣା ସଂଖ୍ୟା ୯୦ ପ୍ରତିଶତରୁ ଅଧିକ ହ୍ରାସ ପାଇଛି । ଏଭଳି ସଙ୍କଟାପନ୍ନ ବଂଶର ସଂରକ୍ଷଣ ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିବା ଅଭିଯୋଗ ହେଉଛି । ଏ ସମ୍ପର୍କରେ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

ସାତକଡ଼ି ହୋତା ସ୍ମୃତି ସଂସଦର ମାସିକ ଆଲୋଚନ ଚକ୍ର



ଭୁବନେଶ୍ୱର (ସବ୍ୟୁ): ସାତକଡ଼ି ହୋତା ସ୍ମୃତି ସଂସଦର ମାସିକ ଆଲୋଚନା ଚକ୍ର ଓଡିଶା ଲେଖକ ସମବାୟ ସମିତି ପରିସରରେ ଡକ୍ଟର ଅଲେଖ ଚନ୍ଦ୍ର ପଢିଆରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ବକ୍ତା ଓ ଆଲୋଚକ ଭାବେ ଇଂ. ପ୍ରଭାତ କୁମାର ପାଢୀ, ଇଂ. ନିରଞ୍ଜନ ପଣ୍ଡା ଯୋଗଦାନ କରି ବିଭିନ୍ନ ଉଦାହରଣ ବକ୍ତବ୍ୟ ମାଧ୍ୟମରେ ବହୁମୁଖୀ ପ୍ରତିଭାର ଅଧିକାରୀ ସାତକଡ଼ି ହୋତା ଥିଲେ ବୋଲି ପ୍ରତିପାଦିତ କରିଥିଲେ, ସଭାପତି ବକ୍ତବ୍ୟରେ ଡକ୍ଟର ପଢିଆରୀ କହିଲେ ଯେ ଓଡ଼ିଶାର ରେଳବାଇ ବିକାଶର ସଫଳ ବିଧାଣୀ ହେଉଛନ୍ତି ସାତକଡ଼ି ହୋତା, ସେ ଜଣେ ସୁସାହିତ୍ୟିକ, ସୁବକ୍ତା,ସୁସଂଗଠକ,ବହୁ ଅନୁଷ୍ଠାନର ପ୍ରାଣପ୍ରତିଷ୍ଠାତା, ସୁସଂପାଦକ, କରିତ୍ୱନିଷ୍ଠ ବ୍ୟକ୍ତି ଭାବେ ପ୍ରତିପାଦିତ କରିଥିଲେ, ସ୍ମୃତି ସଂସଦର ସଂପାଦକ ରମାକାନ୍ତ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଅନୁଷ୍ଠାନର ଅଭିମୁଖ୍ୟ ସଂପର୍କରେ ଦୃଷ୍ଟିପାତ କରିଥିଲେ । ସତ୍ୟନାରାୟଣ ଆଚାର୍ଯ୍ୟ ଧନ୍ୟବାଦ ପ୍ରଦାନ କରିଥିଲେ।

ସମ୍ଭାବ୍ୟ ବାତ୍ୟା ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନର ଆଗୁଆ ପଦକ୍ଷେପ

୪୮ ଘଣ୍ଟାରେ ଅସୁରକ୍ଷିତ ତୋରଣ ଓ ହୋର୍ଡିଂ ହଟାଇବାକୁ ନିର୍ଦ୍ଦେଶ

କଟକ, (ସବ୍ୟୁ): ବଙ୍ଗୋପସାଗରରେ ଏକ ଭୀଷଣ ସାମୁଦ୍ରିକ ଝଡ଼ ସୃଷ୍ଟି ହେବାର ଆଶଙ୍କା ଏବଂ ଏହାର ପ୍ରଭାବରେ ଆସନ୍ତା ୨୭ ଓ ୨୮ ତାରିଖରେ କଟକ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସହ ଅତ୍ୟଧିକ ବେଗରେ ପବନ ବହିବାର ପୂର୍ବାନୁମାନକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ଆଗୁଆ ପଦକ୍ଷେପ ଗ୍ରହଣ କରାଯାଇଛି। ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ପକ୍ଷରୁ ଜାରି ନିର୍ଦ୍ଦେଶନାମା ଅନୁଯାୟୀ, କଟକ ମହାନଗର ନିଗମ ଅଞ୍ଚଳରେ ଥିବା ସମସ୍ତ ପୂଜା କମିଟି, କାର୍ଯ୍ୟକ୍ରମ ଆୟୋଜକ, ବାଣିଜ୍ୟିକ ସଂସ୍ଥା ଓ ସାଧାରଣ ଲୋକ ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଅସୁରକ୍ଷିତ ଅସ୍ଥାୟୀ ତୋରଣ, ସାଜସଜ୍ଜା ଗେଟ୍, ଖୋଲାସ୍ଥାନରେ ଲଗାଯାଇଥିବା ଫ୍ଲେକ୍ସ ବ୍ୟାନର, ହୋର୍ଡିଂ ଏବଂ ପୂଜା ମଣ୍ଡପ ନିକଟରେ ଥିବା ବିପଦସଙ୍କୁଳ ଅସ୍ଥାୟୀ ନିର୍ମାଣଗୁଡିକୁ ସ୍ୱଇଚ୍ଛାରେ ହଟାଇବାକୁ କୁହାଯାଇଛି । ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଏହି ସଂରଚନାଗୁଡ଼ିକୁ ହଟା ନଗଲେ କଟକ ମହାନଗର ନିଗମ ପକ୍ଷରୁ ସେଗୁଡ଼ିକୁ ହଟାଇବା ପାଇଁ ଉଚ୍ଛେଦ ଅଭିଯାନ ଆରମ୍ଭ କରାଯିବ । ଜିଲ୍ଲାର ଅନ୍ୟ ପୌରାଞ୍ଚଳଗୁଡ଼ିକରେ ସମ୍ପୃକ୍ତ ନିର୍ବାହୀ ଅଧିକାରୀ ଏବଂ ଗ୍ରାମାଞ୍ଚଳରେ ତହସିଲଦାରମାନେ ସମ୍ପୃକ୍ତ ବିଭାଗର ସହଯୋଗରେ ଅସୁରକ୍ଷିତ ସଂରଚନାଗୁଡ଼ିକୁ ହଟାଇବା ପାଇଁ ପଦକ୍ଷେପ ନେବେ । ବିପର୍ଯ୍ୟୟ ପରିଚାଳନା ଆଇନ, ୨୦୦୫ର ଧାରା ୩୪ ଅନୁଯାୟୀ ଏହି ନିର୍ଦ୍ଦେଶ ଜାରି କରାଯାଇଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପୂଜା କମିଟି, ସଂସ୍ଥା ଓ ଆୟୋଜକମାନଙ୍କୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଆବଶ୍ୟକ ପଦକ୍ଷେପ ନେଇ ଜନସାଧାରଣଙ୍କ ଧନଜୀବନ ସୁରକ୍ଷା ସୁନିଶ୍ଚିତ କରିବାକୁ ଅନୁରୋଧ କରାଯାଇଛି ।

ଇଗଲ କ୍ଲବ୍ ଦ୍ୱାରା ସାର୍ବଜନୀନ ଦୁର୍ଗାପୂଜା ସମାପ୍ତ

ଡିଜେ ମୁକ୍ତ ଭସାଣିରେ ସାମିଲ ହେଲେ ଶତାଧିକ ମହିଳା

ଖୋର୍ଦ୍ଧା, (ସବ୍ୟୁ): ଖୋର୍ଦ୍ଧାର ଅଗ୍ରଣୀ ଦୁର୍ଗାପୂଜା କମିଟି ଇଗଲ କ୍ଲବ୍ ଦ୍ୱାରା ୧୩ତମ ସାର୍ବଜନୀନ ଦୁର୍ଗାପୂଜା ମହା ସମାରୋହରେ ପାଳିତ ହୋଇଯାଇଛି। ଚଳିତ ମାସ ୧୭ ତାରିଖ ଠାରୁ ୨୧ ତାରିଖ ପର୍ଯ୍ୟନ୍ତ ପୂଜା ପାଉଥିବା ମା'ଙ୍କ ମୃଣ୍ମୟ ମୂର୍ତ୍ତିଙ୍କୁ ସମ୍ପୂର୍ଣ୍ଣ ନିତିକାନ୍ତି ଅନୁସାରେ ପୂଜା କରାଯାଇଥିଲା। ପ୍ରତ୍ୟେକ ଦିନ ସନ୍ଧ୍ୟାରେ ହଜାର ହଜାର ଭକ୍ତଙ୍କର ଆଳତୀ ଦର୍ଶନ କରିଥିଲେ। ସେହିପରି ପ୍ରତ୍ୟେକ ସନ୍ଧ୍ୟାରେ ଭକ୍ତମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଇଗଲ କ୍ଲବ୍‌ର ପୂଜାକୁ ଦେଖିବା ପାଇଁ କେନ୍ଦ୍ରାଞ୍ଚଳ ଆଇ.ଜି ସତ୍ୟଜିତ ନାୟକ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ପରମାର ସ୍ମିତ ପୁରୁଷୋତ୍ତମ ଦାସ, ଏସ.ଡ଼ି.ପି.ଓ ପଙ୍କଜ କୁମାର ମାଝୀ, ଆଦର୍ଶ ଥାନା ଅଧିକାରୀ ରମେଶ କୁମାର ଦେବତା, ସଦର ଥାନା ଅଧିକାରୀ ବାସୁଦେବ ଜୟସିଂହ ପ୍ରମୁଖଙ୍କ ସମେତ ଜିଲ୍ଲାର ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ରହି ମା'ଙ୍କର ଆର୍ଶୀବାଦ କାମନା କରିଥିଲେ। ସେହିପରି ୨୨ ତାରିଖ ସନ୍ଧ୍ୟାରେ ଏକ ବିରାଟ ଶୋଭାଯାତ୍ରାରେ ଡ଼ିଜେ ମୁକ୍ତ ଭସାଣି ଉତ୍ସବ କରାଯାଇ ମା'ଙ୍କୁ ମେଲାଣି ଦିଆଯାଇଥିଲା। ଭସାଣି ଶୋଭା ଯାତ୍ରାରେ ପ୍ରାୟ ଶତାଧିକ



ମହିଳାଙ୍କ ସମେତ ବେଗୁନିଆର ବିଧାୟକ ପ୍ରଦୀପ କୁମାର ସାହୁ, ଇଗଲ କ୍ଲବ୍‌ର ସଭାପତି ସମବାୟ ବ୍ୟାଙ୍କ ସଭାପତି ଅଭିଶେକ ସିଂହସାମନ୍ତ, ପୂଜା କମିଟିର ୪୦୦ରୁ ଉର୍ଦ୍ଧ୍ୱ ସଭ୍ୟ ଯୋଗ ଦେଇଥିଲେ।

ହରପାର୍ବତୀ ପୂଜା କମିଟିର ସୁବର୍ଣ୍ଣ ଜୟନ୍ତୀ

ଆକର୍ଷଣ ସାଜିଲା ଜ୍ୟୋର୍ତିମୟୀଙ୍କ ସଙ୍ଗୀତ

ବାରିପଦା, (ସବ୍ୟୁ) : କଲେଜ ଛକ ହରପାର୍ବତୀ ପୂଜା କମିଟି ପକ୍ଷରୁ ଚଳିତ ବର୍ଷ ୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ବେଶ୍ ଧୂମଧାମରେ ପାଳିତ ହୋଇଯାଇଛି। ଗୁରୁବାର ସନ୍ଧ୍ୟାରେ ଛଉ ପଡ଼ିଆରେ ଆୟୋଜିତ ଏହି ସୁବର୍ଣ୍ଣ ଜୟନ୍ତୀ କାର୍ଯ୍ୟକ୍ରମକୁ ମୟୂରଭଞ୍ଜ ଲୋକସଭା ସାଂସଦ ନବଚରଣ ମାଝୀ, ପୂର୍ବତନ ମନ୍ତ୍ରୀ ସୁଦାମ ମାର୍ଣ୍ଡି, ପୂର୍ବତନ ଉପବାଚସ୍ପତି ସାନନ୍ଦ ମାର୍ଣ୍ଡି ଓ ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି ପ୍ରମୁଖ ଅତିଥିଭାବେ ଯୋଗଦେଇ ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଇଣ୍ଡିଆନ ଆଇଡଲ ଫେମ୍ ଜ୍ୟୋତିର୍ମୟୀ ନାୟକ ଓ ତାଙ୍କ ଟିମଙ୍କ ସଙ୍ଗୀତ ପରିବେଷଣ ଦର୍ଶକଙ୍କ ମନ ମୋହିଥିଲା। କମିଟିର ଉପଦେଷ୍ଟା ସଞ୍ଜୟ ଅଗ୍ରୱାଲା,



ସଞ୍ଜୀବ ପଟ୍ଟନାୟକ, ସଭାପତି ଗୋପାଳକୃଷ୍ଣ ପାତ୍ର, ସାଧାରଣ ସମ୍ପାଦକ ସନ୍ଦୀପ କୁମାର ପତି ଓ ସମସ୍ତ ସଦସ୍ୟଙ୍କ ତତ୍ତ୍ୱାବଧାନରେ ସୁଚାରୁରୂପେ ପରିଚାଳିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ କମିଟି ପକ୍ଷରୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଓ ସକ୍ରିୟ ଯୋଗଦାନ ପାଇଁ ସମରେନ୍ଦ୍ର କୁମାର ବସାଙ୍କୁ ସମ୍ମାନିତ କରାଯାଇଥିବା ବେଳେ ସମାଜସେବା କ୍ଷେତ୍ରରେ ନିସ୍ୱାର୍ଥପର ସେବା ପାଇଁ ମୁରାରୀଲାଲ ଶର୍ମା, ଅରୁଣ କୁମାର ସରକାର, କାଶୀନାଥ ରଣା, ଗଜାନନ ଖଣ୍ଡେଲୱାଲ ଓ ନନ୍ଦିକେଶ ସେଜପଡ଼ା ପ୍ରମୁଖଙ୍କୁ ଉପଢୌକନ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ପୂଜାକମିଟିର ସୁବର୍ଣ୍ଣ ଜୟନ୍ତୀ ସ୍ମରଣିକା 'ପଞ୍ଚାଗ୍ନୀ'କୁ ଅତିଥିଗଣ ଉନ୍ମୋଚିତ କରିଥିଲେ।

ଜୁଆ ଖେଳ ଉପରେ ପୋଲିସର କଡା ଆଭିମୁଖ୍ୟ

୭ ଜୁଆ ଆଡ୍ଡାରୁ ୫୩ ଜୁଆଡି ଗିରଫ, ୩ ଲକ୍ଷ ଜବତ

ବ୍ରହ୍ମପୁର, (ସବ୍ୟୁ) : ଗଞ୍ଜାମ ଜିଲାରେ ପାର୍ବଣରେ ଜୁଆ ଖେଳ ଏକ ପରମ୍ପରା ହୋଇ ରହିଛି। ଏବେ ଚାରିଆଡେ ବେଧଡ଼କ ଚାଲିଛି ଜୁଆ ଖେଳ। ପ୍ରତିଦିନ ମାଳମାଳ ଜୁଆ ଆଡ଼ାରେ ଚଡଉ କରାଯାଉଛି। ପୋଲିସ ଏବେ ଜୁଆ ଖେଳ ଉପରେ କଡା ଆଭିମୁଖ୍ୟ ନେଇଛି। ପୁଣି ବ୍ରହ୍ମପୁର ପୋଲିସ ଜିଲ୍ଲାର ୭ଟି ଥାନା ପକ୍ଷରୁ ବିଭିନ୍ନ ସ୍ଥାନରେ ଜୁଆ ଆଡ଼ାରେ ଚଢ଼ଉ କରାଯାଇ ପୁଣି ୫୩ ଜଣ ଜୁଆଡ଼ିଙ୍କୁ ଗିରଫ କରାଯାଇଥିବା ଏସପି ସୂଚନା ଦେଇଛନ୍ତି । ବିଭିନ୍ନ ଥାନାରେ ଏନେଇ ମୋଟ ୧୦ଟି ମାମଲା ରୁଜୁ ହୋଇଥିବା ବେଳେ ଜୁଆ ଆଡ଼ାଗୁଡ଼ିକରୁ ମୋଟ ନଗଦ ୩ ଲକ୍ଷ ୩୧ ହଜାର ୧୦୦ ଟଙ୍କା, ୨୪ଟି ମୋବାଇଲ ଏବଂ ଗୋଟିଏ ଗାଡ଼ି ଜବତ ହୋଇଛି। ସୂଚନା ଅନୁଯାଇ ଗୋଳନ୍ଥରା ଥାନା ପୋଲିସ ୨ଟି ମାମଲା ରୁଜୁ କରି ୬ ଜଣକୁ ଗିରଫ କରିବା ସହ ୬୬ ହଜାର ୧୦୦ ଟଙ୍କା, ୬ଟି ମୋବାଇଲ ଜବତ କରିଛି। ସେହିପରି ବଡ଼ବଜାର ଥାନା ପୋଲିସ ୨ଟି ମାମଲା ରୁଜୁ କରି ୫ ଜଣକୁ ଗିରଫ କରିବା ସହ ୨୯ ହଜାର ୩୩୦ ଟଙ୍କା, ଓ ଗୋଟିଏ ଗାଡ଼ି ଜବତ କରିଛି। ବୈଦ୍ୟନାଥପୁର ଥାନା ପୋଲିସ ୨ଟି ମାମଲା ରୁଜୁ କରି ୨୦ ଜଣକୁ ଗିରଫ କରିଛି ଓ ୫୬ ହଜାର ୫୫୦ ଟଙ୍କା ଏବଂ ୧୦ଟି ମୋବାଇଲ ଜବତ କରିଛି। ଗୋପାଳପୁର ଥାନା ପୋଲିସ ଗୋଟିଏ ମାମଲାରେ ୯ ଜଣକୁ ଗିରଫ କରି ୪୨ ହଜାର ୩୨୦ ଟଙ୍କା ଓ ୭ଟି ମୋବାଇଲ ଜବତ କରିଛି। କେ. ନୂଆଗାଁ ଥାନା ପୋଲିସ ଗୋଟିଏ ମାମଲାରେ ୫ ଜଣକୁ ଗିରଫ କରି ୫୭ ହଜାର ଟଙ୍କା ଜବତ କରିଛି । ଦିଗପହଣ୍ଡି ଥାନା ପୋଲିସ ଗୋଟିଏ ମାମଲାରେ ଜଣକୁ ଗିରଫ କରି ୨୭ ହଜାର ୧୦୦ ଟଙ୍କା ଜବତ କରିଛିଛ ସେହିପରି ନିମଖଣ୍ଡି ଥାନା ପୋଲିସ ଗୋଟିଏ ମାମଲାରେ ୭ ଜଣକୁ ଗିରଫ କରି ୫୨ ହଜାର ୭୦୦ ଟଙ୍କା ଓ ଗୋଟିଏ ମୋବାଇଲ ଜବତ କରିଥିବା ସୂଚନା ଦିଆଯାଇଛି ।

ଆଧ୍ୟାତ୍ମିକ ପ୍ରବଚନ ଜ୍ଞାନଯଜ୍ଞ

ବାରିପଦା, (ସବ୍ୟୁ) : ଭାଷା, ସାହିତ୍ୟ, ସଂସ୍କୃତି ଓ ଆଧ୍ୟାତ୍ମିକ ଚେତନାର ବାର୍ତ୍ତାବହ ମୟୂରଭଞ୍ଜର ଅଗ୍ରଣୀ ସାରସ୍ୱତ ଅନୁଷ୍ଠାନ 'ପ୍ରତିଶ୍ରୁତି' ପ୍ରତିଷ୍ଠାନ ଆନୁକୂଲ୍ୟରେ ଏକ ପ୍ରବଚନ ଜ୍ଞାନଯଜ୍ଞ ସ୍ଥାନୀୟ ୩ନଂ ୱାର୍ଡ ସ୍ଥିତ ସତ୍ସଙ୍ଗ ଭବନ ପରିସରରେ ପ୍ରତିଷ୍ଠାନର ସଭାପତି ଡାଃ ପାର୍ଥ ସାରଥୀ ଜେନାଙ୍କ ପୌରୋହିତ୍ୟରେ ଉଦଘାଟିତ ହୋଇଯାଇଛି। ଏହି ଉଦଘାଟନ ଉତ୍ସବରେ ବାରିପଦା ପୌରପରିଷଦର ନଗରପାଳ କୃଷ୍ଣାନନ୍ଦ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଜ୍ଞାନଯଜ୍ଞକୁ ଉଦଘାଟନ କରିବା ସହିତ ଏହି ପ୍ରବଚନ ଲୋକଙ୍କ ଭିତରେ ଥିବା ମୋହକୁ ଦୂର କରିବା ପାଇଁ ସହାୟକ ହେବ ବୋଲି କହିଥିଲେ। ୩ନଂ ୱାର୍ଡର ୱାର୍ଡ କାଉନସିଲର ରାଜ୍ ଗୁପ୍ତା ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିବା ବେଳେ ବିଶିଷ୍ଟ ଶଲ୍ୟ ଚିକିତ୍ସକ ଡାଃ ଶିବାନନ୍ଦ ମହାନ୍ତି, ବିଶିଷ୍ଟ ଅତିଥି, ପୂର୍ବତନ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାଃ କୁମୁଦ ରଂଜନ ରାଉତ, ସମ୍ମାନୀତ ବକ୍ତା, ବ୍ରାହ୍ମଣ ମହାସଭା, ମୟୂରଭଞ୍ଜ ଶାଖାର ସଭାପତି ଡାଃ ମହାଦେବ ଦାଶ ପ୍ରମୁଖ ଯୋଗ ଦେଇ ଭକ୍ତି ସାହିତ୍ୟ ହିଁ ସମାଜରେ ପରିବର୍ତ୍ତନ ଆଣିବାକୁ ସକ୍ଷମ ବୋଲି ମତ ଦେଇଥିଲେ। ଏହି ପ୍ରବଚନ କାର୍ଯ୍ୟକ୍ରମରେ ସ୍ୱାମୀ ରୁଦ୍ରବେଶାନନ୍ଦ ଗିରି ସାରଗର୍ଭକ ପ୍ରବଚନ ପ୍ରଦାନ କରି ମଣିଷ ନିଜ ଭିତରେ ଥିବା ଇର୍ଷା, ହିଂସା ଓ ଅହଂକାରକୁ ପରିତ୍ୟାଗ ନକଲେ ଈଶ୍ୱରଙ୍କ ସାକ୍ଷାତକାର ପାଇବା ସମ୍ଭବ ନୁହେଁ ବୋଲି ବ୍ରହ୍ମର୍ଷି ବଶିଷ୍ଠ ଓ ବିଶ୍ୱାମିତ୍ରଙ୍କ ଉଦାହରଣ ଦେଇ ଶ୍ରୋତାମାନଙ୍କୁ ମନ୍ତ୍ର ମୁଗ୍ଧ କରିଦେଇଥିଲେ। ପ୍ରାରମ୍ଭରେ ଜଗନ୍ନାଥ ସଂସ୍କୃତି ଗବେଷକ ଭାଗବତ ପଣ୍ଡା ସତସଙ୍ଗର ମହତ୍ତ୍ୱ ସମ୍ପର୍କରେ ଦେବର୍ଷି ନାରଦଙ୍କର କାହାଣୀ ମାଧ୍ୟମରେ ନିଜର ମତ ରଖିଥିଲେ। ସଭାପତି ଡାକ୍ତର ଜେନା ଶ୍ରୀମଦ୍ ଭଗବଦ୍ ଗୀତାରେ ହିଁ ମନୁଷ୍ୟ ଜୀବନର ସମସ୍ତ ସମସ୍ୟା ସମାଧାନର ସୁତ୍ର ରହିଛି ବୋଲି ଉଲ୍ଲେଖ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅଧ୍ୟାପକ ଗୋପାଳ ଚନ୍ଦ୍ର ସାହୁ, ବିଭୂ ମହାଳିକ, ବିଶ୍ୱଜିତ ମହାନ୍ତ, କୈଳାସ ଚନ୍ଦ୍ର ଧଳ, ସଭ୍ୟା ଗୀତାରାଣୀ ସାହୁ, ଭାସ୍ୱତୀ ପଣ୍ଡା, ସୁଧାମୟୀ ଦାସ, ଛବିରାଣୀ ସାହୁ ଓ କମଳିନୀ ବେହେରା ପ୍ରମୁଖ ପରିଚାଳନା କରିଥିଲେ।

ବଜରଙ୍ଗ ଦଳର ଜିଲ୍ଲାସ୍ତରୀୟ ପରିଚୟ ବର୍ଗ କାର୍ଯ୍ୟକ୍ରମ

ବୁଗୁଡ଼ା, (ସବ୍ୟୁ): ଘୁମୁସର ସାଙ୍ଗଠନିକ ଜିଲ୍ଲା ବୁଗୁଡ଼ା ପ୍ରଖଣ୍ଡ ବଜରଙ୍ଗ ଦଳ ଆନୁକୁଲ୍ୟରେ ଜିଲ୍ଲାସ୍ତରୀୟ ପରିଚୟ ବର୍ଗ କାର୍ଯ୍ୟକ୍ରମ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ତ୍ରିଦିବସୀୟ ପ୍ରରିଚୟ ବର୍ଗ କାର୍ଯ୍ୟକ୍ରମରେ ଘୁମୁସର ସାଙ୍ଗଠନିକ ଜିଲ୍ଲା ଅନ୍ତର୍ଗତ ୧୦ଟି ପ୍ରଖଣ୍ଡ ମଧ୍ୟରୁ ଧରାକୋଟ ବ୍ୟତୀତ କବିସୂର୍ଯ୍ୟ ନଗର, ଆସ୍କା, ସୋରଡା, ବୁଗୁଡ଼ା, ଜଗନ୍ନାଥ ପ୍ରସାଦ, ପୋଲସରା, ବେଲଗୁଣ୍ଠା, ଭଞ୍ଜନଗର ଓ ଶେରଗଡ ଆଦି ପ୍ରଖଣ୍ଡର ୪୫ ଜଣ ନବାଗତ ସଦସ୍ୟ ଅଂଶ ଗ୍ରହଣ କରିଥିଲେ। ବଜରଙ୍ଗ ଦଳର ଘୁମୁସର ଜିଲ୍ଲା ସଂଯୋଜକ ଚନ୍ଦନ କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ବିଶ୍ୱ ହିନ୍ଦୁ ପରିଷଦର ପ୍ରାନ୍ତ ସହ-ସମ୍ପାଦକ ଅରୁଣ ପ୍ରସାଦ ପାଢୀ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ବରିଷ୍ଠ କାର୍ଯ୍ୟକର୍ତ୍ତା ଜୟନ୍ତ କୁମାର ପଟ୍ଟନାୟକ, ଭିଏଚପି ଜିଲ୍ଲା ସଭାପତି ମୁରଲୀଧର ପଣ୍ଡା ଓ ସମ୍ପାଦକ ବଟକୃଷ୍ଣ ପଣ୍ଡା, କେନ୍ଦ୍ରୀୟ ମାର୍ଗ ଦର୍ଶନ ମଣ୍ଡଳୀ ସଦସ୍ୟ ସତ୍ୟାନନ ଗିରି, ପ୍ରାନ୍ତ ମିଳନ କେନ୍ଦ୍ର ପ୍ରମୁଖ ବିପିନ ବିହାରୀ ପଣ୍ଡା , ଅଶୋକାନନ୍ଦ ବ୍ରହ୍ମଚାରୀ ପ୍ରମୁଖ ଯୋଗ ଦେଇ ନବାଗତ ସଦସ୍ୟଙ୍କୁ ମାର୍ଗ ଦର୍ଶନ କରିଥିଲେ। ଏଥି ସହ ଉକ୍ତ କାର୍ଯ୍ୟକ୍ରମରେ ପ୍ରଶିକ୍ଷକ ଭାବେ ଯୋଗ ଦେଇ ବଜରଙ୍ଗ ଦଳ ପ୍ରାନ୍ତ ସହ-ସଂଯୋଜକ ରାଜୀବନେତ୍ର ଖାଡ଼ଙ୍ଗା ବୌଦ୍ଧିକ ଏବଂ ରବିନ୍ଦ୍ର ମଲ୍ଲିକ ଓ ବିଶ୍ୱ ରଞ୍ଜନ ଦାସ ଶାରୀରିକ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏହି ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମକୁ ବିଶ୍ୱ ହିନ୍ଦୁ ପରିଷଦ ବୁଗୁଡା ପ୍ରଖଣ୍ଡ ସଭାପତି ଟି.ସୁଦର୍ଶନ ପାତ୍ର ପରିଚାଳନା କରିଥିବା ବେଳେ ଏଥିରେ ଅଶୋକ ନନ୍ଦଙ୍କ ସମେତ ଅନ୍ୟ କାର୍ଯ୍ୟକର୍ତ୍ତାଗଣ ସକ୍ରିୟ ସହଯୋଗ କରିଥିଲେ ।

୧୩ ଜୁଆଡି ଗିରଫ ୪୦ ହଜାର ଟଙ୍କା ଜବତ

ଭଞ୍ଜନଗର, (ସବ୍ୟୁ) : ପୋଲିସର ଘନଘନ ଚଢ଼ାଉ ସତ୍ତ୍ୱେ ବଢୁଛି ଜୁଆଖେଳ । ଗଂଜାମ ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳରେ ଏହାକୁ ନେଇ ଏବେ ପ୍ରତିଦିନ ଚଢ଼ାଉ ଜାରି ରହିଥିବା ବେଳେ, ବେଲଗୁଣ୍ଠା ପୋଲିସ ପୁଣି ଏକ ବଡଧରଣର ଜୁଆଖେଳ ଆଡ୍ଡାରେ ଚଢାଉ କରିଛି । ବେଲଗୁଣ୍ଠା ଥାନା ଅନ୍ତର୍ଗତ ତନରଡା ନିକଟରେ ଚାଲିଥିବା ଜୁଆଖେଳରେ ଚଢ଼ାଉ କରି ୧୩ ଜୁଆଡିଙ୍କୁ ଧରିଥିଲା ପୋଲିସ । ସେମାନଙ୍କ ଠାରୁ ନଗଦ ୪୦ ହଜାର ଟଙ୍କା, ୧୧ ମୋବାଇଲ୍, ୨ ଟି ବାଇକ୍ ଓ ଗୋଟିଏ ସ୍କୁଟି ଜବତ ହୋଇଛି ।

ବାରଦଣ୍ଡାରେ କଂଗ୍ରେସର ମିଶ୍ରଣ ପର୍ବ

ଭଂଜନଗର, (ସବ୍ୟୁ) : ଭଂଜନଗର ନିର୍ବାଚନ ମଣ୍ଡଳୀ, କଂଗ୍ରେସ ଦଳ ପକ୍ଷରୁ ମିଶ୍ରଣ ପର୍ବ ଆୟୋଜିତ ହୋଇଯାଇଛି । ଜିଲ୍ଲା ପଶ୍ଚିମ କଂଗ୍ରେସ ସଭାପତି - ଦଣ୍ଡପାଣି ପାତ୍ର ଏବଂ ଉପସଭାପତି ଚିନ୍ମୟୀ ପ୍ରଧାନଙ୍କ ଉପସ୍ଥିତିରେ ଜଗନ୍ନାଥପ୍ରସାଦ ବ୍ଲକ ଅନ୍ତର୍ଗତ ବାରଦଣ୍ଡା ଠାରେ ଆୟୋଜିତ କାର୍ଯ୍ୟକ୍ରମରେ, ବିଜେଡ଼ି ଏବଂ ଅନ୍ୟ ଦଳ ତ୍ୟାଗକରି ବହୁ ସଂଖ୍ୟକ କର୍ମୀ କଂଗ୍ରେସରେ ସାମିଲ ହୋଇଥିଲେ । ଏହି ମିଶ୍ରଣ ଅଭିଯାନ, ଦଳକୁ ପୁଣି ଶକ୍ତି ବଢାଇବ ବୋଲି ଉପସ୍ଥିତ ଥିବା ଆୟୋଜକ ନେତୃମଣ୍ଡଳୀ, ପ୍ରତିକ୍ରିୟା ରଖିଥିଲେ । ଏହାସହ ଭଂଜନଗର ବିଧାନସଭା ନିର୍ବାଚନ ମଣ୍ଡଳୀ, ଅତୀତରେ କଂଗ୍ରେସର ଗଡ଼ ରହିଥିଲା । କାଳକ୍ରମେ ନେତୃତ୍ୱରେ ଅଭାବ ଏବଂ ଜନପ୍ରିୟତା ହରାଇବା ଯୋଗୁଁ ଦଳ ଏଯାଏଁ କ୍ଷମତାକୁ ଆସିବାରୁ ନାହିଁ। ଏବେ ଜନସାଧାରଣ ମନସ୍ଥ କଲେଣି, କଂଗ୍ରେସ କୁ ପୁଣି ଫେରାଇ ଆଣିବାକୁ । ଏଣୁ ଆସନ୍ତା ନିର୍ବାଚନରେ ଦଳ ଭଲ ସଫଳତା ହାସଲ କରିବ ବୋଲି, ସଭାପତି ଶ୍ରୀ ପାତ୍ର ଏବଂ ଉପସଭାପତି ଶ୍ରୀମତୀ ପ୍ରଧାନ ନିଜ ପ୍ରତିକ୍ରିୟାରେ କହିଛନ୍ତି ।

ପଥରରେ ଛେଚି ଆକ୍ରମଣ, ଅଭିଯୁକ୍ତ ଗିରଫ

ବ୍ରହ୍ମପୁର, (ସବ୍ୟୁ) : ଜଣେ ଯୁବକଙ୍କୁ ପ୍ରାଣାନ୍ତକ ଆକ୍ରମଣ ଅଭିଯୋଗରେ ବଡ଼ବଜାର ଥାନା ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ ସୋମନାଥ ନଗର ଅଞ୍ଚଳର ବୁଢା କୁମୁଟି ଓରଫ କେ.ସୁନୀଲ (୩୭)। ଆକ୍ରମଣରେ ବ୍ୟବହୃତ ପଥର ପୋକିସ ଜବତ କରି ଘଟଣାର ତଦନ୍ତ କରୁଛି। ମାମଲା ନଂ ୮୦୬/୨୬ ରେ ତାଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି। ସୂଚନାକ୍ରମେ ଶୁକ୍ରବାର ସନ୍ଧ୍ୟାରେ ମଥୁରା ନଗର ସାହିରେ ଅଭିଯୁକ୍ତ ଓ ମିଟୁ ମହାରଣାଙ୍କ ମଧ୍ୟରେ କୌଣସି କାରଣରୁ ବଚସା ହୋଇଥିଲା। ପରେ ସୁନୀଲ ଏକ ପଥରରେ ମିଟୁଙ୍କୁ ପ୍ରାଣାନ୍ତକ ଆକ୍ରମଣ କରିଥିଲେ। ଆହତଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଚିକିତ୍ସା ପାଇଁ ସିଟି ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଆହତଙ୍କ ସ୍ତ୍ରୀ'ଙ୍କ ଅଭିଯୋଗକ୍ରମେ ପୋଲିସ ମାମଲା ରୁଜୁ କରିଥିଲା। ପରେ ଉକ୍ତ ଅଭିଯୁକ୍ତ ସୁନୀଲଙ୍କୁ କାବୁ କରିଥିଲା ବୋଲି ପୋଲିସ କହିଛି ।

ମହିଳାଙ୍କୁ ଦୁଷ୍କର୍ମ ଓ ବ୍ଲାକମେଲ୍, ଯୁବକ ଗିରଫ

ବ୍ରହ୍ମପୁର, (ସବ୍ୟୁ): ଜଣେ ମହିଳାଙ୍କୁ ଦୁଷ୍କର୍ମ, ବ୍ଲାକମେଲ, ହତ୍ୟା ଉଦ୍ୟମ ଓ ସୁନା ଅଳଙ୍କାର ସମେତ ସ୍କୁଟି ଚୋରି ଅଭିଯୋଗରେ ଗୋଷାଣୀନୂଆଗାଁ ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରିଛି । ଗିରଫ ଜଣକ ହେଲେ ବିହାର ରାଜ୍ୟ ପାଟନା ଜିଲ୍ଲାର ସୁମିତ କୁମାର ରାୟ (୨୬) । ସୂଚନାଯୋଗ୍ୟ ଯେ, ବ୍ରହ୍ମପୁର ହାଉସିଂ ବୋର୍ଡ କଲୋନୀରେ ରହୁଥିବା ଜଣେ ୩୬ ବର୍ଷୀୟା ମହିଳା ଗତ ୨୧ ତାରିଖରେ ଗୋଷାଣୀନୂଆଗାଁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସୁମିତ ତାଙ୍କୁ ଟଙ୍କା ଦାବି କରିବା ସହ ଅଶ୍ଲୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏହାର ପ୍ରତିବାଦ କରିବାରୁ ସୁମିତ ତାଙ୍କ ବେକ ଚିପି ହତ୍ୟା କରିବାକୁ ଉଦ୍ୟମ କରିଥିଲେ। ଏଥିସହ ମହିଳାଙ୍କ ବ୍ୟକ୍ତିଗତ ଫଟୋ ଓ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ୍ କରିଦେବାକୁ ଧମକ ଦେଇ ବ୍ଲାକମେଲ୍ କରୁଥିଲେ। ତାଙ୍କ ସମ୍ମତି ବିନା ବାରମ୍ବାର ଦୁଷ୍କର୍ମ କରିଥିବା ମଧ୍ୟ ମହିଳା ଅଭିଯୋଗ କରିଥିଲେ । ଘରର ଲକର ଭାଙ୍ଗି ସୁନା ଅଳଙ୍କାର ଓ ସ୍କୁଟି ଚୋରି କରିଥିବା ମହିଳା ଜଣକ ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଛି । ଏହା ସହ ପିଡ଼ିତାଙ୍କ ବୟାନ ରେକର୍ଡ କରିଛି । ପୁଲିସ ଉଭୟଙ୍କ ଡାକ୍ତରୀ ପରୀକ୍ଷା ମଧ୍ୟ କରିଥିବା ଜଣାପଡ଼ିଛି।

୪୪୦ ଜୁଆଡ଼ି ଗିରଫ ୧୧.୬୪ ଲକ୍ଷ ଟଙ୍କା ଜବତ

ଛତ୍ରପୁର, (ସବ୍ୟୁ): ପାର୍ବଣ ରତୁରେ ଗଞ୍ଜାମ ଜିଲ୍ଲାରେ ଜୁଆ ଖେଳ ଉପରେ ପୋଲିସର ଚଢ଼ାଉ ଅଭିଯାନ ଜୋରଦାର ହୋଇଛ। ଗତ ତିନି ଦିନ ମଧ୍ୟରେ ଗଞ୍ଜାମ ପୋଲିସ ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳରେ ମୋଟ ୭୯ଟି ଜୁଆ ଆଡ୍ଡା ଉପରେ ଚଢ଼ାଉ କରାଯାଇଛି। ଏହି ଚଢ଼ାଉରେ ୪୪୦ ଜଣ ଜୁଆଡ଼ିଙ୍କୁ ଗିରଫ କରାଯାଇଥିବା ବେଳେ ୧୧ ଲକ୍ଷ ୬୪ ହଜାର ୯୩୬ ଟଙ୍କା ନଗଦ, ୧୧୩ଟି ମୋବାଇଲ ଫୋନ୍ ଓ ୨୫ଟି ଗାଡ଼ି ଜବତ କରାଯାଇଛି। ସେହିପରି ଅକ୍ଟୋବର ୨୨ ତାରିଖରେ ଗୋଟିଏ ଦିନରେ ୨୧ଟି ଥାନା ଅଞ୍ଚଳରେ ୪୨ଟି ଜୁଆ ଆଡ୍ଡାରେ ଚଢ଼ାଉ କରାଯାଇଥିଲା। ଏଥିରେ ୨୫୦ ଜଣ ଜୁଆଡ଼ି ଗିରଫ ହୋଇଥିବା ବେଳେ ୭ ଲକ୍ଷ ୯ ହଜାର ୮୭୧ ଟଙ୍କା ନଗଦ, ୬୯ଟି ମୋବାଇଲ ଫୋନ୍ ଓ ୧୧ଟି ଗାଡ଼ି ଜବତ ହୋଇଥିଲା। ପୋଲିସ ସୂଚନା ଅନୁଯାୟୀ, ଭଞ୍ଜନଗର ଥାନା ପକ୍ଷରୁ ସର୍ବାଧିକ ୫ଟି ମାମଲା ରୁଜୁ କରାଯାଇ ୨୯ ଜଣ ଜୁଆଡ଼ିଙ୍କୁ ଗିରଫ କରାଯାଇଛି। ସେହିପରି ହିଞ୍ଜିଳିକାଟୁ ଥାନା ପକ୍ଷରୁ ୨ଟି ମାମଲାରେ ୯୧ ହଜାର ୩୪୦ ଟଙ୍କା ଜବତ ସହ ୫ ଜଣ ଜୁଆଡ଼ିଙ୍କୁ ଗିରଫ କରାଯାଇଛି। ପାର୍ବଣ ସମୟରେ ଜୁଆ ଖେଳ ସମେତ ବିଭିନ୍ନ ବେଆଇନ କାର୍ଯ୍ୟକଳାପ ଉପରେ ପୋଲିସର କଡ଼ା ନଜର ରହିଛି ବୋଲି ଗଞ୍ଜାମ ଏସପି ହରିଶ ବି.ସି. କହିଛନ୍ତି। ବେଆଇନ ଜୁଆ ଖେଳ କିମ୍ବା ଅନ୍ୟ କୌଣସି ଅପରାଧିକ କାର୍ଯ୍ୟକଳାପ ନଜରକୁ ଆସିଲେ ତୁରନ୍ତ ୧୧୨କୁ ଯୋଗାଯୋଗ କରି ପୋଲିସକୁ ସୂଚନା ଦେବାକୁ ସେ ସାଧାରଣ ଲୋକଙ୍କୁ ଅନୁରୋଧ କରିଛନ୍ତି ।

ରେଡ଼କ୍ରସ ହସ୍ପିଟାଲର ନୂତନ ଓପିଡି ଉଦ୍‌ଘାଟିତ

ବ୍ରହ୍ମପୁର, (ସବ୍ୟୁ) : ବ୍ରହ୍ମପୁର ସ୍ଥିତ ରେଡକ୍ରସ ହସ୍ପିଟାଲରେ ନୂତନ ଓପିଡିକୁ ବିଧାୟକ କେ ଅନିଲ କୁମାର ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଏହି ଉଦଘାଟନ ଉତ୍ସବରେ ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ, ମହାନଗର ନିଗମ କମିଶନର ଏ ଶସ୍ୟା ରେଡ୍ଡୀ ଏବଂ ସ୍ଥାନୀୟ କର୍ପୋରେଟର କାଦମ୍ବରୀ ଦାସ, କର୍ପୋରେଟର ଡି କରୁଣାର, କର୍ପୋରେଟର ପ୍ରଦୀପ କୁମାର ଶତପଥୀ ସମେତ ଅନ୍ୟାନ୍ୟ ଅତିଥି,



ସମ୍ପୃକ୍ତ ଅଧିକାରୀ ଡାକ୍ତର ପ୍ରତ୍ୟୁଷ ମିଶ୍ର,ଏଡିପିଏଚ ଓ ଡାକ୍ତର ଅନିଲ କୁମାର ରଥ ଓ ସିଟି କୋଡିନେଟର ମ୍ୟାନେଜର ଲମ୍ବୋଦର ଦିଗାଲଙ୍କ ସମେତ ସ୍ଥାନୀୟ ଅଞ୍ଚଳବାସୀ ଉପସ୍ଥିତ ଥିଲେ। ନୂତନ ଓପିଡି ବିଭାଗର ଶୁଭାରମ୍ଭ ଦ୍ୱାରା ରୋଗୀମାନଙ୍କୁ ଚିକିତ୍ସା ସେବା ପ୍ରତେକ ଦିନ ସକାଳ ୮ ରୁ ରାତ୍ର ୮ ଯୋଗାଇଦେବା କ୍ଷେତ୍ରରେ ଆଉ ଏକ ପଦକ୍ଷେପ ଯୋଡ଼ି ହୋଇଛି। ଏହା ଦ୍ୱାରା ହସ୍ପିଟାଲକୁ ଆସୁଥିବା ରୋଗୀମାନେ ଉନ୍ନତ ଓ ସୁବ୍ୟବସ୍ଥିତ ଚିକିତ୍ସା ସେବା ପାଇବା ଦିଗରେ ସୁବିଧା ପାଇବେ ବୋଲି ଆଶା କରାଯାଉଛି। ଉଦଘାଟନ ପରେ ବିଧାୟକ କେ. ଅନିଲ କୁମାର ହସ୍ପିଟାଲର ବିଭିନ୍ନ ୱାର୍ଡ ପରିଦର୍ଶନ କରିଥିଲେ। ଏହି ସମୟରେ ସେ ହସ୍ପିଟାଲରେ ଉପଲବ୍ଧ ଚିକିତ୍ସା ସୁବିଧା, ରୋଗୀଙ୍କ ପାଇଁ ରହିଥିବା ବ୍ୟବସ୍ଥା ଏବଂ ହସ୍ପିଟାଲର ପରିଚାଳନା ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ରୋଗୀମାନେ ଯେପରି ସମୟୋଚିତ ଚିକିତ୍ସା, ଉପଯୁକ୍ତ ଯତ୍ନ ଓ ଆବଶ୍ୟକ ସୁବିଧା ପାଇପାରିବେ, ସେଥିପ୍ରତି ଗୁରୁତ୍ୱ ଦେବା ଉପରେ ଆଲୋଚନା ହୋଇଥିଲା। ସ୍ୱାସ୍ଥ୍ୟସେବା ହେଉଛି ସାଧାରଣ ଲୋକଙ୍କ ମୌଳିକ ଆବଶ୍ୟକତା। ତେଣୁ ଚିକିତ୍ସାଳୟର ଭିତ୍ତିଭୂମିର ବିକାଶ, ରୋଗୀଙ୍କୁ ଉନ୍ନତ ସେବା ପ୍ରଦାନ ଏବଂ ସ୍ୱାସ୍ଥ୍ୟସେବାକୁ ଅଧିକ ଜନଅନୁକୂଳ କରିବା ଉପରେ ଏହି ପରିଦର୍ଶନରେ ଗୁରୁତ୍ୱ ଦିଆଯାଇଥିଲା ।

ଓପିଏସସି ଚାକିରି ଦେବା ଆଳରେ ୬ ଲକ୍ଷ ଠକେଇ, ଅଭିଯୁକ୍ତ ଗିରଫ

ବ୍ରହ୍ମପୁର, (ସବ୍ୟୁ) : ନିଜକୁ ଓପିଏସସି ବିଭାଗରେ ଉଚ୍ଚସ୍ତରୀୟ ସମ୍ପର୍କ ଥିବା କହି ଅଧିକାରୀ ପଦବୀରେ ଚଞ୍ଚକତା କରି ଜଣେ ଯୁବତିଙ୍କ ଠାରୁ ୬ ଲକ୍ଷ ୨୦ ହଜାର ଟଙ୍କା ଠକେଇ ଅଭିଯୋଗରେ ନିମଖଣ୍ଡି ଥାନା ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ହେଲେ ଗଞ୍ଜାମ ଜିଲ୍ଲା ରମ୍ଭା ଅଂଚଳରେ ଟୁକୁନା ସ୍ୱାଇଁ ଓରଫ ସୁଶାନ୍ତ କୁମାର ସ୍ୱାଇଁ (୨୮)। ମାମଲା ନଂ ୨୨୨/୨୬ ରେ ଅଭିଯୁକ୍ତଙ୍କୁ ଆଜି ସନ୍ଧ୍ୟାରେ କୋର୍ଟ ଚାଲାଣ କରାଯାଇଛି। ପ୍ରକାଶ ଯେ, ଲୋଚାପଡ଼ା ଶକ୍ତିନଗର ୭ମ ସାରଣୀରେ ରହୁଥିବା ସୁଭଶ୍ରୀ ବେହେରା (୩୫)ଙ୍କୁ ୨୦୨୫ ମସିହାରେ ଟୁକୁନା ସ୍ୱାଇଁ ଭେଟିଥିଲେ। ଅଭିଯୁକ୍ତ ଜଣକ ଓପିଏସପିରେ ଉଚ୍ଚସ୍ତରୀୟ ସମ୍ପର୍କ ଥିବା କହି ଜଣେ ଅଧିକାରୀ ପଦବୀରେ ନିଯୁକ୍ତି କରାଇଦେବା ନେଇ ଯୁବତୀଙ୍କୁ ପ୍ରଲୋଭନ ଦେଖାଇଥିଲେ। ୨୦୨୫ ଅକ୍ଟୋବରରୁ ୨୦୨୬ ମାର୍ଚ୍ଚ ମଧ୍ୟରେ ସେ ଦୁଇଟି ମୋବାଇଲ୍ ନମ୍ବର ବ୍ୟବହାର କରି ହ୍ୱାଟ୍ସଆପ୍ ମାଧ୍ୟମରେ ମିଥ୍ୟା ବାର୍ତ୍ତା, ନକଲି ଚୟନ ତାଲିକା ଓ ଜାଲ୍ ଓପିଏସପି ଦସ୍ତାବିଜ ପଠାଇଥିଲେ। ଅଭିଯୁକ୍ତ ଟୁକୁନାଙ୍କ ବିଶ୍ୱାସ କରି ସୁଭଶ୍ରୀ ଓ ତାଙ୍କ ପରିବାର ଲୋକେ ୟୁପିଆଇ ଏବଂ ବ୍ୟାଙ୍କ ଜମା ମାଧ୍ୟମରେ ମୋଟ ୬ ଲକ୍ଷ ୨୦ ହଜାର ଟଙ୍କା ଦେଇଥିଲେ। ଟଙ୍କା ନେବା ପରେ ପ୍ରତିଶ୍ରୁତି ଅନୁଯାଇ ତାଙ୍କୁ ଉକ୍ତ ଅଭିଯୁକ୍ତ ଚାକିରୀ କରାଇ ଦେଇନଥିଲେ। ଠକେଇର ଶିକାର ହୋଇଥିବା ଜାଣିବା ପରେ ସୁଭଶ୍ରୀ ଗତ ଜୁଲାଇ ୯ ତାରିଖରେ ଏନେଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ ସମୟରେ ଅଭିଯୁକ୍ତଙ୍କ ମୋବାଇଲ୍ ଫୋନ ଟ୍ରାକ କରି ତାଙ୍କୁ କାବୁ କରିଥିଲା। ଅଭିଯୁକ୍ତଙ୍କ ବିରୋଧରେ ଠକେଇ, ଜାଲ୍ ସରକାରୀ ଦସ୍ତାବିଜ ପ୍ରସ୍ତୁତି ଓ ଅର୍ଥ ହଡ଼ପ ସମ୍ପର୍କିତ ପ୍ରାଥମିକ ପ୍ରମାଣ ମିଳିବା ପରେ ତାଙ୍କ ନିକଟରୁ ହ୍ୱାଟ୍ସଆପ୍ ଚାଟ୍ର ପ୍ରିଣ୍ଟଆଉଟ୍ ଓ ୟୁପିଆଇ କାରବାର ସମ୍ପର୍କିତ ତଥ୍ୟ ଜବତ କରିଛି। ଘଟଣାର ଅଧିକ ତଦନ୍ତ ଜାରି ରହିଛି ବୋଲି କହିଛି।

ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ସାମ୍ବାଦିକ ସମ୍ମିଳନୀ

ବ୍ରହ୍ମପୁର (ସବ୍ୟୁ): ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଗିରି ରୋଡ ଶାଖା ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି। ଏକ ଅନ୍ତରାଷ୍ଟ୍ରୀୟ ଆଧ୍ୟାତ୍ମିକ, ନୈତିକ ଏବଂ ମୂଲ୍ୟନିଷ୍ଠ ଶିକ୍ଷାନୁଷ୍ଠାନ ଅଟେ । ସମଗ୍ର ବିଶ୍ୱର ୧୪୭ଟି ଦେଶରେ ୪୭୦୦ରୁ ଉର୍ଦ୍ଧ୍ୱ ସେବାକେନ୍ଦ୍ର ମାଧ୍ୟମରେ ଏହା ଭାରତୀୟ ଆଧ୍ୟାତ୍ମିକ ସାଂସ୍କୃତିକ ଶିକ୍ଷା ପ୍ରଦାନ ଦୀର୍ଘ ୯୦ ବର୍ଷ ଧରି ମାନବ ସେବା କରି ଆସୁଅଛି । ଉକ୍ତ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ବ୍ରହ୍ମପୁର ସବ୍‌ର ପୂର୍ବତନ ମୁଖ୍ୟ ସଞ୍ଚାଳିକା ରାଜଯୋଗିନୀ ବ୍ରହ୍ମାକୁମାରୀ ମଞ୍ଜୁ ଦିଦିଜୀଙ୍କ ଦ୍ୱିତୀୟ ସ୍ନେହପୂର୍ଣ୍ଣ ଦିବ୍ୟ ପୁଣ୍ୟ ସ୍ମୃତି ଦିବସ ପାଳନ ଅବସରରେ 'ସ୍ୱପରିବର୍ତ୍ତନ ହିଁ ବିଶ୍ୱ ପରିବର୍ତ୍ତନର ଆଧାର'' ଶୀର୍ଷକ ଏକ ଜ୍ଞାନବର୍ଷକ ସର୍ବଧର୍ମ ସମ୍ମିଳନୀ ଆୟୋଜନ କରାଯାଉଅଛି। ଉକ୍ତ ସମ୍ମିଳନୀରେ ଆଧ୍ୟାତ୍ମିକତାର ଉତ୍କର୍ଷ ପ୍ରାପ୍ତ କରିଥିବା ଅନ୍ତରାଷ୍ଟ୍ରୀୟ ମୁଖ୍ୟାଳୟ, ମାଉଣ୍ଟ ଆବୁର ରାଜଯୋଗୀ ବ୍ରହ୍ମାକୁମାର ରାମନାଥ ଭାଇଜୀ ବରିଷ୍ଠ ରାଜଯୋଗ ପ୍ରଶିକ୍ଷକ ତଥା ଅନୁଷ୍ଠାନର ଧାର୍ମିକ ବିଭାଗର ସଂଯୋଜକଙ୍କ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଯୋଗ ଦେଇ ଥିଲେ। ଅନ୍ତଃରାଷ୍ଟ୍ରୀୟ ଅନୁଷ୍ଠାନର ବିଭିନ୍ନ ଭାଷାରେ ପ୍ରକାଶିତ ମାସିକ ପତ୍ରିକାରେ ଅନୁଭବଯୁକ୍ତ, ପ୍ରେରଣାଦାୟକ ପ୍ରବନ୍ଧମାନ ସ୍ଥାନ ପାଇଆସୁଅଛି । ଏହା ମାଧ୍ୟମରେ ସେ ଜନସାଧାରଣଙ୍କ ଚିନ୍ତନ ଶକ୍ତିକୁ ପ୍ରଶସ୍ତ, ଗଭୀର, ବିଶାଳ, ସଶକ୍ତ ତଥା ଦୂରଦୃଷ୍ଟି ସମ୍ପନ୍ନ କରାଇ ସେମାନଙ୍କୁ ବିପରୀତ ପରିସ୍ଥିତିରେ ମଧ୍ୟ ଶାନ୍ତି, ସମନ୍ୱୟ ଏବଂ ସଦଭାବନା ଦ୍ୱାରା ସଠିକ ମାର୍ଗ ମାଧ୍ୟମରେ ଏକ ଶ୍ରେଷ୍ଠ ଶକ୍ତିଶାଳୀ ଦିବ୍ୟବ୍ୟକ୍ତି ନିର୍ମାଣର ଶିକ୍ଷା ଏବଂ କୌଶଳମାନ ପ୍ରଦାନ କରିବାରେ ସେ ସିଦ୍ଧହସ୍ତ ଅଟନ୍ତି ଛ ଯେଉଁଥିରୁ ''ଭୌତିକ ବିଜ୍ଞାନ ଏବଂ ଆଧ୍ୟାତ୍ମିକ ବିଜ୍ଞାନର ତାରତମ୍ୟ''। ' 'କର୍ମରେ କୁଶଳତା ପ୍ରାପ୍ତି'' ''ଦୈନନ୍ଦିନ ଜୀବନରେ ଆଧ୍ୟାତ୍ମିକତାର ଆବଶ୍ୟକତା।'', 'ଶାରୀରିକ, ମାନସିକ, ସାମାଜିକ ଏବଂ ଆଧ୍ୟାତ୍ମିକ ସ୍ୱାସ୍ଥ୍ୟ ସମ୍ପନ୍ନ ଜୀବନ'' ଆଦି ଉପରେ ମତବ୍ୟକ୍ତ କରିଥିଲେ।

ଗଞ୍ଜାମର ଅପରାଧ ହାର କମିଛି : ଏସ୍‌ପି

ଚତୁର୍ଥ ମୋବାଇଲ୍ ଫୋନ୍ ମେଳା, ୫୦ ହସ୍ତାନ୍ତର

ଭଞ୍ଜନଗର, (ସବ୍ୟୁ): ଗଞ୍ଜାମ ଜିଲ୍ଲାରେ ଚଳିତବର୍ଷ ଅପରାଧ ହାର ଗତବର୍ଷ ତୁଳନାରେ ଯଥେଷ୍ଟ ହ୍ରାସ ପାଇଛି। ଅପରାଧ ନିୟନ୍ତ୍ରଣ ସହ ହଜିଯାଇଥିବା ମୋବାଇଲ୍ ଫୋନ୍ ଓ ଚୋରି ସାମଗ୍ରୀ ଉଦ୍ଧାର କ୍ଷେତ୍ରରେ ମଧ୍ୟ ପୋଲିସକୁ ସଫଳତା ମିଳିଛି। ଶୁକ୍ରବାର ଭଞ୍ଜନଗର ଥାନା ପରିସରରେ ଆୟୋଜିତ ଚତୁର୍ଥ ମୋବାଇଲ୍ ଫୋନ୍ ମେଳାରେ ୫୦ଟି ଉଦ୍ଧାର ମୋବାଇଲ୍ ଫୋନ୍ ପ୍ରକୃତ ମାଲିକଙ୍କୁ ହସ୍ତାନ୍ତର କରାଯାଇଛି। ଏହି ଅବସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଗଞ୍ଜାମ ଏସ୍ପି ହରିଶ ବି.ସି. ଯୋଗଦେଇ ଏହି ସୂଚନା ଦେଇଥିଲେ। ତାଙ୍କ କହିବା ଅନୁଯାୟୀ, ଗତବର୍ଷ ଗଞ୍ଜାମ ପୋଲିସ ଜିଲ୍ଲାରେ ୪୮ଟି ହତ୍ୟାକାଣ୍ଡ ଘଟିଥିବାବେଳେ ୨୦୨୪ରେ ମଧ୍ୟ



ସମାନ ସଂଖ୍ୟକ ହତ୍ୟାକାଣ୍ଡ ଘଟିଥିଲା। ମାତ୍ର ଚଳିତବର୍ଷ ଅକ୍ଟୋବର ୨୩ ତାରିଖ ସୁଦ୍ଧା ମାତ୍ର ୧୫ଟି ହତ୍ୟାକାଣ୍ଡ ଘଟିଛି। ହତ୍ୟା ସମେତ ଜିଲ୍ଲାର ଅନ୍ୟାନ୍ୟ ଅପରାଧିକ ମାମଲା ମଧ୍ୟ ହ୍ରାସ ପାଇଛି ବୋଲି ସେ କହିଥିଲେ।

ଦୁର୍ଦ୍ଦାନ୍ତ ଅପରାଧୀଙ୍କ ଉପରେ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ନଜର ରଖାଯାଇଛି। ଚୋରା ମଦ କାରବାର ସମେତ ଅନ୍ୟାନ୍ୟ ବେଆଇନ କାରବାରକୁ ରୋକିବା ପାଇଁ ମଧ୍ୟ ବିଭିନ୍ନ ପଦକ୍ଷେପ ନିଆଯାଉଛି। ଲୋକଙ୍କୁ ତ୍ୱରିତ ଓ ଉପଯୁକ୍ତ ପୋଲିସ ସେବା ଯୋଗାଇଦେବାକୁ ଗଞ୍ଜାମ ପୋଲିସ ସର୍ବଦା ତତ୍ପର ରହିଛି। ଜନସାଧାରଣ ସଚେତନ ହେଲେ ବିଭିନ୍ନ ଅପରାଧ ଆହୁରି ହ୍ରାସ ପାଇପାରିବ ବୋଲି ଏସପି ମତବ୍ୟକ୍ତ କରିଥିଲେ। ଡିଜିଟାଲ୍ ଯୁଗରେ ଲୋକେ ଅନେକ ସୁବିଧା ଅଳ୍ପ ସମୟ ମଧ୍ୟରେ ପାଇପାରୁଥିବା ସେ କହିଥିଲେ। ସୂଚନାଯୋଗ୍ୟଯେ, ଚଳିତବର୍ଷ ଅକ୍ଟୋବର ୨୩ ତାରିଖ ସୁଦ୍ଧା ଭଞ୍ଜନଗର ପୋଲିସ ୧୫୩ଟି ହଜିଯାଇଥିବା ମୋବାଇଲ୍ ଫୋନ୍ ଉଦ୍ଧାର କରି ସେଗୁଡ଼ିକୁ ପ୍ରକୃତ ମାଲିକଙ୍କୁ ହସ୍ତାନ୍ତର କରିଛି। ଏଥିସହ ଶୁକ୍ରବାର ଚୋରି ହୋଇଥିବା ଦୁଇଟି କାର୍, ଗୋଟିଏ ପାଣି ଟାଙ୍କି, ଗୋଟିଏ ଧାନକଟା ମେସିନ୍ ସମେତ ଅନ୍ୟାନ୍ୟ ସାମଗ୍ରୀ ଉଦ୍ଧାର କରାଯାଇ ପ୍ରକୃତ ମାଲିକଙ୍କୁ ହସ୍ତାନ୍ତର କରାଯାଇଥିଲା। ଏହି ସାମ୍ବାଦିକ ସମ୍ମିଳନୀରେ ଭଞ୍ଜନଗର ଏଏସ୍ପି ରଞ୍ଜନ କୁମାର ଦେ, ଏସଡିପିଓ ଡ. ଦୀପକ କୁମାର ମିଶ୍ର, ଥାନା ଅଧିକାରୀ ଜୀବନାନନ୍ଦ ଜେନା, ଏସ୍ଆଇ ଜୟଶ୍ରୀ ସାହୁ, ଏଲ୍. ମହାନ୍ତି, ସୁବ୍ରତ କୁମାର ଲେଙ୍କା, ସମୀର କୁମାର ସେଠୀ, ଏଏସ୍ଆଇ ସତ୍ୟନାରାୟଣ ମଲ୍ଲିକ, ଶରତ ଚନ୍ଦ୍ର ପଣ୍ଡା, ବିଦେଶୀ ବେହେରା ଓ କୁମୁଦ ବନ୍ଧୁ ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ ।

ମୟୂରଭଞ୍ଜର ଯୁବ କଳାପ୍ରତିଭା ଜାଗୃତିଙ୍କୁ ସମ୍ବର୍ଦ୍ଧନା

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲାର ଯୁବ ଚିତ୍ରଶିଳ୍ପୀ ତଥା ବାଲୁକା ଶିଳ୍ପୀ ଜାଗୃତି ପାଟବନ୍ଧାଙ୍କୁ ବାରିପଦାସ୍ଥିତ ସୃଷ୍ଟି କଳା କେନ୍ଦ୍ର ପରିସରରେ ସମ୍ବର୍ଦ୍ଧିତ କରାଯାଇଛି। ମୟୂରଭଞ୍ଜ ଆର୍ଟିଷ୍ଟ ଆସୋସିଏସନ୍ ଦି ଆର୍ଟ ୱେଭ୍ ଓ ସୃଷ୍ଟି କଳା କେନ୍ଦ୍ରର ମିଳିତ ଆନୁକୂଲ୍ୟରେ ଏହି ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା। ଜିଲ୍ଲାର ସାରସକଣା ବ୍ଲକ ଅନ୍ତର୍ଗତ ଶିର୍ଷା ଗ୍ରାମର ରବୀନ୍ଦ୍ର ନାଥ ପାଟବନ୍ଧା ଓ ଅହଲ୍ୟା ପାଟବନ୍ଧାଙ୍କ କନ୍ୟା ଜାଗୃତି ପିଲାଦିନରୁ କଳା ପ୍ରତି ଆଗ୍ରହୀ। ନିଜର ନିଷ୍ଠା, ସୃଜନଶୀଳତା ଓ କଳାତ୍ମକ ପ୍ରତିଭା ବଳରେ ସେ ଆଗକୁ ବଢ଼ିବା ସହ ଭୁବନେଶ୍ୱରସ୍ଥିତ ବି.କେ. କଲେଜ ଅଫ୍ ଆର୍ଟ ଆଣ୍ଡ କ୍ରାଫ୍ଟସରେ ଅଧ୍ୟୟନ କରିବାର ସୁଯୋଗ ପାଇଛନ୍ତି। ଭବିଷ୍ୟତରେ ନିଜ କଳା ପ୍ରତିଭାକୁ ଅଧିକ ବିକଶିତ କରି ମୟୂରଭଞ୍ଜ ଜିଲ୍ଲା ପାଇଁ ଗୌରବ ଆଣିବା ତାଙ୍କର ଲକ୍ଷ୍ୟ। ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ଦଶରଥ ମହାନ୍ତ ଓ



ଚିତ୍ରଶିଳ୍ପୀ ତଥା ସୃଷ୍ଟି କଳା କେନ୍ଦ୍ରର ପ୍ରତିଷ୍ଠାତା ନିବେଦିତା ମହାନ୍ତଙ୍କ ମାର୍ଗଦର୍ଶନରେ ଜାଗୃତି ନିଜ କଳାତ୍ମକ ଯାତ୍ରାକୁ ଆଗେଇ ନେଉଛନ୍ତି। ସମ୍ବର୍ଦ୍ଧନା ସଭାରେ ଦି ଆର୍ଟ ୱେଭ୍‌ର ସମ୍ପାଦକ ତଥା ଶିଳ୍ପୀ ଜିତେନ୍ଦ୍ର ହେମ୍ବ୍ରମ ଜାଗୃତିଙ୍କୁ ଭବିଷ୍ୟତରେ ଉଚ୍ଚ ସଫଳତା ହାସଲ କରିବାକୁ ଉତ୍ସାହିତ କରିଥିଲେ। ଜାଗୃତିଙ୍କ ଏହି ସଫଳତା ଜିଲ୍ଲାର ଅନ୍ୟ ଯୁବ କଳାକାରଙ୍କୁ ନିଜ ପ୍ରତିଭାର ବିକାଶ ଦିଗରେ ପ୍ରେରଣା ଯୋଗାଇବ ବୋଲି ଅନୁଷ୍ଠାନ ପକ୍ଷରୁ ଆଶା ପ୍ରକାଶ କରାଯାଇଛି।

ବିଭିନ୍ନ ପୂଜାପୀଠରେ ମା' ଦୁର୍ଗାଙ୍କ ଦର୍ଶନ କଲେ ସାଂସଦ



ଅନୁଗୋଳ/ଢେଙ୍କାନାଳ,(ସବ୍ୟୁ) :ପବିତ୍ର ଦୁର୍ଗାପୂଜାର ମଙ୍ଗଳମୟ ଅବସରରେ ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ଢେଙ୍କାନାଳ ଏବଂ ଅନୁଗୋଳ ଜିଲ୍ଲାର ବିଭିନ୍ନ ପୂଜାପୀଠ ଓ ପୂଜା ମଣ୍ଡପ ପରିଦର୍ଶନ କରି ଜଗଜ୍ଜନନୀ ମା' ଦୁର୍ଗାଙ୍କ ଦିବ୍ୟ ଦର୍ଶନ କରିବା ସହ ଆଶୀର୍ବାଦ ଭିକ୍ଷା କରିଛନ୍ତି ।

ଶ୍ରୀ ପ୍ରଧାନ ପ୍ରଥମେ ଢେଙ୍କାନାଳ ଜିଲ୍ଲା ଆମ୍ବିଠି ସ୍ଥିତ ପ୍ରସିଦ୍ଧ ମା' ବନଦୁର୍ଗା ମନ୍ଦିରରେ ଉପସ୍ଥିତ ହୋଇ ଭକ୍ତିମୟ ପରିବେଶ ମଧ୍ୟରେ ମା'ଙ୍କ ପୂଜାର୍ଚ୍ଚନା କରିବାର ସୌଭାଗ୍ୟ ଲାଭ କରିଛନ୍ତି । ଏହି ଅବସରରେ ଶ୍ରୀ ପ୍ରଧାନ ମତପ୍ରକାଶ କରି କହିଛନ୍ତି ଯେ, ଜଗଜ୍ଜନନୀ ମା' ଦୁର୍ଗା ହେଉଛନ୍ତି ଅଧର୍ମ ଓ ନକରାତ୍ମକତା ଉପରେ ସତ୍ୟ ଓ ଧର୍ମର ବିଜୟର ପ୍ରତୀକ । ମା' ସମସ୍ତ ଶକ୍ତି, କରୁଣା, ଆସ୍ଥା ଓ ବିଶ୍ୱାସର ନିରନ୍ତର ସ୍ରୋତ । ମା'ଙ୍କ କୃପାରୁ ହିଁ ମାନବ ସମାଜରେ ଉଦାରତା ଓ ସଦ୍ଭାବ ପ୍ରତିଷ୍ଠିତ ହୋଇଥାଏ।

ଶ୍ରୀ ପ୍ରଧାନ ଅନୁଗୋଳ ଜିଲ୍ଲାର ଜରପଡ଼ା ସ୍ଥିତ ବାର୍ଷିକ ଦୁର୍ଗାପୂଜା ଉତ୍ସବ, ବଇଣ୍ଡା ସ୍ଥିତ ମଣ୍ଡପ, ଆଠମଲ୍ଲିକର ଢେବରାପାଲି ଏବଂ ବାମୁର ସ୍ଥିତ ବିଭିନ୍ନ ପୂଜାମଣ୍ଡପରେ ଦର୍ଶନ କରିଥିଲେ । ମା'ଙ୍କ ଅହେତୁକ କୃପା ସମାଜରେ ଶାନ୍ତି, ସମରସତା ଏବଂ ଆଧ୍ୟାତ୍ମିକତାର ଏକ ନୂତନ ଚେତନା ଓ ସକରାତ୍ମକ ପରିବେଶ ସୃଷ୍ଟି କରିଛି ବୋଲି ସେ ପ୍ରକାଶ କରିଛନ୍ତି । ଶ୍ରୀ ପ୍ରଧାନ ମା'ଙ୍କ ପାଖରେ ଜଗତର କଲ୍ୟାଣ କାମନା କରିଛନ୍ତି ।

ସରକାରୀ ଶିଳ୍ପ ତାଲିମ କେନ୍ଦ୍ରର ଭୂମିପୂଜନ

ପାଲଲହଡା, (ସବ୍ୟୁ) :ପାଲଲହଡାବାସୀଙ୍କର ଦୀର୍ଘ ପ୍ରତିକ୍ଷୀତ ସରକାରୀ ଆଇଟିଆଇ ସ୍କୁଲର ଭୂମିପୂଜନ କାର୍ଯ୍ୟକ୍ରମ କାଉଁଶୀରପାଲିଠାରେ ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ଓ ସ୍ଥାନୀୟ ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧକ୍ଷ ଅଶୋକ ମହାନ୍ତିଙ୍କ କରକମଳରେ ଅନୁଷ୍ଠିତ ହୋଇ ଯାଇଛି । ପାଲଲହଡାର ସାମଗ୍ରିକ ବିକାଶ ଆମର ମୂଳଲକ୍ଷ୍ୟ, ମାନବ ସମ୍ବଳର ବିକାଶ ନହେଲେ ଗ୍ରାମ, ଜିଲ୍ଲା, ତଥା ରାଜ୍ୟର ବିକାଶ ଅସମ୍ଭବ ବୋଲି ଦୁଇ ନେତା ଭାଷଣ ପ୍ରସଙ୍ଗରେ ପ୍ରକାଶ କରି ଥିଲେ । ସରକାରୀ ତାଲିମ କେନ୍ଦ୍ର ପ୍ରତିଷ୍ଠା ଫଳରେ ଶିକ୍ଷିତ ବେକାର ଯୁବକ – ଯୁବତୀମାନେ ଫିଟର, କମ୍ପ୍ୟୁଟର ଓ ଇଲେକଟ୍ରିସିଆନ ଟ୍ରେଡ଼ରେ ଶିକ୍ଷା ଏଂ ତାଲିମ ପାଇ ପାରିବା ସହିତ ଅର୍ଥ ଉପାର୍ଜନ କରି ଆତ୍ମନିର୍ଭରଶୀଳ ହୋଇ ପାରିବେ ବୋଲି ବିଧାୟକ କହିଥିଲେ ।



୧୫କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବୁ ଏହି ସରକାରୀ ଶିଳ୍ପ ତାଲିମ କେନ୍ଦ୍ର । ସ୍ଥାନୀୟ ପୂର୍ତ୍ତ ଓ ଗୃହ ବିଭାଗ ମନ୍ତ୍ରୀ ଦୀପ୍ତିମାନ ମଲ୍ଲିକଙ୍କ ସଂରଚନାରେ ଅନୁଷ୍ଠିତ ଏହି ଭୂମିପୂଜନ ଉତ୍ସରେ ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ଉପଜିଲାପାଳ ରବୀନ୍ଦ୍ର କୁମାର ପଟେଲ,ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ନିଶାନ ମିଶ୍ର, ଜିଲ୍ଲା ଦକ୍ଷତା ବିକାଶ ଓ ନିଯୁକ୍ତି ଅଧିକାରୀ ଦେବାଶିଷ ସାହୁ, ତାଳଚେର ଶିଳ୍ପ ତାଲିମ ଅନୁଷ୍ଠାନର ଅଧକ୍ଷ ଅଭିରାମ ରାଉଳ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

ତାଳଚେର କିଶୋର କ୍ଲବର ୬୧ତମ କ୍ରୀଡ଼ା ଓ ସାଂସ୍କୃତିକ ପ୍ରତିଯୋଗିତା

ତାଳଚେର, (ସବ୍ୟୁ) : ସର୍ବପୁରାତନ କିଶୋର କ୍ଲବର ଶାରଦୀୟ ୬୧ତମ କ୍ରିଡ଼ା ଓ ସାଂସ୍କୃତିକ ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି।ଛଅ ଦିନ ଧରି ଚାଲିବାକୁ ଥିବା ଏହି ପ୍ରତିଯୋଗିତାର ଶୁଭାରମ୍ଭ ହାଟତୋଟା କାଳି ମନ୍ଦିର ଠାରୁ ମଶାଲ ଶୋଭାଯାତ୍ରାକୁ ତାଳଚେର ପୌରପରିଷଦ ନଗରପାଳ ପବିତ୍ର ଭୂତିଆ, , ପୂର୍ବତନ ନଗରପାଳ କେଶବ ଭୂତିଆ, କ୍ଲବର କାର୍ଯ୍ୟକାରୀ ସଭାପତି ପେସ୍କାର ଗଡ଼ନାୟକ ସାଧାରଣ ସମ୍ପାଦକ ଦିପକ କୁମାର ଥମ୍ଭ ଉପସଭାପତି ଦୟାସାଗର ମିଶ୍ର, ଟ୍ରକ ମାଲିକ ସଂଘ ସମ୍ପାଦକ ପ୍ରକାଶ ମହାରଣା ବରିଷ୍ଠ ଓକିଲ ଅଜୟ ମିଶ୍ର ରାଜେନ୍ଦ୍ର ସିଙ୍ଗ ପ୍ରମୁଖ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ। ମଶାଲ ଶୋଭାଯାତ୍ରା ତାଳଚେର ଷ୍ଟାଡିୟମ ରେ ପହଞ୍ଚିବାପରେ ଆନୁଷ୍ଠାନିକ ଭାବେ ପତାକା ଉତ୍ତୋଳନ ସହ ପ୍ରତିଯୋଗିତା ଉଦଘାଟିତ ହୋଇଥିଲା ଏହି ପ୍ରତିଯୋଗିତାକୁ କାଉନସିଲର ସ୍ୱାଧୀନ ଥମ୍ଭ,ବରିଷ୍ଠ ସାମ୍ବାଦିକ ବିମଳ କୃଷ୍ଣ ଥମ୍ଭ, ଶ୍ରମିକ ନେତା ପ୍ରକାଶ କୁମାର କୁଣ୍ଡୁ, କିଶୋର କ୍ଲବର ସହ ସମ୍ପାଦକ ବିଜୟ ଦେବତା, ପ୍ରଫୁଲ୍ଲ କୁମାର ଦାସ ପବିତ୍ର ନାଥ, ସଦସ୍ୟ ଜିତେନ୍ଦ୍ର ସିଠ ଅମୂଲ୍ୟ ଭୂତିଆ କୁଶବିହାରୀ ସାମଲ ନରେନ୍ଦ୍ର ଦାସ ପ୍ରମୁଖ ଉଦଘାଟନ କରିଥିଲେ। ଏହି ପ୍ରତିଯୋଗିତାରେ ଅନୁଗୋଳ ଜିଲ୍ଲାର ପାଞ୍ଚ ଶହରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଭାଗନେଇ ଥିବା ବେଳେ ଦେଢ ଶହରୁ ଉର୍ଦ୍ଧ୍ୱ ପ୍ରତିଯୋଗିତା ଅନୁଷ୍ଠିତ ହେବା ପ୍ରତ୍ୟେକ ଦିନ ସନ୍ଧ୍ୟା ରେ ବିଭିନ୍ନ ସାଂସ୍କୃତିକ ପ୍ରତିଯୋଗିତା ଅନୁଷ୍ଠିତ ହେବ। ସେହିପରି ଆଗାମୀ ୨୩ରୀଖ ଠାରୁ ୨୫ରୀଖ ପର୍ଯ୍ୟନ୍ତ କ୍ଲବ ପରିସରରେ ରାଜ୍ୟ ସ୍ତରୀୟ ଅଜୟ ଭୂତିଆ ମହିଳା କବାଡି ପ୍ରତିଯୋଗିତା ଅନୁଷ୍ଠିତ ହେବ।

ଗଡ ପରଜଙ୍ଗରେ ରାବଣ ପୋଡି

ପରଜଙ୍ଗ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ଗଡ଼ ପରଜଙ୍ଗ ରେ ଗଣ ପର୍ବ ଦଶହରା ପୂଜା ଚାରିଦିନ ଧରି ମହା ଆଡ଼ମ୍ବରରେ ପାଳିତ ହୋଇଯାଇଛି।ପରଜଙ୍ଗ ପାଇକ ମାନେ ଢ଼େଙ୍କାନାଳ ଗଡଜାତ ରାଜାଙ୍କ ସେନାରେ ସୈନିକ ଭାବେ ପାରଦର୍ଶିତା ହାସଲ କରିବା ସହ ବୀର ସୈନିକ ଭାବେ ପରିଚିତ ଥିଲେ। ସେଥିପାଇଁ ପରଜଙ୍ଗକୁ ଢେଙ୍କାନାଳ ରାଜା ପାଇକଗଡ଼ କରିଥଲେ। କାଳକ୍ରମେ ପାଇକ ଗ୍ରାମ ଗଡ଼ପରଜଙ୍ଗକୁ ବୀରଗଡ଼ ପରଜଙ୍ଗ ନାମରେ ନାମିତ କରିଥିଲେ।ବହୁ ପୁରାତନ କାଳରୁ ପାଇକ ମାନେ ମା ଦୁର୍ଗାଙ୍କୁ ପୂଜା କରି ଦଶହରା ପର୍ବ ପାଳିତ କରି ଆସୁଛନ୍ତି।ଚଳିତ ବର୍ଷ ସପ୍ତମୀ ଦିନ ଠାରୁ ମା ଦୁର୍ଗାଙ୍କ ପୂଜା ବିଜୟା ଦଶମୀ ପର୍ଯ୍ୟନ୍ତ ଚାରିଦିନ ଧରି ପାଳିତ ହୋଇଛି। ବିଜୟା ଦଶମୀରେ ପାଇକମାନେ ମାଙ୍କ ସମ୍ମୁଖରେ ପାଇକ ଖେଳର ପାରଦର୍ଶିତା ଦେଖାଇ ଆଶୀର୍ବାଦ ନେଇଥିଲେ। ଏହାପରେ ଗ୍ରାମର ବଡ଼ ପୋଖରୀ ଖଣ୍ଡିଆ ବନ୍ଧ ଠାରେ ନିର୍ମିତ ହୋଇଥିବା ବିରାଟ ରାବଣ ନିକଟରେ ବିଭିନ୍ନ ପ୍ରକାରର ବାଣ ଫୁଟାଇ ଥିଲେ। ରାବଣ ପୋଡ଼ି ଦେଖିବା ପାଇଁ ଆଖ ପାଖ ଅଞ୍ଚଳରୁ ହଜାର ହଜାର ଲୋକମାନେ ଆସିଥିଲେ। ବିଭିନ୍ନ ପ୍ରକାରର ବାଣର ଝଲକ୍ ଦେଖି ଲୋକଙ୍କ ମନମୁଗ୍ଧ ହୋଇଯାଇଥିଲା। ରାବଣ ପୋଡ଼ି ବେଳେ ବିଜୟା ଦଶମୀରେ ଜୟ ମା ଦୁର୍ଗା ଦୁର୍ଗତି ନାଶିନି ଧ୍ୱନିରେ ପ୍ରକମ୍ପିତ ହୋଇଥିଲା। ମାଙ୍କ ଦର୍ଶନ ଓ ରାବଣ ପୋଡ଼ି ପାଇଁ ବହୁ ଭିଡ଼ ଦେଖିବାକୁ ମିଳିଥିଲା। ପରଜଙ୍ଗ ପୋଲିସ ପକ୍ଷରୁ ଶାନ୍ତି ଶୃଙ୍ଖଳା ରକ୍ଷା ସକାଶେ ଥାନା ଅଧିକାରୀ ସୁବ୍ରତ କୁମାର ସାହୁଙ୍କ ନିର୍ଦ୍ଦେଶ କ୍ରମେ ପୋଲିସ ମୁତୟନ ହୋଇଥିଲେ। ସପ୍ତମୀ ଦିନ ଠାରୁ ସାଂସ୍କୃତିକ କାର୍ଯ୍ୟକ୍ରମ,ଖେଳ ପ୍ରତିଯୋଗିତା,ଦଣ୍ଡ ନୃତ୍ୟ ପରିବେଷଣ ଓ ବିଜୟା ଦଶମୀ ରେ ବାଙ୍କେଶ୍ୱରର ନାଟ୍ୟ ପରିଷଦର କଳାକାରମାନେ ନାଟକ ପରିବେଷଣ କରିଥିଲେ। ପରଜଙ୍ଗ ଗ୍ରାମ ସଭାପତି ସୁବ୍ରତ କୁମାର ପରିଡା, ଅନ୍ତର୍ଯ୍ୟାମୀ ସାମଲ,ସମ୍ପାଦକ ସୁବଳ ଦଳବେହେରା, କୋଷାଧକ୍ଷ ପ୍ରଭାତ ଶତପଥୀ ଓ ଗ୍ରାମର ଯୁବଗୋଷ୍ଠୀ ତଥା ଗ୍ରାମବାସୀଙ୍କ ଦୃଢ଼ ସହଯୋଗ ରେ ସମସ୍ତ ପ୍ରକାର ପ୍ରସ୍ତୁତି ସାଜସଜ୍ଜା ହୋଇଥିଲା।

ରକ୍ତଦାନ ଶିବିର ଉଦଘାଟନ କଲେ ସାଂସଦ

ଅନୁଗୋଳ, (ସବ୍ୟୁ) : ବନରପାଳ ବ୍ଲକର ଫୁଲପଡା ଗ୍ରାମର ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ସ୍ୱର୍ଗତ ଶ୍ରୀକାନ୍ତ ତ୍ରିପାଠୀ ଙ୍କ ପୁଣ୍ୟ ଜନ୍ମତିଥିରେ ତାଙ୍କ ସ୍ମୃତି ଉଦେଶ୍ୟ ରେ ଏକ ରକ୍ତଦାନ ଶିବିର ତାଙ୍କ ପରିବାର ତରଫରୁ ଆୟୋଜିତ ହୋଇଯାଇଛି। ଉକ୍ତ ରକ୍ତଦାନ ଶିବିର ସ୍ୱର୍ଗତ ଶ୍ରୀକାନ୍ତ ତ୍ରିପାଠୀଙ୍କ ପିତା ଗିରିଶ ଚନ୍ଦ୍ର ତ୍ରିପାଠୀ ତଥା ତାଙ୍କ ସହଧର୍ମିଣୀ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ରେ ପରିଚାଳିତ ହୋଇଥିଲା। ଉକ୍ତ ଶିବିରକୁ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ଉଦଘାଟନ କରିଥିଲେ। ସ୍ୱର୍ଗତ ଶ୍ରୀକାନ୍ତ ତ୍ରିପାଠୀ ଏକାଧାରରେ ଜଣେ ରାଜ୍ୟସ୍ତରୀୟ ଭଲ୍ଲି ବଲ ଖେଳାଳି, ଜଣେ ସମାଜସେବୀ ଏବଂ ବିଜେପି ର ଜଣେ ଯୁବନେତା ତଥା ଦୃଢ ସଂଗଠକ ଥିଲେ। ସ୍ୱର୍ଗତ ଶ୍ରୀକାନ୍ତ ଙ୍କ ସ୍ମୃତି ରେ ଅନୁଷ୍ଠିତ ସ୍ମୃତିସଭା ରେ ସାଂସଦ ରକ୍ତଦାନ ଯେ ମହତଦାନ ବୋଲି ବର୍ଣ୍ଣନା କରିବା ସହ ସ୍ୱର୍ଗତ ଶ୍ରୀକାନ୍ତ ରକ୍ତଦାନ କ୍ଷେତ୍ରରେ ଉଲ୍ଲେଖନିୟ ଭୂମିକା ନିର୍ବାହ କରିବା ସହ ସମାଜସେବାକୁ ଜୀବନ ର ବ୍ରତ ଭାବେ ପାଳନ କରୁଥିଲେ ବୋଲି ମତପ୍ରକାଶ କରିଥିଲେ। ତାଙ୍କ ଖେଳୁଆଡ଼ ମନୋଭାବ ଆଜିର ଯୁବସମାଜ ପାଇଁ ଯେତିକି ପ୍ରେରଣାଦାୟୀ, ତାଙ୍କର ସଂଗଠନ ତଥା ଦଳ ପ୍ରତି ଥିବା ଅନୁଗତ୍ୟ ମଧ ସେତିକି ପ୍ରଶଂସନୀୟ ବୋଲି ବର୍ଣ୍ଣନା କରିଥିଲେ। ସାଂସଦ ମଧ ସେ ଦଳିୟ ସାଙ୍ଗଠନିକ କାର୍ଯ୍ୟ ରେ ଏତେ ମଜ୍ଜି ଯାଇଥିଲେ ଯେ ନିଜ ସ୍ୱାସ୍ଥ୍ୟ ର ସଠିକ ଯତ୍ନ ନେବାରେ ଅବହେଳା କରିଥିଲେ କହିଥିଲେ। ତେଣୁ ଏହିପରି ଦୁରାରୋଗ୍ୟ ବ୍ୟାଧି ର ସେ ଶିକାର ହୋଇ ମୃତ୍ୟୁବରଣ କଲେ ବୋଲି ମଧ ପ୍ରକାଶ କରିଥିଲେ । ଉକ୍ତ ରକ୍ତଦାନ ଶିବିର ରେ ଅନୁଗୋଳ ବିଧାୟକ ପ୍ରତାପ ପ୍ରଧାନ, ଜିଲ୍ଲା ବିଜେପି ସଭାପତି ଯଯାତି ପଟ୍ଟନାୟକ, ଜିଲ୍ଲା ବିଜେପି ସାଧାରଣ ସମ୍ପାଦକ ସୁଦୀପ ଗଡ଼ନାୟକ, ଜିଲ୍ଲା ପରିଷଦ ସଭ୍ୟା ମୀରା ଗଡ଼ନାୟକ ଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

ଲକ୍ଷ୍ମୀପୂଜା ପାଇଁ ଯାନବାହନ କଟକଣା

ଢେଙ୍କାନାଳ ,(ସବ୍ୟୁ) :ଢେଙ୍କାନାଳର ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା ପାଇଁ ଜିଲ୍ଲାପାଳ ଭାରୀଯାନ ଚଳାଚଳକୁ ନେଇ କଟକଣା ଜାରିକରିଛନ୍ତି।ଗଜଲକ୍ଷ୍ମୀ ପୂଜା ପାଇଁ ୨୫ ତାରିଖ ଠାରୁ ଆସନ୍ତା ନଭେମ୍ବର ୪ ତାରିଖ ପର୍ଯ୍ୟନ୍ତ ଦିନ ତିନିଟା ଠାରୁ ରାତି ବାରଟା ପର୍ଯ୍ୟନ୍ତ ସହର ମଧ୍ୟକୁ କୌଣସି ଭାରୀଯାନ ଚଳାଚଳ କରିବ ନାହିଁ। କେବଳ ଅତିଜରୁରୀ କାଳୀନ ଗାଡି ଗୁଡିକ ଚଳାଚଳ କରିବ। ଏହି କଟକଣା ସଦରଥାନା ଅନ୍ତର୍ଗତ ବଳଦିଆବନ୍ଧ ଠାରୁ ଗୁଣ୍ଡିଚାପଡା ସଦର ପୋଲିସ ଷ୍ଟେସନ ପର୍ଯ୍ୟନ୍ତ ବଳବତ୍ତର ରହିବ ।ଭୁବନ,ଗଁଦିଆ,ଯୋରନ୍ଦାଠାରୁ ଆସୁଥିବା ବସଗୁଡିକ ମାଛପୋଲ ସିମିଳିଆ ଠାରେରହିବ। ଏହା ସହିତ ତାଳଚେର,କାମାକ୍ଷାନଗର,ଅନୁଗୁଳ,ହିନ୍ଦୋଳ,କଟକ ବସ ଗୁଡିକ କଲେଜ ବାଇପାସରେ ପାର୍କି କରିବେ । ଗଜଲକ୍ଷ୍ମୀ ପୂଜା ସମୟରେକୌଣସି ବସ ସହରମଧ୍ୟରୁ ପ୍ରବେଶ କରିପାରିବ ନାହିଁ ବୋଲି ଜିଲ୍ଲାପାଳତଥା ମାଜିଷ୍ଟ୍ରେଟ ଆଶିଷ ଇଶ୍ୱର ପାଟିଲ ଆଦେଶ ସଂଖ୍ୟା୨୮୭୨/୨୩.୧୦.୨୦୨୬ରେ ଜାରିକରିଛନ୍ତି।

ପୂଜାରେ ଜଗିବେ ୨୪ ପ୍ଲାଟୁନ ପୋଲିସ, ନଜର ରଖିବ ଡ୍ରୋନ

ଢେଙ୍କାନାଳ ,(ସବ୍ୟୁ) : ଢେଙ୍କାନାଳ ଗଜଲକ୍ଷ୍ମୀ ପୂଜା ଅବସରରେ ପୋଲିସ ପ୍ରଶାସନ ତରଫରୁ ଶାନ୍ତି ଶୃଙ୍ଖଳା ରକ୍ଷା,ଭିଡ ନିୟନ୍ତ୍ରଣ,ଆଇନ ଶୃଙ୍ଖଳା ପରିସ୍ଥିତିର ନିୟନ୍ତ୍ରଣ ଏବଂ ବିଭିନ୍ନ ଅସାମାଜିକ ବ୍ୟକ୍ତିଙ୍କ ଉପରେ କଡା କାର୍ଯ୍ୟାନୁଷ୍ଠାନ ପାଇଁ ପୋଲିସ ପ୍ରଶାସନତରଫରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଏସପି ଅଜିଙ୍କ୍ୟ ବାବୁରାଓ ମାନେଙ୍କ ସୂଚନା ଅନୁସାରେ ସହରରେ ମୋଟ ୨୪ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯିବ। ଜିଲ୍ଲା ବାହାରରୁ ୮ପ୍ଲାଟୁନ ପୋଲିସ ଫୋର୍ସ ଆସୁଥିବାର ସେ କହିଛନ୍ତି। ପୂଜା ସମୟରେ ଭିଡ ନିୟନ୍ତ୍ରଣ,ଆଇନ ଶୃଙ୍ଖଳା ଏବଂ ଅସାମାଜିକ ବ୍ୟକ୍ତଙ୍କ ଉପରେ ନଜର ରଖାଯିବ। ସେହିପରି ଅତିରିକ୍ତ ଏସପିଙ୍କ ଠାରୁ ଏଏସଆଇଙ୍କ ପର୍ଯ୍ୟନ୍ତ ୧୪୫ଜଣ ଅଧିକାରୀଙ୍କୁ ନିୟୋଜିତ କରାଯାଇଛି। ଏହା ସହିତ ସ୍ପେସାଲ ସ୍କ୍ୱାର୍ଡ ବି ନିଯୁକ୍ତ କରାଯାଇଛି। ଭିଡ ଏବଂ ଅନ୍ୟକାର୍ଯ୍ୟପାଇଁ ଡ୍ରୋନର ସାହାଯ୍ୟ ନିଆଯିବ ବୋଲି କହିଛନ୍ତି। ସହରରେ ଅସାମାଜିକ କାର୍ଯ୍ୟ ପାଇଁ ଯେଉଁ ବନଜାରା ମାନେ ରହିଥିଲେସେମାନେ ନଥିବାର ଏସପି ପ୍ରକାଶ କରିଛନ୍ତି।

ଭୁବନରେ ବଳଦଯାତ୍ରା ସାମିଲ ହେଲେ ୩୨ ସୁସଜ୍ଜିତ ବଳଦ

ଢେଙ୍କାନାଳ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ଭୁବନରେ ଶାରଦୀୟ ଦୁର୍ଗାପୂଜା ଅବସରରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ପ୍ରସିଦ୍ଧ ବଳଦ ଯାତ୍ରା ଅନୁଷ୍ଠିତ ହୋଇଛି। ପଶୁ ଓ ମଣିଷଙ୍କ ମଧ୍ୟରେ ସୁସମ୍ପର୍କର ଅନନ୍ୟ ଉଦାହରଣ ହେଉଛି ଏହି ବଳଦ ଯାତ୍ରା । ଏସିଆ ମହାଦେଶର ସର୍ବ ବୃହତ ଗାଁ ଭୁବନରେ ଶହ ଶହ ବର୍ଷ ପୂର୍ବେ ଥୋରିଆ ସମ୍ପ୍ରଦାୟର ପୂର୍ବ ପୁରୁଷ ମାନେ ବଳଦ ପିଠିରେ ଲୁଣ ନେଇ ପଶ୍ଚିମ ଓଡ଼ିଶା, ବିହାର , ଛତିଶଗଡ ଭଳି ବାହାର ରାଜ୍ୟକୁ ବ୍ୟବସାୟ କରିବାକୁ ଯାଉଥିଲେ । ପରେ ଅନ୍ୟ ସମ୍ପ୍ରଦାୟର ଲୋକେ କଂସା ବାସନ ଅନ୍ୟ ସାମଗ୍ରୀ ନେଇ ବଳଦ ପିଠିରେ ବ୍ୟବସାୟ ପାଇଁ ବହୁ ଦୂରଦୂରାନ୍ତରକୁ ଯାଉଥିଲେ । ଯାନବାହନ ପ୍ରଚଳନ ପରେ କ୍ରମଶଃ ଏହି ବ୍ୟବସୟ ମଧ ବନ୍ଦ ହୋଇପଡିଥିଲା।ସେହି ଦିନଠାରୁ ବଳଦ ମାନଙ୍କୁ ସମ୍ମାନ ଜଣାଇବା ସହ ପରମ୍ପରାକୁ ବଜାୟ ରଖିବାକୁ ଯାଇ ଏହି ବଳଦ ଯାତ୍ରା ଶହଶହ ବର୍ଷ ଧରି ପାଳିତ ହୋଇ ଆସୁଛି । ଏହି ପ୍ରସିଦ୍ଧ ବଳଦ ଯାତ୍ରାରେ ବଳଦ ମାନଙ୍କ ଠାରେ ମୁହଁଖାର , ସିଙ୍ଗୁଆତି , ଶୁଭଘଣ୍ଟା , ସାରମାଳ , ପଲ୍ଲହାଣ ଏବଂ ଫୁଲମାଳରେ ସୁସଜ୍ଜିତ କରାଯାଇ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ନିଆଯାଇଥାଏ ।ସେଠାରେ ବଳଦ ମାନଙ୍କୁ ବନ୍ଦାପନା କରାଯାଇ ଅନୁକୂଳ ଯାତ୍ରା ଆରମ୍ଭ ହୋଇଥାଏ । ଅନୁକୂଳ ଯାତ୍ରାର ପର ଦିନ ମା ଦୁର୍ଗା ଓ ହରପାର୍ବତୀଙ୍କ ସାଥିରେ ନେଇ ଭସାଣ କରାଯାଇଥାଏ ।ଚଳିତ ବର୍ଷ ଏହି ଭସାଣ ଉତ୍ସବରେ ୩୨ ଗୋଟି ବଳଦ ଓ ୧୩ ଟି ମା'ଦୁର୍ଗାଙ୍କ ମେଢ଼ ସାମିଲ ହେବେ । ଶାନ୍ତି ଶୃଙ୍ଖଳାର ସହ ଏହି ବଳଦ ଯାତ୍ରା ପାଇଁ ପୋଲିସ ଓ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି ।

ବାରହା ଉପଦ୍ରବ, ଚିନ୍ତାରେ ଚାଷୀ

ଠାକୁରଗଡ ,(ସବ୍ୟୁ) : ଅନୁଗୋଳ ଜିଲ୍ଲା ଠାକୁରଗଡ ଥାନା କୁତୁଲସିଙ୍ଗା ଗ୍ରାମରେ ବାରାହା ଉପଦ୍ରବ ହୋଇଛି ।ନିକଟସ୍ଥ ଜଙ୍ଗଲରୁ ବାରାହା ଗ୍ରାମକୁ ଆସି ବ୍ୟାପକ ଫସଲ ନଷ୍ଟ କରୁଛନ୍ତି । ବିଶେଷ କରି ଗ୍ରାମର ସତ୍ୟା ନନ୍ଦ ରାଉତ, ତ୍ରିନାଥ ରାଉତ, ଅବଧୂତ ନାୟକ, ଚନ୍ଦ୍ର ଶେଖର ସାଏ, ରଞ୍ଜୁ ନାୟକ, ଅନି ନାୟକ, ଧାନ ବିଲ ରେ ପଶି ପାଚଲା ଧାନ ଖାଇବା ସହ ନଷ୍ଟ କରି ଦେଇଛନ୍ତି । କିଛି ଦିନ ହେବ ବଣୁଆ ବନ୍ୟଜନ୍ତୁ ଯୋଗୁଁ ଚାଷୀମାନେ ଚିନ୍ତିତ ହୋଇ ପଡିଛନ୍ତି । ବନ୍ୟଜନ୍ତୁ ଙ୍କୁ ଘଉଡାଇବା ପାଇଁ ଅଞ୍ଚଳବାସୀ ଧଣ୍ଡାତୋପା ବନ ବିଭାଗକୁ ସୂଚନା ଦେଲେ ମଧ କୌଣସି ସୁଫଳ ମିଳୁନାହିଁ । ତୁରନ୍ତ କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାରୀ ସାହାଯ୍ୟ ଯୋଗାଇ ଦେବା ପାଇଁ ସାଧାରଣ ରେ ଦାବି ହୋଇଛି ।

ମା' ସୁକିଆ ବାଉତୀ ମନ୍ଦିରରେ ନବରାତ୍ର ପାଳିତ

ରାସୋଳ, ହିନ୍ଦୋଳ ଉପଖଣ୍ଡ କୁନୁଆଁ ଗ୍ରାମ ର ଅଧିଷ୍ଠାତ୍ରୀ ଦେବୀ ଜଗତ ଜନନୀ ବିଶ କଲ୍ୟାଣମୟୀ ପୀଠାଧିଶରୀ ଶ୍ରୀ ଶ୍ରୀ ମା ସୁକିଆବାଉତୀ ଙ୍କ ପୀଠ ରେ ଗତ ୧୧ତାରିଖ ରୁ ଶାରଦୀୟ ନବରାତ୍ର ପୂଜା ଏକ ଆଧାତ୍ମିକ ପରିବେଶ ମଧ୍ୟରେ ଆରମ୍ଭ ହୋଇ ୧୯ ତାରିଖ ବିଳମ୍ବିତ ରାତ୍ରୀ ରେ ପୂର୍ଣ୍ଣାହୁତି ହୋଇ ଯାଇଛି।ଶାରଦୀୟ ନବରାତ୍ର ଅବସର ରେ ୧୧ ତାରିଖ ସକାଳେ ଏକ ଭବ୍ୟ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଏଥିରେ ଶତାଧିକ ମହିଳା ଓ ପୁରୁଷ ଗ୍ରାମ୍ୟ ପୁଷ୍କରିଣୀ ରୁ ପବିତ୍ର ଜଳ ପୂର୍ଣ୍ଣ କଳସ ଧାରଣ କରି ଏକ ବିରାଟ ପଟୁଆର ରେ ଘଣ୍ଟ ଘଣ୍ଟା ଢୋଲ ଓ ସଂକୀର୍ତ୍ତନ ର ତାଳେ ତାଳେ ମନ୍ଦିରରେ ପହଞ୍ଚି ଥିଲେ । ପରେ ଶାସ୍ତ୍ରୀୟ ବିଧାନନୁଯାୟୀ ରେ ବିଲବରଣ ବ୍ରତୀ ମାନଙ୍କର ବ୍ରତ ଧାରଣ,ନବ ପତ୍ରିକା ପୂଜନ ଓ ସ୍ଥାପନ,ଅଖଣ୍ଡ ସ୍ଥାପନ, ଚଣ୍ଡୀ ସ୍ଥାପନ,ମଣ୍ଡଳ ଓ କଳସପୂଜନ ହୋଇ ଅଗ୍ନି ସ୍ଥାପନ ଓ ଚଣ୍ଡି ହବନ ହେଇଥିଲା। ନବଦିନ ବ୍ୟାପି ପ୍ରତ୍ୟହ ସୂର୍ଯ୍ୟ ପୂଜା, ଗୋ ପୂଜା ପାର୍ଶ ଦେବା ଦେବୀ ପୂଜନ ପରେ ମା ଙ୍କ ଷୋଡଶ ଉପଚାର ପୂଜନ ପରେ ଚଣ୍ଡୀ ହବନ କରାଯାଇଥିଲା। ସବୁଦିନ ମଧାହ୍ନ ରେ ଉପସ୍ଥିତ ଶ୍ରଦ୍ଧାଳୁ ମାନଙ୍କୁ ବିନା ମୂଲ୍ୟ ରେ ପ୍ରସାଦ ବିତରଣ କରା ଯାଇଥିଲା। ସନ୍ଧ୍ୟାରେ ନାମଯଜ୍ଞ , ଦୀପଯଜ୍ଞ ଓ ମାଙ୍କ ମହାସ୍ନାନ ହୋଇ ସର୍ବ ସାଧା ରଣ ଦର୍ଶନ ବ୍ୟବସ୍ଥା କରାଯାଇଥିଲା।ନବରାତ୍ର ର ପ୍ରଥମ ଦିବସରେ ମା ଶୈଳପୁତ୍ରୀ ବେଶରେ ଦ୍ୱିତୀୟ ଦିନରେ ବ୍ରହ୍ମଚାରିଣୀ ୩ ୟ ରେ ଚନ୍ଦ୍ରଘଣ୍ଟା,୪ ର୍ଥ ରେ କୁଷ୍ମାଣ୍ଡା,୫ ମରେ ସ୍କନ୍ଦ ମାତା, ଷଷ୍ଠ ରେ କାତ୍ୟାୟନୀ ସପ୍ତମ ରେ କାଳରାତ୍ରୀ,ଅଷ୍ଟମ ରେ ମହା ଗୌରି ଓ ଅନ୍ତିମ ଦିବସରେ ମା ସିଦ୍ଧିଦାତ୍ରୀ ରୂପରେ ଭକ୍ତ ମାନଙ୍କୁ ଦର୍ଶନ ଦେଇଥିଲେ। ପ୍ରତ୍ୟହ ସଂଧ୍ୟାରେ ନାମ ସଂକୀର୍ତ୍ତନ ହେବା ସହ ସାର୍ବଜନୀନ ନବରାତ୍ର ପୂଜା ମହୋତ୍ସବର ସାଂସ୍କୃତିକ କାର୍ଯ୍ୟକ୍ରମରେ ଏ ଅଞ୍ଚଳ ର କୁନି କୁନି ଶିଶୁ ପ୍ରତିଭା ମାନେ ଅଂଶ ଗ୍ରହଣ କରି ନୃତ୍ୟ ଗୀତ ମାଧମରେ ସେମାନଙ୍କ ଶ୍ରେଷ୍ଠ କଳା ପ୍ରଦର୍ଶନ କରିଥିଲେ। ନବରାତ୍ର ପୂଜାରେ ମୁଖ୍ୟ ଆଚାର୍ଯ୍ୟ ଭାବରେ ପଣ୍ଡିତ ନିରୋଦ ମିଶ୍ର ଓ ସହଯୋଗୀ ଆଚାର୍ଯ୍ୟ ଭାବେ ସୁବାସ ଚନ୍ଦ୍ର ମିଶ୍ର,ସୌଭାଗ୍ୟ ରଞ୍ଜନ ସର, ଜଗଦୀଶ ମିଶ୍ର, ଆଦିତ୍ୟ ପ୍ରସାଦ କର ପ୍ରମୁଖ ଯୋଗ ଦେଇଥିବା ବେଳେ କର୍ତ୍ତା ଭାବେ ସପତ୍ନିକ ଶରତ ଚନ୍ଦ୍ର ସାମଲ ଓ ନମିତା ସାମଲ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ମା ସୁକିଆ ବାଉତୀ ସେବା ସମିତି ର ସଭାପତି ପ୍ରଭାସ ଘଡେଇଙ୍କ ସହିତ ସମ୍ପାଦକ ଦେବାଶିଷ ସାହୁ ସେବା ସମିତି ର ସଦସ୍ୟ ବୃନ୍ଦ ଓ ଗ୍ରାମ ପରିଚାଳନା କମିଟିର ସଭାପତି ଧୀର ଗୁ ସାମଲ, ସମ୍ପାଦକ କବିଚନ୍ଦ୍ର ସାମଲ ଓ ଗ୍ରାମ ବାସୀ ମାନେ ପରିଚାଳନା ପରିଚାଳନା ରେ ସହଯୋଗ କରିଥିଲେ।ପୂଜାରେ ପ୍ରତ୍ୟେକ ଦିନ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗ ଦେଇ ମାତୃ କୃପା ଲାଭ କରିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ରେ ଉପସ୍ଥିତ ରହି ଶିଶୁ କଳା କାର ମାନଙ୍କୁ ଉତ୍ସାହିତ କରିଥିଲେ।

ଚୋରା ମଦ ବ୍ୟବସାୟୀଙ୍କୁ ଛାଡି ଦେବା ଅଭିଯୋଗ

ଠାକୁରଗଡ,(ସବ୍ୟୁ) : ଠାକୁରଗଡ ଥାନା ବରହମ ଗ୍ରାମରେ ସଞ୍ଜୟ ମାଝୀ ଙ୍କ ଠାରୁ ଟାପଡୋଲ ଫାଣ୍ଡି ପୋଲିସ ଚଢଉ କରି ଚୋରା ମଦ ବିକ୍ରି କରୁଥିବା ବେଳେ ୧୦ ଲିଟର ଚୋରା ଦେଶୀ ମହୁଲି ମଦ କୁ ଜବତ କରିଛି । ହେଲେ ତାଙ୍କୁ ଗିରଫ ନ କରି ଛାଡି ଦେଇଥିବା ପେଡିପଥର ସରପଞ୍ଚ ଭରତ ସାହୁ ଗୁରୁବାର ଦିନ ଅନୁଗୋଳ ଏସପି ଙ୍କ ଠାରେ ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗ ପତ୍ର ରେ ଦର୍ଶାଇଛନ୍ତି ଯେ ବରହମ ଗ୍ରାମରେ ଚୋରା ଦେଶୀ ମଦ ରାନ୍ଧି ବିକ୍ରି କରାଯାଉଛି । ଏ ନେଇ ଟାପଡୋଲ ଫାଣ୍ଡି ପୋଲିସ ଚଢଉ କରି ସଞ୍ଜୟ ଙ୍କ ଠାରୁ ବ୍ୟାପକ ମଦ ଜବତ କରିଥିଲା । ତାଙ୍କୁ ଥାନା କୁ ନେଇ ପୋଲିସ ସଲାସୁତରା କରି ମୋଟା ଅଙ୍କର ଅର୍ଥ ନେଇ ଛାଡି ଦେଇଥିବା ସେ ଅଭିଯୋଗ କରିଛନ୍ତି । ଏ ନେଇ ଫାଣ୍ଡି ଅଧିକାରୀ ଅଜିତ ଦିବେଦୀ କୁହନ୍ତି ସଞ୍ଜୟ ଙ୍କ ଠାରୁ ୧୦ ଲିଟର ଚୋରା ଦେଶୀ ମହୁଲି ମଦ ଜବତ କରାଯାଇଥିଲା । ଏ ନେଇ ନମ୍ବର ୩୧୨/୨୬ ରେ ଏକ ମାମଲା ରୁଜୁ କରାଯାଇଛି ।

ଅବସରପ୍ରାପ୍ତ କର୍ମଚାରୀ ସଂଘ କାର୍ଯ୍ୟାଳୟ ସ୍ଥାପନ ପାଇଁ ଜମି ଯୋଗାଇ ଦେବାକୁ ଦାବି

ଆଠମଲ୍ଲିକ, (ସବ୍ୟୁ) : ଅବସରପ୍ରାପ୍ତ କର୍ମଚାରୀ ସଂଘ ତରଫରୁ ସହର ରେ ଏକ କାର୍ଯ୍ୟାଳୟ ନିର୍ମାଣନିମନ୍ତେ ସରକାରୀ ଜମି ଯୋଗାଇ ଦେବା ଉଦେଶ୍ୟରେ ସଂଘ ତରଫରୁ ସ୍ଥାନୀୟ ତହସିଲଦାର ବିଶଜ୍ୟୋତି ମହାନ୍ତି ଙ୍କୁ ଦାବିପତ୍ର ଦିଆ ଯାଇଥିବା ଜଣା ପଡିଛି ।ସମ୍ପାଦକ ବିପିନ ବିହାରୀ ସାହୁ ଙ୍କ ନେତୃତ୍ୱ ରେ ସଭ୍ୟ ଭବାନୀ ଶଙ୍କର ମିଶ୍ର,ବିନୟ କୁମାର ବଘାର, ଚିତ୍ତରଞ୍ଜନ ପ୍ରଧାନ, ଜୟାନନ୍ଦ ସାହୁ, ହିମାଂଶୁ ଶେଖର ପ୍ରଧାନ, ପ୍ରଣବ କୁମାର ହୋତା, ରାଜେନ୍ଦ୍ର କୁମାର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ ।

ମା' ବଡ଼ ପିତାବଳୀଙ୍କ ମଣ୍ଡପ ପ୍ରତିଷ୍ଠା ଉତ୍ସବ

ଆଠମଲ୍ଲିକ , (ସବ୍ୟୁ) : ଆଠମଲ୍ଲିକ ବ୍ଲକ ଅନ୍ତର୍ଗତ ଅଏଡା ପଞ୍ଚାୟତ ଅଏଡା ଗ୍ରାମ ନିକଟରେ ଥିବା ମା ବଡ଼ ପିତାବଳୀ ଙ୍କ ପୂଜା ନୂତନ ଭାବରେ ନିର୍ମିତ ହୋଇଥିବା ପୂଜା ମଣ୍ଡପ ବିଭିନ୍ନ କାର୍ଯ୍ୟକ୍ରମ ମାଧମ ରେ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଷ୍ଠା ଉତ୍ସବ ରେ ପୂଜକ ଅନାମ ଦେହୁରୀ ସକାଳୁ ମା ଙ୍କ ର ଯଥା ପୂଜା ରୀତିନୀତି ସମ୍ପନ୍ନ କରି ପୂଜାମଣ୍ଡପକୁ ପ୍ରତିଷ୍ଠା କରିଥିଲେ । ଏହି ସମସ୍ତ କାର୍ଯ୍ୟକ୍ରମରେ ଗ୍ରାମ ସଭାପତି ସୁରେନ୍ଦ୍ର ବଡ଼ମାଳି, ସମ୍ପାଦକ ରଞ୍ଜନ କୁମାର ସାହୁ, ଉପଦେଷ୍ଟା ମାଧବ ଚନ୍ଦ୍ର ସାହୁ, ପୂର୍ବତନ ବ୍ଲକ ଅଧକ୍ଷ ଚିତ୍ତରଞ୍ଜନ କର୍ଣ୍ଣ, ଗ୍ରାମ ର ବରିଷ୍ଠ ନାଗରିକ ଦଶରଥ ପ୍ରଧାନ, ଶିବ ନାରାୟଣ ଦନ୍ତା, ବିରଞ୍ଚି ଭୁକ୍ତା, ସୁଧାଂଶୁ ଶେଖର ପ୍ରଧାନ, ଆର୍ତ୍ତ ବନ୍ଧୁ ସାହୁ ରାମଚନ୍ଦ୍ର ପ୍ରଧାନଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ । ଏହି ଉପଲକ୍ଷେ ଶ୍ରଦ୍ଧାଳୁ ଓ ଗ୍ରାମବାସୀ ପ୍ରସାଦ ସେବନ କରିଥିଲେ

ଦଶହରା ଅବସରରେ ରାବଣ ପୋଡି

ତାଳଚେର, (ସବ୍ୟୁ) : ପବିତ୍ର ବିଜୟା ଦଶମୀ ପାଳନ ଅବସରରେ ତାଳଚେର ବ୍ଲକ ସାଉଥବଲଣ୍ଡା ଶିବ ମନ୍ଦିର ପଡିଆ ପରିସରରେ ୧୫ତମ ରାବଣ ପୋଡି ମହୋତ୍ସବ ମହା ସମାରୋହରେ ପାଳିତ ହୋଇଯାଇଛି । ରାବଣ ପୋଡି ଅନୁଷ୍ଠାନ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନୁଗୋଳ ଜିଲ୍ଲା ବିଜେପି ଉପସଭାପତି ସମାଜସେବୀ ରାଜେନ୍ଦ୍ର କୁମାର ସିଂହ ଅଧକ୍ଷତା କରିଥିଲେ । ନାନା ରକମର ବାଣ ଓ ରଙ୍ଗୀନ ଆତସବାଜି ଉପସ୍ଥିତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରି ଦେଇଥିଲା । ତାଳଚେର କୋଇଲା ଖଣି ମଜଦୁର୍ ସଂଘର କାର୍ଯ୍ୟକାରୀ ସଭାପତି ରଞ୍ଜନ କୁମାର ବେହେରା କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ସଞ୍ଜୀବ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ତାଳଚେର କୋଇଲା ଖଣି ମଜଦୁର୍ ସଂଘର ବରିଷ୍ଠ କର୍ମକର୍ତ୍ତାଙ୍କ ସମେତ ରାବଣପୋଡି ଅନୁଷ୍ଠାନର ବହୁ ସଦସ୍ୟ ଉପସ୍ଥିତ ରହି ସକ୍ରିୟ ସହଯୋଗ କରିଥିଲେ ।

ସିମିନଈରେ ମିଳିତ ଦୁର୍ଗାପୂଜା ଭସାଣ ଉତ୍ସବ

ଢେଙ୍କାନାଳ: ଢେଙ୍କାନାଳ ଜିଲ୍ଲା ଓଡାପଡା ବ୍ଲକ ସିମିନଈରେ ମିଳିତ ଦୁର୍ଗପୂଜା ଭସାଣ ଉତ୍ସବ ଶାନ୍ତି ଶୃଙ୍ଖଳାର ସହିତ ଅନୁଷ୍ଠିତ ହୋଇଯାଇଛି। ବାଜା,ବାଦ୍ୟ,ଲାଇଟ,ବାଣ ତଥା ନୃତ୍ୟ ମାଧମରେ ମାଆଙ୍କୁ ବିଦାୟ ଦିଆଯାଇଛି।

ସିମିନଈରେ ଚଳିତ ବର୍ଷ ଧୁମଧାମରେ ଶାରଦୀୟ ଦୁର୍ଗାପୂଜା ଅନୁଷ୍ଠିତ ହେବା ସହିତ ଆଜି ମିଳିତ ଭସାଣ ଉତ୍ସବ ଅନୁଷ୍ଠିତ ହୋଇଛି। ଅକ୍ଟୋବର ୧୬ ଓ ୧୭ ତାରିଖ୍ ସପ୍ତମୀ ତିଥିରୁ ମୃଣ୍ମୟୀ ଦେବୀଙ୍କ ପୂଜା ଅନୁଷ୍ଠିତ ହେଉଥିବା ବେଳେ ବର୍ଷ ପୂଜାକୁ ଆକୃଷ୍ଟ କରିବା ପାଇଁ ସର୍ବାଧିକ ଲାଇଟ ଗେଟ ସମସ୍ତଙ୍କୁ ଆକର୍ଷିତ କରିଥିଲା। ମେଳାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ସିମିନଈ ଯାତ୍ରା ପଡିଆରେ ମୀନା ବଜାରସହିତ ଦୋଳିର ବ୍ୟବସ୍ଥା ହୋଇଥିଲା। ସପ୍ତମୀ ଠାରୁ ଦଶମୀ ପର୍ଯ୍ୟନ୍ତ ଏହି ପୂଜା ଦେଖିବା ପାଇଁ ଢେଙ୍କାନାଳସହର ସହିତ ଆଖପାଖ ଅଞ୍ଚଳର ହଜାର ହଜାର ଲୋକ ସାମିଲ ହୋଇଥିଲେ। ପୂର୍ବ ପ୍ରସ୍ତୁତି ଅନୁସାରେ ଆଜି ସମସ୍ତ ମେଢ ନିଜ ନିଜ ମଣ୍ଡପରୁ ବାହାରି ସିମିନଈ ଯାତ୍ରା ପଡିଆରେ ପହଞ୍ଚିଥିଲେ। ସେଠାରୁ ଦିନ ଦୁଇଟା ସମୟରେ କ୍ରମଅନୁସାରେ ମେଢ ଗୁଡିକ ବାଣ,ବାଜା,ଲାଇଟ,ସାଉଣ୍ଡ ସହିତ ନାଚର ତାଳେ ତାଳେ ଦାଣ୍ଡିମାଳ ଉଚ୍ଚ ବିଦ୍ୟାଳୟ ପର୍ଯ୍ୟନ୍ତ ଯିବା ପରେ ସେଠାରୁ ପୁଣି ଥରେ ସେହି ରାସ୍ତାରେ ଶୋଭାଯାତ୍ରା ସହିତ ଆସିଥିଲେ। ଏହି ମିଳିତ ଭସାଣ ଉତ୍ସବରେ ଭାଗବତ ସାହି,ଗାନ୍ଧୀ ଛକ, କାରିଗର ସାହି, ଉପରସାହି, ବଡବଜାର,ପାରାୟମଣ ମଣ୍ଡପ,ବସଷ୍ଟାଣ୍ଡ,ନିଳାମ୍ବରପୁର,ମଉଡମଣୀ ମହେନ୍ଦ୍ରପୁର, ଜଗନ୍ନାଥବଜାର, ନୂଆ ସାହିର ମେଢ ଏହି ମିଳିତ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।ପ୍ରତେଯକ ପୂଜା କମିଟିର ସଭାପତି,ସମ୍ପାଦକ,କମିଟି ସଦସ୍ୟମାନେ ଉପସ୍ଥିତ ରହି ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ। ପରେ ମୂର୍ତ୍ତିଗୁଡିକ ବିସର୍ଜନ କରାଯାଇଥିଲା। ମିଳିତ ଭସାଣ ଉତ୍ସବରେ ଶାନ୍ତି ଶୃଙ୍ଖଳା ପାଇଁ ସଦର ପୋଲିସ ସହିତ ଢେଙ୍କାନାଳ ପୋଲିସ ପ୍ରଶାସନ ତରଫରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା।

ଟାଟା ଷ୍ଟିଲ କପିଳାସ ହାଫ ମାରାଥନ ଟି ସାର୍ଟ ଉନ୍ମୋଚିତ

ନିଶାମୁକ୍ତ ଅଭିଯାନ, ବିକଶିତ ଭାରତ କି ପେହେଚାନ



ଢେଙ୍କାନାଳ,(ସବ୍ୟୁ) :ଢେଙ୍କାନାଳ ଜିଲ୍ଲା ଓଡାପଡା ବ୍ଲକ ଟାଟା ଷ୍ଟିଲ ମେରାମଣ୍ଡଳୀ ତରଫରୁ ଚଳିତ ବର୍ଷ ହେବାକୁ ଥିବା ଟାଟା ଷ୍ଟିଲ ହାଫ ମାରାଥନ ପାଇଁ ନୂତନ ଟି ସାର୍ଟ ଉନ୍ମୋଚନ ହୋଇଛି। ଚଳିତ ବର୍ଷ ନିଶାମୁକ୍ତ ଭାରତ ଗଠନ ଏବଂ ବିକଶିତ ଭାରତର ସଂକଳ୍ପକୁ ଜନମାନସରେ ପହଞ୍ଚାଇବା ଲକ୍ଷ୍ୟରେ ଆସନ୍ତା ୯ ଜାନୁଆରୀ ୨୦୨୭ରେ ଟାଟା ଷ୍ଟିଲ୍ କପିଳାସ ହାଫ୍ ମାରାଥନ୍-୨୦୨୭ ଅନୁଷ୍ଠିତ ହେବ। ଚଳିତ ବର୍ଷର ମାରାଥନ୍ 'ନିଶାମୁକ୍ତ ଅଭିଯାନ, ବିକଶିତ ଭାରତ କି ପେହେଚାନ୍' ବିଷୟ ବସ୍ତୁକୁ ନେଇ ଏହି ମାରାଥନ ଅନୁଷ୍ଠିତ ହେବ। ଏହି ଅବସରରେ ଶୁକ୍ରବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମାରାଥନ୍‌ର ଟି-ସାର୍ଟ ଉନ୍ମୋଚନ କରାଯିବା ସହ ପଞ୍ଜୀକରଣ ପ୍ରକ୍ରିୟାର ଶୁଭାରମ୍ଭ କରାଯାଇଛି।ସାମ୍ବାଦିକ ସମ୍ମିଳନୀରେ ଢେଙ୍କାନାଳ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ଆରକ୍ଷୀ ଅଧୀକ୍ଷକ ଅଜିଙ୍କ୍ୟ ବାବୁରାଓ ମାନେ, ଟାଟା ଷ୍ଟିଲ୍‌ର ମୁଖ୍ୟ କ୍ରୀଡ଼ା ଅଧିକାରୀ ମୁକୁଲ ବିନାୟକ ଚୌଧୁରୀ, ଟାଟା ଷ୍ଟିଲ୍ ମେରାମଣ୍ଡଳୀର ମୁଖ୍ୟ କର୍ପୋରେଟ୍ ସର୍ଭିସେସ୍ ଶୁଭ୍ରାଂଶୁ ଶେଖର ପଣ୍ଡା ଏବଂ ଏମ୍‌ଜିଏମ୍ ଗ୍ରୁପ୍‌ର ମୁଖ୍ୟ ପରିଚାଳନା ଅଧିକାରୀ ସୁନୀଲ କୁମାର ମିଶ୍ର ଉପସ୍ଥିତ ଥିଲେ। ଏଥିସହ ଅତିରିକ୍ତ ଜିଲ୍ଲାପାଳ ସାଧାରଣ ରମେଶ ଚନ୍ଦ୍ର ସେଠୀ ଏବଂ ଉପଜିଲ୍ଲାପାଳ, ଢେଙ୍କାନାଳ ପଦ୍ମଚରଣ ସାହୁ ଉପସ୍ଥିତ ଥିଲେ।ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ପାଟିଲ କହିଥିଲେ ଯେ, କପିଳାସର ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ଶାନ୍ତ ପରିବେଶ ଏହି ମାରାଥନ୍‌କୁ ଏକ ସ୍ୱତନ୍ତ୍ର ମହତ୍ତ୍ୱ ପ୍ରଦାନ କରିଛି। ଏହା ଜିଲ୍ଲା ବାହାରୁ ଆସୁଥିବା ଅତିଥି ଓ ପ୍ରତିଯୋଗୀମାନଙ୍କୁ ଢେଙ୍କାନାଳର ଅପୂର୍ବ ପ୍ରାକୃତିକ ଶୋଭା ସହ ପରିଚିତ କରାଇବାର ଏକ ଉତ୍ତମ ସୁଯୋଗ। ଟାଟା ଷ୍ଟିଲ୍ ସର୍ବଦା ଏଭଳି ଆୟୋଜନ ମାଧ୍ୟମରେ ସମାଜ ପାଇଁ ଏକ ବୃହତ୍ତର ଓ ସକାରାତ୍ମକ ବାର୍ତ୍ତା ପ୍ରସାର କରିବାକୁ ଗୁରୁତ୍ୱ ଦେଇଆସିଛି। ଗତବର୍ଷ ବୀର ବାଜି ରାଉତଙ୍କ ସ୍ମୃତି ଓ ଆଦର୍ଶକୁ କେନ୍ଦ୍ର କରି ମାରାଥନ୍ ଆୟୋଜିତ ହୋଇଥିବା ବେଳେ ଚଳିତ ବର୍ଷ ନିଶାମୁକ୍ତ ଭାରତ ଗଠନର ବାର୍ତ୍ତାକୁ ଗୁରୁତ୍ୱ ଦିଆଯାଇଛି।ଜିଲ୍ଲାପାଳ ଆହୁରି କହିଥିଲେ ଯେ, ଗତବର୍ଷ ଏହି ମାରାଥନ୍‌ରେ ୫,୦୦୦ରୁ ଅଧିକ ପ୍ରତିଯୋଗୀ ସାମିଲ ହୋଇଥିଲେ। ଏହା ଜନସାଧାରଣଙ୍କ ମଧ୍ୟରେ ଏହି ଆୟୋଜନ ପ୍ରତି ରହିଥିବା ଆଗ୍ରହ ଓ ଉତ୍ସାହକୁ ପ୍ରତିଫଳିତ କରୁଛି। ଚଳିତ ବର୍ଷ ଏହାଠାରୁ ଅଧିକ ସଂଖ୍ୟକ ପ୍ରତିଯୋଗୀ ଅଂଶଗ୍ରହଣ କରିବେ ବୋଲି ସେ ଆଶାପ୍ରକାଶ କରିଥିଲେ। ମାରାଥନ୍‌ର ବାର୍ତ୍ତାକୁ ବ୍ୟାପକ ଭାବେ ପ୍ରସାର କରିବା ସହ ଅଧିକରୁ ଅଧିକ ଲୋକଙ୍କୁ ପଞ୍ଜୀକରଣ ଓ ଅଂଶଗ୍ରହଣ ପାଇଁ ଉତ୍ସାହିତ କରିବାକୁ ସେ ଗଣମାଧ୍ୟମ ପ୍ରତିନିଧି ଏବଂ ସୋସିଆଲ୍ ମିଡିଆ ଇନ୍‌ଫ୍ଲୁଏନ୍ସରମାନଙ୍କୁ ଆହ୍ୱାନ ଦେଇଥିଲେ।ଏହି ଅବସରରେ ଢେଙ୍କାନାଳ ଆରକ୍ଷୀ ଅଧୀକ୍ଷକ ମାରାଥନ୍‌ର ସଫଳ ଆୟୋଜନ ପାଇଁ ଜିଲ୍ଲା ପୁଲିସ ପକ୍ଷରୁ ସମସ୍ତ ପ୍ରକାର ସୁରକ୍ଷା ବ୍ୟବସ୍ଥା ଓ ସହଯୋଗ ଯୋଗାଇ ଦିଆଯିବ ବୋଲି ଆଶ୍ୱାସନା ଦେଇଥିଲେ। ଏଥିସହ ଆୟୋଜକମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ।ସାମ୍ବାଦିକ ସମ୍ମିଳନୀର ଶେଷ ପର୍ଯ୍ୟାୟରେ ଗଣମାଧ୍ୟମ ପ୍ରତିନିଧିମାନେ ମାରାଥନ୍‌ର ଆୟୋଜନ ଓ ପ୍ରସ୍ତୁତି ସମ୍ପର୍କରେ ପ୍ରଶ୍ନ ପଚାରିଥିଲେ। ଏଥିସହ ଢେଙ୍କାନାଳ ଜିଲ୍ଲାରେ ହାତୀଙ୍କ ସମେତ ଅନ୍ୟ ବନ୍ୟଜନ୍ତୁଙ୍କ ସୁରକ୍ଷା ଓ ସଂରକ୍ଷଣ ଦିଗରେ ଟାଟା ଷ୍ଟିଲ୍ ପକ୍ଷରୁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ମଧ ଆଲୋଚନା ହୋଇଥିଲା।କ୍ରୀଡ଼ା, ପରିବେଶ ସଚେତନତା ଓ ସାମାଜିକ ଦାୟିତ୍ୱବୋଧକୁ ଏକତ୍ର କରୁଥିବା ଏହି ମାରାଥନ୍ ନିଶାମୁକ୍ତ ସମାଜ ଗଠନ ଦିଗରେ ଏକ ଜନଆନ୍ଦୋଳନର ରୂପ ନେବା ସହ ଢେଙ୍କାନାଳ ଜିଲ୍ଲାର ପରିଚୟକୁ ଜାତୀୟ ସ୍ତରରେ ଆହୁରି ସୁଦୃଢ଼ କରିବ ବୋଲି ଆଶା କରାଯାଉଛି।ଏହି ମାରାଥନରେ ୨୧ କିଲୋମିଟର ରାସ୍ତା ଅତିକ୍ରମ କରିବାକୁ ଥିବା ବେଳେ ୧୮ବର୍ଷରୁ ଅଧିକ ପ୍ରତିଭାଗୀ ମାନଙ୍କ ପାଇଁ ୧୦ କିଲୋମିଟର,୧୪ରୁ ୧୮ବର୍ଷ ପ୍ରତିଭାଗୀ ମାନଙ୍କ ପାଇଁ ୫ କିଲୋମିଟର ରଖାଯାଇଛି। ଯେଉଁମାନେ ଅଂଶଗ୍ରହଣ କରିବାକୁ ଚାହୁଁଥିବେ ସେମାନେ ଡିସେମ୍ବର ୧୫ ତାରିଖ ପର୍ଯ୍ୟନ୍ତ ଅନଲାଇନ ମାଧ୍ୟରେ ପଞ୍ଜିକରଣ କରିପାରିବେ। ଟାଟା ଷ୍ଟିଲ ତରଫରୁ ନଗଦ ୯ଲକ୍ଷ ୬୪ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବାକୁ ଥିବା ବେଳେ ବିଭିନ୍ନ କ୍ଷେତ୍ରରେ ୩୦ଟି ବିଭାଗ ରହିଛି।ପୁରୁଷ ମହିଳା ମାନଙ୍କ ମଧ୍ୟରୁ ବିଜେତାଙ୍କୁ ଏକ ଲକ୍ଷ ଟଙ୍କା ଲେଖାଏଁ ଅର୍ଥ ପ୍ରଦାନ କରାଯିବ ବୋଲି ଜଣାପଡିଛି।

ସୌଭାଗ୍ୟଚନ୍ଦ୍ର ଦେବ ସ୍ମୃତିବାର୍ଷିକ

ତାଳଚେର, (ସବ୍ୟୁ) : ଆଜି ତାଳଚେର ରାଜପ୍ରସାଦ ଠାରେ ରାଜା ସୌଭାଗ୍ୟଚନ୍ଦ୍ର ଦେବ ସ୍ମୃତି ବାର୍ଷିକ ପାଇକ ମହାସଭା ଅନୁଷ୍ଠିତ ହୋଇଯାଇଛି ବୋଲି ବର୍ତ୍ତମାନର ରାଜା ସାହେବ ବିଜେନ୍ଦ୍ର ଚନ୍ଦ୍ର ଦେବ ବୀରବର ହରିଚନ୍ଦନ ଜଣାଇଛନ୍ତି । ଆଜି ତାଳଚେର ଏବଂ ନିକଟବର୍ତ୍ତୀ ଗ୍ରାମ ବୁପଙ୍କ, ସଚ୍ଛପ ଗୋପାଳପ୍ରସାଦ, କିଶୋରୀପାଳ, କଙ୍କିଳି, ରେଙ୍ଗାଳୀ, ବକ୍ରକୋଟ, କୁଲେଇ, ସୁଲେଇପାଳ, ଝୁଲାଖୁଂଟିଆ, ପୁରୁଣାଗ ଏବଂ ସରଧାପୁରରୁ ପ୍ରାୟ ୧୫ଟି ପାଇକଦଳ ସକାଳ ସମୟରେ ତାଳଚେର ଫାଷ୍ଟଗେଟ ଠାରେ ଏକତ୍ରିତ ହୋଇ ସେଠାରୁ ଏହି ଦଳ ଗୁଡିକ ନିଜର ପାରମ୍ପରିକ, କଳା, କୌଶଳ ଓ ଶୃଙ୍ଖଳା ପ୍ରଦର୍ଶନ ପୂର୍ବକ ଶୋଭାଯାତ୍ରାରେ ସହର ପରିକ୍ରମା କରି ତାଳଚେର ରାଜପ୍ରସାଦରେ ପଂହଚିଥିଲେ । ଏହି କାର୍ଯ୍ୟକ୍ରମରେ ତାଳଚେର ରାଜା ବିଜେନ୍ଦ୍ର ଚନ୍ଦ୍ର ଦେବ, ରାଣୀ ପ୍ରିୟମ୍ବଦା ସିଂହ, ରାଜାମାତା ପୁଷ୍ପା କୁମାରୀ ଦେବୀ, ପୂର୍ବତନ ସାଂସଦ ମହେଶ ସାହୁ, ଯଯାତି ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ । ଏହି ପାଇକ ଆଖଡ଼ା ଯୁଦ୍ଧ, କଳା ଓ ନୃତ୍ୟ ଶୈଳୀକୁ ସଂରକ୍ଷଣ ତଥା ପୁରାତନ କୀର୍ତ୍ତି ରାଜିର ପ୍ରଚାର ପ୍ରସାର କରିବା ଏବଂ ଯୁବପିଢ଼ୀକୁ ଏହି ପରମ୍ପରାକୁ ଆଗକୁ ବଢ଼ାଇବା ଓ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଏହି ସମାରୋହ ଆୟୋଜିତ କରାଯାଇଥିଲା । ବିଶେଷ କରି ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା'ହିଙ୍ଗୁଳା ମଧ ଗୋପାଳ ପ୍ରସାଦ ଠାରୁ ବାହାରି ରାଜପ୍ରସାଦରେ ପଂହଚିଥିଲେ ବୋଲି ରାଜା ସୂଚନା ଦେଇଛନ୍ତି । ଏହି ପାଇକ ଆଖଡ଼ା ଦେଖିବାକୁ ବହୁ ଦୂର ଦୂରାନ୍ତରରୁ ରାଜପ୍ରସାଦ ଠାରେ ଲୋକଙ୍କର ଭିଡ଼ ଜମିଥିଲା ।



ତ୍ରୁଟିପୂର୍ଣ୍ଣ ଚିକିତ୍ସାରୁ ପ୍ରସୂତୀଙ୍କ ମୃତ୍ୟୁ ଅଭିଯୋଗର ତଦନ୍ତ

ଦୁଇ ଡାକ୍ତରଙ୍କ ବିରୋଧରେ ମାମଲା ରୁଜୁ, ଜଣେ ଫେରାର

ଭଣ୍ଡାରିପୋଖରୀ,(ସବ୍ୟୁ) : ଭଣ୍ଡାରିପୋଖରୀର ଥାନା ଅନ୍ତର୍ଗତ ରାମଚନ୍ଦ୍ରପୁର ପଞ୍ଚାୟତ ସଂପୋଇ ଗ୍ରାମର ପ୍ରସୂତୀ ରଜନୀ ରଣା(୨୫)ଙ୍କୁ ମାତ୍ରାଧିକ ନିଶ୍ଚେତକ ପ୍ରୟୋଗ କରିବା ଦ୍ୱାରା ମୃତ୍ୟୁ ହୋଇଥିବା ଅଭିଯୋଗ ଉପରେ ଦୁଇ ଡାକ୍ତରଙ୍କ ବିରୋଧରେ ଯାଜପୁର ଥାନାରେ ମାମଲା ରୁଜୁ ହୋଇଛି। ସ୍ୱାମୀ ଜୟନ୍ତ ରଣାଙ୍କ ଅଭିଯୋଗ ଆଧାରରେ ଯାଜପୁର ଟାଉନ ଥାନାରେ ୫୫୨/୨୬ନଂ ମାମଲା ଡାକ୍ତର ବରେନ୍ଦ୍ର ନାଥ ଜେନା ଓ ଅଚ୍ୟୁତାନନ୍ଦ ସେବା ସଦନର ମାଲିକ ଡାକ୍ତର ଗଣେଶ ଚନ୍ଦ୍ର ରାୟଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ଗୁରୁବାର ଖବର ପ୍ରସାରଣ ହେବା ପରେ ଭଦ୍ରକ ମୁଖ୍ୟ ଚିକିତ୍ସାଧିକାରୀଙ୍କ ନିର୍ଦ୍ଦେଶରେ ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକ୍ଷକ ଡାକ୍ତର ସରୋଜ କୁମାର ରାଉଳ ଅଚ୍ୟୁତାନନ୍ଦ ସେବା ସଦନକୁ ଯାଇ ଡାକ୍ତର ରାୟଙ୍କୁ ଚିକିତ୍ସା ସମ୍ପର୍କରେ ପଚରାଉଚରା କରିଛନ୍ତି। ଯାଜପୁର ମୁଖ୍ୟ ଚିକିତ୍ସାଳୟ ଠାରୁ ମାତ୍ର ୨ ଶହ ମିଟର ଦୂର ରାଣୀରାମଚନ୍ଦ୍ରପୁରରେ ଥିବା 'ଆସ୍ଥା ଡାଇଗ୍ନୋଷ୍ଟିକ ଓ ଅଲଟ୍ରା ସାଉଣ୍ଡ କ୍ଲିନିକ'କୁ ଯାଇ ତାଲା ପଡିଥିବାରୁ ଫେରିଆସିଛନ୍ତି। କ୍ଲିନିକର ମାଲିକ ମୃତକଙ୍କୁ ନିୟମିତ ଚିକିତ୍ସା କରିଆସୁଥିବା ମୁଖ୍ୟ ଅଭିଯୁକ୍ତ ଡାକ୍ତର ଜେନା ଫେରାର ହୋଇଯାଇଥିବାରୁ ପଚରାଉଚରା କରିପାରିନଥିବା ଜଣାଯାଇଛି। ଅନ୍ୟପକ୍ଷରେ ଗତ ୧୮ ତାରିଖ ସନ୍ଧ୍ୟାରେ ଅଚ୍ୟୁତାନନ୍ଦ ସେବା ସଦନ ଅସ୍ତ୍ରୋପଚାର ପ୍ରକୋଷ୍ଠରେ ନିଶ୍ଚେତକ ପ୍ରୟୋଗ କରିଥିବା ଡାକ୍ତର ବିଶ୍ୱଜିତ ଜେନାଙ୍କୁ ଫୋନ ଯୋଗେ ତଦନ୍ତକାରୀ ଡାକ୍ତର ରାଉଳ ପଚରାଉଚରା କରିଥିବା ଜଣାଯାଇଛି। ପ୍ରସୂତୀଙ୍କ ମୁଖ୍ୟ ଚିକିତ୍ସକ ଡାକ୍ତର ଜେନା ଓ ନିଶ୍ଚେତକ ଡାକ୍ତର ଜେନା ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ପଦୋନ୍ନତି ପାଇ ଅନ୍ୟତ୍ର ଅବସ୍ଥାପିତ ଆଦେଶକୁ ଏଡାଇ ଯାଜପୁରରେ ରହି ଭିନ୍ନ ଉପାୟରେ ଚିକିତ୍ସା କରୁଥିବା ସୂଚନା ମିଳିଛି। ଅନ୍ୟମାନଙ୍କ ମଧ୍ୟରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପିଏଚଇଓ ନବଘନ ଦାସ, ବିପିଏମ ଦିପ୍ତୀରଞ୍ଜନ ମଲ୍ଲିକ ଡା.ରାଉଳଙ୍କୁ ସହଯୋଗ କରିଥିଲେ। ଆଜିର ତଦନ୍ତ ସମୟରେ ଉପସ୍ଥିତ ଥିବା ମୃତକଙ୍କ ପରିବାର ଲୋକେ ତଦନ୍ତ ପରିସରଭୁକ୍ତ ହୋଇଥିବା ୩ ଜଣ ଡାକ୍ତରଙ୍କୁ ଅବିଳମ୍ବେ ଗିରଫ କରିବାକୁ ଦାବି କରିଛନ୍ତି।

ନାବାଳିକାଙ୍କୁ ଅପହରଣ କରି ଗଣଦୁଷ୍କର୍ମ, ହତ୍ୟା ଘଟଣା, ଅଭିଯୁକ୍ତ ଗିରଫ

ବଦଳିଲେ ଜଳେଶ୍ୱର ଥାନା ଆଇଆଇସି : ନିଲମ୍ବିତ ନାମ୍ପୋ ଫାଣ୍ଡି ଅଧିକାରୀ

ଜଳେଶ୍ୱର/ବାଲେଶ୍ୱର,(ସବ୍ୟୁ) : ବାଲେଶ୍ୱରଜିଲ୍ଲା ଜଳେଶ୍ୱର ଅଞ୍ଚଳରେ ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଛି। ଜଣେ ନିଖୋଜ ଦଶମ ଶ୍ରେଣୀ ଛାତ୍ରୀର ଗଳିତ ମୃତ ଦେହ ଉଦ୍ଧାର ହେବା ପରେ ଜଳେଶ୍ୱର ଅଞ୍ଚଳରେ ଚାଞ୍ଚଲ୍ୟ ଖେଳି ଯାଇଛି। ଜଳେଶ୍ୱର ଥାନା ଅନ୍ତର୍ଗତ ପଶ୍ଚିମବାର୍ଡ ପଞ୍ଚାୟତର ଦେବ କୁମାର ଗ୍ରାମର ଅରୁଣ ଜେନାଙ୍କ ୧୪ ବର୍ଷିୟା କନ୍ୟା ଗତ ୧୬ ତାରିଖରେ ନିଖୋଜ ହୋଇଥିଲେ। ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରିବା ପରେ ବର୍ଡନା ପଞ୍ଚାୟତ ଅନ୍ତର୍ଗତ ସୁଲତାନପୁର ଗ୍ରାମର ସମ୍ପୃକ୍ତ ଅଭିଯୁକ୍ତ ଚନ୍ଦ୍ରକାନ୍ତ ଜେନାକୁ ପୋଲିସ ଉଠାଇ ନେଇ ଛାଡ଼ି ଦେଇଥିଲା। କିନ୍ତୁ ଗୁରୁବାର ସକାଳେ ବର୍ଡନା ପଞ୍ଚାୟତର ଘେରାପଦା ଠାରେ ଥିବା ଏକ ପରିତ୍ୟକ୍ତ ବୁଦା ମୂଳରୁ ଯୁବତୀର ଗଳିତ ମୃତ ଶରୀର ମିଳିବା ଖବର ପାଇ ଜଳେଶ୍ୱର ଓ ନାମ୍ପୋ ପୁଲିସ ଘଟଣା ସ୍ଥଳରେ ପହଞ୍ଚିଥିଲେ। ପରିବାର ଲୋକେ ପୁଲିସ ପ୍ରଶାସନ ଓ ସମ୍ପୃକ୍ତ ଅଭିଯୁକ୍ତ ଚନ୍ଦ୍ରକାନ୍ତ ଜେନାଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରୁଥିବା ବେଳେ ଏ ଅଞ୍ଚଳରେ ତୀବ୍ର ଉତ୍ତେଜନା ଲାଗି ରହିଛି। ଦୁର୍ଗାପୂଜା ଉତ୍ସବ ଚାଲିଥିବା ବେଳେ ଶହ ଶହ ଲୋକ କପାସିଆ ରାସ୍ତାରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ।ଏହା ସହିତ ଖୁଲୁଡା ରାଜନଗର ଠାରେ ଗ୍ରାମବାସୀଙ୍କ ଦ୍ୱାରା ରାସ୍ତା ଅବରୋଧ କରି ପୋଲିସ୍ ବିରୁଦ୍ଧରେ ନାରାବାଜୀ କରିଥିଲେ । ଘଟଣାସ୍ଥଳରେ ଆମ୍ବୁଲାନ୍ସ, ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ ଜାରି ରଖିଥିବା ବେଳେ ଉଚ୍ଚପଦସ୍ଥ ପୋଲିସ ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ପରିସ୍ଥିତି ଉପରେ ନଜର ରଖିଛନ୍ତି। ମୃତା ନାବାଳିକାଙ୍କ ଗଳାରେ ଉତ୍ତରୀୟ ବନ୍ଧା ଯାଇଥିବା ବେଳେ ପେଟ୍ରୋଲ ଢ଼ାଳି ପ୍ରମାଣ ନଷ୍ଟ ପାଇଁ ଉଦ୍ୟମ କରାଯାଇଥିବା ସନ୍ଦେହ କରାଯାଉଛି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ହତ୍ୟାକାରୀମାନଙ୍କୁ ଗିରଫ କରିବାପାଇଁ ପରିବାରବର୍ଗ ଓ ଗ୍ରାମବାସୀମାନେ ଦାବୀ କରିଛନ୍ତି।ଶୁକ୍ରବାର ଦିନ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ଉକ୍ତ ଗ୍ରାମକୁ ଯାଇ ମୃତା ନାବାଳିକାଙ୍କ ପରିବାରର ସଦସ୍ୟମାନଙ୍କୁ ଭେଟି ଆଶ୍ୱାସନା ଦେବା ସଙ୍ଗେ ସଙ୍ଗେ ଏହି ଗଣ ଦୁଷ୍କର୍ମ ଓ ନାରକୀୟ ହତ୍ୟା ଘଟଣାରେ ସମ୍ପୃକ୍ତ ଅନ୍ୟ ଅପରାଧୀମାନଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଜିଲ୍ଲା ପୋଲିସ ପ୍ରଶାସନ ନିକଟରେ ଦୃଢ଼ ଦାବୀ କରିଛନ୍ତି। ବିଜେଡ଼ି ପକ୍ଷରୁ ଜିଲ୍ଲା ସଭାପତି ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ନେତୃତ୍ୱରେ ଅଶ୍ୱିନୀ ପାତ୍ର, ଡ. ଲେଖାଶ୍ରୀ ସାମନ୍ତ ସିଂହାର, ସୁକାନ୍ତ ନାୟକ, ଶୁଭଲକ୍ଷ୍ମୀ ମାଝୀ, ସ୍ୱରୂପ କୁମାର ଦାସ, ରଂଜନ ବାଗ, ଉମିଳତା ଦାସ, ମୀନା ମହାନ୍ତି, ତାପସ ପାଣିଗ୍ରାହୀ, ଗଙ୍ଗାଧର ମିଶ୍ର ପ୍ରମୁଖ ପିଡ଼ିତାଙ୍କ ପରିବାରକୁ ସାକ୍ଷାତ କରିଛନ୍ତି । ଏହାଛଡ଼ା ଦୋଷୀ ବ୍ୟକ୍ତିଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଗ୍ରାମବାସୀଙ୍କୁ ପ୍ରତିଶୃତି ଦେଇଛନ୍ତି । ଶୁକ୍ରବାର ସନ୍ଧ୍ୟାରେ ବିଜେଡ଼ିର ଏହି ଟିମ୍ ବାଲେଶ୍ୱର ଏସ୍‌ପି ଓ ପୂର୍ବାଞ୍ଚଳ ଡିଆଇଜିଙ୍କୁ ସାକ୍ଷାତ କରି ଘଟଣା ବାବଦରେ ଅବଗତ କରାଇବା ସହ ତ୍ୱରିତ ପଦକ୍ଷେପ ନେବାକୁ ଦାବି କରିଛନ୍ତି । ବାଲେଶ୍ୱର ଜିଲ୍ଲା ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକର ଏହି ହତ୍ୟା ଓ ଗଣ ଦୁଷ୍କର୍ମ ଘଟଣାରେ ଅପରାଧୀଙ୍କୁ ଗିରଫ କରି ପରେ ଥାନାରୁ ଛାଡ଼ିଦେବା ଓ କାଯ୍ୟରେ ଅବହେଳା ଅଭିଯୋଗରେ ନାମ୍ପୋ ଫାଣ୍ଡି ଅଧିକାରୀ କରଣ ମାରାଣ୍ଡି ଙ୍କୁ କାର୍ଯ୍ୟରୁ ନିଲମ୍ବନ କରିଥିବା ବେଳେ ଜଳେଶ୍ୱର ଥାନାର ଆଇଆଇସି ଅଶୋକ କୁମାର ବାରିକଙ୍କୁ ଜିଲ୍ଲା ପୋଲିସ ମୁଖ୍ୟାଳୟକୁ ବଦଳି କରିଛନ୍ତି। ଜଳେଶ୍ୱର ଥାନାର ନୂତନ ଆଇଆଇସି ଭାବେ ମୁକୁନ୍ଦ ମୁରାରୀ ପାତ୍ର ଯୋଗଦାନ କରିଥିବା ଜଣାପଡିଛି।



ଗରସଙ୍ଗ ରାବଣ ପୋଡିର ମଜାନେଲେ ଦର୍ଶକ



ଖଇରା,(ସବ୍ୟୁ): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗରସଙ୍ଗ କଲେଜ ପଡିଆରେ ରାବଣ ପୋଡି ଉତ୍ସବକୁ ହଜାର ହଜାର ଦର୍ଶକ ମନଭରି ଉପଭୋଗ କରିଛନ୍ତି । କୈଳାସ ମାଝୀଙ୍କ ସଭାପତିତ୍ୱରେ ଆୟୋଜିତ ଉଦଘାଟନୀ ଉତ୍ସବରେ ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗ ଦେଇ କମିଟିର ସ୍ଥାୟୀ ଘର ବ୍ୟବସ୍ଥା ପାଇଁ ପ୍ରତିଶୃତି ଦେଇଥିଲେ । ବିଧାୟକଙ୍କ ପତ୍ନୀ କୁନ୍ତଳା ପଣ୍ଡା,ଖଇରା ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ,୬ନମ୍ବର ଜୋନ ଜିଲା ପରିଷଦ ସଭ୍ୟା ସୁଷମା ମହାପାତ୍ର,ମୀନାକ୍ଷୀ ମହାପାତ୍ର, ଅନ୍ତରା ସମବାୟ ସମିତି ସମ୍ପାଦକ ବିକାଶ ନାୟକ, ନାଏବ ସରପଞ୍ଚ ହେମଲତା ଘୋଷ, ମଦନମୋହନ ଜେନା,ଗୋପୀନାଥ ଘୋଷ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ । ରାବଣ ପୋଡି କମିଟିର ସଭାପତି ଅରବିନ୍ଦ ଦାସ,ସମ୍ପାଦକ ପିଣ୍ଟୁଦାସ ଓ କୋଷାଧକ୍ଷ ଶଶିଭୂଷଣ ନାୟକ ପ୍ରମୁଖ ଉତ୍ସବର ସଫଳତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ସିମୁଳିଆ ଥାନା ଏସଏସଆଇ କ୍ଷୀରୋଦ ସାହୁଙ୍କୁ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ସୁଶାନ୍ତ ଉପାଧ୍ୟାୟ, ମହେଶ ସାହୁ, ମନୋରଞ୍ଜନ ଘୋଷ, ମଦନ ବେହେରା, ଗୌରାଙ୍ଗ ଘୋଷ, ନରେନ୍ଦ୍ର ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ଦର୍ଶକମାନେ ଆତସବାଜୀ ଓ ରାବଣ ମୁର୍ତ୍ତୀ ପୋଡିର ମଜା ନେଇଥିଲେ ।

ଉଦ୍ଧାର ଅଜଣା ବିଧବା ଡାକ୍ତରଖାନାରେ ମୃତ



ନୀଳଗିର ,(ସବ୍ୟୁ) :ନୀଳଗିରି ମିତ୍ରପୁର ସ୍ଥିତ କାଠପାଳ ପୋଲ ଉପରେ ଜନୈକ ବିଧବା ମହିଳା ପଡ଼ିଥିବା ବେଳେ ସ୍ଥାନୀୟ ଲୋକେ ଏନେଇ ନୀଳଗିରି ଥାନାକୁ ଖବର ଦେଇଥିଲେ। ପରେ ନିଳଗିରି ଆଇ ଆଇ ସି ଗୋବର୍ଦ୍ଧନ ନାୟକ ତୁରନ୍ତ ୧୧୨ଗାଡ଼ି ପଠାଇ ନିଳଗିରି ମେଡିକାଲକୁ ଆଣି ଚିକିତ୍ସା କରାଇ ଥିଲେ। ତେବେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ବିଧବା ମହିଳାଙ୍କ ପରିଚୟ ମିଳି ନ ଥିବା ବେଳେ ମରଶରୀରକୁ ନୀଳଗିରି ମେଡିକାଲରେ ଶବ ବ୍ୟବଚ୍ଛେଦ ଘରେ ଫ୍ରିଜରରେ ରଖା ଯାଇଛି।

ଚଳନ୍ତା ଟ୍ରେନରୁ ଖସି କଲେଜ ଛାତ୍ରୀ ଗୁରୁତର

ବେତନଟୀ ,(ସବ୍ୟୁ): ରୁପ୍ସାରୁ ବାଙ୍ଗିରିପୋଷି ଯାଉଥିବା ମେମୁଟ୍ରେନରୁ ଶୁକ୍ରବାର ପୂର୍ବାହ୍ନ ସମୟରେ ଜନୈକ କଲେଜଛାତ୍ରୀ ଖସିପଡି ଗୁରୁତର ଆହତ ହୋଇଛନ୍ତି। ସୂଚନା ମୁତାବକ ବେତନଟୀ ଥାନା ଅଧୀନ ଶିଖରଘାଟି ଗ୍ରାମର କାନ୍ହୁ ସୋରେନଙ୍କ ଝିଅ ସୁନିତା ସୋରେନ(୧୯) ରାସ୍ପା କଲେଜରେ ଯୁକ୍ତତିନି ଶ୍ରେଣୀରେ ପଢୁଥିବା ବେଳେ ନିଜର କିଛି ସାଙ୍ଗଙ୍କ ସହିତ କମ୍ପ୍ୟୁଟର କ୍ଲାସରେ ପଢିବାକୁ ଶୁକ୍ରବାର ପୂର୍ବାହ୍ନରେ ମେମୁଟ୍ରେନଯୋଗେ ବାରିପଦା ଯାଉଥିଲେ। କୃଷ୍ଣଚନ୍ଦ୍ରପୁର ରେଲଷ୍ଟେସନରୁ ନିଜର ସାଙ୍ଗମାନଙ୍କ ସହିତ ମେମୁ ଟ୍ରେନରେ ଚଢ଼ିଥିଲେ। ଏହାପରେ ଟ୍ରେନ ଜାମଶୋଳ ଷ୍ଟେସନ ଛାଡିବାର ୫କିଲୋମିଟର ପରେ ଶଙ୍ଖାଭଙ୍ଗା ପଖାପାଖିରେ କୌଣସି କାରଣରୁ ସୁନିତା ଟ୍ରେନ ଦ୍ୱାର ପାଖରେ ଥିବା ସମୟରେ ଭାରସାମ୍ୟ ହରାଇ ଚଳନ୍ତା ଟ୍ରେନରୁ ଖସିପଡ଼ିଥିଲେ। ରକ୍ତଜୁବୁଜୁବୁ ଅବସ୍ଥାରେ ସୁନିତାଙ୍କୁ ଗୁରୁତର ଅବସ୍ଥାରେ ରଙ୍ଗାମାଟିଆସ୍ଥିତ ମେଡିକାଲ କଲେଜରେ ଭର୍ତ୍ତି କରାଯାଇଥିଲା। ସୁନିତାଙ୍କ ଅବସ୍ଥା ଗୁରୁତର ରହିଥିବା ବେଳେ ତାଙ୍କର ମୁଣ୍ଡ, ମୁହଁ, ହାତ ସମେତ ବିଭିନ୍ନ ସ୍ଥାନରେ ଗଭୀର ଆଘାତ ଲାଗିଛି।

ବ୍ରାହ୍ମଣଗାଁର ନିଆରା ପରମ୍ପରା ବାସୁଆ ବଳଦ ଦୌଡ

ବାସୁଦେବପୁର,(ସବ୍ୟୁ): ବାସୁଦେବପୁର ବ୍ଲକର ବ୍ରାହ୍ମଣଗାଁର ଦୁର୍ଗା ପୂଜା ସହିତ ଦଶହରାର ବାସୁଆ ବଳଦ ଦୌଡରେ ରହିଛି ନିଆରା ପରମ୍ପରା ଭକ୍ତମାନଙ୍କୁ ବେଶ ଆକର୍ଷିତ କରିଥାଏ। ବିଶେଷ କରି ଗାଁ ଗହଳିର ଚାଷ କାମରେ ବଳଦ ଦେଖିବାକୁ ମିଳୁନଥିବାବେଳେ ପରମ୍ପରା ବଜାୟ ରଖିବାକୁ ବଳଦ ପାଳିଛନ୍ତି ବାଲେଶ୍ୱର ଜିଲ୍ଲାର ବଙ୍ଗାଳୀ ପଡାର କୁଅଁର ପରିବାର। ୧୪୮୫ ମସିହାରୁ ପ୍ରଚଳିତ ହୋଇ ଆସୁଛୀ ବାସୁଆ ବଳଦ ଦୌଡା କିମ୍ବଦନ୍ତୀ ଆମକୁ ଏକତା ସୂତ୍ରରେ ବାନ୍ଧି ରଖିଛି। ଜାଣିବାକୁ ମିଳିଛି ଜଣେ ବଙ୍ଗାଳୀ ବଣିକଙ୍କୁ କୁଷ୍ଠରୋଗ ହୋଇଥିଲା। ରୋଗ ଛାଡୁନଥାଏ। ସେ ବଳଦ ପିଠିରେ ବେପାର ବଣିଜ କରୁଥିଲେ। ତାଙ୍କୁ ସ୍ୱପ୍ନାଦେଶ ହେଲା। ତାହା ପାଳନ କରିବା ପରେ ରୋଗ ଭଲ ହୋଇଗଲା। ସେ ବଣିକ ବାଲେଶ୍ୱର ଜିଲ୍ଲାର ବଙ୍ଗାଳୀ ପଡାରେ ରହୁଛନ୍ତି। ତାଙ୍କର ବଂଶଧରମାନେ ପରମ୍ପରା ଅନୁସରଣ କରି ଆଜି ବି ବାସୁଆ ବଳଦକୁ ପ୍ରସନ୍ନ କ୍ଷେମେଶ୍ୱର ମହାଦେବଙ୍କ ପାଖକୁ ଆଣିଥାନ୍ତି। ଏଠାରେ ଏକ ତାଳ ପତ୍ରରେ ସାନନ୍ଦ ଚିଟାଉ ଲେଖା ହେବା ପରେ ଯାନ୍ତି। ବାସୁଆ ବଳଦ ସାତ ଭେଡା ଦୌଡନ୍ତି। ଯାହାକୁ ଦେଖିବାକୁ ଭଦ୍ରକ ଓ ବାଲେଶ୍ୱର ଜିଲ୍ଲାର ହଜାର ହଜାର ଲୋକଙ୍କର ଗହଳି ଲାଗିଥାଏ। କମିଟି ପକ୍ଷରୁ ମେଳନ ପଡିଆର ରାବଣ ପୋଡି ଉତ୍ସବ ଅନୁଷ୍ଠିତ ହୋଇଯାଇଛି ।

ଆଏମସି ପଡ଼ିଆ, ସାଳନ୍ଦୀ ନଦୀ ପଠାରେ ବିକ୍ରି ହେବ ବାଣ

ଭଦ୍ରକ,(ସବ୍ୟୁ):ଆସନ୍ତା କାଳୀପୂଜା ଓ ଦୀପାବଳି ଅବସରରେ ଭଦ୍ରକ ସହର ତଥା ଜିଲ୍ଲାର ଗ୍ରାମାଂଚଳରେ ଅସ୍ଥାୟୀ ଆତସବାଜି ଦୋକାନ ପାଇଁ ଲାଇସେନ୍ସ ପ୍ରଦାନ ଓ ବିକ୍ରି ସ୍ଥାନ ନିର୍ଦ୍ଧାରଣ ନିମନ୍ତେ ଶୁକ୍ରବାର ସଦ୍‌ଭାବନା ସଭାଗୃହରେ ଏକ ପ୍ରାକ୍ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଗ୍ରୀନ୍ କ୍ରାକର୍ସ ବିକ୍ରି,ଅଗ୍ନିନିରାପତ୍ତା ଓ ନିର୍ଦ୍ଧାରିତ ସ୍ଥାନରେ ସୁରକ୍ଷିତ ବାଣ ବିକ୍ରି ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ବୈଠକରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ (ଗୁଇନ୍ଦା ସଂସ୍ଥା)ଅଂଶୁମାନ ଦ୍ୱିବେଦୀ,ଡେପୁଟି କଲେକ୍ଟର (ବିଚାର)କାର୍ତ୍ତିକନାଥ ମଣ୍ଡଳଙ୍କ ସମେତ ଜିଲ୍ଲାର ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ। ଆଲୋଚନା ପରେ ଜିଲ୍ଲାରେ ଥିବା ସମସ୍ତ ଅସ୍ଥାୟୀ ଆତସବାଜି ଦୋକାନରେ କେବଳ ଗ୍ରୀନ୍ କ୍ରାକର୍ସ ବିକ୍ରି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାଦ୍ୱାରା ପରିବେଶ ପ୍ରଦୂଷଣ ହ୍ରାସ କରିବା ସହ ପର୍ବପର୍ବାଣୀକୁ ଅଧିକ ସୁରକ୍ଷିତ ଓ ପରିବେଶ ଅନୁକୂଳ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ତେଣୁ ଦୋକାନୀମାନେ ନିର୍ଦ୍ଧାରିତ ନିୟମ ଅନୁଯାୟୀ ଗ୍ରୀନ୍ କ୍ରାକର୍ସ ବିକ୍ରି କରିବା ସହ ପ୍ରଶାସନର ନିର୍ଦ୍ଦେଶ ପାଳନ କରିବେ। ନିଷ୍ପତ୍ତି ଅନୁଯାୟୀ,ଅସ୍ଥାୟୀ ଆତସବାଜି ଦୋକାନଗୁଡ଼ିକ ୨ନଭେମ୍ବର ୨୦୨୬ ଠାରୁ ୭ନଭେମ୍ବର ୨୦୨୬ ରାତି ୧୦ଟା ପର୍ଯ୍ୟନ୍ତ ଖୋଲା ରହି ବାଣ ବିକ୍ରି କରିପାରିବେ। ଏଥିପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଅନୁମତିପତ୍ର ନେବା ବାଧ୍ୟତାମୂଳକ ରହିଛି। ବାଣ ଦୋକାନ ପାଇଁ ସୁରକ୍ଷିତ ସ୍ଥାନ ଚିହ୍ନଟ ନିମନ୍ତେ ସମ୍ପୃକ୍ତ ତହସିଲଦାର,ଅଗ୍ନିଶମ ଅଧିକାରୀ ଓ ଥାନାଧିକାରୀଙ୍କୁ ନେଇ ମିଳିତ ଭାବେ ସ୍ଥାନ ନିର୍ଦ୍ଧାରଣ କରାଯିବ। ଗ୍ରାମାଂଚଳରେ ଏହି ଅଧିକାରୀମାନେ ମିଳିତ ଭାବେ ଯାଂଚ କରି ଇଚ୍ଛୁକ ଦୋକାନୀମାନଙ୍କୁ ଆବଶ୍ୟକ ଅନାପତ୍ତି ପ୍ରମାଣପତ୍ର ପ୍ରଦାନ କରିବା ସହ ସରକାରୀ ଦେୟ ଆଦାୟ କରିବେ। ପୌରାଂଚଳ ଓ ବିଜ୍ଞାପିତ ଅଂଚଳରେ ଏହି ପ୍ରକ୍ରିୟାରେ ସମ୍ପୃକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ମଧ୍ୟ ସାମିଲ ହେବେ। ଭଦ୍ରକ ପୌରାଂଚଳରେ ଅସ୍ଥାୟୀ ବାଣ ଦୋକାନ ପାଇଁ ଦୁଇଟି ସ୍ଥାନ ଚିହ୍ନଟ କରାଯାଇଛି। ସେଗୁଡ଼ିକ ହେଲା ଆଏମସି ପଡ଼ିଆ ଓ ସାଳନ୍ଦୀ ନଦୀ ପଠା। ପ୍ରଶାସନ ପକ୍ଷରୁ ସମସ୍ତ ଅସ୍ଥାୟୀ ବାଣ ଦୋକାନୀଙ୍କୁ ସରକାରୀ ନିୟମାବଳୀ,ଅଗ୍ନିନିରାପତ୍ତା ନିୟମ ଓ ଅନୁମତି ସର୍ତ୍ତାବଳୀ କଡ଼ାକଡ଼ି ଭାବେ ପାଳନ କରିବାକୁ କୁହାଯାଇଛି। ନିୟମ ଉଲ୍ଲଂଘନ କଲେ ଯେକୌଣସି ସମୟରେ ଦୋକାନ ସିଲ୍ କରାଯିବା ସହ ଆବଶ୍ୟକ ଆଇନଗତ ପଦକ୍ଷେପ ନିଆଯିବ।

ସାପ କାମୁଡ଼ାରେ ଚାଷୀ ମୃତ

ସୋର, (ସବ୍ୟୁ): ସୋର ଥାନା ଦହିସଡା ପଞ୍ଚାୟତ ସୁଲତାନପୁର ଗ୍ରାମରେ ସାପ କାମୁଡାରେ ଯୁବକଙ୍କର ମୃତ୍ୟୁ ହୋଇଛି । ସୁଲତନାପୁର ଗ୍ରାମର ଗୌରାଙ୍ଗ ଖଟୁଆ (୪୨) ଚାଷ କରି ପରିବାର ପ୍ରତିପୋଷଣ କରନ୍ତି। ଗୁରୁବାର ଅପରାହ୍ନରେ ବିଲକୁ କାମ କରିବାକୁ ଯାଇଥିବା ବେଳେ ସେଠାରୁ ଫେରି ସଂଧାରେ ହଠାତ ଅସୁସ୍ଥ ହୋଇ ପଡିଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ଆଣିଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୋର ପୁଲିସ ଡାକ୍ତରଖାନାରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ରଖିଥିଲେ। ଆଜି ସକାଳେ ପୁଲିସ ପରିବାର ଲୋକଙ୍କ ଉପସ୍ଥିତିରେ ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହିତ କେଶ୍ ନମ୍ବର ୭୭/୨୬ରେ ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଛି ।

ଖଣି ବିଭାଗ ଚଢ଼ାଉ : ୪ ଡ଼ମ୍ଫର ଜବତ

ସୋର ,(ସବ୍ୟୁ): ସୋର ଥାନା ଅଧିନ ବାଗୁଡି ପଥର ଖାଦାନରୁ ପଥର ଚାଲାଣ ହେଉଥିବା ନେଇ କୌଣସି ସୂତ୍ରରୁ ଖବର ପାଇ ଖଣି ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୪ ଟି ଡ଼ମ୍ଫର ଜବତ କରାଯାଇଛି। ବାଗୁଡି ପଥର ଖାଦାନରୁ ପଥର ଲୁଟ ହେଉଥିବା ନେଇ କୌଣସି ସୂତ୍ରରୁ ଖବର ପାଇ ଖଣି ଅଧିକାରୀ ଜଗନ ବେହେରା ଓ କନିଷ୍ଠ ଖଣି ଅଧିକାରୀ ଜଗନାଥ ଦାସ ଚଢ଼ାଉ କରିଥିଲେ। ଏହି ସମୟରେ ଓଡ଼ି ୦୧ ଏକ୍ସ ୬୨୯୨,ଓଡ଼ି ୦୧ କିୟୁ ୯୩୪୮,ଓଡ଼ି ୦୧ ଡବ୍ଲୁ ୫୮୭୯ ଓ ଓଡ଼ି ୦୧ ଏନ ୫୮୭୯ ନମ୍ବର ବିଶିଷ୍ଟ ଚାରୋଟି ପଥର ବୋଝେଇ ଡ଼ମ୍ଫରକୁ ଜବତ କରିବା ସହିତ ସୋର ପୁଲିସକୁ ହସ୍ତାନ୍ତର କରିଥିବା ଜଣାପଡ଼ିଛି।

ଏସଆଇଆର ଲାଗି ପ୍ରତିବାଦ ସଭା

ନୀଳଗିର ,(ସବ୍ୟୁ): ପିପ୍ୟୁଲ୍ସ ଏଗେନେଷ୍ଟ ଏସ ଆଇ ଆର ପାଇଁ ନୀଳଗିରିରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇ ଯାଇଛି। ସାରା ଭାରତ ବର୍ଷ ରେ ମୁଖ୍ୟ ନିର୍ବାଚନ କମିଶନରଙ୍କ ଇସ୍ତଫା ଦାବିରେ ବିଭିନ୍ନ ସଂଗଠନ ତରଫରୁ ଆନ୍ଦୋଳନ ଚାଲିଛି । ଏସ ଆଇ ଆର ନାମରେ ୧୩କୋଟିରୁ ଉର୍ଦ୍ଧ ମତଦାତାଙ୍କ ନାମକୁ ଭୋଟର ତାଲିକାରୁ ବାଦ ଦିଆଯାଇଛି। କେନ୍ଦ୍ରରେ ବିଜେପି ସରକାରକୁ ସୁରକ୍ଷା ଦେବା ପାଇଁ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ନିର୍ଦ୍ଦେଶରେ ଚଂଚକତା କରି ଏସ ଆଇ ଆର ନାମ ରେ ତେର କୋଟିରୁ ଉର୍ଦ୍ଧ ମତଦାତାଙ୍କ ନାମକୁ ଭୋଟର ତାଲିକାରୁ ବାଦ ଦେବାକୁ ସାରା ଦେଶ ରେ ପ୍ରତିବାଦ ର ସ୍ୱର ତୀବ୍ର ହୋଇଛି। ଏହାକୁ ପ୍ରତିବାଦ କରି ଜ୍ଞାନେଶ କୁମାରଙ୍କ ଇସ୍ତଫା ସହିତ ଗିରଫ ଦାବୀ କରାଯାଇଛି । ତତ୍ ସହିତ ନିର୍ବାଚନ ଅଧିକାରୀଙ୍କ ବିରୁଦ୍ଧରେ କୌଣସି ଆଇନ୍ ଗତ କାର୍ଯ୍ୟାନୁଷ୍ଠାନ ନିଆଯାଇ ପାରିବ ନାହିଁ ବୋଲି ହୋଇଥିବା ଆଇନର ପରିବର୍ତ୍ତନ, ଏସଆଇଆରକୁ ରଦ୍ଦ,ଓ ଭୋଟର ତାଲିକା ରୁ ବାଦ ପଡ଼ିଥିବା ଭୋଟରଙ୍କୁ ପୁନଃ ସଂଯୋଗ କରାଯିବା ଦାବିରେ ଆଜି ଇଣ୍ଡିଆ ମେଣ୍ଟ ତରଫରୁ ନୀଳଗିରିରେ ପ୍ରତିବାଦ ସଭା କରାଯାଇଛି । ମେଣ୍ଟ ତରଫରୁ ସିପିଏମ କାର୍ଯ୍ୟାଳୟରୁ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ନୀଳଗିରି ଉପଜିଲ୍ଲାପାଳ ଙ୍କ ଅଫିସ ଆଗରେ ପ୍ରତିବାଦ ସଭା କରାଯାଇ ଥିଲା ।ଉକ୍ତ ସଭାରେ ସିପିଏମ ଜିଲ୍ଲା କମିଟି ସଭ୍ୟ ସତ୍ୟଜିତ ଦାସ ସଭାପତିତ୍ୱ କରିଥିଲେ । ସିପିଏମ ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ୟ ବିଜୟ କୁମାର ପାତ୍ର,ଜ୍ୟୋତିର୍ମୟ ରାଉତ, ହେମେନ୍ଦ୍ର ସେଠି, ମୃତ୍ୟୁଞ୍ଜୟ ନାୟକ, ଲକ୍ଷ୍ମଣ ସ, ଯୋଗନନ୍ଦ ଦାଶ, ମନୋରଞ୍ଜନ ସାହୁ,ଉମାକାନ୍ତ ଷଡଙ୍ଗୀ, କାଳିଆ ପାତ୍ର, ଗଜେନ୍ଦ୍ର ସିଂ, ପ୍ରଦୀପ ମିଶ୍ର, ଜାତୀୟ କିଷାନ କଂଗ୍ରେସ ରାଜ୍ୟ ଉପ ସଭାପତି ଯଶୋଦା ନନ୍ଦନ ସିଂ, ରାହାସ ମହାପାତ୍ର, ପିତାମ୍ବର ସିଂ, ସିପିଆଇରୁ ନିରଞ୍ଜନ ବାରିକ, ବିଜୟ ସ, ନିହାର ଜେନା ଉପସ୍ଥିତ ରହି ଡବଲ ଇଞ୍ଜିନି ସରକାରଙ୍କ ଅପାରଗତା ସମ୍ପର୍କରେ ତୀବ୍ର ସମାଲୋଚନା କରିଥିଲେ।

ବାରାପୁରରେ ରାବଣ ପୋଡି ଉତ୍ସବ

ବାସୁଦେବପୁର,(ସବ୍ୟୁ) :ଆନନ୍ଦ ଓ ଉଲ୍ଲାସ ସହିତ ବାସୁଦେବପୁର ବ୍ଲକର ଆର୍ଡ଼ଙ୍ଗ ପଂଚାୟତର ବାରାପୁର ଠାରେ ଦୁର୍ଗା ପୂଜା କମିଟି ଆନୁକୂଲ୍ୟରେ ଦୁର୍ଗା ପୂଜା ଓ ରାବଣ ପୋଡି ଉତ୍ସବ ଅନୁଷ୍ଠିତ ହୋଇ ଯାଇଅଛି। ବାରାପୁର ହାଇସ୍କୁଲ ଛକରେ ଆୟୋଜିତ ଦୁର୍ଗା ପୂଜା ବେଶ ଭକ୍ତିମୟ ପରିବେଶରେ ଅନୁଷ୍ଠିତ ହୋଇ ଯାଇଛି। ହଜାର ହଜାର ଭକ୍ତମାନଙ୍କର ଗହଳି ଲାଗିଥିଲା। ଏହି ଦିବସ ପାଳନ କରିବାକୁ ବାରାପୁର ଦୁର୍ଗା ପୂଜା କମିଟି ଓ ମହାବୀର କ୍ଲବ ପକ୍ଷରୁ ଏକ ସଭା ଅନୁଷ୍ଠିତ ହୋଇ ଯାଇଅଛି। ଆୟୋଜିତ ସଭାର ମୁଖ୍ୟଅତିଥି ଭାବେ ବାସୁଦେବପୁର ପୋଲିସ ଷ୍ଟେସନର ଭାରପ୍ରାପ୍ତ ଅଧିକାରୀ ଇନ୍ସପେକ୍ଟର ନିରୋଜ କୁମାର ସାମଲ,ବୃନ୍ଦାବନ ବେହେରା,ଏବି ହାଇସ୍କୁଲର ପ୍ରଧାନ ଶିକ୍ଷକ ନୀଳମଣୀ ବେହେରା,ମନ୍ମଥ କୁମାର ସାହୁ ଯୋଗଦେଇ ଉଦବୋଧନ ଦେଇଥିଲେ। ପୂର୍ଣ୍ଣଚନ୍ଦ୍ର ସାହୁ ଓ ରତିକାନ୍ତ ସାହୁଙ୍କୁ ମାନପତ୍ର ଓ ଉପଢ଼ୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ଅମୀୟ କୁମାର ପାଣିଗ୍ରାହୀ ସଂଯୋଜନା କରିଥିଲେ।

ଡକ୍ଟରେଟ ଉପାଧି ପାଇଲେ ହାଟଡିହି ବ୍ଲକ୍ ଉପାଧକ୍ଷ

ହାଟଡିହି ,(ସବ୍ୟୁ): ଆଇକୋନିକ ହ୍ୟୁମାନ ରାଇଟ୍ସ ଆଣ୍ଡ ଏଜୁକେସନାଲ ଅର୍ଗାନାଇଜେସନ ପକ୍ଷରୁ ହାଟଡିହି ବ୍ଲକ ଉପାଧକ୍ଷ ରତିକାନ୍ତ ରାଉତଙ୍କୁ ଶିକ୍ଷା କ୍ଷେତ୍ରରେ ସମ୍ମାନସୂଚକ ଡକ୍ଟରେଟ ଉପାଧି ପ୍ରଦାନ କରାଯାଇଛି। ସଂସ୍ଥାର ନିର୍ଦ୍ଦେଶକ ଓ ଅଧ୍ୟକ୍ଷଙ୍କ ନିକଟରେ ନ୍ୟସ୍ତ କ୍ଷମତା ଏବଂ ମୂଲ୍ୟାୟନ ବୋର୍ଡର ବିଚାର ଓ ସୁପାରିସ ଆଧାରରେ ଡକ୍ଟର ରତିକାନ୍ତ ରାଉତଙ୍କୁ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଦିଲ୍ଲୀର ଟେକନୋଲୋଜିକାଲ ୟୁନିଭର୍ସିଟି ଠାରେ ଅନୁଷ୍ଠିତ ଏହି ଉତ୍ସବରେ ବଲିଉଡ ଅଭିନେତା ସୁନୀଲ ଚିତକାରା, ତିହାର ଜେଲର ଅବସରପ୍ରାପ୍ତ ଉପ ଅଧିକ୍ଷକ ଅଜୟ ଭାଟିଆ, ଡାଇରେକ୍ଟର ଈଶା ସିମୱାଲ, ମେଘନା ଶର୍ମା ପ୍ରମୁଖ ଉପସ୍ଥିତ ରହି ରତିକାନ୍ତଙ୍କୁ ଏହି ଉପାଧିରେ ସମ୍ମାନିତ କରିଥିଲେ। ଏହି ଉପାଧି ପ୍ରଦାନକୁ ନେଇ ଡକ୍ଟର ରତିକାନ୍ତ ରାଉତଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନର ସୁଅ ଛୁଟିଛି।


ନପଙ୍ଗରୁ ୨ ନାଗସାପ ଉଦ୍ଧାର

ଭଣ୍ଡାରିପୋଖରୀ,(ସବ୍ୟୁ):ଭଣ୍ଡାରିପୋଖରୀର ବ୍ଲକ ଅନ୍ତର୍ଗତ ନପଙ୍ଗ ଗ୍ରାମରୁ ୨ ନାଗସାପ ଶୁକ୍ରବାର ଉଦ୍ଧାର ହୋଇଛି। ଗ୍ରାମର ଧର୍ମେନ୍ଦ୍ର ନାୟକ ଖାଦ୍ୟ ଗ୍ରହଣ କରୁଥିବା ବେଳେ ପଛପଟେ ନାଗସାପ ଯାଉଥିବା ଦେଖିଥିଲେ। ସେହିପରି ଗ୍ରାମର ସୁଶାନ୍ତ ନାୟକଙ୍କ ଘରେ ନାଗସାପ ଗର୍ଜନ କରୁଥିବା ଦେଖିଥିଲେ। ଉଭୟ ପରିବାର ପକ୍ଷରୁ ସ୍ନେକ ହେଲପଲାଇନର ଜାହାଙ୍ଗୀର ଖାଁଙ୍କୁ ସୂଚନା ଦେଇଥିଲେ। ଜାହାଙ୍ଗୀର ଖାଁ ୨ଟି ନାଗସାପ ଉଦ୍ଧାର କରି ସୁରକ୍ଷିତ ସ୍ଥାନରେ ଛାଡିଥିବା ଜଣାଯାଇଛି।

ବ୍ରହ୍ମାକୁମାରୀଜ ଦ୍ୱାରା ତ୍ରିଦିବସୀୟ ଚୈତନ୍ୟ ଝାଙ୍କି

ବେତନଟୀ ,(ସବ୍ୟୁ): ଆଧ୍ୟାତ୍ମିକ ଚେତନା, ଶାନ୍ତି ଓ ଦିବ୍ୟଶକ୍ତିର ବାର୍ତ୍ତା ପ୍ରଚାର ଉଦ୍ଦେଶ୍ୟରେ ଦୁର୍ଗାପୂଜା ଅବସରରେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ବେତନଟୀ ସେବାକେନ୍ଦ୍ର ପକ୍ଷରୁ ତ୍ରିଦିବସୀୟ ଚୈତନ୍ୟ ଝାଙ୍କି କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ମୟୂରଭଞ୍ଜ ଜିଲ୍ଲାର ମୁଖ୍ୟ ସଞ୍ଚାଳିକା ତଥା ବରିଷ୍ଠ ରାଜଯୋଗିନୀ ବ୍ରହ୍ମାକୁମାରୀ ସାବିତ୍ରୀ ଭଉଣୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।ଏହି ଅବସରରେ ବ୍ରହ୍ମାକୁମାର ଭାଇ ଓ ବ୍ରହ୍ମାକୁମାରୀ ଭଉଣୀମାନଙ୍କ ଦ୍ୱାରା ଚୈତନ୍ୟ ଦୁର୍ଗା ଝାଙ୍କି ସହ ସତ୍ୟଯୁଗ ଝାଙ୍କି ପ୍ରଦର୍ଶିତ ହୋଇଥିଲା। ଦେବୀ ଦୁର୍ଗାଙ୍କ ବିଭିନ୍ନ ଶକ୍ତିସ୍ୱରୂପର ପ୍ରତୀକାତ୍ମକ ଉପସ୍ଥାପନା ସହ ସତ୍ୟଯୁଗର ଶାନ୍ତି, ସମୃଦ୍ଧି ଓ ପବିତ୍ରତାର ଭାବଧାରାକୁ ଝାଙ୍କି ମାଧ୍ୟମରେ ପ୍ରତିଫଳିତ କରାଯାଇଥିଲା। ଏହା ଆଧ୍ୟାତ୍ମିକ ଚେତନା ଓ ମାନବୀୟ ମୂଲ୍ୟବୋଧର ବାର୍ତ୍ତା ପ୍ରସାରର ଏକ ମାଧ୍ୟମ ହୋଇଥିଲା ।ଏହି ଚୈତନ୍ୟ ଝାଙ୍କି ଆଧାରରେ ଧାର୍ମିକ ଓ ଆଧ୍ୟାତ୍ମିକ ଭାବଧାରାକୁ ଜନମାନସରେ ପ୍ରସାର କରିବା ସହ ଶାନ୍ତି, ସଦ୍ଭାବନା ଓ ସକାରାତ୍ମକ ଜୀବନଶୈଳୀ ପ୍ରତି ଲୋକଙ୍କୁ ପ୍ରେରିତ କରାଯାଇଥିଲା । ବେତନଟୀ ସେବାକେନ୍ଦ୍ରର ସଞ୍ଚାଳିକା ବ୍ରହ୍ମାକୁମାରୀ ବନିତା ଭଉଣୀ କାର୍ଯ୍ୟକ୍ରମର ପରିଚାଳନା କରିଥିବା ବେଳେ ବିଭିନ୍ନ ସେବାକେନ୍ଦ୍ରରୁ ଆସିଥିବା ବ୍ରହ୍ମାକୁମାର ଭାଇ ଓ ବ୍ରହ୍ମାକୁମାରୀ ଭଉଣୀମାନେ ସହଯୋଗ କରିଥିଲେ। ଏହି ତ୍ରିଦିବସୀୟ ଚୈତନ୍ୟ ଝାଙ୍କି କାର୍ଯ୍ୟକ୍ରମ ମାଧ୍ୟମରେ ଆଧ୍ୟାତ୍ମିକ ଜାଗରଣ, ନୈତିକ ମୂଲ୍ୟବୋଧ ଓ ଶାନ୍ତିପୂର୍ଣ୍ଣ ଜୀବନଶୈଳୀର ବାର୍ତ୍ତା ପ୍ରସାର କରାଯାଇଥିଲା।

ନିର୍ଭୀକ, ନିର୍ଭୁଲ ସାମ୍ବାଦିକତା ଗଣତନ୍ତ୍ରର ଶକ୍ତି : ସୂର୍ଯ୍ୟବଂଶୀ ସୂରଜ




ଅସୁରାଳି,(ସବ୍ୟୁ): ଧାମନଗର ବ୍ଲକର ଅସୁରାଳିସ୍ଥିତ ଆଇଟିଆଇ ଠାରେ ଡିଡିଏ ପ୍ରେସ କ୍ଲବ ଏବଂ ମିଳିତ ସାମ୍ବାଦିକ ସାମୁଖ୍ୟ ପକ୍ଷରୁ 'ସାଧାରଣ ମଣିଷର ସ୍ୱର ହେଉ ସାମ୍ବାଦିକତା'ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଡିଡିଏ ପ୍ରେସ କ୍ଲବର ସଭାପତି ସନ୍ତୋଷ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଆଲୋଚନାଚକ୍ରକୁ ମୁଖ୍ୟଅତିଥି ଭାବେ ଉଦଘାଟନ କରିଥିଲେ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା,ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ । ମନ୍ତ୍ରୀ ଶ୍ରୀସୂରଜ ସାମ୍ବାଦିକମାନଙ୍କୁ ସର୍ବଦା ନିର୍ଭୀକ ଓ ନିର୍ଭୁଲ ଖବର ପରିବେଷଣ କରିବାକୁ ଆହ୍ୱାନ ଦେଇ ଏହା ଗଣତନ୍ତ୍ରର ପ୍ରକୃତ ଶକ୍ତି ବୋଲି ମତବ୍ୟକ୍ତ କରିଥିଲେ। ସେ କହିଲେ ଯେ,ଜଣେ ସାମ୍ବାଦିକ ଯାହା ଲେଖନ୍ତି,ତାହାକୁ ପାଠକମାନେ ଗୁରୁତ୍ୱ ଦିଅନ୍ତି ଏବଂ ଅନୁସରଣ କରନ୍ତି। ଏଣୁ ଆଗାମୀ ଦିନରେ ସାମ୍ବାଦିକ ସଂଘ ପକ୍ଷରୁ ନିର୍ଭୁଲ ଖବର ଲେଖା ଏବଂ ଶୁଦ୍ଧ ଓଡ଼ିଆ ଉଚ୍ଚାରଣ ତଥା ଲେଖା ଉପରେ କର୍ମଶାଳା ଆୟୋଜନ କରାଯିବା ଆବଶ୍ୟକ। ଡିଡ଼ିଏ ପ୍ରେସ କ୍ଲବର ଉପଦେଷ୍ଟା ଦୀପ୍ତିରଞ୍ଜନ ନାୟକ ସଭା ସଂଯୋଜନା କରିଥିଲେ। ଓଡିଶା ସାମ୍ବାଦିକ ୟୁନିଅନର ରାଜ୍ୟ ସାଧାରଣ ସମ୍ପାଦକ କିଶାନ କୁମାର ରାଉତ,ଓୟୁଜେ ଭଦ୍ରକ ଜିଲ୍ଲା ସଭାପତି ପ୍ରିୟଦର୍ଶନ ବୋଇତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସାମ୍ବାଦିକ ଅନ୍ତର୍ଯ୍ୟାମୀ ଦାସ ମଂଚକୁ ଆମନ୍ତ୍ରଣ କରିଥିବା ବେଳେ ବରିଷ୍ଠ ସାମ୍ବାଦିକ ବୈକୁଣ୍ଠନାଥ ସାହୁ ଅତିଥି ପରିଚୟ ଏବଂ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବରିଷ୍ଠ ସାମ୍ବାଦିକ କୃଷ୍ଣଚନ୍ଦ୍ର ଜେନା,ଦୀନବନ୍ଧୁ ଦାଶ,ରଜତ ପଣ୍ଡା,ମନୋଜ ଦାସ,ବାବାଜୀ ପାଢ଼ୀ,ସରୋଜ ସେଠୀ,ଅସିତ ଓଝା,ଅଜୟ ପଣ୍ଡା,ପଙ୍କଜ ଦାସ,କାଳନ୍ଦୀ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ସାମ୍ବାଦିକ ସିଦ୍ଧାର୍ଥ ଶଙ୍କର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ 'ମହକ' ଓ 'ଉତ୍ସାହ-୨୦୨୬' ଆୟୋଜିତ

ଭଦ୍ରକ,(ସବ୍ୟୁ):ଶିଶୁମାନଙ୍କ ମଧ୍ୟରେ ଲୁକ୍କାୟିତ ପ୍ରତିଭାର ବିକାଶ,ଆତ୍ମବିଶ୍ୱାସ ବୃଦ୍ଧି ଓ କ୍ରୀଡ଼ା ମନୋଭାବ ସୃଷ୍ଟି କରିବା ଲକ୍ଷ୍ୟରେ ଭଦ୍ରକ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ ଗତ ୨୨ ଓ ୨୩ ତାରିଖରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ 'ମହକ' ଓ 'ଉତ୍ସାହ-୨୦୨୬' ଆୟୋଜିତ ହୋଇଯାଇଛି। ୨୨ରେ ଜିଲ୍ଲା ସଂସ୍କୃତି ଭବନଠାରେ ଜିଲ୍ଲାସ୍ତରୀୟ ଶିଶୁ ଯତ୍ନ ଅନୁଷ୍ଠାନ ମହୋତ୍ସବ 'ମହକ' ଅନୁଷ୍ଠିତ ହୋଇଥିବାବେଳେ ୨୩ ତାରିଖରେ ବାଗୁରାଇସ୍ଥିତ ବିନ୍ଦୁ ମାଧବ ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ଆନ୍ତଃ ଶିଶୁଯତ୍ନ ଅନୁଷ୍ଠାନ କ୍ରୀଡ଼ା ପ୍ରତିଯୋଗିତା 'ଉତ୍ସାହ-୨୦୨୬' ଉଦଯାପିତ ହୋଇଛି। ଏହି ଦୁଇ କାର୍ଯ୍ୟକ୍ରମ ଶିଶୁମାନଙ୍କ ଅନ୍ତର୍ନିହିତ ପ୍ରତିଭା ଓ କ୍ରୀଡ଼ା ଦକ୍ଷତାକୁ ଉଜାଗର କରିବାର ଏକ ଉତ୍ତମ ମଂଚ ପ୍ରଦାନ କରିଛି। ଅକ୍ଟୋବର ୨୨ତାରିଖରେ ଆୟୋଜିତ 'ମହକ' ମହୋତ୍ସବକୁ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବିନାରାୟଣ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଡେପୁଟି କଲେକ୍ଟର କାର୍ତ୍ତିକନାଥ ମଣ୍ଡଳ,ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ସୁବ୍ରତ ବିଶ୍ୱାଳ,କିଶୋର ନ୍ୟାୟ ପରିଷଦର ସଦସ୍ୟ ବେଣୁଧର ସାହୁ,ସୁରକ୍ଷା ଅଧିକାରିଣୀ ସବିତା ବେହେରା,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି ଓ ପ୍ରାକ୍ତନ ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ କମଳାକାନ୍ତ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ମହୋତ୍ସବରେ ଶିଶୁଯତ୍ନ ଅନୁଷ୍ଠାନର ଅନ୍ତେବାସୀମାନଙ୍କ ମଧ୍ୟରେ କନିଷ୍ଠ ଓ ବରିଷ୍ଠ ବିଭାଗରେ ବକ୍ତୃତା,ଚିତ୍ରାଙ୍କନ,ସଙ୍ଗୀତ,କୁଇଜ୍,ପ୍ରତିଭା ଅନ୍ୱେଷଣ ଓ ଦଳଗତ ନୃତ୍ୟ ଆଦି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। । କୃତୀ ପ୍ରତିଯୋଗୀମାନଙ୍କୁ ପ୍ରଶଂସାପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିବାବେଳେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନେ ରାଜ୍ୟସ୍ତରୀୟ 'ମହକ' ଉତ୍ସବରେ ଭାଗ ନେବାର ସୁଯୋଗ ପାଇବେ। ସେହିପରି ୨୩ତାରିଖରେ ବାଗୁରାଇସ୍ଥିତ ବିନ୍ଦୁ ମାଧବ ଉଚ୍ଚ ବିଦ୍ୟାଳୟ ପଡ଼ିଆରେ 'ଉତ୍ସାହ-୨୦୨୬' କ୍ରୀଡ଼ା ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଶିଶୁମାନଙ୍କ ଶାରୀରିକ ସୁସ୍ଥତା, ଆତ୍ମବିଶ୍ୱାସ, କ୍ରୀଡ଼ା ମନୋଭାବ ଓ ଦଳଗତ ସହଯୋଗ ବୃଦ୍ଧି କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଉଦଘାଟନୀ ସଭାରେ ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ସୁବ୍ରତ ବିଶ୍ୱାଳ,ସଦସ୍ୟ ପ୍ରଦୀପ୍ତ କର,ଶିକ୍ଷକ ରବୀନ୍ଦ୍ର ମହାନ୍ତି,କିଶୋର ନ୍ୟାୟ ପରିଷଦର ସଦସ୍ୟବେଣୁଧର ସାହୁ,ପ୍ରାକ୍ତନ ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ କମଳାକାନ୍ତ ସ୍ୱାଇଁ ଓ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଜିଲ୍ଲାର ବିଭିନ୍ନ ଶିଶୁଯତ୍ନ ଅନୁଷ୍ଠାନର ଅନ୍ତେବାସୀମାନେ ଏହି କ୍ରୀଡ଼ା ପ୍ରତିଯୋଗିତାରେ ଉତ୍ସାହର ସହ ଭାଗ ନେଇଥିଲେ। ବାଳକ ଓ ବାଳିକାଙ୍କ ପାଇଁ ୧୦୦ ମିଟର ଓ ୨୦୦ ମିଟର ଦୌଡ଼, ଲମ୍ଫଡିଆଁ, ଉଚ୍ଚଡିଆଁ, କ୍ୟାରମ୍, ଚେସ୍ ଓ ଫୁଟବଲ୍ ଆଦି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଖେଳ ପ୍ରଶିକ୍ଷକ ତପନ କୁମାର ମିଶ୍ର ଓ ତାଙ୍କ ଦଳର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତିଯୋଗିତାଗୁଡ଼ିକ ସମ୍ପନ୍ନ ହୋଇଥିଲା। ଏହି ଅବସରରେ ଗାନ୍ଧୀ ଓଡ଼ିଶା ବାଳାଶ୍ରମର ବାଳକ ଫୁଟବଲ୍ ଦଳ ଓ ଶାନ୍ତି ଆଶ୍ରମର ବାଳିକା ଫୁଟବଲ୍ ଦଳ ଉତ୍କୃଷ୍ଟ ପ୍ରଦର୍ଶନ କରି ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି। ଏହା ଭଦ୍ରକ ଜିଲ୍ଲା ପାଇଁ ଗୌରବର ବିଷୟ ହୋଇଛି। ଉଦ୍‌ଯାପନୀ ସମାରୋହରେ ଅତିରିକ୍ତ ଜିଲ୍ଲାପାଳ ସରୋଜ ଦତ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପ୍ରଶଂସାପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ,ସଦସ୍ୟ ଓ ସଦସ୍ୟା ମମତା ରାୟଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

ପରମାତମ ଦର୍ଶନ ନୂତନ ଭବନ ଉଦ୍‌ଘାଟିତ



ଯୋଡ଼ା, (ସବ୍ୟୁ) : କେନ୍ଦୁଝର ଜିଲ୍ଲା ବଡବିଲ ଠାରେ ପବିତ୍ର ଆଧ୍ୟାତ୍ମିକ ଏବଂ ସାମାଜିକ ଉଲ୍ଲାସର ଅନନ୍ୟ ପରିବେଶ ମଧ୍ୟରେ 'ପରମାତମ ଦର୍ଶନ' ନୂତନ ଭବନର ଭବ୍ୟ ଉଦଘାଟନ ସମାରୋହ ଶୁକ୍ରବାର ଦିନସଫଳତାର ସହିତ ସମ୍ପନ୍ନ ହୋଇଯାଇଛି। ଏହି ଗରିମାମୟ ଏବଂ ଐତିହାସିକ କାର୍ଯ୍ୟକ୍ରମରେ ଓଡ଼ିଶାର କୋଣ ଅନୁକୋଣରୁ ଆସିଥିବା ଭାଇ-ଭଉଣୀ ଏବଂ ଅଞ୍ଚଳର ପ୍ରତିଷ୍ଠିତ ଗଣମାନ୍ୟ ଅତିଥିମାନଙ୍କର ବିଶେଷ ଉପସ୍ଥିତି ରହିଥିଲା।ମୁଖ୍ୟ ଅତିଥି ଭାବେ କେନ୍ଦୁଝର ସାଂସଦ ଅନନ୍ତ ନାୟକ ,ମୁଖ୍ୟବକ୍ତା ଭାବେ ଡାଇରେକ୍ଟର, ବ୍ରହ୍ମକୁମାରୀଜ, ଗୁରୁଗ୍ରାମ ରାଜଯୋଗିନୀ ବି.କେ. ଆଶା ଦିଦି ,ଡାଇରେକ୍ଟର, କଟକ ସବ-ଜୋନ, ବ୍ରହ୍ମକୁମାରୀଜ ରାଜଯୋଗିନୀ ବି.କେ. ସୁଲୋଚନା ଦିଦିଙ୍କ ସମେତ

ଅନ୍ୟାନ୍ୟ ବିଶିଷ୍ଟ ଅତିଥି ଏବଂ ଗଣମାନ୍ୟ ପ୍ରମୁଖ ଡକ୍ଟର ଦେବବ୍ରତ ସ୍ୱାଇଁ (ପୂର୍ବତନ ଚେୟାରମ୍ୟାନ, ଲୋକପାଳ / ଲୋକାୟୁକ୍ତ, କୁମାରୀ ଲଭଲି ଜୈନ , ଚନ୍ଦ୍ରଗୁପ୍ତ ପ୍ରସାଦ (ବିଶିଷ୍ଟ ସମାଜସେବୀ), ଦେବେନ୍ଦ୍ର ପିଙ୍ଗୁଆ,ଡକ୍ଟର ବି.କେ. ନଥମଲ (ଡାଇରେକ୍ଟର୍, ଆର୍ଟ ଗ୍ୟାଲେରୀଜ, ବ୍ରହ୍ମକୁମାରୀଜ),ବି.କେ. ପ୍ରତିଭା, (ରଜିଷ୍ଟ୍ରାର, ଡି.ଡି. କଲେଜ, କେନ୍ଦୁଝର), ବି.କେ. ବିନ୍ଦୁ ବେହେନ (ସେଣ୍ଟର ଇଞ୍ଚାର୍ଜ, କେନ୍ଦୁଝର ବ୍ରହ୍ମକୁମାରୀଜ ସେଣ୍ଟର)ଯୋଗ ଦେଇଥିଲେ ।ଏହି ଉଦଘାଟନ ସମାରୋହର ଏକ ବଡ଼ ବିଶେଷତ୍ୱ ଏଠାରେ ଜମିଥିବା ବିଶାଳ ଭିଡ଼ ଥିଲା। ଏଥିରେ ସମଗ୍ର ଓଡ଼ିଶାର କୋଣରୁ କୋଣକୁ ଆସିଥିବା ଭାଇ-ଭଉଣୀ ଏବଂ ସହର ତଥା ଆଖପାଖ ଅଞ୍ଚଳରୁ ସମୁଦାୟ ପ୍ରାୟ ୧୨୦୦ ରୁ ୧୩୦୦ ଭାଇ-ଭଉଣୀ ନିଜର ଉପସ୍ଥିତି ଦର୍ଶାଇଥିଲେ ଏବଂ ଏହି ଆଧ୍ୟାତ୍ମିକ ଆୟୋଜନର ଭରପୂର ଲାଭ ଉଠାଇଥିଲେ।କାର୍ଯ୍ୟକ୍ରମ ସମୟରେ ଦ୍ରୌପଦୀ ଦେବୀ ବାଳ ଭବନ ର ପିଲାମାନଙ୍କ ଦ୍ୱାରା ପ୍ରସ୍ତୁତ ମନମୁଗ୍ଧକର ସଙ୍ଗୀତ ଏବଂ ନୃତ୍ୟ ଉପସ୍ଥିତ ସମସ୍ତ ଦର୍ଶକଙ୍କ ମନ ମୋହି ନେଇଥିଲା। ପିଲାମାନଙ୍କର ଏହି କଳାତ୍ମକ ପ୍ରସ୍ତୁତିର ସମସ୍ତେ ଭରପୂର ଆନନ୍ଦ ଉଠାଇଥିଲେ।

ସମ୍ପାଦକୀୟ

ଓଡ଼ିଶା ଓ ଆନ୍ଧ୍ର ମଧ୍ୟରେ ବିବାଦ

ଦୁଇ ପଡ଼ୋଶୀ ରାଜ୍ୟ, ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ । ମାତ୍ର ଆମେ ସ୍ୱାଧୀନତାର ଅଶୀ ବର୍ଷରେ ପଦାର୍ପଣ କରିଥିବା ବେଳେ ଓଡ଼ିଶାର କୋଟିଆ ଅଞ୍ଚଳକୁ ନେଇ ଉଭୟ ରାଜ୍ୟ ମଧ୍ୟରେ ଯେଉଁ ବିବାଦ ଏବେ ବଢ଼ି ଚାଲିଛି, ତାହା ଆମ ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ । ଓଡ଼ିଶାକୁ ଦୀର୍ଘଦିନ ଧରି ଶାସନ କରି ନିଜ କବଜାରେ ରଖିଥିବା ଇଂରେଜ ଶାସକମାନେ ଏବେ ହୁଏତ ଭାବୁଥିବେ ଯେ ଆମେ ଭାରତୀୟମାନେ ସ୍ୱାଧୀନତା ପାଇଁ ଉପଯୁକ୍ତ ନୁହେଁ । ଦୁଃଖର କଥା, ବିଗତ ଚବିଶ ବର୍ଷର ଶାସନ କାଳରେ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ରହି ଆନ୍ଧ୍ର ପ୍ରଦେଶ ସହିତ ଜଳ ଓ ଜମି ବିବାଦର ସମାଧାନ କରି ପାରିଲେ ନାହିଁ । ଅଭିଯୋଗ ହେଉଥିଲା ଯେ ସେତେବେଳର ଅନେକ ବିଜୁ ଜନତା ଦଳର ମନ୍ତ୍ରୀ ଓ ବିଧାୟକମାନେ ଆନ୍ଧ୍ର ପ୍ରଦେଶକୁ ପରୋକ୍ଷରେ ସମର୍ଥନ କରି ଓଡ଼ିଶାର ସ୍ୱାର୍ଥ ପ୍ରତି ଆଖି ବୁଜି ଦେଇଥିଲେ । ତାହାର ପରିଣାମ ଆମେ ଏବେ ଭୋଗ କରୁଛୁଁ ବୋଲି କୁହାଯାଉଛି ।

୧୯୬୮ ମସିହାରୁ ଉଭୟ ରାଜ୍ୟ ମଧ୍ୟରେ ମାମଲା ସର୍ବୋଚ୍ଚ ଅଦାଲତରେ ଆରମ୍ଭ ହୋଇଛି । ସେ ମାମଲା ଛିଣ୍ଡିବାକୁ ନାହିଁ । ଭାଷା ଭିତ୍ତିରେ ୧୯୩୬ ଏପ୍ରିଲ ପହିଲାରୁ ଭାରତର ପ୍ରଥମ ରାଜ୍ୟ ଭାବେ ଓଡ଼ିଶା ଜନ୍ମ ଗ୍ରହଣ କରିଥିଲା । ଅବଶ୍ୟ ବିଚ୍ଛିନ୍ନାଞ୍ଚଳରେ ଅନେକ ଓଡ଼ିଆ ଅଞ୍ଚଳ ରହି ଯାଇଛି । ତେଲେଙ୍ଗାନା ଓ ଆନ୍ଧ୍ରକୁ ନେଇ ବହୁ ବିଳମ୍ବରେ ୧୯୫୩ରେ ଆନ୍ଧ୍ର ପ୍ରଦେଶ ଗଠିତ ହୋଇଛି । ୨୦୧୪ ମସିହାରେ ଆନ୍ଧ୍ର ପ୍ରଦେଶ ବିଭାଜିତ ହୋଇ ତେଲେଙ୍ଗାନା ଓ ଆନ୍ଧ୍ର ପ୍ରଦେଶ ଏହିପରି ଦୁଇଗୋଟି ରାଜ୍ୟରେ ପରିଣତ ହୋଇଛି । ଏପରି ପରିସ୍ଥିତି ହେଲା ଯେ ଆନ୍ଧ୍ର ପ୍ରଦେଶ ଦୁଇଭାଗ ହେବାକୁ ବାଧ୍ୟ ହେଲା । ତେଣୁ ନିଜ ରାଜ୍ୟ କଥା ଆନ୍ଧ୍ର ପ୍ରଦେଶ ଅଧିକ ଚିନ୍ତା କରି ଓଡ଼ିଶା ଉପରୁ ନଜର ହଟାଇବା ଉଚିତ ହେବ ବୋଲି ଓଡ଼ିଶାବାସୀ ଏବେ ଅନୁଭବ କରୁଛନ୍ତି ।

କୋରାପୁଟ ଜିଲ୍ଲାର ପଟାଙ୍ଗୀ ବ୍ଲକ୍ ଅନ୍ତର୍ଗତ କୋଟିଆ ପଞ୍ଚାୟତ ସମ୍ପୂର୍ଣ୍ଣ ଭାବେ ଓଡ଼ିଶାର । ମାତ୍ର ଆନ୍ଧ୍ର ପ୍ରଦେଶ ଅନ୍ତର୍ଗତ କୋଟିଆ ବୋଲି ଦର୍ଶାଯାଇ ଆନ୍ଧ୍ର ପ୍ରଦେଶ ସେଠାରେ ପଞ୍ଚାୟତ ନିର୍ବାଚନ ପ୍ରକ୍ରିୟା କରୁଥିବା କେବଳ ଅନ୍ୟାୟ ନୁହେଁ, ଦୁଃଖଦାୟକ ଘଟଣା ମଧ୍ୟ । ଅବଶ୍ୟ ରାଜ୍ୟ ସରକାରଙ୍କ ପକ୍ଷରୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏହି ଘଟଣାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶ କ୍ରମେ ଗୁରୁତର ଭାବେ ନେଇଛନ୍ତି । ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ସେ କରାଇ ଏହାର ପ୍ରତିକାର ପାଇଁ ଚେଷ୍ଟା କରିଛନ୍ତି । ଶେଷରେ ସର୍ବୋଚ୍ଚ ଅଦାଲତରେ ଏପରି ଅନ୍ୟାୟ ବିରୋଧରେ ରାଜ୍ୟ ସରକାର ଆଶ୍ରୟ ନେବେ ବୋଲି ରାଜ୍ୟ ସରକାର ମଧ୍ୟ ସ୍ଥିର କରିଛନ୍ତି ।

ଏହି କୋଟିଆ ଘଟଣାକୁ ନେଇ ବିରୋଧୀ ବିଜେଡ଼ି ଓ କଂଗ୍ରେସ ଦଳ ରାଜ୍ୟ ସରକାରଙ୍କୁ ବିରୋଧ କରିଛି । ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଏ ସଂକ୍ରାନ୍ତରେ ନୀରବତା ଅବଲମ୍ବନ କରିଥିବା ବିଷୟରେ ମଧ୍ୟ ନବୀନ ପତ୍ର ଲେଖିଛନ୍ତି । ଏବେ ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ । ସେ ଏପରି ପତ୍ର ଲେଖିବା ଉଚିତ । ମାତ୍ର ଦୀର୍ଘଦିନ ଧରି ଓଡ଼ିଶା ମୁଖ୍ୟମନ୍ତ୍ରୀ ଥିବାବେଳେ ଏ ସମ୍ପର୍କରେ ସେ କ'ଣ କରୁଥିଲେ ଏହାର ଜବାବ ମଧ୍ୟ ଦେବା ଦରକାର । କଂଗ୍ରେସ ସରକାର ମଧ୍ୟ ଦୀର୍ଘ ଦିନ ଧରି କେନ୍ଦ୍ରରେ ଓ ରାଜ୍ୟରେ ଥିଲା । ସେତେବେଳେ କଂଗ୍ରେସ କ'ଣ କରିଥିଲା ବୋଲି ଓଡ଼ିଶାର ଶିକ୍ଷିତ ଓ ସଚେତନ ଜନସାଧାରଣ ଜାଣିବାକୁ ଚାହୁଁଛନ୍ତି ।

ଏବେ କେନ୍ଦ୍ରରେ ମନ୍ତ୍ରୀ ନଥିଲେ ମଧ୍ୟ ସାଂସଦ ଧର୍ମେନ୍ଦ୍ର ପ୍ରଧାନ ଭଲ କଥାଟିଏ କହିଛନ୍ତି । ଏହି ଘଟଣାର ସମାଧାନ ସର୍ବଦଳୀୟ ସ୍ତରରେ କରାଯାଉ ବୋଲି ସେ ପ୍ରସ୍ତାବ ଦେଇଛନ୍ତି । ଅବଶ୍ୟ ଏହା ଏକ ଭଲ ପ୍ରସ୍ତାବ । ଏବେ ଓଡ଼ିଶା ବିଜେପିର ପ୍ରଭାରୀ ଦାୟିତ୍ୱରେ ଥିବା ଆନ୍ଧ୍ର ପ୍ରଦେଶର ବିଶିଷ୍ଟ ବିଜେପି ନେତ୍ରୀ ଶ୍ରୀମତୀ ପୁରନ୍ଦେଶ୍ୱରୀ ମଧ୍ୟ ଏହି ବିବାଦର ସମାଧାନ ଦିଗରେ ସାହାଯ୍ୟ କରିବେ ବୋଲି ଆମେମାନେ ଆଶା କରୁଛୁଁ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସ୍ୱତନ୍ତ୍ର ଦୃଷ୍ଟି ଓଡ଼ିଶା ଉପରେ ରହିଛି । ତେଣୁ ସେ ମଧ୍ୟ ଏହାର ସମାଧାନ ଲାଗି ସ୍ୱତନ୍ତ୍ର ଦୃଷ୍ଟି ଦେବେ ବୋଲି ଓଡ଼ିଶାବାସୀ ଆଶା କରିଛନ୍ତି ।

ଓଡ଼ିଶାର ଆୟତନ ୧,୫୫,୭୦୭ ବର୍ଗ କିଲୋମିଟର । ଏଥିରୁ ଇଞ୍ଚେ ମଧ୍ୟ ଜମି, ଓଡ଼ିଶା ଆନ୍ଧ୍ର ପ୍ରଦେଶକୁ ଛାଡ଼ିବ ନାହିଁ । ୧୯୬୮ ମସିହାରୁ ଉଭୟ ରାଜ୍ୟ ମଧ୍ୟରେ ମାମଲା ସର୍ବୋଚ୍ଚ ଅଦାଲତରେ ଆରମ୍ଭ ହୋଇଛି । ସେ ମାମଲା ଛିଣ୍ଡିବାକୁ ନାହିଁ । ଭାଷା ଭିତ୍ତିରେ ୧୯୩୬ ଏପ୍ରିଲ ପହିଲାରୁ ଭାରତର ପ୍ରଥମ ରାଜ୍ୟ ଭାବେ ଓଡ଼ିଶା ଜନ୍ମ ଗ୍ରହଣ କରିଥିଲା । ଅବଶ୍ୟ ବିଚ୍ଛିନ୍ନାଞ୍ଚଳରେ ଅନେକ ଓଡ଼ିଆ ଅଞ୍ଚଳ ରହି ଯାଇଛି । ତେଲେଙ୍ଗାନା ଓ ଆନ୍ଧ୍ରକୁ ନେଇ ବହୁ ବିଳମ୍ବରେ ୧୯୫୩ରେ ଆନ୍ଧ୍ର ପ୍ରଦେଶ ଗଠିତ ହୋଇଛି । ୨୦୧୪ ମସିହାରେ ଆନ୍ଧ୍ର ପ୍ରଦେଶ ବିଭାଜିତ ହୋଇ ତେଲେଙ୍ଗାନା ଓ ଆନ୍ଧ୍ର ପ୍ରଦେଶ ଏହିପରି ଦୁଇଗୋଟି ରାଜ୍ୟରେ ପରିଣତ ହୋଇଛି । ଏପରି ପରିସ୍ଥିତି ହେଲା ଯେ ଆନ୍ଧ୍ର ପ୍ରଦେଶ ଦୁଇଭାଗ ହେବାକୁ ବାଧ୍ୟ ହେଲା । ତେଣୁ ନିଜ ରାଜ୍ୟ କଥା ଆନ୍ଧ୍ର ପ୍ରଦେଶ ଅଧିକ ଚିନ୍ତା କରି ଓଡ଼ିଶା ଉପରୁ ନଜର ହଟାଇବା ଉଚିତ ହେବ ବୋଲି ଓଡ଼ିଶାବାସୀ ଏବେ ଅନୁଭବ କରୁଛନ୍ତି ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)
samayaeditorial2021@gmail.com

ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।

୮୨ ବର୍ଷରେ ଜାତିସଂଘ: ଏହାର କର୍ତ୍ତବ୍ୟ କ'ଣ?



ବିକାଶ ନାରାୟଣ ମିଶ୍ର

ପ୍ରତିଷ୍ଠାର ୮୧ ବର୍ଷ ପରେ ଜାତିସଂଘ ଏକ ସନ୍ଧିକ୍ଷଣରେ ଠିଆ ହୋଇଛି । ଯୁଦ୍ଧକ୍ଷେତ୍ରରେ ଏହାର ବିଫଳତା ସ୍ପଷ୍ଟ, କିନ୍ତୁ ଲକ୍ଷ ଲକ୍ଷ ଜୀବନର ସୁରକ୍ଷା, ଦେଶଗୁଡ଼ିକର ପୁନର୍ଗଠନ ଓ ମାନବୀୟ ମର୍ଯ୍ୟାଦାର ସୁରକ୍ଷାରେ ଏହାର ଅବଦାନ ଅବଶ୍ୟ ସ୍ୱୀକାର୍ଯ୍ୟ । ୨୦୨୬ ଅକ୍ଟୋବର ୨୪ରେ ଜାତିସଂଘ ତାହାର ୮୧ତମ ପ୍ରତିଷ୍ଠା ଦିବସ ପାଳନ କରିବାକୁ ଯାଉଛି । ଦ୍ୱିତୀୟ ବିଶ୍ୱଯୁଦ୍ଧର ଧ୍ୱଂସସ୍ତୂପ ମଧ୍ୟରୁ ଜନ୍ମ ନେଇଥିବା ଏହି ଅନୁଷ୍ଠାନର ମୂଳ ଲକ୍ଷ୍ୟ ଥିଲା ସ୍ପଷ୍ଟ । ବିଶ୍ୱର ରାଷ୍ଟ୍ରଗୁଡ଼ିକ ଯୁଦ୍ଧ ଓ ଧ୍ୱଂସ ବଦଳରେ ଆଲୋଚନା, କୂଟନୀତିକ ସହଯୋଗ ମାଧ୍ୟମରେ ବିବାଦର ସମାଧାନ କରିବେ । ଆଠ ଦଶନ୍ଧି ପରେ ମଧ୍ୟ ଏହି ଲକ୍ଷ୍ୟର ପ୍ରାସଙ୍ଗିକତା କମିନାହିଁ । ବରଂ ଜାତୀୟତାବାଦ, ଭୂରାଜନୈତିକ ପ୍ରତିଦ୍ୱନ୍ଦ୍ୱିତା, ଆର୍ଥିକ ଅସମାନତା ଓ ସଶସ୍ତ୍ର ସଂଘର୍ଷରେ ବିଭକ୍ତ ଆଜିର ବିଶ୍ୱରେ ଏକ ପ୍ରଭାବଶାଳୀ ଅନ୍ତର୍ଜାତୀୟ ଅନୁଷ୍ଠାନର ଆବଶ୍ୟକତା ଆହୁରି ବଢ଼ିଛି । ଜାତିସଂଘର ୮୧ତମ ବାର୍ଷିକ ଏହାର କେବଳ ସଫଳତାର ଉତ୍ସବ ପାଳନ କରିବାର ଅବସର ନୁହେଁ, ନା ଏହାକୁ ସମ୍ପୂର୍ଣ୍ଣ ବିଫଳ ବୋଲି ଖାରଜ କରିଦେବାର ଏ ସମୟ! ଏହାର ଇତିହାସରେ ରହିଛି ଅସାଧାରଣ ମାନବୀୟ ସଫଳତା, ଗୁରୁତ୍ୱପୂର୍ଣ୍ଣ କୂଟନୈତିକ ଉପଲବ୍ଧି ଏବଂ ଗଭୀର ନିରାଶାଜନକ ବିଫଳତା । ଜାତିସଂଘକୁ ବୁଝିବା ପାଇଁ ଏହାର ସୀମାବଦ୍ଧତା ଓ ଏହାର ଅପରିହାର୍ଯ୍ୟ ଭୂମିକା-ଉଭୟକୁ ସ୍ୱୀକାର କରିବାକୁ ହେବ ।

ଯୁଦ୍ଧର ଧ୍ୱଂସାବଶେଷରୁ ଜନ୍ମ

ପ୍ରଥମ ବିଶ୍ୱଯୁଦ୍ଧ ପରେ ଆଉ ଏକ ବିଶ୍ୱଯୁଦ୍ଧକୁ ରୋକିବା ଉଦ୍ଦେଶ୍ୟରେ ଗଠିତ ହୋଇଥିଲା ଲିଗ୍ ଅଫ୍ ନେସନ୍ସ । କିନ୍ତୁ ଆକ୍ରମଣ ଓ ସାମରିକ ବିସ୍ତାରବାଦକୁ ରୋକିବାରେ ଏହା ବିଫଳ ହୋଇଥିଲା । ଶେଷରେ ବିଶ୍ୱ ପୁଣି ଏକ ଭୟଙ୍କର ଯୁଦ୍ଧର ସମ୍ମୁଖୀନ ହେଲା । ଏହି ତିକ୍ତ ଅନୁଭୂତିରୁ ଶିକ୍ଷା ଲାଭକରି ୧୯୪୫ ଏପ୍ରିଲରେ ସାନ୍‌ଫ୍ରାନ୍‌ସିସ୍କୋଠାରେ ୫୦ଟି ଦେଶର ପ୍ରତିନିଧିମାନେ ଏକତ୍ର ହୋଇ ଜାତିସଂଘର ସନନ୍ଦ ପ୍ରସ୍ତୁତ କରିଥିଲେ । ପୋଲାଣ୍ଡ ପରେ ଏଥିରେ ସ୍ୱାକ୍ଷର କରିବାରୁ ପ୍ରତିଷ୍ଠାତା ସଦସ୍ୟ ଦେଶର ସଂଖ୍ୟା ୫୧ ହୋଇଥିଲା । ଆବଶ୍ୟକ ଅନୁମୋଦନ ପରେ ୧୯୪୫ ଅକ୍ଟୋବର ୨୪ରେ ଜାତିସଂଘ ଆନୁଷ୍ଠାନିକ ଭାବରେ ଜନ୍ମ ନେଇଥିଲା । ଏହାର ମୂଳ ଉଦ୍ଦେଶ୍ୟ ଥିଲା ବିଶ୍ୱଶାନ୍ତି ଓ ସୁରକ୍ଷା, ଦେଶଗୁଡ଼ିକ ମଧ୍ୟରେ ବନ୍ଧୁତା ବୃଦ୍ଧି, ଅନ୍ତର୍ଜାତୀୟ ସହଯୋଗକୁ ପ୍ରୋତ୍ସାହନ ଏବଂ ମାନବାଧିକାରର ସୁରକ୍ଷା । ଏହାର ପ୍ରତିଷ୍ଠାତାମାନେ ବୁଝିଥିଲେ ଯେ କେବଳ ସାମରିକ ବ୍ୟବସ୍ଥା ଦ୍ୱାରା ଶାନ୍ତି ପ୍ରତିଷ୍ଠା ସମ୍ଭବ ନୁହେଁ । ଏଥିପାଇଁ ଆର୍ଥିକ ପୁନର୍ଗଠନ, ସ୍ୱାସ୍ଥ୍ୟ, ଶିକ୍ଷା, ଖାଦ୍ୟ ସୁରକ୍ଷା ଓ ମାନବୀୟ ମର୍ଯ୍ୟାଦା ମଧ୍ୟ ଆବଶ୍ୟକ । ଏହି ଚିନ୍ତାଧାରାରୁ ଜାତିସଂଘ ଅଧୀନରେ ବିଭିନ୍ନ ବିଶେଷଜ୍ଞ ସଂସ୍ଥା, ପାଣ୍ଠି ଓ କାର୍ଯ୍ୟକ୍ରମ ଗଠିତ ହୋଇଥିଲା । ଦୃଷ୍ଟିକୋଣ ମହତ୍ତ୍ୱପୂର୍ଣ୍ଣ ଥିଲା । କିନ୍ତୁ ତାହାକୁ ବାସ୍ତବରେ ପରିଣତ କରିବାର ଆହ୍ୱାନ ଆଜି ମଧ୍ୟ ରହିଛି ।

ରାଷ୍ଟ୍ରର ପୁନର୍ଗଠନ ଓ ଆଶାର ପୁନର୍ଜନ୍ମ

ଯୁଦ୍ଧ ପରବର୍ତ୍ତୀ ଦଶନ୍ଧିଗୁଡ଼ିକରେ ବିଶ୍ୱ ଅନେକ ଅସାଧାରଣ ପରିବର୍ତ୍ତନ ଦେଖିଛି । ପଶ୍ଚିମ ଜର୍ମାନୀ ଓ ଜାପାନ ଯୁଦ୍ଧର ଧ୍ୱଂସ ମଧ୍ୟରୁ ଉଠି ଶକ୍ତିଶାଳୀ ଶିଳ୍ପ ଅର୍ଥନୀତିରେ ପରିଣତ ହୋଇଥିଲେ । ଏହି ପୁନର୍ଗଠନର ଶ୍ରେୟ କେବଳ ଜାତିସଂଘକୁ ଦିଆଯାଇ ପାରିବ ନାହିଁ । ଦେଶୀୟ ସଂକଳ୍ପ, ପ୍ରଶାସନିକ ସଂସ୍କାର, ଆମେରିକାର ସହାୟତା ଏବଂ ଅନ୍ତର୍ଜାତୀୟ ସହଯୋଗ ଏଥିରେ ପ୍ରମୁଖ ଭୂମିକା ନେଇଥିଲା । ତଥାପି ଜାତିସଂଘ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିବା ଅନ୍ତର୍ଜାତୀୟ ବ୍ୟବସ୍ଥା ସହଯୋଗ ପାଇଁ ଏକ ଅନୁକୂଳ ପରିବେଶ ସୃଷ୍ଟି କରିଥିଲା । ଦଶନ୍ଧି ପରେ ଭିଏତନାମ ମଧ୍ୟ ଯୁଦ୍ଧବିଧ୍ୱସ୍ତ ଦେଶରୁ ଆର୍ଥିକ ପୁନରୁତ୍ଥାନର ଏକ ଉଦାହରଣ ହୋଇ ଉଭା ହୋଇଛି । ଏହି ପରିବର୍ତ୍ତନର ମୂଳରେ ଥିଲା ଦେଶର ନିଜସ୍ୱ ନୀତି, ଅନୁଷ୍ଠାନ ଓ ଜନସାଧାରଣଙ୍କ ପରିଶ୍ରମ । ଅନ୍ତର୍ଜାତୀୟ ସହଯୋଗ ମଧ୍ୟ ଏହାକୁ ସମର୍ଥନ କରିଥିଲା ।

ଏହି ଉଦାହରଣଗୁଡ଼ିକ ଏକ ମୌଳିକ ସତ୍ୟକୁ ଦର୍ଶାଏ-କୌଣସି ଅନ୍ତର୍ଜାତୀୟ ସଂଗଠନ ଏକାକୀ ଗୋଟିଏ ଦେଶର ପୁନର୍ଗଠନ କରିପାରିବ ନାହିଁ । ଏଥିପାଇଁ ଦକ୍ଷ ନେତୃତ୍ୱ, ସୁଦୃଢ଼ ଅନୁଷ୍ଠାନ, ସାମାଜିକ ଏକତା ଓ ନାଗରିକଙ୍କ ସଂକଳ୍ପ ଆବଶ୍ୟକ । ନାମିବିଆର ସ୍ୱାଧୀନତା ପ୍ରକ୍ରିୟାକୁ ସମର୍ଥନ, କାମ୍ବୋଡିଆରେ ନିର୍ବାଚନ ଓ ରାଜନୈତିକ ପରିବର୍ତ୍ତନରେ ସହାୟତା, ସିଏରା ଲିଓନ୍ ଓ ଲାଇବେରିଆରେ ଶାନ୍ତି ପ୍ରତିଷ୍ଠା ଏବଂ ତିମୋର ଲେଷ୍ଟେରେ ରାଷ୍ଟ୍ର ଗଠନ ପ୍ରକ୍ରିୟାକୁ ସହଯୋଗ- ଏସବୁ ଜାତିସଂଘର ପ୍ରତ୍ୟକ୍ଷ ଅବଦାନର କିଛି ଉଦାହରଣ । ଏହି ପ୍ରୟାସଗୁଡ଼ିକ ସମ୍ପୂର୍ଣ୍ଣ ତ୍ରୁଟିମୁକ୍ତ ନଥିଲା । ତଥାପି ଯେଉଁଠାରେ ଅନ୍ତର୍ଜାତୀୟ ସହଯୋଗ ଓ ସ୍ଥାନୀୟ ରାଜନୈତିକ ଇଚ୍ଛାଶକ୍ତି ଏକାଠି ହୋଇଥିଲା, ସେଠାରେ ଜାତିସଂଘର ଭୂମିକା ଅର୍ଥପୂର୍ଣ୍ଣ ହୋଇଥିଲା ।

ଜାତିସଂଘ ପରିବାରର ନିରବ ବିଜୟ

ଜାତିସଂଘର ସର୍ବଶ୍ରେଷ୍ଠ ସଫଳତା ବୋଧହୁଏ ମିଳିବ ନାହିଁ ଜାତିସଂଘର ସାଧାରଣ ପରିଷଦର ବିଶାଳ କକ୍ଷରେ କିମ୍ବା ସୁରକ୍ଷା ପରିଷଦର କୂଟନୈତିକ ତର୍କବିତର୍କରେ । ଏହାର ପ୍ରକୃତ ସଫଳତା ରହିଛି ସେହି ଗାଁଗୁଡ଼ିକରେ, ଯେଉଁଠାରେ ଶିଶୁମାନେ ଟିକା ପାଆନ୍ତି । ସେହି ଶରଣାର୍ଥୀ ଶିବିରରେ, ଯେଉଁଠାରେ ଭୋକିଲା ପରିବାର ଖାଦ୍ୟ ପାଆନ୍ତି ଏବଂ ସେହି ସମ୍ପ୍ରଦାୟଗୁଡ଼ିକରେ, ଯେଉଁଠାରେ ନିରାପଦ ପାନୀୟ ଜଳ ରୋଗକୁ ନିୟନ୍ତ୍ରିତ କରିଥାଏ । ୟୁନିସେଫ୍-ଜାତିସଂଘର ଶିଶୁ ସଂସ୍ଥା-ଶିଶୁମାନଙ୍କ ସ୍ୱାସ୍ଥ୍ୟ, ପୋଷଣ, ଶିକ୍ଷା ଓ ସୁରକ୍ଷା କ୍ଷେତ୍ରରେ ଦଶନ୍ଧି ଦଶନ୍ଧି ଧରି କାର୍ଯ୍ୟ କରିଆସୁଛି ଜାତିସଂଘ । ୨୦୨୫ରେ ଏହାର ମାନବୀୟ କାର୍ଯ୍ୟକ୍ରମ ମାଧ୍ୟମରେ ୩ କୋଟି ୭୨ ଲକ୍ଷ ଲୋକଙ୍କୁ ପାନୀୟ ଜଳ ସେବା ଏବଂ ୩ କୋଟି ୮୭ ଲକ୍ଷ ଶିଶୁଙ୍କୁ ମିଳିମିଳା ଟିକା ପ୍ରଦାନ କରାଯାଇଥିଲା ।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ରୋଗ ଚିହ୍ନଟ ତଥା ନିରୀକ୍ଷଣ, ଟିକାକରଣ, ସ୍ୱାସ୍ଥ୍ୟ ମାନଦଣ୍ଡ ଏବଂ ଜରୁରୀକାଳୀନ ସ୍ୱାସ୍ଥ୍ୟ ପଦକ୍ଷେପରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଛି । ୧୯୮୦ରେ ବସନ୍ତ ରୋଗର ମୂଳୋତ୍ପାଟନ ଅନ୍ତର୍ଜାତୀୟ ସହଯୋଗର ଏକ ମହାନ ସଫଳତା ଥିଲା, ଯେଉଁଥିରେ ଡବ୍ଲ୍ୟୁଏଚ୍‌ଓ ବିଶ୍ୱବ୍ୟାପୀ ଅଭିଯାନର ସମନ୍ୱୟ କରିଥିଲା । ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ (ଡବ୍ଲ୍ୟୁଏଫ୍‌ପି) ଯୁଦ୍ଧ, ଦୁର୍ଭିକ୍ଷ, ପ୍ରାକୃତିକ ବିପର୍ଯ୍ୟୟ ଓ ଖାଦ୍ୟାଭାବରେ ପୀଡ଼ିତ ଲୋକଙ୍କୁ ଖାଦ୍ୟ ଓ ପୁଷ୍ଟି ସହାୟତା ଯୋଗାଇଥାଏ । ୨୦୨୫ରେ ଏହା ପ୍ରାୟ ୧୨ କୋଟି ୧୦ ଲକ୍ଷ ଲୋକଙ୍କୁ ସହାୟତା ପ୍ରଦାନ କରିଥିଲା । ଏହା ସହିତ ଜାତିସଂଘର ଶରଣାର୍ଥୀ ସଂସ୍ଥା, ଜାତିସଂଘ ଉନ୍ନୟନ କାର୍ଯ୍ୟକ୍ରମ, ଖାଦ୍ୟ ଓ କୃଷି ସଂଗଠନ ଏବଂ ଅନ୍ୟାନ୍ୟ ସଂସ୍ଥା ବିସ୍ଥାପିତ ଲୋକଙ୍କ ସୁରକ୍ଷା, ଜୀବିକାର ଉନ୍ନତି, ସଂସ୍ଥାଗତ ସୁଦୃଢ଼ୀକରଣ ଓ ବିକାଶ ପାଇଁ କାମ କରିଚାଲିଛନ୍ତି । ଏହି କାର୍ଯ୍ୟଗୁଡ଼ିକ ଅଧିକାଂଶ ଖବରକାଗଜର ପ୍ରଥମ ପୃଷ୍ଠାରେ ସ୍ଥାନ ପାଏ ନାହିଁ କିନ୍ତୁ ଏକ ଶିଶୁର ଜୀବନ ରକ୍ଷା, ଦୁର୍ଭିକ୍ଷ ସମୟରେ ଏକ ପରିବାରକୁ ଖାଦ୍ୟ ଯୋଗାଣ କିମ୍ବା ଜଣେ ବିସ୍ଥାପିତଙ୍କୁ ଆଶ୍ରୟ ପ୍ରଦାନ-ଏସବୁ ହେଉଛି ଜାତିସଂଘର ପ୍ରକୃତ ମାନବୀୟ ଚେହେରା । ଏହା ମନେ ପକାଇଦିଏ ଯେ ବିଶ୍ୱସ୍ତରୀୟ ସହଯୋଗ କେବଳ କୂଟନୀତିରେ ଏକ ଅବ୍ୟକ୍ତ ଧାରଣା ନୁହେଁ । ଏହା ମାନବଜୀବନର ଗୁଣବତ୍ତା ଓ ମର୍ଯ୍ୟାଦାକୁ ଉନ୍ନତ କରିବାର ଏକ ବାସ୍ତବ ମାଧ୍ୟମ ।

ନୀଳ ହେଲମେଟ୍: ସଂଘର୍ଷ ମଧ୍ୟରେ ସାହସ

ଜାତିସଂଘର ଶାନ୍ତିରକ୍ଷା ଅଭିଯାନ ମଧ୍ୟ ଏହାର ଏକ ଗୁରୁତ୍ୱପୂର୍ଣ୍ଣ ଅବଦାନ । ୧୯୪୮ରୁ ଆଜି ପର୍ଯ୍ୟନ୍ତ ୭୦ରୁ ଅଧିକ ଶାନ୍ତିରକ୍ଷା ଅଭିଯାନରେ ବିଭିନ୍ନ ଦେଶର ସାମରିକ କର୍ମଚାରୀ, ପୁଲିସ ଓ ବେସାମରିକ ବିଶେଷଜ୍ଞମାନେ ଅଂଶଗ୍ରହଣ କରିଛନ୍ତି । ଜାତିସଂଘର ପତାକା ତଳେ କାର୍ଯ୍ୟ କରି ୪,୪୦୦ରୁ ଅଧିକ ଶାନ୍ତିରକ୍ଷକ ପ୍ରାଣ ହରାଇଛନ୍ତି । ସେମାନଙ୍କର କାର୍ଯ୍ୟ କେବଳ ଯୁଦ୍ଧବିରତି ନିରୀକ୍ଷଣରେ ସୀମିତ ନୁହେଁ । ନିର୍ଦ୍ଦିଷ୍ଟ ଦାୟିତ୍ୱ ଅନୁଯାୟୀ ସେମାନେ ସାଧାରଣ ନାଗରିକଙ୍କୁ ସୁରକ୍ଷା ଦିଅନ୍ତି, ମାନବୀୟ ସହାୟତା ପହଞ୍ଚାଇବାରେ ସହଯୋଗ କରନ୍ତି, ନିର୍ବାଚନ ପ୍ରକ୍ରିୟାକୁ ସମର୍ଥନ କରନ୍ତି ଏବଂ ପୂର୍ବତନ ଯୋଦ୍ଧାମାନଙ୍କୁ ନିରସ୍ତ୍ରୀକରଣ କରିବା ସହ ଶାନ୍ତି ପ୍ରକ୍ରିୟାକୁ ଆଗକୁ ବଢ଼ାନ୍ତି । ଭାରତ ଜାତିସଂଘର ଶାନ୍ତିରକ୍ଷା ଅଭିଯାନର ଏକ ପ୍ରମୁଖ ଅଂଶୀଦାର । ବହୁ ସଂଖ୍ୟକ ଭାରତୀୟ ସୈନିକ ଓ ଅଧିକାରୀ ଜଟିଳ ଏବଂ ବିପଜ୍ଜନକ ପରିସ୍ଥିତିରେ ଶାନ୍ତି ପାଇଁ ସେବା ଦେଇଛନ୍ତି । ସେମାନଙ୍କର ଅବଦାନ ଏହି ସିଦ୍ଧାନ୍ତକୁ ପ୍ରତିଫଳିତ କରେ ଯେ ଅନ୍ତର୍ଜାତୀୟ ଶାନ୍ତି ଏକ ସାମୂହିକ ଦାୟିତ୍ୱ । ତଥାପି ଶାନ୍ତିରକ୍ଷାର ମଧ୍ୟ ସୀମା ରହିଛି । ଯେତେବେଳେ ରାଜନୈତିକ ନେତାମାନେ ସମାଧାନ ପାଇଁ ରାଜି ହୁଅନ୍ତି ନାହିଁ, ଶକ୍ତିଶାଳୀ ଦେଶଗୁଡ଼ିକ ପଦକ୍ଷେପକୁ ବାଧା ଦିଅନ୍ତି କିମ୍ବା ଶାନ୍ତିରକ୍ଷା ଅଭିଯାନକୁ ପର୍ଯ୍ୟାପ୍ତ ସମ୍ବଳ ଓ ସ୍ପଷ୍ଟ ଦାୟିତ୍ୱ ମିଳେନାହିଁ, ସେତେବେଳେ ଏହାର ସଫଳତା ସୀମିତ ହୋଇଯାଏ । ରୁଆଣ୍ଡା ଓ ସ୍ରେବ୍ରେନିସ୍କାର ଦୁଃଖଦ ଘଟଣା ଆଜି ମଧ୍ୟ ମନେ ପକାଇଦିଏ ଯେ ଅପର୍ଯ୍ୟାପ୍ତ ଅନ୍ତର୍ଜାତୀୟ ପଦକ୍ଷେପ କେତେ ଭୟଙ୍କର ପରିଣାମ ଆଣିପାରେ । ଶାନ୍ତିରକ୍ଷକମାନେ ଏକ ରାଜନୈତିକ ସମାଧାନକୁ ସୁରକ୍ଷିତ ରଖିବାରେ ସହାୟତା କରିପାରନ୍ତି କିନ୍ତୁ ସେମାନେ ଏକାକୀ ଶାନ୍ତି ସୃଷ୍ଟି କରିପାରନ୍ତି ନାହିଁ ।

ଯେତେବେଳେ ଜାତିସଂଘ ବିଫଳ ହୁଏ

ଯଦି ଜାତିସଂଘ ଯୁଦ୍ଧ ରୋକିବା ପାଇଁ ଗଠିତ ହୋଇଥିଲା, ତେବେ ଆଜି ମଧ୍ୟ ଯୁଦ୍ଧ କାହିଁକି ଚାଲିଛି ? ରୁଷ-ୟୁକ୍ରେନ୍ ଯୁଦ୍ଧ ଏବଂ ଆମେରିକା, ଇସ୍ରାଏଲ୍ ଓ ଇରାନକୁ ଜଡ଼ିତ କରିଥିବା ସଂଘର୍ଷ ଜାତିସଂଘର ସବୁଠାରୁ ବଡ଼ ଦୁର୍ବଳତାକୁ ପ୍ରକାଶ କରୁଛି । ଶକ୍ତିଶାଳୀ ରାଷ୍ଟ୍ରଗୁଡ଼ିକୁ ସାମରିକ ଶକ୍ତି ପ୍ରୟୋଗରୁ ରୋକିବା କିମ୍ବା ଯୁଦ୍ଧରତ ପକ୍ଷଗୁଡ଼ିକୁ ଯୁଦ୍ଧ ବନ୍ଦ କରିବାକୁ ବାଧ୍ୟ କରିବାରେ ଏହା ସବୁବେଳେ ସଫଳ ହୋଇପାରିନାହିଁ । ଏହାର ପ୍ରମୁଖ କାରଣ ହେଉଛି ଜାତିସଂଘର ସୁରକ୍ଷା ପରିଷଦର ଗଠନ । ଏହାର ପାଞ୍ଚଟି ସ୍ଥାୟୀ ସଦସ୍ୟ-ଚୀନ୍, ଫ୍ରାନ୍ସ, ରୁଷ, ବ୍ରିଟେନ୍ ଓ ଆମେରିକା-ଭିଟୋ କ୍ଷମତା ରଖନ୍ତି । ଯେତେବେଳେ କୌଣସି ସ୍ଥାୟୀ ସଦସ୍ୟ ନିଜେ ଏକ ସଂଘର୍ଷରେ ଜଡ଼ିତ ଥାଏ କିମ୍ବା ଯୁଦ୍ଧରତ ଗୋଟିଏ ପକ୍ଷକୁ ସମର୍ଥନ କରେ, ସେତେବେଳେ ସମ୍ମିଳିତ ଅନ୍ତର୍ଜାତୀୟ ପଦକ୍ଷେପ ଗ୍ରହଣ କରିବା କଷ୍ଟକର ହୋଇଯାଏ ।

ଏହା କେବଳ ଏକ ପ୍ରକ୍ରିୟାଗତ ସମସ୍ୟା ନୁହେଁ । ଏହା ଜାତିସଂଘ ପ୍ରତିଷ୍ଠା ସମୟରେ ହୋଇଥିବା ଏକ ରାଜନୈତିକ ବୁଝାମଣାର ପରିଣାମ । ଦ୍ୱିତୀୟ ବିଶ୍ୱଯୁଦ୍ଧର ବିଜୟୀ ଶକ୍ତିଗୁଡ଼ିକୁ ବିଶେଷ ଅଧିକାର ଦିଆଯାଇଥିଲା, କାରଣ ପ୍ରତିଷ୍ଠାତାମାନେ ବିଶ୍ୱାସ କରୁଥିଲେ ଯେ ବଡ଼ ଶକ୍ତିଗୁଡ଼ିକୁ ଏହି ବ୍ୟବସ୍ଥା ଭିତରେ ରଖିବା ଅତ୍ୟନ୍ତ ଆବଶ୍ୟକ । ଏହାର ପରିଣାମ ହେଉଛି- କେତେକ କ୍ଷେତ୍ରରେ ଜାତିସଂଘ ଅସାଧାରଣ ସହଯୋଗ ସୃଷ୍ଟି କରିପାରେ, କିନ୍ତୁ ଅନ୍ୟ କେତେକ ସମୟରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେବାରେ ଅଚଳ ହୋଇଯାଏ । ନରସଂହାର ରୋକିବା, ନିଜସ୍ୱ ପ୍ରସ୍ତାବ ଓ ସଂକଳ୍ପକୁ ସମାନ ଭାବରେ କାର୍ଯ୍ୟକାରୀ କରିବା ଏବଂ ସଙ୍କଟଗ୍ରସ୍ତ ଲୋକଙ୍କ ପାଖରେ ମାନବୀୟ ସହାୟତା ପହଞ୍ଚାଇବାରେ ମଧ୍ୟ ଜାତିସଂଘ ଅନେକ ସମୟରେ ସଂଘର୍ଷ କରିଛି । ଅମଲାତାନ୍ତ୍ରିକ ଜଟିଳତା, ଦେଶଗୁଡ଼ିକର ସ୍ୱାର୍ଥ ସଂଘାତ, ଅପର୍ଯ୍ୟାପ୍ତ ଅର୍ଥ ଓ ଉତ୍ତରଦାୟିତ୍ୱର ଅଭାବ ଏହାର ବିଶ୍ୱସନୀୟତାକୁ ଦୁର୍ବଳ କରିଛି । ଏହି ସମାଲୋଚନା ଯଥାର୍ଥ । ମାନବଜାତିର ପ୍ରତିନିଧିତ୍ୱ କରୁଥିବା ଏକ ଅନୁଷ୍ଠାନକୁ କେବଳ ତାହାର ଘୋଷଣା ଦ୍ୱାରା ନୁହେଁ, ମାନବଜାତିର ସୁରକ୍ଷା କରିବାର କ୍ଷମତା ଦ୍ୱାରା ମଧ୍ୟ ବିଚାର କରାଯିବା ଉଚିତ । କିନ୍ତୁ ଆମକୁ ଆଉ ଏକ କଠିନ ପ୍ରଶ୍ନ ପଚାରିବାକୁ ହେବ- ଯଦି ଜାତିସଂଘ ନଥାନ୍ତା, ତେବେ ବିଶ୍ୱ ଅଧିକ ସୁରକ୍ଷିତ ହୋଇଥାନ୍ତା କି? ଏକ ସାଧାରଣ କୂଟନୈତିକ ମଞ୍ଚ, ଛୋଟ ଦେଶଗୁଡ଼ିକର ସ୍ୱର, ମାନବୀୟ ସହାୟତାର ଏକ ବିଶ୍ୱବ୍ୟାପୀ ବ୍ୟବସ୍ଥା ଏବଂ ଅନ୍ତର୍ଜାତୀୟ ନିୟମ ଗଠନର ଏକ ମାଧ୍ୟମ ନଥିଲେ ବିଶ୍ୱ ପାଖରେ ସହଯୋଗର ଆହୁରି କମ୍ ସୁଯୋଗ ରହିଥାନ୍ତା ।

ସଂସ୍କାର ଆବଶ୍ୟକ, ପରିତ୍ୟାଗ ନୁହେଁ

ଜାତିସଂଘକୁ ପରିତ୍ୟାଗ କରିବା ସମାଧାନ ନୁହେଁ । ଏହାକୁ ଅଧିକ ପ୍ରତିନିଧିମୂଳକ, ଉତ୍ତରଦାୟୀ ଓ ପ୍ରଭାବଶାଳୀ କରିବା ହିଁ ଉଚିତ ପଥ । ସୁରକ୍ଷା ପରିଷଦର ଗଠନ ଆଜି ମଧ୍ୟ ୧୯୪୫ ମସିହାର ଶକ୍ତି ସମୀକରଣକୁ ପ୍ରତିଫଳିତ କରୁଛି ଏକବିଂଶ ଶତାବ୍ଦୀର ବାସ୍ତବତାକୁ ନୁହେଁ । ଭାରତ ପରି ବଡ଼ ବିକାଶଶୀଳ ଦେଶଗୁଡ଼ିକର ଯୁକ୍ତିଯୁକ୍ତ ଦାବି ହେଉଛି ଯେ ବିଶ୍ୱ ନିଷ୍ପତ୍ତି ଗ୍ରହଣରେ ସେମାନଙ୍କୁ ଅଧିକ ଭୂମିକା ମିଳିବା ଉଚିତ । ଆଫ୍ରିକା ଓ ଲାଟିନ୍ ଆମେରିକାକୁ ମଧ୍ୟ ଅର୍ଥପୂର୍ଣ୍ଣ ପ୍ରତିନିଧିତ୍ୱ ମିଳିବା ଆବଶ୍ୟକ । ସଂସ୍କାର କେବଳ ସଦସ୍ୟତାରେ ସୀମିତ ରହିବା ଉଚିତ ନୁହେଁ । ମାନବୀୟ ସହାୟତା ପାଇଁ ନିର୍ଭରଯୋଗ୍ୟ ଅର୍ଥ ଯୋଗାଣ, ଅଧିକ ସ୍ୱଚ୍ଛତା, ଦୃଢ଼ ଉତ୍ତରଦାୟିତ୍ୱ ଏବଂ ଉପଯୁକ୍ତ ସମ୍ବଳ ସହିତ ଶାନ୍ତିରକ୍ଷା ଅଭିଯାନକୁ ସ୍ପଷ୍ଟ ଦାୟିତ୍ୱ ଦେବା ମଧ୍ୟ ଜରୁରୀ । ସବୁଠାରୁ ବଡ଼ କଥା ହେଉଛି, ସଦସ୍ୟ ରାଷ୍ଟ୍ରଗୁଡ଼ିକ ନିଜେ ଯେଉଁ ନୀତି ଓ ଆଦର୍ଶର ଘୋଷଣା କରୁଛନ୍ତି, ତାହାକୁ ପାଳନ କରିବାର ରାଜନୈତିକ ଇଚ୍ଛାଶକ୍ତି ଦେଖାଇବା ଦରକାର । ଜାତିସଂଘ କୌଣସି ସ୍ୱାଧୀନ ବିଶ୍ୱ ସରକାର ନୁହେଁ । ଏହା ସଦସ୍ୟ ରାଷ୍ଟ୍ରଗୁଡ଼ିକ ଦ୍ୱାରା ଗଠିତ ଓ ପରିଚାଳିତ ଏକ ଅନୁଷ୍ଠାନ । ଦେଶଗୁଡ଼ିକ ସହଯୋଗ କଲେ ଏହା ଅନେକ କିଛି ହାସଲ କରିପାରେ କିନ୍ତୁ ସେମାନେ ସଂଘର୍ଷର ପଥ ବାଛିଲେ ଏହାର ସୀମାବଦ୍ଧତା ସ୍ପଷ୍ଟ ହୋଇଯାଏ ।

ଏକ ଆଶା, ଯାହାକୁ ଜୀବନ୍ତ ରଖିବା ଆବଶ୍ୟକ

୮୧ ବର୍ଷ ବୟସରେ ଜାତିସଂଘର ରହିଛି ଏକ ମୂଲ୍ୟବାନ ଐତିହ୍ୟ । ଜାତିସଂଘ ଆଜି ମଧ୍ୟ ଯୁଦ୍ଧ, କ୍ଷୁଧା, ବିସ୍ଥାପନ ଓ ଦାରିଦ୍ର୍ୟରେ ପୀଡ଼ିତ ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ଏକ ଭରସା । ସେମାନଙ୍କ ପାଇଁ ଏହାର ଉପସ୍ଥିତି ହୁଏତ ଅଣଦେଖା ହୋଇ ରହିଯିବା ଓ ସହାୟତା ପାଇବା ମଧ୍ୟରେ ପାର୍ଥକ୍ୟ ସୃଷ୍ଟି କରେ । କିନ୍ତୁ ଆଶା କୌଣସି ନିଶ୍ଚିତ ଗ୍ୟାରେଣ୍ଟି ନୁହେଁ । ଏହା ଏକ ଆକାଂକ୍ଷା, ଯାହା ପାଇଁ ନିରନ୍ତର ପ୍ରୟାସ, ଦାୟିତ୍ୱବୋଧ ଓ ସାହସ ଆବଶ୍ୟକ । କୁହାଯାଏ, ଆକାଶରେ ଥିବା ପ୍ରତ୍ୟେକ ମେଘ ବର୍ଷା ଆଣେ ନାହିଁ । କେତେକ ମେଘ ବର୍ଷା ନକରି ଚାଲିଯାଏ ଆଉ କେତେକ ଶୁଷ୍କ ମାଟିକୁ ନୂଆ ଜୀବନ ଦେବା ପାଇଁ ବର୍ଷା ଆଣେ । ଜାତିସଂଘର କାହାଣୀ ମଧ୍ୟ ଏହିପରି । ଅନେକ ସମୟରେ ଏହା ଲୋକଙ୍କ ଆଶା ପୂରଣ କରିପାରିନାହିଁ । କିନ୍ତୁ ଅନେକ ଅବସରରେ ଏହା ଅସୀମ ମନେ ହେଉଥିବା ଦୁଃଖ ଓ ଯନ୍ତ୍ରଣା ମଧ୍ୟରେ ଆଶ୍ୱାସନା ଓ ସହାୟତା ପହଞ୍ଚାଇଛି । ଜାତିସଂଘର ୮୧ତମ ପ୍ରତିଷ୍ଠା ଦିବସରେ ପ୍ରଶ୍ନ ଏହା ନୁହେଁ ଯେ ଏହି ଅନୁଷ୍ଠାନ ଆମକୁ ନିରାଶ କରିଛି କି ନାହିଁ । ନିଶ୍ଚିତ ଭାବରେ କେତେକ କ୍ଷେତ୍ରରେ ଏହା ବିଫଳ ହୋଇଛି । ଅଧିକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ହେଉଛି-ମାନବଜାତି ଏହାର ଦୁର୍ବଳତାକୁ ସୁଧାରିବାକୁ ଏବଂ ଦେଶଗୁଡ଼ିକୁ ଏକାଠି କରିବା ପାଇଁ ଗଠିତ ଏହି ଅନୁଷ୍ଠାନକୁ ଅଧିକ ସୁଦୃଢ଼ କରିବାକୁ ପ୍ରସ୍ତୁତ କି? ଏହାର ଉତ୍ତର ନିଶ୍ଚିତ ଭାବରେ 'ହଁ' ହେବା ଉଚିତ । ସମସ୍ତ ଅପୂର୍ଣ୍ଣତା ସତ୍ତ୍ୱେ ଜାତିସଂଘ ଆମକୁ ମନେ ପକାଇଦିଏ ଯେ ଯୁଦ୍ଧ ମାନବଜାତିର ଅନିବାର୍ଯ୍ୟ ଭାଗ୍ୟ ନୁହେଁ, ଉଦାସୀନତା କୌଣସି ନୀତି ହୋଇପାରେ ନାହିଁ ଏବଂ ମାନବୀୟ ଦୁଃଖକୁ ଅନ୍ୟ କାହାରି ସମସ୍ୟା ବୋଲି ଏଡ଼ାଇ ଦିଆଯାଇପାରିବ ନାହିଁ । ଜାତିସଂଘ ହୁଏତ ଯୁଦ୍ଧମୁକ୍ତ ବିଶ୍ୱ ଗଢ଼ିପାରିନାହିଁ । କିନ୍ତୁ ଶାନ୍ତିର ଅନ୍ୱେଷଣ, ମାନବୀୟ ମର୍ଯ୍ୟାଦାର ସୁରକ୍ଷା ଓ ଆଶାକୁ ଜୀବନ୍ତ ରଖିବା ପାଇଁ ଏହା ଆଜି ମଧ୍ୟ ଏକ ମଞ୍ଚ ଯୋଗାଇ ଦେଉଛି । ଏହା ଏପରି ଏକ ଐତିହ୍ୟ, ଯାହାର ଏପରି ଏକ ପ୍ରତିଶ୍ରୁତି, ଏବେ ମଧ୍ୟ ପୂରଣ ହେବାକୁ ବାକି ରହିଛି ।

ସି-୨୭୮, ଶେଖ୍ ସରାଇ-୧,
ମାଳଭ୍ୟ ନଗର, ନୂଆଦିଲ୍ଲୀ
ମୋ: ୦୧୧-୪୭୭୬୯୫୩୧

ଶିକ୍ଷା ଜ୍ଞାନର ନା ବିଜ୍ଞାପନର?



ମାନସ କୁମାର କର

ପରୀକ୍ଷା ଫଳ ପ୍ରକାଶ ପାଇବା ମାତ୍ରେ, ଆଜିକାଲି ସ୍କୁଲ ଏବଂ କଲେଜ ବାହାରେ ଏକ ଅଦ୍ଭୁତ ପ୍ରତିଯୋଗିତା ଦେଖିବାକୁ ମିଳୁଛି । କେଉଁଠି ବଡ଼ ବଡ଼ ବ୍ୟାନର, କେଉଁଠି ରଙ୍ଗୀନ ପୋଷ୍ଟର, ତ କେଉଁଠି ସୋସିଆଲ ମିଡିଆରେ କ୍ରମାଗତ ଭାବେ ମାଳ ମାଳ ଫଟୋଗୁଡ଼ିକର ସୁଅ ଛୁଟୁଛି । ଜଣେ ଛାତ୍ରଙ୍କ ପାଖରେ ୯୯%, ଅନ୍ୟ ଜଣଙ୍କ ପାଖରେ ୯୮%, ଆଉ ଜଣଙ୍କ ପାଖରେ ୯୭% ନମ୍ବର ଲେଖାଯାଇଥାଏ । ସ୍କୁଲଗୁଡ଼ିକ ଏହି ଫଟୋଗୁଡ଼ିକୁ ଏପରି ଉପସ୍ଥାପନ କରନ୍ତି, ଯେପରି କିଛି ବ୍ୟବସାୟିକ ସଫଳତା ହାସଲ ହୋଇଛି । ଦେଖୁଥିବା ଅଭିଭାବକମାନଙ୍କୁ ବାର୍ତ୍ତା ଦିଆଯାଏ ଯେ ଏହା ହେଉଛି ସେହି ଅନୁଷ୍ଠାନ ଯେଉଁଠାରେ 'ସଫଳତା' ମିଳେ । ଶିକ୍ଷା ଏବେ ଧୀରେ ଧୀରେ ଜ୍ଞାନର ମାଧ୍ୟମ କମ୍ ପ୍ରଚାରର ସାଧନ ଅଧିକ ହେବାକୁ ଲାଗୁଛ । ଏହି କାରଣରୁ, ଆଜି ଏହି ପ୍ରଶ୍ନ ଗମ୍ଭୀର ଭାବେ ଉଠିବାକୁ ଲାଗିଛି ଯେ, ପାଠପଢ଼ା କ'ଣ ? ଏବେ ଶିକ୍ଷା କମ୍ ଏବଂ ବିଜ୍ଞାପନ ଅଧିକ ହୋଇଗଲାଣି ।

କଠିନ ପରିଶ୍ରମ କରୁଥିବା ଛାତ୍ରମାନଙ୍କୁ ସମ୍ମାନ ମିଳିବା ଉଚିତ । ଭଲ ପରୀକ୍ଷା ଫଳ ଯେକୌଣସି ଛାତ୍ର, ଶିକ୍ଷକ ଏବଂ ଅଭିଭାବକଙ୍କ ପାଇଁ ଗର୍ବର ବିଷୟ । କିନ୍ତୁ ସମସ୍ୟା ସେତେବେଳେ ଆରମ୍ଭ ହୁଏ, ଯେତେବେଳେ ସ୍କୁଲଗୁଡ଼ିକ କେବଳ କିଛି ବଛାବଛା ଛାତ୍ରଛାତ୍ରୀଙ୍କୁ ସଫଳତାର ଚେହେରା ଭାବେ ଉପସ୍ଥାପନ କରିବାକୁ ଲାଗନ୍ତି । ଅନ୍ୟ ପିଲାମାନେ, ଯେଉଁମାନେ ନିଜ କ୍ଷମତା ଅନୁଯାୟୀ କଠିନ ପରିଶ୍ରମ କଲେ, ସଂଘର୍ଷ କଲେ, ପରିସ୍ଥିତି ସହ ଲଢ଼ି ପରୀକ୍ଷାରେ ପାସ କଲେ, ସେମାନେ ସମସ୍ତେ ଏହି ଚମକ-ଦମକରେ କେଉଁଠି ପଛରେ ରହିଯାଆନ୍ତି । ସ୍କୁଲର ପୋଷ୍ଟରରେ ସେମାନଙ୍କ ଫଟୋ ନଥାଏ, ସେମାନଙ୍କ ପ୍ରଚେଷ୍ଟା ବିଷୟରେ ଚର୍ଚ୍ଚା ହୁଏନାହିଁ । ଧୀରେ ଧୀରେ ସେମାନଙ୍କ ମନରେ ଏହି ଭାବନା ବସିବାକୁ ଲାଗେ ଯେ ବୋଧହୁଏ ସେମାନେ ଯଥେଷ୍ଟ ଭଲ ନୁହଁନ୍ତି ।

ଆଜି ଶିକ୍ଷାର ପରିବେଶ ଅତ୍ୟଧିକ ପ୍ରତିଯୋଗିତାମୂଳକ ହୋଇଗଲାଣି । ପିଲାମାନେ ଏବେ ଜ୍ଞାନ ପାଇବା ପାଇଁ ନୁହେଁ, ବରଂ ପ୍ରତିଶତ ପାଇବା ପାଇଁ ପଢ଼ୁଛନ୍ତି । ପିତାମାତାଙ୍କ ଅପେକ୍ଷା, ସମାଜର ତୁଳନା ଏବଂ ସ୍କୁଲର ପ୍ରଚାର ନୀତି ମିଶି ପିଲାମାନଙ୍କ ଉପରେ ଏପରି ଚାପ ସୃଷ୍ଟି କରୁଛି ଯେ ସେମାନେ ନିଜକୁ ନମ୍ବରର ଓଜନରେ ମାପିବାକୁ ଲାଗୁଛନ୍ତି । ଯଦି ଜଣେ ପିଲାର ୯୫% ନମ୍ବର ଆସିଥାଏ, ତେବେ ତାକୁ 'ପ୍ରତିଭାଶାଳୀ' କୁହାଯାଏ, କିନ୍ତୁ ୭୦% ଆଣିଥିବା ପିଲା ନିଜକୁ ସାଧାରଣ କିମ୍ବା ଦୁର୍ବଳ ମାନିବାକୁ ପ୍ରସ୍ତୁତ । ଏହି ଚିନ୍ତାଧାରା ଶିକ୍ଷାର ଆତ୍ମା ବିରୋଧୀ । ପ୍ରତ୍ୟେକ ପିଲା ଭିନ୍ନ ହୋଇଥାଏ । କାହାର ରୁଚି ବିଜ୍ଞାନରେ, କାହାର ସାହିତ୍ୟରେ, କିଏ ଖେଳରେ ଉତ୍କୃଷ୍ଟ, ତ କିଏ କଳା, ସଙ୍ଗୀତ କିମ୍ବା ବୈଷୟିକ କୌଶଳରେ । କିନ୍ତୁ ବର୍ତ୍ତମାନର ଶିକ୍ଷା ବ୍ୟବସ୍ଥା ସଫଳତାର ସଂଜ୍ଞାକୁ କେବଳ ପରୀକ୍ଷା ଫଳ ମଧ୍ୟରେ ସୀମିତ କରିଦେଇଛି. ସ୍କୁଲଗୁଡ଼ିକ ମଧ୍ୟ ସେହି ଦିଗରେ ଚାଲୁଥିବାର ଦେଖାଯାଉଛି ।

ସବୁଠାରୁ ବଡ଼ ଚିନ୍ତାର ବିଷୟ ହେଉଛି ଯେ, ଏହି ପ୍ରକାରର ପ୍ରଚାର ପିଲାମାନଙ୍କ ମାନସିକ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଏ । ଯେଉଁ ଛାତ୍ରମାନଙ୍କର ନମ୍ବର ତୁଳନାତ୍ମକ ଭାବେ କମ୍ ଆସେ, ସେମାନେ ନିଜକୁ ଅନ୍ୟମାନଙ୍କଠାରୁ ନ୍ୟୂନ ବୋଲି ଭାବିବାକୁ ଲାଗନ୍ତି । ଅନେକ ପିଲା ଅବସାଦ, ଚାପ ଏବଂ ହୀନମନ୍ୟତାର ଶିକାର ହୋଇଯାଆନ୍ତି । କିଛି ପିଲା ଏତେ ଚାପରେ ଆସିଯାଆନ୍ତି ଯେ ସେମାନେ ପରିବାର ଏବଂ ସମାଜରୁ ଦୂରେଇ ଯାଆନ୍ତି । ଆଜି ଦେଶରେ ପରୀକ୍ଷା ଫଳ ପରେ ଆତ୍ମହତ୍ୟା ଭଳି ଘଟଣା ମଧ୍ୟ ସାମ୍ନାକୁ ଆସୁଛି । ଏହା କେବଳ ବ୍ୟକ୍ତିଗତ ଦୁର୍ବଳତା ନୁହେଁ, ବରଂ ସେହି ସାମାଜିକ ଏବଂ ଶୈକ୍ଷିକ ଚାପର ପରିଣାମ ଯାହା ପିଲାମାନଙ୍କ ଉପରେ କ୍ରମାଗତ ଭାବେ ପଡ଼ୁଛି । ସ୍କୁଲଗୁଡ଼ିକୁ ଏହା ବୁଝିବାକୁ ହେବ ଯେ ଶିକ୍ଷା କେବଳ ଟପ୍ପର ତିଆରି କରିବାର ମାଧ୍ୟମ ନୁହେଁ । ଜଣେ ଯୋଗ୍ୟ ଶିକ୍ଷକଙ୍କ ପରିଚୟ କେବଳ ଏହି କଥାରୁ ହୁଏନାହିଁ ଯେ ତାଙ୍କର କେତେଜଣ ଛାତ୍ର ୯୫% ନମ୍ବର ପାଇଲେ, ବରଂ ଏଥିରୁ ହୁଏ ଯେ ସେ କେତେଜଣ ପିଲାଙ୍କ ଭିତରେ ଆତ୍ମବିଶ୍ୱାସ ବୃଦ୍ଧି କରାଇଲେ । ପ୍ରକୃତ ଶିକ୍ଷା ହେଉଛି ତାହା, ଯାହା ପିଲାକୁ ଜୀବନର ସଂଘର୍ଷ ପାଇଁ ପ୍ରସ୍ତୁତ କରେ, ତାକୁ ସମ୍ବେଦନଶୀଳ କରେ, ତା' ଭିତରେ ନୈତିକତା ଏବଂ ମାନବିକତାର ବିକାଶ କରାଏ । ଯଦି କୌଣସି ପିଲା ପରୀକ୍ଷାରେ ହାରାହାରି ନମ୍ବର ଆଣେ କିନ୍ତୁ ଭଲ ମଣିଷ ହୁଏ, ସମାଜ ପ୍ରତି ଦାୟିତ୍ୱବାନ ହୁଏ, ତେବେ ତାହା ମଧ୍ୟ ଶିକ୍ଷାର ସଫଳତା ।

ଆଜି ଅନେକ ସ୍କୁଲ ପରୀକ୍ଷା ଫଳକୁ ବ୍ୟବସାୟିକ ରଣନୀତି ଭଳି ବ୍ୟବହାର କରୁଛନ୍ତି । ସୋସିଆଲ ମିଡିଆରେ କ୍ରମାଗତ ପୋଷ୍ଟ, ଖବରକାଗଜରେ ବିଜ୍ଞାପନ, ସହର ସାରା ବ୍ୟାନର- ଏସବୁ ଶିକ୍ଷାର ବ୍ୟବସାୟିକରଣର ସଙ୍କେତ । ଅଭିଭାବକମାନେ ମଧ୍ୟ ଏହି ଚମକଦାର ପରୀକ୍ଷା ଫଳ ଦ୍ୱାରା ପ୍ରଭାବିତ ହୋଇ ସ୍କୁଲ ବାଛନ୍ତି । ସେମାନଙ୍କୁ ଲାଗେ ଯେ ଯେଉଁଠାରେ ଅଧିକ ଟପ୍ପର ଅଛନ୍ତି, ସେହି ସ୍କୁଲ ଶ୍ରେଷ୍ଠ. କିନ୍ତୁ ଶିକ୍ଷାର ଗୁଣବତ୍ତା କେବଳ କିଛି ଛାତ୍ରଛାତ୍ରୀଙ୍କ ପ୍ରତିଶତରୁ ସ୍ଥିର କରାଯାଇପାରେ ନାହିଁ । କୌଣସି ସ୍କୁଲର ପ୍ରକୃତ ପରିଚୟ ଏହି କଥାରୁ ଦୃଢ଼ ହେବା ଉଚିତ ଯେ ସେଠାରେ ଦୁର୍ବଳ ଛାତ୍ରମାନଙ୍କ ସହ କିପରି ବ୍ୟବହାର କରାଯାଏ, ସେମାନଙ୍କୁ କେତେ ସହଯୋଗ ଏବଂ ଉତ୍ସାହ ମିଳେ । ଏହା ମଧ୍ୟ ସତ୍ୟ ଯେ ବହୁତ ସ୍କୁଲ ଜାଣିଶୁଣି କେବଳ ମେଧାବୀ ପିଲାଙ୍କ ଉପରେ ଅଧିକ ଧ୍ୟାନ ଦିଅନ୍ତି ଯେପରି ସେମାନଙ୍କ ପରୀକ୍ଷା ଫଳ ଭଲ ହୋଇଥାଏ । ଦୁର୍ବଳ ଛାତ୍ରମାନଙ୍କୁ ପ୍ରାୟତଃ ଅବହେଳାର ସମ୍ମୁଖୀନ ହେବାକୁ ପଡ଼େ । ଅନେକ ସମୟରେ ସେମାନଙ୍କୁ ଏହା ଅନୁଭବ କରାଯାଏ ଯେ ସେମାନେ ସ୍କୁଲର 'ପ୍ରତିଷ୍ଠା' ଉପରେ ବୋଝ । ଏହି ସ୍ଥିତି ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ଶିକ୍ଷାରେ ସମାନ ସୁଯୋଗ ଏବଂ ସମାନ ସମ୍ମାନ ସବୁଠାରୁ ଆବଶ୍ୟକ ଉପାଦାନ । ଯଦି ସ୍କୁଲଗୁଡ଼ିକ ହିଁ ପିଲାମାନଙ୍କ ମଧ୍ୟରେ ଭେଦଭାବ କରିବାକୁ ଲାଗିବେ, ତେବେ ସମାଜରେ ସମ୍ବେଦନଶୀଳତା କିପରି ବିକଶିତ ହେବ?

ଅଭିଭାବକମାନଙ୍କ ଭୂମିକା ମଧ୍ୟ ଏଠାରେ ଗୁରୁତ୍ୱପୂର୍ଣ୍ଣ । ଅନେକ ପିତାମାତା ନିଜ ପିଲାମାନଙ୍କୁ ଅନ୍ୟମାନଙ୍କ ସହ ତୁଳନା କରିବାକୁ ଲାଗନ୍ତି । 'ଦେଖ, ବାଦଲ ବାବୁଙ୍କ ପୁଅର ୯୮% ମାର୍କ ଆଣିଛି' ଭଳି ବାକ୍ୟ ପିଲାମାନଙ୍କ ଆତ୍ମବିଶ୍ୱାସକୁ ଭାଙ୍ଗିଦିଏ । ପ୍ରତ୍ୟେକ ପିଲା ନିଜ ଗତି ଏବଂ କ୍ଷମତା ଅନୁଯାୟୀ ଶିଖନ୍ତି । ଦରକାର ତାଙ୍କୁ ବୁଝିବା ଏବଂ ଉତ୍ସାହିତ କରିବା, ନା କି ତାଙ୍କୁ କ୍ରମାଗତ ଭାବେ ଅନ୍ୟମାନଙ୍କଠାରୁ କମ୍ ବୋଲି ପ୍ରମାଣିତ କରିବା । ପିଲାମାନଙ୍କୁ ଏହା ଅନୁଭବ ହେବା ଉଚିତ ଯେ ସେମାନେ କେବଳ ନମ୍ବର ପାଇଁ ପ୍ରିୟ ନୁହଁନ୍ତି, ବରଂ ସେମାନଙ୍କ ବ୍ୟକ୍ତିତ୍ୱ ଏବଂ ପ୍ରଚେଷ୍ଟା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ।

ଆମକୁ ଏହା ମଧ୍ୟ ବୁଝିବାକୁ ହେବ ଯେ ଜୀବନରେ ସଫଳତାର ସମ୍ପର୍କ କେବଳ ପରୀକ୍ଷା ଫଳ ସହିତ ନଥାଏ । ଇତିହାସ ଏପରି ଅନେକ ଉଦାହରଣରେ ପରିପୂର୍ଣ୍ଣ, ଯେଉଁଠାରେ ହାରାହାରି କିମ୍ବା ସାଧାରଣ ଛାତ୍ର ପରବର୍ତ୍ତୀ ସମୟରେ ମହାନ ବୈଜ୍ଞାନିକ, ଲେଖକ, କଳାକାର, ଉଦ୍ୟୋଗୀ ଏବଂ ନେତା ହୋଇଛନ୍ତି । ଦୁନିଆର ଅନେକ ସଫଳ ଲୋକ ପାରମ୍ପରିକ ଶିକ୍ଷା ବ୍ୟବସ୍ଥାରେ 'ଟପ୍ପର' ନଥିଲେ । ସେମାନଙ୍କ ଆତ୍ମବିଶ୍ୱାସ, ସୃଜନଶୀଳତା ଏବଂ ସଂଘର୍ଷ ହିଁ ସେମାନଙ୍କୁ ପ୍ରକୃତ ସଫଳ କରିଛି । ତେଣୁ ପିଲାମାନଙ୍କୁ କେବଳ ପ୍ରତିଶତ ଆଧାରରେ ଦେଖିବା ଅର୍ଥ ସେମାନଙ୍କ ଭବିଷ୍ୟତକୁ ସୀମିତ କରିବା ।

ସ୍କୁଲଗୁଡ଼ିକ ଯଦି ପ୍ରକୃତରେ ପିଲାମାନଙ୍କୁ ଅନୁପ୍ରାଣିତ କରିବାକୁ ଚାହାଁନ୍ତି, ତେବେ ସେମାନେ କେବଳ ଟପ୍ପରମାନଙ୍କ ଫଟୋ ଲଗାଇବା ପରିବର୍ତ୍ତେ ପ୍ରତ୍ୟେକ ଛାତ୍ରର ପ୍ରଶଂସା କରିବା ଉଚିତ ଯେଉଁମାନେ କଠିନ ପରିଶ୍ରମ କରିଛନ୍ତି । କିଏ ପୂର୍ବଥର ଅପେକ୍ଷା ଉନ୍ନତି କରିଛି, କିଏ କଠିନ ପରିସ୍ଥିତିରେ ପଢ଼ା ଜାରି ରଖିଛି, କିଏ ଆର୍ଥିକ ସମସ୍ୟା ସତ୍ତ୍ୱେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛି- ଏହି ସଫଳତାଗୁଡ଼ିକ ମଧ୍ୟ ସେତିକି ଗୁରୁତ୍ୱପୂର୍ଣ୍ଣ । ଶିକ୍ଷାର ଉଦ୍ଦେଶ୍ୟ ପ୍ରତିଯୋଗିତା ଅପେକ୍ଷା ସହଯୋଗ ହେବା ଉଚିତ ।

ସରକାର ଏବେ ଶିକ୍ଷା ବିଭାଗକୁ ମଧ୍ୟ ଏହି ବିଷୟରେ ଗମ୍ଭୀର ଭାବେ ଚିନ୍ତା କରିବା ଉଚିତ । ସ୍କୁଲଗୁଡ଼ିକର ପ୍ରଚାର ପାଇଁ ପିଲାମାନଙ୍କ ଫଟୋ ଏବଂ ନମ୍ବରର ଅତ୍ୟଧିକ ପ୍ରଦର୍ଶନ ଉପରେ କିଛି ନିର୍ଦ୍ଦେଶାବଳୀ ହେବା ଉଚିତ । ଶିକ୍ଷା ଅନୁଷ୍ଠାନଗୁଡ଼ିକୁ ଏହା ବୁଝାଇବାକୁ ହେବ ଯେ ପିଲାମାନେ ବିଜ୍ଞାପନର ମାଧ୍ୟମ ନୁହଁନ୍ତି । ସେମାନଙ୍କ ଭାବନା, ଆତ୍ମସମ୍ମାନ ଏବଂ ମାନସିକ ସ୍ୱାସ୍ଥ୍ୟ ଯେକୌଣସି ପ୍ରଚାରଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ. ସମାଜକୁ ମଧ୍ୟ ନିଜ ଚିନ୍ତାଧାରା ବଦଳାଇବାକୁ ହେବ । ଯଦି ଆମେ କେବଳ ଉଚ୍ଚ ନମ୍ବରଧାରୀଙ୍କୁ ହିଁ ସମ୍ମାନ ଦେବା, ତେବେ ଅନ୍ୟ ପିଲାମାନେ ନିଜକୁ ଅସଫଳ ଭାବିବାକୁ ଲାଗିବେ । ଆଜି ଯେତେବେଳେ ପାଠପଢ଼ା 'ବିଜ୍ଞାପନ' ହେବାକୁ ଲାଗିଛି, ସେତେବେଳେ ସବୁଠାରୁ ଅଧିକ ଆବଶ୍ୟକତା ହେଉଛି ସମ୍ବେଦନଶୀଳତା ।

କୋଡାଙ୍ଗ, କୋଣାର୍କ
ମୋ: ୭୩୮୧୩୮୨୨୧୦

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ଆଜି...

ରଖିବା ଏବଂ ଜରୁରୀକାଳୀନ ପଦକ୍ଷେପ ଗ୍ରହଣ କରିବାକୁ ଓଏସ୍‌ଡମା ପକ୍ଷରୁ କୁହାଯାଇଛି ।

ବାତ୍ୟା ପ୍ରଭାବିତ ଅଞ୍ଚଳରେ ପ୍ରସବ ସମୟ ନିକଟବର୍ତ୍ତୀ ହୋଇଥିବା ଗର୍ଭବତୀ ମହିଳାମାନଙ୍କୁ ଚିହ୍ନଟ କରାଯାଇ ବାତ୍ୟା ଆଶ୍ରୟସ୍ଥଳୀ କିମ୍ବା ନିକଟସ୍ଥ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଗୁଆ ସ୍ଥାନାନ୍ତରିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଗର୍ଭବତୀ ମହିଳା ଏବଂ ନବଜାତ ଶିଶୁମାନଙ୍କ ସୁରକ୍ଷା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମେଡିକାଲ ରିଲିଫ୍ କେନ୍ଦ୍ର, ମୋବାଇଲ ସ୍ୱାସ୍ଥ୍ୟ ଟିମ୍ ଏବଂ ଡାକ୍ତରଖାନାଗୁଡ଼ିକରେ ଜରୁରୀକାଳୀନ ଔଷଧ ସହିତ ଅବିଚ୍ଛିନ୍ନ ବିଦ୍ୟୁତ ସେବା ଏବଂ ଜରୁରୀ ପ୍ରସବ ସେବା ପ୍ରସ୍ତୁତ ରଖିବାକୁ କୁହାଯାଇଛି । ଆଶ୍ରୟସ୍ଥଳୀଗୁଡ଼ିକରେ ଗର୍ଭବତୀ ମହିଳା, ପ୍ରସୂତି ଏବଂ ଶିଶୁମାନଙ୍କ ପାଇଁ ସ୍ୱତନ୍ତ୍ର ପାନୀୟ ଜଳ, ଶୁଖିଲା ଖାଦ୍ୟ ଏବଂ ଜରୁରୀ ସ୍ୱାସ୍ଥ୍ୟ ପରାମର୍ଶର ବ୍ୟବସ୍ଥା କରିବାକୁ ଓଏସ୍‌ଡମା ପକ୍ଷରୁ ପରାମର୍ଶ ଦିଆଯାଇଛି ।

ଏହାର ପ୍ରଭାବରେ ଆସନ୍ତା ୨୬ ତାରିଖ ସକାଳୁ ରାଜ୍ୟରେ ବର୍ଷା ଆରମ୍ଭ ହେବ । ୨୬, ୨୭ ଓ ୨୮ ତାରିଖ ମଧ୍ୟରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ୨୭ ତାରିଖରେ ପୁରୀ, ଗଞ୍ଜାମ ଏବଂ ଗଜପତି ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ । ଏହସବୁ ଜିଲ୍ଲାଗୁଡ଼ିକ ଲାଗି ରେଡ୍ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି । ଏହାସହ ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ମୟୂରଭଞ୍ଜ, ବାଲେଶ୍ୱର, କେନ୍ଦୁଝର, ରାୟଗଡ଼ା, କୋରାପୁଟ, ମାଲକାନଗିରି ଓ କଳାହାଣ୍ଡି ଆଦି ଜିଲ୍ଲାରେ ମଧ୍ୟ ବ୍ୟାପକ ବର୍ଷା ପାଇଁ ସତର୍କ ଜାରି କରାଯାଇଛି ।

ହ୍ୱାଟ୍ସଆପ୍ ଏବଂ ଅନ୍ୟାନ୍ୟ ଗଣମାଧ୍ୟମ ଜରିଆରେ ଲୋକଙ୍କୁ କ୍ରମାଗତ ଭାବେ ସଚେତନ କରାଯାଉଛି । ରାଜ୍ୟ ସରକାର ସମସ୍ତ ସମ୍ଭାବ୍ୟ ବିପର୍ଯ୍ୟୟକୁ ମୁକାବିଲା କରିବା ପାଇଁ ସଂପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି । ଜନସାଧାରଣ ସଚେତନ ରହି ପ୍ରଶାସନକୁ ସହଯୋଗ କରିବାକୁ ଅନୁରୋଧ କରାଯାଇଛି । ଏନଡିଆରଏଫ୍, ଓଡ୍ରାଫ ଏବଂ ଅଗ୍ନିଶମ ବାହିନୀକୁ ପ୍ରସ୍ତୁତ ରଖାଯାଇଛି । ଗୁଜବରୁ ଦୂରେଇ ରୁହନ୍ତୁ, କେବଳ ସରକାରୀ ସୂଚନା ଉପରେ ବିଶ୍ୱାସ କରନ୍ତୁ ବୋଲି ପ୍ରଶାସନ ତରଫରୁ କୁହାଯାଇଛି ।

ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ରାଜ୍ୟର ମୁଖ୍ୟ ଶାସନ ସଚିବଅନୁ ଗର୍ଗ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ, ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ ଏବଂ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷର ବରିଷ୍ଠ ଅଧିକାରୀମାନେ ଓ ଉପସ୍ଥିତ ଥିଲେ । ପୋଲିସ ମହାନିର୍ଦ୍ଦେଶକ, ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ, ଆଇନ ଓ ଶୃଙ୍ଖଳା ନିର୍ଦ୍ଦେଶକ, ଆଇଏମଡି ନିର୍ଦ୍ଦେଶକଙ୍କ ସମେତ ଭିଡିଓ କନଫରେନ୍ସିଂ ଜରିଆରେ ସମ୍ଭାବ୍ୟ ପ୍ରଭାବିତ ଜିଲ୍ଲାର ଜିଲ୍ଲାପାଳମାନେ ମଧ୍ୟ ଏଥିରେ ଯୋଗଦେଇଥିଲେ ।

୫୪ ହଜାର...

ଏଥିପାଇଁ ଉଭୟେ ଗ୍ରୀନ ସିଗ୍ନାଲ୍ ଦେଇଛନ୍ତି । ଆସନ୍ତା ବର୍ଷ ୨୦୨୭ ଅକ୍ଟୋବର ମାସରେ ଓଡ଼ିଶା କେମ- ୨୦୨୭ ଅନୁଷ୍ଠିତ ହେବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି ଅବସରରେ ବିଭିନ୍ନ ବିଜନେସ୍ ଲିଡର ମାନଙ୍କ ସହିତ ୨୫ଟି ୱାନ୍ ଟୁ ୱାନ୍ ମିଟିଙ୍ଗ୍ ଅନୁଷ୍ଠିତ ହୋଇଛି । ପସ୍କୋ ଇଣ୍ଡିଆ, ଜେ.ଏସ୍.ଡବ୍ଲ୍ୟୁ, ଏଲ୍ ଆଣ୍ଡ ଟି ଆଦି କମ୍ପାନୀ ମାନଙ୍କ ସହିତ ଆମେରିକା ଓ ୟୁରୋପିଆନ୍ ୟୁନିଅନ୍‌ର ବିଭିନ୍ନ ଦେଶର କମ୍ପାନୀମାନଙ୍କ ପ୍ରତିନିଧିମାନଙ୍କ ସହିତ ଆଲୋଚନା କରିଥିଲେ ।

ଏହି ଆଲୋଚନା ଦ୍ୱାରା ସେମାନଙ୍କର ଆବଶ୍ୟକତା ବିଷୟରେ ଜାଣିବା ସହିତ ଓଡ଼ିଶାରେ ନିବେଶ କରିବା ପାଇଁ କେଉଁ ସୁବିଧା ସୁଯୋଗ ଉପଲବ୍ଧ ଅଛି, ସେମାନେ ମଧ୍ୟ ଜାଣିପାରିଛନ୍ତି । ଏହାଦ୍ୱାରା ବିଭିନ୍ନ ସମ୍ଭାବ୍ୟ ନିବେଶକମାନଙ୍କ ସହିତ ଉତ୍ତମ ବୁଝାମଣା ସୃଷ୍ଟି ହୋଇପାରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଓଡ଼ିଶାରେ ନିବେଶ ପାଇଁ ଏହି କମ୍ପାନୀମାନଙ୍କର ଖୁବ୍ ଆଗ୍ରହ ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । କମ୍ପାନୀମାନଙ୍କ ସହିତ ଏହି ଆଲୋଚନା ପାଇଁ କେନ୍ଦ୍ର ସାର ଓ ରସାୟନ ମନ୍ତ୍ରୀ ଶ୍ରୀ ଜେ.ପି. ନଡ୍ଡାଙ୍କର ଖୁବ୍ ସହଯୋଗ ରହିଛି ବୋଲି ମତ ଦେଇ ଏଥିପାଇଁ ସେ କେନ୍ଦ୍ରମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏକ ଧାତବ ଭିତ୍ତିକ ଅର୍ଥନୀତିରୁ କେମିକାଲ ଭିତ୍ତିକ ଅର୍ଥନୀତିକୁ ଡାଇଭର୍ସିଫାଇ କରିବା ପାଇଁ ଆମର ଯେଉଁ ଲକ୍ଷ୍ୟ ରହିଛି, ତାକୁ ସାକାର କରିବା ଦିଗରେ ଏହି ସମ୍ମିଳନୀ ସହାୟକ ହୋଇଛି । ଓଡ଼ିଶାରେ ମେଟାଲ, ମେଟାଲ ଡାଉନଷ୍ଟ୍ରିମ୍, କେମିକାଲ, ପେଟ୍ରୋ କେମିକାଲ ଏବଂ ପ୍ଲାଷ୍ଟିକ୍ ଆଦି ସମସ୍ତ ପ୍ରକାର ପରସ୍ପର ନିର୍ଭରଶୀଳ ଶିଳ୍ପ ସ୍ଥାପନ କରି ଓଡ଼ିଶାରେ ଏକ କମ୍ପ୍ଲିଟ୍ ଇଣ୍ଡଷ୍ଟ୍ରିଆଲ୍ ଇକୋସିଷ୍ଟମ୍ ଗଠନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଏହାଦ୍ୱାରା ଆତ୍ମନିର୍ଭର ଭାରତ ଗଠନର ଲକ୍ଷ୍ୟ ପୂରଣରେ ଓଡ଼ିଶା ଏକ ମଜବୁତ୍ ସ୍ତମ୍ଭ ହୋଇପାରିବ ବୋଲି ସେ କହିଛନ୍ତି ।

ମୁଖ୍ୟମନ୍ତ୍ରୀଙ୍କ ଏହି ସଫଳ ଅଭିଯାନ ପାଇଁ ଭୁବନେଶ୍ୱର ବିମାନବନ୍ଦରରେ ବହୁ ସଂଖ୍ୟକ ଜନସାଧାରଣଙ୍କ ସହିତ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲିକ, ସମବାୟ, ହସ୍ତତନ୍ତ ଓ ବୟନ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ମୁଖ୍ୟ ସଚେତକ ସରୋଜ ପ୍ରଧାନ ଏବଂ ଅନେକ ବିଧାୟକ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ ।

୧.୩୮ କୋଟି...

ଥିବାବେଳେ ୨୩ କୋଟିରୁ ଅଧିକ ସେୟାର ପାଇଁ ବିଡ୍ ଦାଖଲ ହୋଇଥିଲା । ଅର୍ଥାତ୍, ଉପଲବ୍ଧ ସେୟାର ତୁଳନାରେ ୨.୭୨ ଗୁଣ ଚାହିଦା ରହିଥିଲା । ଏବେ ସବୁଠାରୁ ବଡ଼ ପ୍ରଶ୍ନ ହେଉଛି, ପ୍ରକୃତରେ କେତେ ଜଣ ନିବେଶକଙ୍କୁ ସେୟାର ମିଳିବ? ତେବେ ସବସ୍କ୍ରିପ୍ସନ୍‌ର ଏହି ଅନୁପାତରୁ ସିଧାସଳଖ ସେୟାର ଆବଣ୍ଟନର ସମ୍ଭାବନା ଜଣାପଡ଼େ ନାହିଁ । ବୈଧ ଆବେଦନ, ସର୍ବନିମ୍ନ ଲଟ୍ ଏବଂ ପ୍ରଯୁଜ୍ୟ ଆବଣ୍ଟନ ପ୍ରକ୍ରିୟା ଆଧାରରେ ସେୟାର ବଣ୍ଟନ କରାଯିବ ।

ବୃହତ୍ ସଂସ୍ଥାଗତ ନିବେଶକ (କ୍ୟୁଆଇବି) ବର୍ଗରେ ୭୦.୫୫ ଗୁଣ ସବସ୍କ୍ରିପ୍ସନ୍ ହୋଇଥିଲା । ଅଣ-ସଂସ୍ଥାଗତ ନିବେଶକ (ଏନଆଇଆଇ) ବର୍ଗରେ ୧୪ ଗୁଣ, ରିଲାଏନ୍ସ ସେୟାରଧାରକ କୋଟାରେ ୭.୬୦ ଗୁଣ ଏବଂ କର୍ମଚାରୀ କୋଟାରେ ୨.୯୩ ଗୁଣ ସବସ୍କ୍ରିପ୍ସନ୍ ହୋଇଥିଲା । ଏବେ ନିବେଶକଙ୍କ ନଜର ସେୟାର ଆବଣ୍ଟନ ଉପରେ ରହିଛି । ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ, ଅକ୍ଟୋବର ୨୬ରେ ସେୟାର ଆବଣ୍ଟନ ଚୂଡ଼ାନ୍ତ ହେବ । ଅକ୍ଟୋବର ୨୭ରେ ନିବେଶକଙ୍କ ଡିମାଟ୍ ଖାତାରେ ସେୟାର ଜମା ହେବ ଏବଂ ଅକ୍ଟୋବର ୨୮ ରେ ବିଏସଇ ଓ ଏନଏସଇରେ ଜିଓ ପ୍ଲାଟଫର୍ମସର ଲିଷ୍ଟିଂ ହେବା ପ୍ରସ୍ତାବ ରହିଛି ।

ଆବେଦନ ସଂଖ୍ୟା କ୍ଷେତ୍ରରେ ମଧ୍ୟ ଜିଓ ଆଇପିଓ ପୂର୍ବ ରେକର୍ଡକୁ ବିପୁଳ ବ୍ୟବଧାନରେ ଭାଙ୍ଗିଛି । ଏହା ପୂର୍ବରୁ ସର୍ବାଧିକ ଆବେଦନ ପାଇବାର ରେକର୍ଡ ୱାରୀ ଏନର୍ଜିଜ୍ ନାମରେ ଥିଲା । ୨୦୨୪ ଅକ୍ଟୋବରରେ ଏହାର ଆଇପିଓକୁ ୯୭.୩୪ ଲକ୍ଷ ଆବେଦନ ମିଳିଥିଲା । ଏହା ତୁଳନାରେ ଜିଓ ଆଇପିଓକୁ ପ୍ରାୟ ୪୨ ପ୍ରତିଶତ ଅଧିକ ଆବେଦନ ମିଳିଛି । ଜିଓ ଆଇପିଓର ପ୍ରଥମ ଦିନରେ ପ୍ରାୟ ୩୦.୫ ଲକ୍ଷ ଆବେଦନ ମିଳିଥିଲା । ଦ୍ୱିତୀୟ ଦିନ ଶେଷ ସୁଦ୍ଧା ଏହି ସଂଖ୍ୟା ୭୫ ଲକ୍ଷ ଅତିକ୍ରମ କରିଥିଲା । ତୃତୀୟ ଦିନରେ ଆବେଦନ ସଂଖ୍ୟା ୧.୩୮ କୋଟିରୁ ଅଧିକରେ ପହଞ୍ଚିଥିଲା ।

ଜିଓ ଆଇପିଓର ସମାପ୍ତି ଦିବସ ଆଉ ଏକ କାରଣରୁ ମଧ୍ୟ ବିଶେଷ ରହିଥିଲା । ଶୁକ୍ରବାର, ଅକ୍ଟୋବର ୨୩ ତାରିଖରେ ଜିଓ ପ୍ଲାଟଫର୍ମସର ପରିଚାଳନା ନିର୍ଦ୍ଦେଶକ ଆକାଶ ଅମ୍ବାନୀଙ୍କ ଜନ୍ମଦିନ ମଧ୍ୟ ଥିଲା । ଏହି ଦିନରେ ବିଶ୍ୱରେ ସର୍ବାଧିକ ଆବେଦନ ପାଇଥିବା ଆଇପିଓର ଐତିହାସିକ ବିଡିଂ ପ୍ରକ୍ରିୟା ସମାପ୍ତ ହୋଇଛି ।

ଅରୁଣାଚଳ...

କପୁର କହିଛନ୍ତି । ଏହି କମାଣ୍ଡୋମାନଙ୍କୁ ଆଇଟିବିପିର ପ୍ରତ୍ୟେକ ସୀମା ସୁରକ୍ଷା ବାଟାଲିୟନରେ ନିୟୋଜିତ କରାଯିବ । ଏହାଦ୍ୱାରା ବଳର ଯୁଦ୍ଧକ୍ଷମତା ବୃଦ୍ଧି ପାଇବା ସହ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି ହେବ ବୋଲି ସେ କହିଛନ୍ତି ।

ଚୀନ୍ ଭାରତର ଏକ ଶକ୍ତିଶାଳୀ ପଡ଼ୋଶୀ ଏବଂ ସବୁଠାରୁ ବଡ଼ ପ୍ରତିଦ୍ୱନ୍ଦ୍ୱୀ ବୋଲି ଉଲ୍ଲେଖ କରି କପୁର କହିଛନ୍ତି ଯେ, ଚୀନ୍‌ର ମୁକାବିଲା ପାଇଁ ଭାରତକୁ ନିଜର ସାମରିକ କ୍ଷମତା ଆହୁରି ବଢ଼ାଇବାକୁ ପଡ଼ିବ । ଚୀନ୍ ସେନା ଆଧୁନିକୀକରଣ ଓ ନୂଆ ପ୍ରଯୁକ୍ତିରେ ବ୍ୟାପକ ନିବେଶ କରିଛି । ତେଣୁ ପାରମ୍ପରିକ ଯୁଦ୍ଧ ପଦ୍ଧତି ଉପରେ କେବଳ ନିର୍ଭର କରି ଚୀନ୍‌କୁ ମୁକାବିଲା କରିବା କଷ୍ଟକର ହେବ ବୋଲି ସେ ମତ ଦେଇଛନ୍ତି ।

ଡ୍ରୋନ୍ ଏବେ ଏକ ବଡ଼ ଆହ୍ୱାନ ହେବା ସହ ନୂଆ ସୁଯୋଗ ମଧ୍ୟ ସୃଷ୍ଟି କରିଛି । ଡ୍ରୋନ୍ ଓ ଡ୍ରୋନ୍‌ବିରୋଧୀ ବ୍ୟବସ୍ଥାର ବ୍ୟାପକ ବ୍ୟବହାର ଉପରେ ଗୁରୁତ୍ୱ ଦେବାକୁ ସେ ଯବାନମାନଙ୍କୁ କହିଛନ୍ତି । ଡ୍ରୋନ୍ ପ୍ରଯୁକ୍ତି ଯୋଗୁଁ ଛୋଟ ଦେଶ ମଧ୍ୟ ବଡ଼ ଦେଶକୁ ଦୃଢ଼ ମୁକାବିଲା କରିପାରିବ ବୋଲି ସେ କହିଛନ୍ତି । ଗଲୱାନ୍ ଭଳି ଜଟିଳ ସ୍ଥିତିର ସାମ୍ନା କରିବା ପାଇଁ ଆଇଟିବିପି ଯବାନଙ୍କୁ ପ୍ରସ୍ତୁତ କରିବା ଉଦ୍ଦେଶ୍ୟରେ 'ଷ୍ଟ୍ରାଇକ୍' ନାମକ ଏକ ନୂଆ ପ୍ରଶିକ୍ଷଣ ପାଠ୍ୟକ୍ରମ ପ୍ରସ୍ତୁତ କରାଯାଇଛି । ୨୦୨୭ ଶେଷ ସୁଦ୍ଧା ସମଗ୍ର ଆଇଟିବିପି ବଳର ଯବାନମାନେ ଏହି ପ୍ରଶିକ୍ଷଣ ନେବେ ବୋଲି କପୁର ସୂଚନା ଦେଇଛନ୍ତି । ୧୯୬୨ ମସିହାରେ ଗଠିତ ଆଇଟିବିପି ଭାରତ-ଚୀନ୍‌ର ୩,୪୮୮ କିଲୋମିଟର ଦୀର୍ଘ ବାସ୍ତବ ନିୟନ୍ତ୍ରଣ ରେଖା (ଏଲ୍ଏସି)ର ସୁରକ୍ଷା ଦାୟିତ୍ୱରେ ରହିଛି ।

ଅନ୍ୟପକ୍ଷରେ, ଗତ ମାସରେ ଏନ୍‌ଡିଟିଭି ପ୍ରତିରକ୍ଷା ସମ୍ମିଳନୀରେ ଭାରତର ପ୍ରତିରକ୍ଷା ମୁଖ୍ୟ ଜେନେରାଲ୍ ଏନ୍. ଏସ୍. ରାଜା ସୁବ୍ରମଣି କହିଥିଲେ ଯେ, ଚୀନ୍ ସହ ଏଲ୍ଏସିର ସ୍ଥିତି ବର୍ତ୍ତମାନ ସ୍ଥିର ରହିଛି ଏବଂ ଚିନ୍ତାର କୌଣସି କାରଣ ନାହିଁ । ଚୀନ୍ ରାଷ୍ଟ୍ରପତି ସି ଜିନ୍‌ପିଙ୍ଗ୍ ଓ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମଧ୍ୟରେ ହୋଇଥିବା ବୈଠକକୁ ଉଲ୍ଲେଖ କରି ସେ କହିଥିଲେ ଯେ, ଆଲୋଚନା ହେଉଛି ଶାନ୍ତି ଓ ସ୍ଥିରତା ବଜାୟ ରଖିବାର ସର୍ବୋତ୍ତମ ଉପାୟ । ସୀମାରେ ଉଭୟ ପକ୍ଷର ସୈନ୍ୟଙ୍କ ମଧ୍ୟରେ ନିୟମିତ ଯୋଗାଯୋଗ ଓ ସୀମା କର୍ମଚାରୀ ବୈଠକ ହେଉଥିବାରୁ ସେ କୌଣସି ଅସ୍ଥିରତା ଦେଖୁନାହାନ୍ତି ବୋଲି କହିଥିଲେ ।

ଏହା ପୂର୍ବରୁ ବିଦେଶ ମନ୍ତ୍ରୀ ଏସ୍. ଜୟଶଙ୍କର ମଧ୍ୟ କହିଥିଲେ ଯେ, ଭାରତ-ଚୀନ୍ ସମ୍ପର୍କକୁ ସ୍ୱାଭାବିକ କରିବା ପାଇଁ ସୀମାନ୍ତ ଅଞ୍ଚଳରେ ଶାନ୍ତି ଓ ସ୍ଥିରତା ଅତ୍ୟନ୍ତ ଜରୁରୀ । ସୀମାରେ କୌଣସି ବିଶୃଙ୍ଖଳା ଦ୍ୱିପାକ୍ଷିକ ସମ୍ପର୍କକୁ ପ୍ରଭାବିତ କରିବ ବୋଲି ସେ ଚେତାବନୀ ଦେଇଥିଲେ ।

୨୦୨୦ ଜୁନ୍‌ରେ ଲଦାଖର ଗଲୱାନ୍ ଉପତ୍ୟକାରେ ଭାରତ ଓ ଚୀନ୍‌ର ସୈନ୍ୟଙ୍କ ମଧ୍ୟରେ ହିଂସାତ୍ମକ ସଂଘର୍ଷ ହୋଇଥିଲା । ସେହି ସମୟରେ ଚୀନ୍‌ର ସୈନ୍ୟମାନେ ପଥର, କଣ୍ଟାଯୁକ୍ତ ଲାଠି, ଲୁହା ରଡ୍ ଓ ଅନ୍ୟାନ୍ୟ ଅସ୍ତ୍ର ବ୍ୟବହାର କରି ଭାରତୀୟ ଯବାନଙ୍କ ଉପରେ ଆକ୍ରମଣ କରିଥିବା ରିପୋର୍ଟରେ କୁହାଯାଇଥିଲା । ଏହି ସଂଘର୍ଷରେ ଭାରତର ୨୦ ଜଣ ଯବାନ ପ୍ରାଣ ହରାଇଥିଲେ । ଚୀନ୍ ପରବର୍ତ୍ତୀ ସମୟରେ ନିଜର ଚାରି ଜଣ ସୈନ୍ୟଙ୍କ ମୃତ୍ୟୁ ସ୍ୱୀକାର କରିଥିଲା । ତେବେ ଚୀନ୍‌ର ମୃତାହତଙ୍କ ସଂଖ୍ୟା ଅଧିକ ଥିବା ନେଇ ମଧ୍ୟ ବିଭିନ୍ନ ରିପୋର୍ଟ ପ୍ରକାଶ ପାଇଥିଲା ।

୭୨୬୮ ପୋଲିସ...

ଇଚ୍ଛୁକ ଯୋଗ୍ୟ ପ୍ରାର୍ଥିନୀ/ପ୍ରାର୍ଥୀମାନଙ୍କୁ ଆୟୋଗଙ୍କ ୱେବସାଇଟ୍ ପରିଦର୍ଶନ କରିବାକୁ ଓଡିଶାୟୁନିଫର୍ମଡ୍ ସେବା କର୍ମଚାରୀ ଚୟନ ଆୟୋଗ କାର୍ଯ୍ୟାଳୟ ପକ୍ଷରୁ ପରାମର୍ଶ ଦିଆଯାଇଛ ।

ଭୋଟ୍...

ବରିଷ୍ଠ ନେତ୍ରୀ ବୃନ୍ଦା କରାତ, ସର୍ବଭାରତୀୟ ଗଣତାନ୍ତ୍ରିକ ମହିଳା ସଂଘ (ଏଆଇଡିଡବ୍ଲ୍ୟୁଏ) ଏବଂ ସର୍ବଭାରତୀୟ ଗଣତାନ୍ତ୍ରିକ ଛାତ୍ର ସଂଗଠନ (ଏଆଇଡିଏସ୍‌ଓ) ର ସଦସ୍ୟମାନେ ଯୋଗ ଦେଇଥିଲେ ।

ବୃନ୍ଦା କରାତ କହିଛନ୍ତି, ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ଇସ୍ତଫା ନ ଦେବା ପର୍ଯ୍ୟନ୍ତ ସେମାନଙ୍କ ସଂଘର୍ଷ ଜାରି ରହିବ । ଅନ୍ୟପକ୍ଷରେ, ଏହି ଆନ୍ଦୋଳନରେ ସାମିଲ ହୋଇଥିବା ସିପିଆଇ ନେତା ପି. ସନ୍ତୋଷ କହିଛନ୍ତି, "ଆମର ପ୍ରତିବାଦ ଆହୁରି ତୀବ୍ର ହେବ । ଜ୍ଞାନେଶ କୁମାରଙ୍କୁ କେହି ବଞ୍ଚାଇ ପାରିବେନି ।" କ୍ରାନ୍ତିକାରୀ ଯୁବ ସଂଗଠନ (କେୱାଇଏସ୍) ଓ ଷ୍ଟୁଡେଣ୍ଟସ୍ ଫେଡେରେସନ୍ ଅଫ୍ ଇଣ୍ଡିଆ (ଏସ୍ଏଫ୍ଆଇ) ମଧ୍ୟ ଏହି ଆନ୍ଦୋଳନକୁ ସମର୍ଥନ ଜଣାଇଥିଲେ । ଦିଲ୍ଲୀ, ହରିୟାଣା ଓ ପଶ୍ଚିମ ଉତ୍ତରପ୍ରଦେଶରୁ ଆସିଥିବା କର୍ମୀମାନେ ଏଥିରେ ଯୋଗ ଦେଇଥିଲେ । ଶୋଭାଯାତ୍ରାକୁ ପୁଲିସ ଅଟକାଇବା ପରେ ଆନ୍ଦୋଳନକାରୀମାନେ ରାସ୍ତାରେ ବସି 'ଜନତାଙ୍କ ସଂସଦ' ଆୟୋଜନ କରିଥିଲେ । ଆନ୍ଦୋଳନକାରୀଙ୍କ କହିବା ଅନୁଯାୟୀ, ଏହା କେବଳ ଜନ୍ତରମନ୍ତରକୁ ପୁନର୍ବାର ଆନ୍ଦୋଳନସ୍ଥଳ ଭାବେ ଫେରାଇ ଆଣିବାର ଲଢ଼େଇ ନୁହେଁ; ବରଂ ଗଣତନ୍ତ୍ର ଓ ଦେଶକୁ ସୁରକ୍ଷା ଦେବାର ଲଢ଼େଇ ।

ଜନ୍ତରମନ୍ତରକୁ ଆନ୍ଦୋଳନସ୍ଥଳ ମାନ୍ୟତାରୁ ବାଦ୍ ଦିଆଯାଇଥିବାରୁ ଏବେ ଦେଶର ପ୍ରତ୍ୟେକ ରାସ୍ତା ଜନ୍ତରମନ୍ତରରେ ପରିଣତ ହେବ ବୋଲି ଜଣେ ପ୍ରତିବାଦକାରୀ କହିଛନ୍ତି । ବିଭିନ୍ନ ସଂଗଠନ ଦେଶର ଅନେକ ସହରରେ ପ୍ରତିବାଦ କାର୍ଯ୍ୟକ୍ରମ ଘୋଷଣା କରିଥିବା ସେ ଉଲ୍ଲେଖ କରିଥିଲେ ।

'ପିପୁଲ୍ ଏଗେନ୍‌ଷ୍ଟ ଏସ୍ଆଇଆର୍' ସଂଗଠନ ଦେଶର ବିଭିନ୍ନ ସହରରେ ହେଉଥିବା ଆନ୍ଦୋଳନ ସମ୍ପର୍କରେ ସୂଚନା ଦେବା ପାଇଁ ଏକ ୱେବସାଇଟ୍ ଆରମ୍ଭ କରିଛି । ସଂଗଠନର ସୂଚନା ଅନୁସାରେ, ୧୮ଟି ରାଜ୍ୟର ୮୮ଟି ସହରରେ ୧୪୫ଟି ସଂଗଠନର ଅଂଶଗ୍ରହଣରେ ପ୍ରତିବାଦ କାର୍ଯ୍ୟକ୍ରମ ଯୋଜନା କରାଯାଇଛି ।

ଶୁକ୍ରବାରଠାରୁ ଆରମ୍ଭ କରି ନଭେମ୍ବର ୧ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ଘୋଷଣା କରାଯାଇଛି । କୃଷକ, ଶ୍ରମିକ, ଯୁବକ, ମହିଳା ଓ ସମାଜର ବିଭିନ୍ନ ବର୍ଗର ଲୋକଙ୍କୁ ଜାତୀୟ ପତାକା ଧରି ଏହି ଆନ୍ଦୋଳନରେ ଯୋଗ ଦେବାକୁ ଆୟୋଜକମାନେ ଆହ୍ୱାନ ଦେଇଛନ୍ତି । ଆୟୋଜକଙ୍କ ସୂଚନା ଅନୁସାରେ, ଦିଲ୍ଲୀର ଶୋଭାଯାତ୍ରା ଶାନ୍ତିପୂର୍ଣ୍ଣ ଭାବେ ଶେଷ ହେବା ସହ ବିଭିନ୍ନ ପ୍ରସ୍ତାବ ଗୃହୀତ ହେବ ଏବଂ ଜାତୀୟ ସଙ୍ଗୀତ ଗାନ କରାଯିବାର କାର୍ଯ୍ୟକ୍ରମ ରହିଥିଲା ।

ପ୍ରତିବାଦକୁ ଦୃଷ୍ଟିରେ ରଖି କେନ୍ଦ୍ରୀୟ ଦିଲ୍ଲୀରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା । ବହୁ ସଂଖ୍ୟାରେ ଦିଲ୍ଲୀ ପୁଲିସ ଓ ରାପିଡ୍ ଆକ୍ସନ୍ ଫୋର୍ସ (ଆର୍ଏଏଫ୍) ଯବାନଙ୍କୁ ମୁତୟନ କରାଯାଇଥିଲା । ଶୁକ୍ରବାର ଅପରାହ୍ନ ୧ଟାରୁ ୫ଟା ପର୍ଯ୍ୟନ୍ତ କେନ୍ଦ୍ରୀୟ ଦିଲ୍ଲୀର କେତେକ ରାସ୍ତାରେ ଯାତାୟାତ କଟକଣା ଲାଗୁ କରାଯାଇଥିଲା । ବାଙ୍ଗଲା ସାହିବ ଗୁରୁଦ୍ୱାର, କନ୍ନଟ୍ ପ୍ଲେସ୍, ପାର୍ଲାମେଣ୍ଟ ଷ୍ଟ୍ରିଟ୍ ଓ ଜନ୍ତରମନ୍ତର ଅଞ୍ଚଳରେ ଟ୍ରାଫିକ୍ ଭିଡ଼ ହେବାର ଆଶଙ୍କା ଥିଲା । ଦିଲ୍ଲୀ ଟ୍ରାଫିକ୍ ପୁଲିସ ଲୋକଙ୍କୁ ଅନାବଶ୍ୟକ ଯାତ୍ରା ଏଡ଼ାଇବା, ଯାତ୍ରା ପୂର୍ବରୁ ଯୋଜନା କରିବା ଏବଂ ଟ୍ରାଫିକ୍ କର୍ମଚାରୀଙ୍କ ନିର୍ଦ୍ଦେଶ ପାଳନ କରିବାକୁ ପରାମର୍ଶ ଦେଇଥିଲା ।

ଭୋଟର ତାଲିକାରୁ ନାମ ବାଦ୍ ଦେବା ନେଇ ବିରୋଧୀ ଦଳ ଓ ବିଭିନ୍ନ ସଂଗଠନ ଉଦ୍‌ବେଗ ପ୍ରକାଶ କରିବା ପରେ ଏହି ଆନ୍ଦୋଳନ ଆୟୋଜିତ ହୋଇଛି । ତେବେ ନିର୍ବାଚନ କମିଶନଙ୍କ ପକ୍ଷରୁ ଏହି ଅଭିଯୋଗଗୁଡ଼ିକ ଉପରେ କୌଣସି ମତାମତ ଏଠାରେ ଉଲ୍ଲେଖ କରାଯାଇନାହିଁ ।

ଅପରାଧୀ...

ପୁଲିସର ପଚରାଉଚରା ସମୟରେ ଲୁଟ ଘଟଣାରେ ବ୍ୟବହୃତ ବନ୍ଧୁକକୁ ଛେନାପଦି ନିକଟସ୍ଥ ଅସିଆ ଗ୍ରାମରେ ଲୁଚାଇ ରଖିଥିବା ଅର୍ଜୁନ କହିଥିବା ସୂଚନା ମିଳିଛି । ଏହାପରେ ପୁଲିସ ତାକୁ ସାଙ୍ଗରେ ନେଇ ବନ୍ଧୁକ ଉଦ୍ଧାର ପାଇଁ ଅସିଆ ଗ୍ରାମକୁ ଯାଇଥିଲା । ତେବେ ସେଠାରେ ଅର୍ଜୁନ ପୁଲିସ ସହିତ ଧସ୍ତା ଧସ୍ତି କରି ଖସି ଯିବାକୁ ଉଦ୍ୟମ କରିଥିଲା । ଏଥିରେ ବଳିଆ ବାରିକ ଓ ଘସିପୁରା ଥାନା ଏସ ଆଇ କଳ୍ପତରୁ ନାୟକ ଆହତ ହୋଇଥିଲେ । ଅର୍ଜୁନ ଅତର୍କିତ ଭାବେ ପୁଲିସ ଉପରକୁ ଗୁଳି ଚଳାଇ ଖସିଯିବାକୁ ଉଦ୍ୟମ କରିଥିବାବେଳେ ପୁଲିସ ପକ୍ଷରୁ ପାଲଟା ଗୁଳି ଚାଳନା କରାଯାଇଥିଲା । ଏଥିରେ ଅର୍ଜୁନର ଡାହାଣ ଗୋଡ଼ରେ ଗୁଳି ବାଜିଥିଲା ଏବଂ ସେ ଆହତ ହୋଇଥିଲା । ପରେ ପୁଲିସ ତାକୁ ତୁରନ୍ତ କାବୁ କରି ଚିକିତ୍ସା ପାଇଁ ଆନନ୍ଦପୁର ମେଡିକାଲକୁ ନେଇଥିଲା । ଅପରାଧୀ ଅର୍ଜୁନ ପ୍ରଧାନ ଯାଜପୁର ଜିଲ୍ଲାର ଯଖପୁରା ଥାନା ଅନ୍ତର୍ଗତ ଦଶମାଣିଆ ଗ୍ରାମର ବାସିନ୍ଦା ବୋଲି ଜଣାପଡ଼ିଛି । ତା' ନାମରେ ଓଡ଼ିଶାର ବିଭିନ୍ନ ଥାନା ସମେତ ରାଜ୍ୟ ବାହାରର ଥାନାଗୁଡ଼ିକରେ ମଧ୍ୟ ୨୦ରୁ ଉର୍ଦ୍ଧ୍ୱ ଅପରାଧିକ ମାମଲା ରହିଥିବା ପୋଲିସ କହିଛି । ଏଥିଯୋଗୁଁ ବିଭିନ୍ନ ରାଜ୍ୟର ପୁଲିସ ତାକୁ ଖୋଜୁଛି । ଗୁରୁବାର ଅର୍ଜୁନର ନିଜ ଯାଆଁଳା ଭାଇ କରଣ ପ୍ରଧାନ ଓ ତାର ଆଉ ଦୁଇ ସହଯୋଗୀ ବାଇକରେ ଆସି ଅର୍ଜୁନକୁ ଛାଡି ଯାଇଥିଲେ । ଅର୍ଜୁନ ଲୁଟର ଠିକଣା ସ୍ଥିର କରିବା ପରେ ସହଯୋଗୀମାନେ ଆସି ଲୁଟପାଟ କରିଥାନ୍ତେ ବୋଲି ଏସଡିପିଓ କମଳ କୁମାର ପଣ୍ଡା କହିଛନ୍ତି । ଏନେଇ ନନ୍ଦିପଦା ଥାନା କେସ ନଂ ୩୯୦/୨୦୨୬ରେ ଏକ ମାମଲା ରୁଜୁ ହୋଇଛି । ଘଟଣା ପରେ ଭଦ୍ରକରୁ ଫୋରେନସିକ ଟିମ ଅସିଆ ଗ୍ରାମରେ ପହଞ୍ଚି ଘଟଣାସ୍ଥଳର ଯାଞ୍ଚ କରିଥିଲା । ଯାଞ୍ଚ ସମୟରେ ଟିମ ଗୋଟିଏ ବନ୍ଧୁକ, ଗୋଟିଏ ଅଫୁଟା ଗୁଳି ଏବଂ ଗୋଟିଏ ଖୋକା ଜବତ କରିଥିବା ଜଣାପଡ଼ିଛି । ଏହି ସାମଗ୍ରୀଗୁଡ଼ିକୁ ତଦନ୍ତରେ ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ଭାବେ ବିଚାର କରାଯାଉଛି । ସୁନା ବ୍ୟବସାୟୀଙ୍କୁ ଗୁଳି କରି ଲୁଟ ଘଟଣାର ତଦନ୍ତ ଚାଲିଥିବା ବେଳେ ଅର୍ଜୁନ ପ୍ରଧାନର ଗିରଫ ଓ ଏନକାଉଣ୍ଟର ପରେ ଏହି ମାମଲାରେ ଆଗକୁ ଆଉ କେଉଁ କେଉଁ ତଥ୍ୟ ସାମ୍ନାକୁ ଆସୁଛି, ତାହା ଉପରେ ଏବେ ସମସ୍ତଙ୍କ ନଜର ରହିଛି । ପୁଲିସର ପରବର୍ତ୍ତୀ ତଦନ୍ତ ପରେ ଘଟଣା ସମ୍ପର୍କରେ ଅଧିକ ସ୍ପଷ୍ଟ ତଥ୍ୟ ମିଳିପାରିବ । ସ୍ଥାନୀୟ ଅଞ୍ଚଳବାସି ପୋଲିସର ଏପରି ପଦକ୍ଷେପକୁ ସ୍ୱାଗତ କରିଛନ୍ତି ।

ଟିଂଭିକେ...

ଯୋଜନାବଦ୍ଧ ଭାବେ ବାଦ୍ ଦିଆଯାଇଥିବା ସେମାନେ ଅଭିଯୋଗ କରିଛନ୍ତି । ପୂର୍ବ ସଂଶୋଧନରେ ହୋଇଥିବା କଥିତ ଅନିୟମିତତାର ସମାଧାନ ନ ହେବା ପର୍ଯ୍ୟନ୍ତ ନୂଆ ସଂଶୋଧନ ନ କରିବାକୁ ସେମାନେ ଦାବି କରିଛନ୍ତି । ତେବେ ଏଆଇଏଡିଏମ୍‌କେ ଓ ବିଜେପି ବୈଠକରେ ଯୋଗ ଦେଇଥିଲେ ।

ବୈଠକରୁ କକ୍ଷତ୍ୟାଗର ନେତୃତ୍ୱ ନେଇ ଡିଏମ୍‌କେର ଆଇନ ବିଭାଗର ଯୁଗ୍ମ ସଚିବ ଆଇ. ପରନ୍ଥାମେନ୍ ପ୍ରଶ୍ନ କରିଛନ୍ତି ଯେ, ଭୋଟର ତାଲିକାର ଶେଷ ପର୍ଯ୍ୟାୟ ଏସ୍ଆଇଆର୍ ପ୍ରକ୍ରିୟାରେ ୭୪ ଲକ୍ଷରୁ ଅଧିକ ଭୋଟରଙ୍କ ନାମ ବାଦ୍ ଦିଆଯାଇଛି । ସେମାନେ କେଉଁଠାକୁ ଗଲେ, ସେମାନଙ୍କୁ ଦେଶରୁ ବିତାଡ଼ିତ କରାଯାଇଛି କିମ୍ବା ସେମାନେ ତାମିଲନାଡୁ ଓ ଭାରତରେ ଆଉ ରହୁନାହାନ୍ତି କି ଏହାର ସ୍ପଷ୍ଟ ଉତ୍ତର ନିର୍ବାଚନ କମିଶନ ଦେଇନାହାନ୍ତି ବୋଲି ସେ ଅଭିଯୋଗ କରିଛନ୍ତି ।

ବର୍ତ୍ତମାନର ମୁଖ୍ୟ ନିର୍ବାଚନ କମିଶନରଙ୍କ ନେତୃତ୍ୱରେ ହେଉଥିବା ସଂଶୋଧନ ପ୍ରକ୍ରିୟାର ବିଶ୍ୱସନୀୟତା ନାହିଁ ବୋଲି ପରନ୍ଥାମେନ୍ କହିଛନ୍ତି । ଜ୍ଞାନେଶ କୁମାର ସ୍ୱଇଚ୍ଛାରେ ଇସ୍ତଫା ଦିଅନ୍ତୁ, ନଚେତ୍ ସାମ୍ବିଧାନିକ ପ୍ରକ୍ରିୟାରେ ତାଙ୍କୁ ପଦରୁ ହଟାଯାଉ ବୋଲି ସେ ଦାବି କରିଛନ୍ତି । ଏଥିସହ ଡିଏମ୍‌କେ ସାଂସଦମାନେ ରାଷ୍ଟ୍ରପତିଙ୍କ ନିକଟରେ ଏହି ପ୍ରସଙ୍ଗ ଉଠାଇବାକୁ ନିଷ୍ପତ୍ତି ନେଇଥିବା ସେ କହିଛନ୍ତି ।

ତାମିଲନାଡୁର ଶକ୍ତି ସମ୍ବଳ ଓ ଆଇନ ମନ୍ତ୍ରୀ ଆର୍. ନିର୍ମଳ କୁମାର ମଧ୍ୟ ମୁଖ୍ୟ ନିର୍ବାଚନ କମିଶନରଙ୍କ ଇସ୍ତଫା ଦାବି କରିଛନ୍ତି । ପୂର୍ବ ସଂଶୋଧନ ସମୟରେ ଯୁବବର୍ଗ ଓ ମହିଳାଙ୍କ ସମେତ ବହୁ ଭୋଟରଙ୍କ ନାମ ମନମୁଖୀ ଭାବେ କାଟି ଦିଆଯାଇଥିବା ସେ ଅଭିଯୋଗ କରିଛନ୍ତି । ଏପରି ତ୍ରୁଟି ପାଇଁ ନୈତିକ ଦାୟିତ୍ୱ ଗ୍ରହଣ କରି ସିଇସି ତୁରନ୍ତ ଇସ୍ତଫା ଦେବା ଉଚିତ ବୋଲି ସେ କହିଛନ୍ତି । ପୂର୍ବରୁ ହୋଇଥିବା ତ୍ରୁଟି ସୁଧାର ନ କରି ପୁଣି ଏକ ସଂକ୍ଷିପ୍ତ ସଂଶୋଧନ ପ୍ରକ୍ରିୟା ଆରମ୍ଭ କରିବା ଗ୍ରହଣୀୟ ନୁହେଁ ବୋଲି ମନ୍ତ୍ରୀ ମତ ଦେଇଛନ୍ତି ।

ନିର୍ବାଚନ କମିଶନଙ୍କ ଉପରେ ଭରସା ନଥିବା ଏବଂ କମିଶନରମାନଙ୍କ କାର୍ଯ୍ୟଧାରାକୁ ନେଇ ଗମ୍ଭୀର ଆପତ୍ତି ଥିବାରୁ ବୈଠକରୁ ଓହରିବାକୁ ନିଷ୍ପତ୍ତି ନିଆଯାଇଥିବା କଂଗ୍ରେସର ଜଣେ ପ୍ରତିନିଧି କହିଛନ୍ତି । ଜ୍ଞାନେଶ କୁମାର ଇସ୍ତଫା ନ ଦେବା ପର୍ଯ୍ୟନ୍ତ ବର୍ତ୍ତମାନର ନିର୍ବାଚନ କମିଶନ ନେତୃତ୍ୱରେ ହେଉଥିବା ବୈଠକରେ କଂଗ୍ରେସ ଭାଗ ନେବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି ।

ଅନ୍ୟପକ୍ଷରେ, ଏଆଇଏଡିଏମ୍‌କେ ବୈଠକରେ ଯୋଗ ଦେଇ ନିଜର ମତ ରଖିଥିଲା । ଦଳର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ଡି. ଜୟକୁମାର କହିଛନ୍ତି ଯେ, ବୈଠକରୁ କକ୍ଷତ୍ୟାଗ କରିବା କିମ୍ବା ଆଲୋଚନାରେ ଯୋଗ ଦେବା ପ୍ରତ୍ୟେକ ଦଳର ଗଣତାନ୍ତ୍ରିକ ଅଧିକାର । ନିଜର ଦାବି ଓ ତଥ୍ୟ ଉପସ୍ଥାପନ କରିବା ପାଇଁ ତାଙ୍କ ଦଳ ବୈଠକରେ ଯୋଗ ଦେଇଥିଲା । ଜୟକୁମାରଙ୍କ ଅନୁସାରେ, ତାମିଲନାଡୁରେ ଏସ୍ଆଇଆର୍ ପ୍ରକ୍ରିୟା ସମୟରେ ପ୍ରାୟ ୯୭ ଲକ୍ଷ ଭୋଟରଙ୍କ ନାମ ସମ୍ପର୍କିତ ତଥ୍ୟ ଚିହ୍ନଟ କିମ୍ବା ପ୍ରଭାବିତ ହୋଇଥିଲା । ଏଥିରେ ୨୬ ଲକ୍ଷ ମୃତ ଭୋଟର, ୫୨ ଲକ୍ଷ ସ୍ଥାନାନ୍ତରିତ ଭୋଟର, ୪ ଲକ୍ଷ ନକଲି ଏଣ୍ଟ୍ରି ଏବଂ ସ୍ଥାୟୀ ଭାବେ ଅନ୍ୟତ୍ର ଚାଲିଯାଇଥିବା ୧୩ ଲକ୍ଷ ଭୋଟରଙ୍କ ତଥ୍ୟ ରହିଛି ବୋଲି ସେ ଦାବି କରିଛନ୍ତି । ଏହି ୯୭ ଲକ୍ଷ ତଥ୍ୟର ସ୍ୱଚ୍ଛ ଯାଞ୍ଚ କରି କେତେ ଜଣଙ୍କ ନାମ ବୈଧ ବୋଲି ନିଶ୍ଚିତ ହୋଇଛି, ତାହା ସାର୍ବଜନୀନ କରିବାକୁ ଏଆଇଏଡିଏମ୍‌କେ ନିର୍ବାଚନ କମିଶନଙ୍କୁ ଦାବି କରିଛି । ଭୋଟର ତାଲିକା ସଂଶୋଧନକୁ ନେଇ ଲୋକଙ୍କ ମନରେ ଥିବା ସନ୍ଦେହ ଦୂର କରିବା କମିଶନଙ୍କ ପ୍ରଥମ ଦାୟିତ୍ୱ ବୋଲି ଜୟକୁମାର କହିଛନ୍ତି । ଏଥିସହ ନଭେମ୍ବରରେ ହେବାକୁ ଥିବା ସ୍ୱତନ୍ତ୍ର ଶିବିରଗୁଡ଼ିକୁ ମୌସୁମୀ ବର୍ଷାକୁ ଦୃଷ୍ଟିରେ ରଖି ପୁନଃନିର୍ଦ୍ଧାରଣ କରିବାକୁ ମଧ୍ୟ ଏଆଇଏଡିଏମ୍‌କେ ଦାବି କରିଛି ।

ନିର୍ବାଚନ କମିଶନଙ୍କ ଅନୁସାରେ, ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ଏକ ନିୟମିତ ପ୍ରକ୍ରିୟା । ଏହା ମାଧ୍ୟମରେ ଯୋଗ୍ୟ ଭୋଟରଙ୍କ ନାମ ଯୋଡ଼ାଯିବା ସହ ଅଯୋଗ୍ୟ ନାମ ବାଦ୍ ଦିଆଯାଇ ତାଲିକାକୁ ସଠିକ୍ ଓ ଅଦ୍ୟତନ ରଖାଯାଏ । ତେବେ ବିରୋଧୀ ଦଳଗୁଡ଼ିକର ଅଭିଯୋଗ ହେଉଛି, ଏସ୍ଆଇଆର୍ ପ୍ରକ୍ରିୟା ମାଧ୍ୟମରେ ନିର୍ବାଚନରେ ବିଜେପିକୁ ଫାଇଦା ଦେବା ଉଦ୍ଦେଶ୍ୟରେ ଯୋଜନାବଦ୍ଧ ଭାବେ ଭୋଟରଙ୍କ ନାମ ବାଦ୍ ଦିଆଯାଉଛି ।

ସୁପ୍ରିମ୍‌କୋର୍ଟ...

ସ୍ଥିତାବସ୍ଥାର ପରିପନ୍ଥୀ ଓ ସୁପ୍ରିମ୍‌କୋର୍ଟଙ୍କ ଅବମାନନା । ଆନ୍ଧ୍ରର ରାଜ୍ୟ ନିର୍ବାଚନ କମିଶନର, ମୁଖ୍ୟ ସଚିବ, ଗୃହ ସଚିବ, ପାର୍ବତୀପୁରମ୍ ଜିଲ୍ଲାପାଳଙ୍କ ନାମରେ ମଧ୍ୟ ମାମଲା ଦାଏର କରାଯାଇଛି ।

କୋର୍ଟ ନିର୍ଦ୍ଦେଶ ପରେ ବି ଖୋଲିଲାନି ବ୍ୟାଙ୍କ ଖାତା

ଭୁବନେଶ୍ୱର (ସବ୍ୟୁ): ହାଇକୋର୍ଟଙ୍କ ନିର୍ଦ୍ଦେଶ ଓ ଜିଏସଟି କର୍ତ୍ତୃପକ୍ଷଙ୍କ ଅନୁମତି ସତ୍ତ୍ୱେ ୧୫ ଦିନରୁ ଅଧିକ ସମୟ ଧରି ଭୁବନେଶ୍ୱରର ଆଡଭେଣ୍ଟୋ କମ୍ୟୁନିକେସନ୍ସର ବ୍ୟାଙ୍କ ଖାତା ଅଚଳ ରହିଛି । ଫଳରେ କମ୍ପାନୀର ଦୈନନ୍ଦିନ କାର୍ଯ୍ୟ ବାଧାପ୍ରାପ୍ତ ହେବା ସହ କର୍ମଚାରୀଙ୍କ ଦରମା ଓ ଭେଣ୍ଡରଙ୍କ ଦେୟ ପ୍ରଦାନ ଅଟକି ରହିଛି । ଜିଏସଟି କର୍ତ୍ତୃପକ୍ଷ ପୂର୍ବରୁ ଜାରି ହୋଇଥିବା ଖାତା ଫ୍ରିଜ୍ ନିର୍ଦ୍ଦେଶ ପ୍ରତ୍ୟାହାର କରିବା ସହ ବ୍ୟାଙ୍କକୁ ଇମେଲ୍ ଯୋଗେ ସୂଚନା ଦେଇଥିଲେ । ତଥାପି ଅର୍ଡର ନମ୍ବରରେ ଅସଙ୍ଗତି ଦର୍ଶାଇ ଆକ୍ସିସ୍ ବ୍ୟାଙ୍କ ଖାତାକୁ ଚାଲୁ କରିନଥିବା ଅଭିଯୋଗ ହୋଇଛି । କମ୍ପାନୀର ନିର୍ଦ୍ଦେଶକ ଦୁର୍ଗା ଚରଣ ସାମଲ ଏହି ବିଳମ୍ବକୁ ନେଇ ଅସନ୍ତୋଷ ପ୍ରକାଶ କରିବା ସହ ବ୍ୟାଙ୍କର ବରିଷ୍ଠ କର୍ତ୍ତୃପକ୍ଷଙ୍କ ତୁରନ୍ତ ହସ୍ତକ୍ଷେପ ଦାବି କରିଛନ୍ତି । କମ୍ପାନୀ ପକ୍ଷରୁ ଏବେ ନିୟାମକ ହସ୍ତକ୍ଷେପ ଓ କ୍ଷତିପୂରଣ ପାଇଁ ପଦକ୍ଷେପ ନିଆଯାଉଛି ।

AFFIDAVIT

By virtue of an affidavit sworn before Notary Public, Kendrapara, 09/10/2026 I, Shiva Patra, Vill/Po-Chatrachakada, Ps-Derabish, Dist-Kendrapara, Pin-754289 declare that I have changed my name from Khageswar Patra to Shiva Patra. Henceforth, I shall be known as Shiva Patra for all purposes.

Sd/-Shiva Patra

ଦ.ପୂ. ରେଳପଥ-ଟେଣ୍ଡର

ଟେଣ୍ଡର ବିଜ୍ଞପ୍ତି ସଂଖ୍ୟା: ସିକେପି-ଡି-୬୧୦-ଥର୍ମୋଗ୍ରାଫି ଓଏଚଇ ତାରିଖ ୧୯.୧୦.୨୦୨୬ । ଭାରତର ରାଷ୍ଟ୍ରପତିଙ୍କ ପକ୍ଷରୁ ଏବଂ ତାଙ୍କ ତରଫରୁ, ଚକ୍ରଧରପୁରର ବରିଷ୍ଠ ଡିଭିଜନାଲ୍ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟର (ଟିଆରଡି) ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ଟେଣ୍ଡର ପାଇଁ କୌଣସି ପ୍ରକାରର ମାନୁଆଲ୍ (କାଗଜପତ୍ର ଆଧାରିତ) ପ୍ରସ୍ତାବ ଗ୍ରହଣୀୟ ନୁହେଁ ଏବଂ ଯଦି କୌଣସି ମାନୁଆଲ୍ ପ୍ରସ୍ତାବ ମିଳେ, ତେବେ ତାହାକୁ ବିଚାରକୁ ନିଆଯିବ ନାହିଁ । କାର୍ଯ୍ୟର ନାମ: ଚକ୍ରଧରପୁର ଡିଭିଜନରେ ଟିଆରଡି ସମ୍ପତ୍ତିଗୁଡ଼ିକର ଜିଓଲୋକିକ-ଭ୍ରାଫିକ ମ୍ୟାପିଂ ଓ ଅବସ୍ଥା ଆକଳନ (ଡ୍ରୋନ୍ ପାଟ୍ରୋଲିଂ ମାଧ୍ୟମରେ), ଓଏଚଇ ଏବଂ ୨୫ କେଭି କଣ୍ଡାକ୍ଟିଭ୍ ଇନସୁଲେଟରଗୁଡ଼ିକର ଥର୍ମୋଗ୍ରାଫି, ବିଭିନ୍ନ ବିଭାଗରେ ଓଏଚଇ ର ପଦଯାତ୍ରା ନିରୀକ୍ଷଣ ଏବଂ 'ଓଭିଇଚ ଡି' ସଫ୍ଟୱେର୍ ମାଧ୍ୟମରେ ଓଏଚଇ ଓଏଚଇ ସମ୍ପତ୍ତିର ଜିଆଇଏସ୍ ମ୍ୟାପିଂ । ଟେଣ୍ଡର ମୂଲ୍ୟ: ୨,୮୩,୨୩,୧୬୪.୪୭ ଟଙ୍କା ଉପରେ (ଅର୍ନେଷ୍ଟ ମନି ଡିପୋଜିଟ୍): ୫,୬୬,୫୦୦.୦୦ ଟଙ୍କା । କାର୍ଯ୍ୟ ସମ୍ପନ୍ନ କରିବାର ଅବଧି: ୧୨ ମାସ । ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ: ୧୦.୧୧.୨୦୨୬ ଅପରାହ୍ନ ୧୫:୦୦ ଘଟିକା । ଟେଣ୍ଡର ଖୋଲିବାର ତାରିଖ ଓ ସମୟ: ୧୦.୧୧.୨୦୨୬ ଅପରାହ୍ନ ୧୫:୩୦ ଘଟିକାରେ ଇ-ଟେଣ୍ଡର ଖୋଲିବା ସ୍ଥାନ: ବରିଷ୍ଠ ଡିଭିଜନାଲ୍ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟର/ଟିଆରଡି/ ଦକ୍ଷିଣ ପୂର୍ବ ରେଳବାଇର ଇ-ଟେଣ୍ଡର ସମ୍ବନ୍ଧୀୟ ବିବରଣୀ http://www.ireps.gov.in ୱେବସାଇଟରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରମାନଙ୍କ ପାଖରେ ଶ୍ରେଣୀ-୩ ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ ରହିବ ଏବଂ ସେମାନେ ଆଇଆରଇପିଏସ୍ ପୋର୍ଟାଲରେ ପଞ୍ଜୀକୃତ ହେବା ବାଧ୍ୟତାମୂଳକ ଅଟେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡରମାନେ ହିଁ ଏହି ଇ-ଟେଣ୍ଡର ପ୍ରକ୍ରିୟାରେ ଅଂଶଗ୍ରହଣ କରିପାରିବେ । (PR-928)

AFFIDAVIT

By virtue of an affidavit sworn before Notary Public, Kendrapara, 09/10/2026 I, Sulochana Behera, Vill/Po-Kantipur, Ps-Binjharpur, Dist-Jajapur, Pin-755004 declare that I have changed my name from Snehalata Behera to Sulochana Behera. Henceforth, I shall be known as Sulochana Behera for all purposes.

Sd/-Sulochana Behera

IN THE COURT OF THE ADDL. CIVIL JUDGE SR. DVN., TALCHER

C.S.123/2016

Madan Mohan Sahoo & others ....Plaintiffs.

Vs

Banchhanidhi Pati & others ....Defendants

Notice under Order 5 Rule 20 of C.P.C

The above named Plaintiffs filed the said suit for declaration of their Right, Title, Interest and Possession over the SAHIK Plot No. 31 bearing SABIK Khata No. 22, Area- Ac. 0.07dec corresponding to HAL Plot No. 22 of HAL Khata No. 23, Area- 0.05dec Mouza- Jamudiha, Tahasil- Talcher, Dist- Anugola and you Defendant No. 8 (Amulya Pati, W/o- Bijaya Tripathy) Village/P.O.- Turang, Dist-Angugola, Defendant No. 16 (Pratima Satpathy, W/o- Kanduru Satpathy) Village- Kulabiri, P.S.- Kaniha, hereby noticed to appear either you or through your representative on DT. 30.11.2026 at 10:30A.M. in the above mentioned Court failing which the suit will proceed in due course of law.

By the Order of
Sd/- Additional Civil Judge Sr. Dvn., Talcher

ODISHA HYDRO POWER CORPORATION LTD
(A Gold Rated State PSU)
O/O Sr. GENERAL MANAGER, Rengali Hydro Electric Project, Rengali
P.O: RENGALI DAM SITE, DIST: ANGUL (ODISHA) INDIA, PIN: 759105
TEL: 06760-277214, FAX: 06760 - 277324, Email: sgmel500@gmail.com
CIN: U40101OR1995SGC003963

No. OHPC/RHEPTW/PUR-III/1033(Vol-II)/7028 / Dated. 10.2026.

4001/383/2627 **TENDER CALL NOTICE NO.RHEP- 21/26-27**

Sealed tenders are Invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the manufacturers / authorized dealers / Reputed suppliers for supply of the following materials as mentioned below :

Sl. No.	Description of Services	Cost of tender paper (Non-refundable), in Rs.	EMD in shape of DD /BC only (Refundable) in Rs.	Period of availability of tender at OHPC website (Sale)	Last date & Time of receipt of Tender	Date & Time of opening of Techno Commercial bid.
1	2	3	4	5	6	7
1.	Procurement of Self-Contained Breathing Apparatus For RHEP, Rengali	Rs. 2360.00 (Including GST@18%)	2500.00	From Dt.26.10.2026 to 01:00 PM of Dt.09.11.2026	Dt. 09.11.2026 (Upto 01:30 PM)	Dt.09.11.2026 at 04:30 PM

For details of the tender documents, terms & conditions please visit our website www.ohpcltd.com .
(If the Submission and opening date of Tender paper happens to be a holiday, the next working day will be the corresponding effective date.)

Sd/- C & P Head
RHEP, Rengali

OIPR : 4001/4022/1/26-27/0020

ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ, କୋରାପୁଟ
OFFICE OF THE DIVISIONAL FOREST OFFICER, KORAPUT
e-mail : dfo.koraput@odisha.gov.in

8001/399/2627

SHORT TENDER CALL NOTICE (OFFLINE)
Bid Identification No. DFO KPT-2026/(1F)/02

Sl. No.	Name of Work	No. of Buildings	Estimated Cost (Excluding GST @ 18%)	Bid Security/ EMD	Cost of Bid Document (Non-refundable) online	Class of Contractor
1	Construction of Processing unit cum Storate at Daleiguda of Semiliguda Range under Koraput Forest Division during the year 2026-27	01 No.	7,77,091/-	7,770	6,000/-	"C" & "D"

GENERAL INSTRUCTION FOR THE WORK

1	Period of Completion	3 Calendar Month
2	Date & Time of Availability of Bid document in the portal	22.10.2026 at 11.00 AM
3	Last Date/ Time for receipt of bid in the portal	30.10.2026 up to 05.00 PM
4	Date of Opening of Bid	31.10.2026 at 11.00 AM
5	Name & Address of the O.I.T	Divisional Forest Officer, Koraput Forest Division, At-Ashok Nagar, PO/Dist.-Koraput

Sd/- Divisional Forest Officer,
Koraput Forest Division

OIPR : 8001/8067/1/26-27/0007

9001/165/2627

ଓଡ଼ିଶା ସରକାର

ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ
ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ସମ୍ଭାବ୍ୟ ବାତ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଆସନ୍ତା ସୋମବାର ତା. ୨୬.୧୦.୨୦୨୬ ରିଖ ଦିନ ୟୁନିଟ-୨, ଅଶୋକ ନଗର, ଭୁବନେଶ୍ୱର ସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ (କ୍ୟାପିଟାଲ ନର୍ସରୀ ନିକଟସ୍ଥ) ଠାରେ ହେବାକୁ ଥିବା ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣୀକୁ ସ୍ଥଗିତ ରଖାଗଲା । ଯେଉଁମାନେ ଏହି ଦିନ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ପାଇଁ ଅନଲାଇନ ଯୋଗେ ପଞ୍ଜୀକରଣ କରିଥିଲେ, ସେମାନେ ମୁଖ୍ୟମନ୍ତ୍ରୀଙ୍କ ପରବର୍ତ୍ତୀ ଅଭିଯୋଗ ଶୁଣାଣୀ ପାଇଁ ପୁନଃ ପଞ୍ଜୀକରଣ କରିବାର ଆବଶ୍ୟକତା ନାହିଁ । ସେମାନଙ୍କ ପାଇଁ ଭୁବନେଶ୍ୱର ଠାରେ ଅନୁଷ୍ଠିତ ପରବର୍ତ୍ତୀ ଅଭିଯୋଗ ଶୁଣାଣୀର ତାରିଖ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ ।

ପ୍ରମୁଖ ଶାସନ ସଚିବ
ସାଧାରଣ ପ୍ରଶାସନ ଓ
ସାଧାରଣ ଅଭିଯୋଗ ବିଭାଗ

OIPR : 9001/9001/1/26-27/0070

ଲକ୍ଷ୍ମୀପୁରରେ ଭିଏଏମ୍‌ଏଲ୍ ପକ୍ଷରୁ

ଚକ୍ଷୁ ପରୀକ୍ଷା ଶିବିର, ପ୍ରାୟ ୨୦୦ ଗୋଷ୍ଠୀ ସଦସ୍ୟ ଉପକୃତ

ଭୁବନେଶ୍ୱର, (ସବ୍ୟୁ): ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବା ସମ୍ପ୍ରସାରଣ ଦିଗରେ ଏକ ପଦକ୍ଷେପସ୍ୱରୂପ, ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ, ରାୟଗଡ଼ାସ୍ଥିତ ଏଲ୍. ଭି. ପ୍ରସାଦ ଚକ୍ଷୁ ପ୍ରତିଷ୍ଠାନ ସହ ମିଳିତଭାବେ ନିଜର କୋଡିଙ୍ଗ ।ମାଳି (କେଡିଏମ୍) କାର୍ଯ୍ୟକ୍ଷେତ୍ର ଜରିଆରେ ଲକ୍ଷ୍ମୀପୁର ବ୍ଲକରେ ଦୁଇ ଦିନିଆ ଚକ୍ଷୁ ପରୀକ୍ଷା ଶିବିର ଆୟୋଜନ କରିଛି। ଲକ୍ଷ୍ମୀପୁର ସିଏଚସି ଏବଂ ଓଡ଼ିଆପେଣ୍ଠ ଗ୍ରାମ ପଞ୍ଚାୟତ ଠାରେ ଆୟୋଜିତ ଏହି ଶିବିରରେ ଆଖପାଖ ଗାଁର ପ୍ରାୟ ୨୦୦ ବାସିନ୍ଦାଙ୍କର ଚକ୍ଷୁ ପରୀକ୍ଷା କରାଯାଇଥିଲା। ପରୀକ୍ଷା ସମୟରେ, ଅନେକ ହିତାଧିକାରୀଙ୍କୁ ମୋତିଆବିନ୍ଦୁ ଏବଂ ପଟେରିଜିୟମ୍ ସମ୍ବନ୍ଧୀୟ ଅବସ୍ଥା ଚିହ୍ନଟ କରାଯାଇଥିଲା, ଯାହାକୁ ଚିକିତ୍ସା ନ କଲେଦୃଷ୍ଟି ଦୁର୍ବଳତା ସୃଷ୍ଟି ହୋଇପାରେ, ଉନ୍ନତ ଡାକ୍ତରୀ ହସ୍ତକ୍ଷେପ ଆବଶ୍ୟକ କରୁଥିବା ବ୍ୟକ୍ତିମାନଙ୍କୁ ପରାମର୍ଶ



ଦିଆଯାଇଥିଲା ଏବଂ ଅଧିକ ଚିକିତ୍ସା ପାଇଁ ପଠାଯାଇଥିଲା । ମୋତିଆବିନ୍ଦୁ ଏବଂ ପଟେରିଜିୟମ୍‌ରେ ଆକ୍ରାନ୍ତ ରୋଗୀମାନଙ୍କୁ ରାୟଗଡ଼ାର ଏଲ୍. ଭି. ପ୍ରସାଦ ଚକ୍ଷୁ ପ୍ରତିଷ୍ଠାନରେ ଅସ୍ତ୍ରୋପଚାର ଚିକିତ୍ସା ଯୋଗାଇ ଦିଆଯିବ, ଯେତେବେଳେ କି ଦୃଷ୍ଟିଦୋଷ ଥିବା ହିତାଧିକାରୀମାନେ ସେମାନଙ୍କର ଦୃଷ୍ଟିଶକ୍ତି ଏବଂ ଜୀବନର ସାମଗ୍ରିକ ଗୁଣବତ୍ତାରେ ଉନ୍ନତି ଆଣିବା ପାଇଁ ଚଷମା ମିଳିବ। ଏହି ଶିବିରକୁ କୋରାପୁଟର ପୂର୍ବତନ ସାଂସଦ ଝିନ୍ନ ହିକ୍କା, ସିଏଚସି ଦାୟିତ୍ୱରେ ଥିବା ସ୍ୱାସ୍ଥ୍ୟ କର୍ମୀ, ଓଡ଼ିଆପେଣ୍ଠ ଗ୍ରାମ ପଞ୍ଚାୟତ ମୁଖ୍ୟ, ଗୋଷ୍ଠୀ ପ୍ରତିନିଧି ଏବଂ ସ୍ଥାନୀୟ ବାସିନ୍ଦାଙ୍କ ଉପସ୍ଥିତିରେ ଉଦ୍‌ଘାଟନ କରିଥିଲେ। ଏହି ପଦକ୍ଷେପ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ଆଲୁମିନା ବିଜନେସ୍ ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, "ବ୍ୟକ୍ତିଗତ କଲ୍ୟାଣ ଏବଂ ଗୋଷ୍ଠୀ ପ୍ରଗତି ପାଇଁ ଉତ୍ତମ ସ୍ୱାସ୍ଥ୍ୟ ହେଉଛି ମୌଳିକତା। ଗୁଣାତ୍ମକ ସ୍ୱାସ୍ଥ୍ୟସେବାଗୁଡ଼ିକର ଉପଲବ୍ଧତା ଆମର ସାମାଜିକ ବିକାଶ ପ୍ରୟାସର ଏକ ପ୍ରମୁଖ କେନ୍ଦ୍ରବିନ୍ଦୁ ହୋଇ ରହିଛି। ଏହି ଚକ୍ଷୁ ପରୀକ୍ଷା ଶିବିର ଭଳି ପଦକ୍ଷେପ ମାଧ୍ୟମରେ, ଆମେ ଗ୍ରାମାଞ୍ଚଳର ଲୋକଙ୍କ ପାଇଁ ଶୀଘ୍ର ରୋଗ ନିର୍ଣ୍ଣୟ, ସମୟୋଚିତ ଚିକିତ୍ସା ଏବଂ ଉନ୍ନତ ସ୍ୱାସ୍ଥ୍ୟସେବା ସୁବିଧା ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛୁ, ଯାହା ସେମାନଙ୍କୁ ସୁସ୍ଥ ଏବଂ ଅଧିକ ଉତ୍ପାଦନଶୀଳ ଜୀବନଯାପନ କରିବାରେ ସକ୍ଷମ କରିବ ।

ଇନ୍ଦ୍ରିୟା ଉନ୍ମୋଚନ କଲା ଏହାର ଦୀପାବଳି ଅଭିଯାନ

ଭୁବନେଶ୍ୱର (ସବ୍ୟୁ): ଦୀପାବଳି ବର୍ଷର ସେହି କେତେକ ଦିନ ମଧ୍ୟରୁ ଗୋଟିଏ, ଯେତେବେଳେ ଆମେ ଆମର ପ୍ରିୟଜନଙ୍କ ପାଇଁ ଖୁସି ସୃଷ୍ଟି କରିବାରେ ନିଜକୁ ସମ୍ପୂର୍ଣ୍ଣ ସମର୍ପିତ କରିଦେଉ। ଘର ସଜାଇବା ଏବଂ ପୂଜାପାଠ ପ୍ରସ୍ତୁତିଠାରୁ ଆରମ୍ଭ କରି ଉପହାର ବାଛିବା ଏବଂ ପରିବାର ଓ ବନ୍ଧୁମାନଙ୍କୁ ସ୍ୱାଗତ କରିବା ପର୍ଯ୍ୟନ୍ତ, ପ୍ରତ୍ୟେକଟି ଛୋଟ ଛୋଟ କଥା ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ତଥାପି ଏହି ଉତ୍ସବର ପରିବେଶ ମଧ୍ୟରେ, ଆମର ପ୍ରିୟଜନଙ୍କ ପ୍ରତି ଥିବା ସରଳ ପ୍ରେମର ଅଭିବ୍ୟକ୍ତ ଅନେକ ସମୟରେ ପଛରେ ରହିଯାଏ। ଇନ୍ଦ୍ରିୟାର 'ଆମ ଭିତରେ ଆମେ'(ଅସ ଇନ ୱି) ଦର୍ଶନ ଉପରେ ଆଧାରିତ 'ଫେଷ୍ଟିଭାଲ ଅଫ ଲଭ' ସେହି ସମ୍ପର୍କ ଏବଂ ଯୋଡ଼ିହେବାର ମୁହୂର୍ତ୍ତଗୁଡ଼ିକୁ ପାଳନ କରେ, ଯାହା ପ୍ରତ୍ୟେକ ଉତ୍ସବର ହୃଦୟରେ ଥାଏ। ଏହି ଦୀପାବଳିରେ, ଆଦିତ୍ୟ ବିର୍ଲ୍ଲା ଜୁଏଲାରୀର ଇନ୍ଦ୍ରିୟା, ଅଦିତି ରାଓ ହାଇଦରୀ ଏବଂ ସିଦ୍ଧାର୍ଥଙ୍କୁ ନେଇ ନିର୍ମିତ ଏହାର ସଦ୍ୟତମ ଅଭିଯାନ ମାଧ୍ୟମରେ ଏହି ଚିନ୍ତାଧାରାକୁ ଆହୁରି ଅଧିକ ଜୀବନ୍ତ କରିଛି।

ସମ୍ ହସ୍ପିଟାଲ କ୍ୟାମ୍ପସ୍-୧ର ପ୍ରଥମ ବର୍ଷ ଏମ୍‌ବିବିଏସ୍

ଛାତ୍ରଛାତ୍ରୀଙ୍କ ହ୍ୱାଇଟ୍ କୋଟ୍ ସେରିମନୀ

ଭୁବନେଶ୍ୱର, (ସବ୍ୟୁ): ସୋଆ ବିଶ୍ୱବିଦ୍ୟାଳୟ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନସେସ ଆଣ୍ଡ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ କ୍ୟାମ୍ପସ୍-୧ର ୨୦୨୬-୨୦୨୭ ବ୍ୟାଚ୍ ପ୍ରଥମ ବର୍ଷର ଏମ୍‌ବିବିଏସ ଛାତ୍ରଛାତ୍ରୀମାନଙ୍କର ନିମନ୍ତେ ଶୁକ୍ରବାର ଆୟୋଜିତ ଶପଥ ଗ୍ରହଣ ଓ ହ୍ୱାଇଟ କୋଟ୍ ସେରିମନୀ ଆୟୋଜିତ



ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ସୋଆ ଉପସଭାପତି ଶାଶ୍ୱତୀ ଦାସ ଯୋଗ ଦେଇଥିଲେ। ଧଳା କୋଟ୍ ଜଣେ ଆଦର୍ଶ ଡାକ୍ତରଙ୍କର ଆବଶ୍ୟକୀୟ ଗୁଣଗୁଡ଼ିକର ପ୍ରତୀକ। ଡାକ୍ତରମାନଙ୍କ କ୍ଷେତ୍ରରେ ଜ୍ଞାନ, ଦକ୍ଷତା, ସଚ୍ଚୋଟତା, ସମବେଦନା ଓ ମାନବିକତାର ଆବଶ୍ୟକତା ଅପରିହାର୍ଯ୍ୟ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ ଆଇଏମ୍‌ଏସ୍ ଆଣ୍ଡ ସମ ହସ୍ପିଟାଲ୍ କ୍ୟାମ୍ପସ -୧ର ଡିନ୍ ପ୍ରଫେସର (ଡାକ୍ତର) ସଂଘମିତ୍ରା ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ମେଡିକାଲ୍ ସୁପରିଟେଣ୍ଡେଣ୍ଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର ଛାତ୍ରଛାତ୍ରୀମାନଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିଥିଲେ। ଅନୁଷ୍ଠାନର ବିଭିନ୍ନ ବିଭାଗର ମୁଖ୍ୟମାନେ ଛାତ୍ରଛାତ୍ରୀମାନଙ୍କୁ ଧଳା କୋଟ୍ ପ୍ରଦାନ କରିଥିବା ବେଳେ ଡିନ୍ ପ୍ରଫେସର ମିଶ୍ର ମହର୍ଷି ଚରକ ଶପଥ ପାଠ କରାଇଥିଲେ। କାର୍ଯ୍ୟକ୍ରମ ଶେଷରେ ଆନାଟୋମୀ ବିଭାଗର ସିନିୟର ପ୍ରଫେସର (ଡାକ୍ତର) ଶ୍ରୀକାନ୍ତ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ଅରବାନ୍ ମୋବିଲିଟି ଇଣ୍ଡିଆ ସମ୍ମିଳନୀ : ମେଟ୍ରୋ ନେଟୱାର୍କର ବିକାଶକୁ ଅଧିକ ଗୁରୁତ୍ୱ

ଭୁବନେଶ୍ୱର(ସବ୍ୟୁ): ଦେଶରେ ମେଟ୍ରୋ ରେଳ ସେବାର ଦ୍ରୁତ ସମ୍ପ୍ରସାରଣ ଘଟୁଛି । ୨୦୧୪ ମସିହାରେ ମାତ୍ର ୨୪୮ କିଲୋମିଟରର ଥିବା ମେଟ୍ରୋ ନେଟୱାର୍କ ବର୍ତ୍ତମାନ ୧୦୦୦ କିଲୋମିଟରରୁ ଅଧିକ ଅଞ୍ଚଳକୁ ବ୍ୟାପ୍ତ ହୋଇସାରିଛି । ଓଡ଼ିଶାରେ ମଧ୍ୟ ସହରାଞ୍ଚଳ ଯାତାୟାତକୁ ସୁଗମ ଏବଂ ଅଧିକ ଆଧୁନିକ କରିବା ପାଇଁ ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି । ଯାହାଦ୍ୱାରା ପୁରୀ, କୋଣାର୍କ ଏବଂ ଭୁବନେଶ୍ୱରର ଯାତ୍ରା ଅଧିକ ସହଜ ହେବ ବୋଲି କେନ୍ଦ୍ର ମନ୍ତ୍ରୀ ତୋଖନ ସାହୁ କହିଛନ୍ତି । ଭୁବନେଶ୍ୱରରେ ଅରବାନ୍ ମୋବିଲିଟି ଇଣ୍ଡିଆ ସମ୍ମିଳନୀରେ କେନ୍ଦ୍ରୀୟ ମନ୍ତ୍ରୀ, ସରକାରୀ ଅଧିକାରୀ ଏବଂ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗଦେଇ ଦେଶର ସହରାଞ୍ଚଳ ବିକାଶ ସମ୍ପର୍କରେ ମତ ପ୍ରକାଶ କରିଛନ୍ତି । ଏହା କେବଳ ଏକ ଔପଚାରିକ ସରକାରୀ ସମ୍ମେଳନ ନୁହେଁ, ବରଂ ଗତ ୧୮ ବର୍ଷରେ ଏହି ସାର୍ବଜନୀକ ମଞ୍ଚରେ ଆମ ଦେଶର ସହରୀକରଣ କ୍ଷେତ୍ରରେ ନୂତନ ନୂତନ ଅଭିନବ ଏବଂ ଭବିଷ୍ୟତର ଯୋଜନାଗୁଡ଼ିକୁ ଏକ ନୂଆ ଦିଶା ଦେବାର କାମ କରାଯାଇଛି । ବିଶେଷକରି ସହର ପ୍ରଶାସନକୁ, ପରିବହନ ନିର୍ଦ୍ଦେଶକଙ୍କୁ ଏବଂ ସମସ୍ତ ନଗରପାଳମାନଙ୍କୁ ଏକାଠି ଆଣି, ଏଥିରେ ଭାରତର ସହରଗୁଡ଼ିକର କାର୍ଯ୍ୟକ୍ରମରେ ଏକ ନୂଆ ଦିଶା ସ୍ଥାପନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ମୁଖ୍ୟ ସଚିବ ଅନୁ ଗର୍ଗ, ଗୃହ ଓ ନଗର ଉନ୍ନୟନ ସଚିବ ଉଷା ପାଢ଼ୀଙ୍କ ସମେତ ଭାରତ ତଥା ବିଦେଶରୁ ପ୍ରତିନିଧିମାନେ ଅରବାନ୍ ମୋବିଲିଟି ଇଣ୍ଡିଆ ସମ୍ମେଳନରେ ଯୋଗ ଦେଇଛନ୍ତି ।

ପୂଜା କମିଟି ପକ୍ଷରୁ ଡ୍ରିମ୍‌ସ ଅଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧନା

କଟକ, (ସ୍ୱପ୍ର): ଟାଙ୍ଗୀରେ ଶାରଦୀୟ ଦୁର୍ଗା ପୂଜାର ଅନ୍ତିମ ପର୍ବ ଭସାଣ ଯାତ୍ରା ଅବ୍ୟବହିତ ପୂର୍ବରୁ ଷ୍ଟେସନ ବଜାର (କଏରାପାରୀ) ପୂଜା କମିଟୀ ପକ୍ଷରୁ ସାହି ମୁରବୀ ତଥା ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କେଦାର ନାଥ ମହାରଣା ଏବଂ ପୂଜା କମିଟିର କର୍ମକର୍ତ୍ତାମାନେ ଡ. ରଥଙ୍କ ବାସଭବନକୁ ଯାଇ ଫୁଲମାଳ, ଉତ୍ତରୀୟ ଓ ମିଷ୍ଟାନ୍ନ ଆଟିକା ଦେଇ



ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ଏହି ଅବସରରେ ଡ. ରଥ ସମସ୍ତଙ୍କୁ ପାର୍ବଣର ଅଭିନନ୍ଦନ ଜଣାଇବା ସହିତ ଭାଇଚାରା ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ଭାବରେ ଭସାଣ ଯାତ୍ରା ସମ୍ପନ୍ନ କରି ପୂଜା କମିଟୀର ଗୌରବ ଅକ୍ଷୁର୍ଣ୍ଣ ରଖିବାକୁ ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରଦୀପ୍ତ ଚନ୍ଦ୍ର ରଥ, ଶିବ ପ୍ରସାଦ ରଥ ପ୍ରମୁଖ ଉପସ୍ଥିତ ଥିଲେ ।

ପୂର୍ବତଟ ରେଳପଥ ନିର୍ଦ୍ଧାରିତ ସମୟ ପୂର୍ବରୁ ଅକ୍ଟୋବର ମାସ ପାଇଁ

୧୭ କୋଟି ଟଙ୍କାର ସ୍କ୍ରାପ୍ ବିକ୍ରି ଲକ୍ଷ୍ୟକୁ ହାସଲ କରିଛି

ଭୁବନେଶ୍ୱର, (ସବ୍ୟୁ): ପୂର୍ବତଟ ରେଳପଥ ସ୍ୱତନ୍ତ୍ର ଅଭିଯାନ-୬ ଅଧୀନରେ ଅକ୍ଟୋବର ୨୦୨୬ ପାଇଁ ୧୭ କୋଟି ଟଙ୍କାର ସ୍କ୍ରାପ୍ ବିକ୍ରି ଲକ୍ଷ୍ୟକୁ ମାସ ଶେଷ ସୀମା ତାରିଖ ପୂର୍ବରୁ, ଅର୍ଥାତ୍ ୨୨ ଅକ୍ଟୋବରରେ ହାସଲ କରିଛି। ଏହି ସଫଳତା ସମ୍ପତ୍ତିର ଦକ୍ଷ ପରିଚାଳନା, ଅବ୍ୟବହୃତ ସାମଗ୍ରୀର ବ୍ୟବସ୍ଥିତ ନିଷ୍କାସନ ଏବଂ ରେଳ ସମ୍ବଳର ସର୍ବୋତ୍ତମ ଉପଯୋଗ ଦିଗରେ ପୂର୍ବତଟ ରେଳପଥର ନିରନ୍ତର ପ୍ରୟାସକୁ ପ୍ରତିଫଳିତ କରେ। ଅବ୍ୟବହୃତ ସାମଗ୍ରୀର ସମୟୋଚିତ ନିଷ୍କାସନ ରେଳ ସମ୍ବଳ ପରିଚାଳନାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ଏହା ରେଳପଥର ରାଜସ୍ୱ ବୃଦ୍ଧି କରିବା ସହ ରେଳ ପରିସରରେ ମୂଲ୍ୟବାନ ସ୍ଥାନ ଖାଲି କରିବା, ରେଳ ପ୍ରତିଷ୍ଠାନଗୁଡ଼ିକର ରକ୍ଷଣାବେକ୍ଷଣରେ ଉନ୍ନତି ଆଣିବା ଏବଂ ବିଭିନ୍ନ ରେଳ ପରିସରରେ ପରିଚ୍ଛନ୍ନତା ବଜାୟ ରଖିବାରେ ସହାୟକ ହୋଇଥାଏ। ଏଭଳି ପଦକ୍ଷେପ ଉପଲବ୍ଧ ଭିତ୍ତିଭୂମିର ଉତ୍ତମ ଉପଯୋଗ ସୁନିଶ୍ଚିତ କରିବା ସହ ଏକ ସୁସଂଗଠିତ କାର୍ଯ୍ୟ ପରିବେଶ ସୃଷ୍ଟିରେ



ମଧ୍ୟ ସହାୟକ ହୋଇଥାଏ।। ପୂର୍ବତଟ ରେଳପଥ ମୁଖ୍ୟାଳୟର ଇଞ୍ଜିନିୟରିଂ ବିଭାଗ, ସମସ୍ତ ମଣ୍ଡଳ ଏବଂ ମଞ୍ଚେଶ୍ୱର କ୍ୟାରେଜ୍ ମରାମତି କାରଖାନାର ସମନ୍ୱିତ ପ୍ରୟାସ ଯୋଗୁଁ ଏହି ସଫଳତା ମିଳିଛି। ସମସ୍ତଙ୍କର ସାମୂହିକ ପ୍ରତିବଦ୍ଧତା ଏବଂ ନିରନ୍ତର ଉଦ୍ୟମ ଯୋଗୁଁ ପୂର୍ବତଟ ରେଳପଥ ନିର୍ଦ୍ଧାରିତ ସମୟ ସୀମା ପୂର୍ବରୁ ଏହି ଲକ୍ଷ୍ୟ ହାସଲ କରିପାରିଛି। ଏହି ଲକ୍ଷ୍ୟ ହାସଲରେ ସମ୍ବଲପୁର ମଣ୍ଡଳ ଉଲ୍ଲେଖନୀୟ ଅବଦାନ ରଖିଛି। ଅନ୍ୟ ମଣ୍ଡଳ, ବିଭାଗ ଏବଂ କାରଖାନାର କର୍ମଚାରୀମାନଙ୍କ ସହଯୋଗ ସହିତ ସମ୍ବଲପୁର ମଣ୍ଡଳର ଅବଦାନ ଏହି ସଫଳତାକୁ ସାକାର କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ପୂର୍ବତଟ ରେଳପଥ ରେଳ ସମ୍ପତ୍ତିର ସୁଦକ୍ଷ ପରିଚାଳନା, ଅବ୍ୟବହୃତ ସାମଗ୍ରୀର ସମୟୋଚିତ ନିଷ୍କାସନ, ସମ୍ବଳର ଉତ୍ତମ ଉପଯୋଗ ଏବଂ ସମଗ୍ର ରେଳ ନେଟୱର୍କରେ ପରିଚ୍ଛନ୍ନତା ବଜାୟ ରଖିବା ପାଇଁ ବିଭିନ୍ନ ପଦକ୍ଷେପର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ ନିମନ୍ତେ ନିଜର ପ୍ରତିବଦ୍ଧତା ଜାରି ରଖିଛି।

ମହିଳା ଓ ପର୍ଯ୍ୟଟକଙ୍କୁ ସୁରକ୍ଷା ଦେବାରେ ସରକାର ବିଫଳ : ବିଜେଡି

ଭୁବନେଶ୍ୱର, (ସବ୍ୟୁ): ବିଜେପି ସରକାରରେ ଓଡ଼ିଶାର ପର୍ଯ୍ୟଟନସ୍ଥଳୀ ଗୁଡ଼ିକରେ ପର୍ଯ୍ୟଟକମାନେ ନିଜକୁ ସୁରକ୍ଷିତ ମଣୁନାହାନ୍ତି । ପ୍ରାକୃତିକ ଐତିହ୍ୟ ପାଇଁ ସମଗ୍ର ବିଶ୍ୱରେ ଓଡ଼ିଶା ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ବେଳେ ପର୍ଯ୍ୟଟନସ୍ଥଳୀ ଗୁଡ଼ିକରେ ପର୍ଯ୍ୟଟକଙ୍କ ସୁରକ୍ଷାକୁ ନେଇ ଉଦ୍‌ବେଗଜନକ ଘଟଣା ଘଟୁଥିବାରୁ ଓଡ଼ିଶା ବାରମ୍ବାର ନିନ୍ଦିତ ହେଉଛି । ପର୍ଯ୍ୟଟନସ୍ଥଳୀରେ ଦୁଷ୍କର୍ମ ଓ ଗଣଦୁଷ୍କର୍ମ ବୃଦ୍ଧି ପାଇବା ସହିତ ରଥଯାତ୍ରା ସମୟରେ ଘଟୁଥିବା ଅଘଟଣ ସରକାରଙ୍କ ସୁରକ୍ଷା ବ୍ୟବସ୍ଥା ଓ ପ୍ରଶାସନିକ ପ୍ରସ୍ତୁତି ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି ବୋଲି ବିଜେଡି କହିଛି ।

ଆଜି ଏକ ପ୍ରେସ୍ ବିବୃତି ମାଧ୍ୟମରେ ଦଳର ଗଣମାଧ୍ୟମ ସଂଯୋଜକ ଡ଼. ଲେନିନ୍ ମହାନ୍ତି କହିଥିଲେ ଯେ, ପର୍ଯ୍ୟଟନର ବିକାଶ ନେଇ ସରକାର ଡିଣ୍ଡିମ ପିଟୁଥିବା ବେଳେ ପର୍ଯ୍ୟଟକଙ୍କ ସୁରକ୍ଷାକୁ ପାସୋରି ଯାଉଛନ୍ତି । ଗୋପାଳପୁର ବେଳାଭୂମିରେ ଜଣେ ଯୁବତୀଙ୍କୁ ତାଙ୍କ ପୁରୁଷ ବନ୍ଧୁଙ୍କ ସମ୍ମୁଖରେ ଗଣଦୁଷ୍କର୍ମ ଘଟଣା ସାରା ଦେଶରେ ଓଡ଼ିଶାର ଛବିକୁ ମଳିନ କରିଥିଲା । ସେହିପରି ୨୦୨୫ ସେପ୍ଟେମ୍ବରରେ ପୁରୀ ଜିଲ୍ଲାର ବାଲିହରଚଣ୍ଡୀ ନିକଟରେ ଜଣେ କଲେଜ ଛାତ୍ରୀଙ୍କୁ ଗଣଦୁଷ୍କର୍ମ, ୨୦୨୫ ଡିସେମ୍ବରରେ ଧଉଳି ପର୍ଯ୍ୟଟନସ୍ଥଳୀ ନିକଟରେ ଜଣେ ନାବାଳିକାଙ୍କୁ ଗଣଦୁଷ୍କର୍ମ ଘଟଣା ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ପ୍ରଶ୍ନ ଉଠାଇଥିଲା । ଏଥିସହିତ ଢେଙ୍କାନାଳର କପିଳାସ ଓ ପୁରୀର ଏକ ରେଷ୍ଟୁରାଣ୍ଟରେ ପର୍ଯ୍ୟଟକଙ୍କୁ ଆକ୍ରମଣ ଘଟଣା ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତର ଏକ ନଗ୍ନ ଚିତ୍ର । ଅନ୍ୟପକ୍ଷରେ, ୨୦୨୫ ରଥଯାତ୍ରା ସମୟରେ ଗୁଣ୍ଡିଚା ମନ୍ଦିର ନିକଟରେ ଘଟିଥିବା ଦଳାଚକଟାରେ ୩ ଜଣ ଭକ୍ତଙ୍କ ମୃତ୍ୟୁ ହେବା ସହ ୫୦ରୁ ଅଧିକ ଭକ୍ତ ଆହତ ହେବା ଘଟଣା ପ୍ରଶାସନିକ ପ୍ରସ୍ତୁତିରେ ଥିବା ତ୍ରୁଟିକୁ ସାମ୍ନାକୁ ଆଣିଥିଲା । ସେହିପରି, ୨୦୨୬ ରଥଯାତ୍ରା ସମୟରେ ମଧ୍ୟ ଭିଡ଼ ଓ ପରିଚାଳନାଗତ ତ୍ରୁଟି ଯୋଗୁଁ ୨ ଜଣ ଭକ୍ତଙ୍କ ମୃତ୍ୟୁ ହୋଇଥିବା ବେଳେ ବହୁ ଭକ୍ତ ଆହତ ହୋଇଥିଲେ ।

ଡ. ମହାନ୍ତି କହିଥିଲେ ଯେ, ପର୍ଯ୍ୟଟକଙ୍କ ସୁରକ୍ଷା ସହିତ ଠକ ଟ୍ରାଭେଲ୍ ଏଜେନ୍ସି ଓ ହୋଟେଲ୍ ବୁକିଂରେ ଠକେଇ ଭଳି ସମସ୍ୟା ମଧ୍ୟ ପର୍ଯ୍ୟଟନ କ୍ଷେତ୍ରକୁ ଅଧିକ କ୍ଷତି ପହଞ୍ଚାଉଛି । ଓଡ଼ିଶାକୁ ଏକ ସୁରକ୍ଷିତ, ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ଭାବେ ଗଢ଼ିତୋଳିବା ପାଇଁ କେବଳ ପ୍ରଚାର ଯଥେଷ୍ଟ ନୁହେଁ, ଏଥିପାଇଁ ଦୃଢ଼ ସୁରକ୍ଷା ବ୍ୟବସ୍ଥା, ଦାୟିତ୍ୱବୋଧ ଓ ପ୍ରଭାବଶାଳୀ ପ୍ରଶାସନ ଆବଶ୍ୟକ । ପର୍ଯ୍ୟଟକ ମାନଙ୍କ ଜୀବନ, ସମ୍ମାନ ଓ ସୁରକ୍ଷା ସହ କୌଣସି ପ୍ରକାର ସାଲିସ୍ କରାଯାଇପାରିବ ନାହିଁ । ନବୀନ ପଟ୍ଟନାୟକଙ୍କ ସମୟରେ ପର୍ଯ୍ୟଟନ କ୍ଷେତ୍ରରେ ଓଡ଼ିଶା ଯେଉଁ ସୁନାମ ଅର୍ଜନ କରିଥିଲା, ତାକୁ ବଜାୟ ରଖିବା ସହ ପର୍ଯ୍ୟଟନସ୍ଥଳୀ ଗୁଡ଼ିକରେ ସୁରକ୍ଷାକୁ ନେଇ ମହିଳା ଓ ପର୍ଯ୍ୟଟକଙ୍କ ମନରେ ବିଶ୍ୱାସ ଫେରାଇ ଆଣିବା ପାଇଁ ବିଜେପି ସରକାର ତୁରନ୍ତ ଠୋସ୍ ପଦକ୍ଷେପ ଗ୍ରହଣ କରନ୍ତୁ ।

ବରାଳ ଗ୍ରାମରେ ଭଜନ ସମାରୋହ

ସାକ୍ଷୀଗୋପାଳ ,(ସବ୍ୟୁ):ପବିତ୍ର ବିଜୟାଦଶମୀ, ଦଶହରା ଅବସରରେ ବାବା ବାଲୁଙ୍କେଶର ସଙ୍ଗୀତାଞ୍ଜଳୀ ପକ୍ଷରୁ ବରାଳ ଗ୍ରାମରେ ରାଜ୍ୟସ୍ତରୀୟ ଭଜନ ସମାରୋହ-୨୦୨୬ ଅନୁଷ୍ଠିତ ହୋଇଯାଇଛି ।କାର୍ଯ୍ୟକ୍ରମ ରେ ଓଡିଶୀ ସଙ୍ଗୀତ ଗୁରୁ ହିମାଂଶୁ ସାଇଁ, ଗୋଟିପୁଅ ଗୁରୁ ଭାଗିରଥି ମହାପାତ୍ର, ଗୁରୁ ଲିଙ୍ଗରାଜ ବାରିକ, ଗୁରୁ ବାବୁଲି ଭୂୟାଁ, ଗୁରୁ କୈଳାସ ଚନ୍ଦ୍ର ବିଶାଳ ଅତିଥି ଭାବରେ ଯୋଗଦେଇ ଭକ୍ତିପୂତ ଭଜନ ଶ୍ରବଣ ଦାରା ମନରେ ଭକ୍ତିଭାବ ସୃଷ୍ଟି ହେବା ସହିତ ମନରେ ସାକାରାତ୍ମକ ଚିନ୍ତାଧାରା ଉଦ୍ରେକ ହୁଏ ବୋଲି ମତବ୍ୟକ୍ତ କରିଥିଲେ ।ଅନୁଷ୍ଠାନର ସମ୍ପାଦକ ଶିବପ୍ରସାଦ ମହାପାତ୍ର ସମସ୍ତ କାର୍ଯ୍ୟ ଆୟୋଜନ କରିଥିବା ସ୍ଥଳେ ସମସ୍ତ ସଦସ୍ୟ ସହଯୋଗ କରିଥିଲେ ପରେ ପରେ ଗୋଟିପୁଅ ନୃତ୍ୟ, ସମଲପୁରୀ ନୃତ୍ୟ ସହିତ ଓଡିଶାର ସୁନାମଧନ୍ୟ କ=ଶିଳ୍ପୀ ସୌରଭ ନାୟକ ଓ ସାଥିଙ୍କ ଦାରା ଭଜନ ପରିବେଷଣ କରାଯାଇଥିଲା । ଦର୍ଶକମାନେ ବିଳମ୍ବିତ ରାତି ପର୍ଯ୍ୟନ୍ତ ବେଶ ବିଭୋର ହୋଇ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ ।

ସେପ୍ଟେମ୍ବର ୩୦, ୨୦୨୬ ରେ ଶେଷ ହୋଇଥିବା ତ୍ରୈମାସିକ ପାଇଁ

ଜିନ୍ଦଲ ଷ୍ଟେନଲେସ୍ ତରଫରୁ ଆର୍ଥିକ ଫଳାଫଳ ଘୋଷଣା

ଭୁବନେଶ୍ୱର, (ସବ୍ୟୁ): ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍ (ଜେଏସ୍‌ଏଲ୍) ର ବୋର୍ଡ ଅଫ୍ ଡାଇରେକ୍ଟର୍ସ ସେପ୍ଟେମ୍ବର ୩୦, ୨୦୨୬ ରେ ଶେଷ ହୋଇଥିବା ତ୍ରୈମାସିକ ଏବଂ ଅର୍ଦ୍ଧବାର୍ଷିକ ଅବଧି ପାଇଁ ଆର୍ଥିକ ଫଳାଫଳକୁ ଅନୁମୋଦନ କରିଛନ୍ତି । ବର୍ଷ ୨୭ର ଦ୍ୱିତୀୟ ତ୍ରୈମାସିକ ରେ କମ୍ପାନୀ ଏକ ଦୃଢ଼ ଓ ପ୍ରତିକୂଳତା-ସହନଶୀଳ ପରିଚାଳନାଗତ ଆର୍ଥିକ ପ୍ରଦର୍ଶନ ରିପୋର୍ଟ ଉପସ୍ଥାପିତ କରିଛି । ଆର୍ଥିକ ବର୍ଷ ୨୭ର ଦ୍ୱିତୀୟ ତ୍ରୈମାସିକରେ ନିଟ୍ ରାଜସ୍ୱ ଭାରତୀୟ ମୁଦ୍ରାରେ ୧୨,୮୭୪କୋଟି ଥିଲା, ଯାହା ବାର୍ଷିକ (ବର୍ଷ-ରୁ-ବର୍ଷ) ୧୮.୨% ବୃଦ୍ଧିକୁ ଦର୍ଶାଉଛି । ଇବଆଇଟିଡିଏ ଭାରତୀୟ ମୁଦ୍ରାରେ ୧,୪୩୩ କୋଟି ରିପୋର୍ଟ ହୋଇଥିବାବେଳେ ଟିକସ ପରେ ଲାଭ (ପ୍ୟାଟ୍) ୮୯୮ କୋଟି ଟଙ୍କାକୁ ବୃଦ୍ଧି ପାଇଛି, ଯାହା ଯଥାକ୍ରମେ ୩.୨% ଏବଂ ୧୧.୧% ବାର୍ଷିକ ଅଭିବୃଦ୍ଧି ରେକର୍ଡ କରିଛି । ସମନ୍ୱିତ ନିଟ୍ ଋଣ ୩,୧୨୧ କୋଟି ଥିବାବେଳେ ନିଟ୍ ଋଣ-ଟୁ-ଇକ୍ୱିଟି ଅନୁପାତ ୦.୧୫୫ ଥିଲା। ପ୍ରଥମ ତ୍ରୈମାସିକରେ କାର୍ଯ୍ୟକ୍ଷମ ବ୍ୟାଘାତ ପରେ ଏହି ତ୍ରୈମାସିକ ଏକ ସ୍ଥିର ପୁନରୁଦ୍ଧାରକୁ ଚିହ୍ନିତ କରିଛି । ଯାହା ଭୂରାଜନୈତିକ ପରିସ୍ଥିତି ଏବଂ ଶିଳ୍ପ ଗ୍ୟାସ୍ ଉପଲବ୍ଧତା ପ୍ରତିବନ୍ଧକ ଦ୍ୱାରା ପ୍ରଭାବିତ ହୋଇଥିଲା । କ୍ୱାର୍ଟର ଅନ୍ କ୍ୱାର୍ଟର ଆଧାରରେ, କମ୍ପାନୀ ସାମଗ୍ରିକ ବିକ୍ରୟ ପରିମାଣରେ ୧୪. ୪% ବୃଦ୍ଧି ଏବଂ ନିଟ୍ ରାଜସ୍ୱରେ ୧୪. ୧% ଅଭିବୃଦ୍ଧି ଦେଖିଛି । ଅଟୋମୋବାଇଲ୍ ଏବଂ ଆଲଙ୍କାରିକ ପାଇପ୍ ଏବଂ ଟ୍ୟୁବ୍ ସେଗମେଣ୍ଟରେ ଗତି ସହିତ ମୂଲ୍ୟଯୁକ୍ତ ଉତ୍ପାଦରୁ ଅଧିକ ଅବଦାନ ଦ୍ୱାରା ଚାହିଦା ପ୍ରଦର୍ଶନ ଆଧାର କରିଥିଲା । ଘରୋଇ ବଜାରରେ ଏପ୍ରିଲ୍ ୨୦୨୬ ଠାରୁ ଆମଦାନୀ ଚାପ ବୃଦ୍ଧି ପାଇଛି । ଜୁଲାଇ ୨୦୨୬ ରେ ଚୀନରୁ ଷ୍ଟେନଲେସ୍ ଷ୍ଟିଲ୍ ଫ୍ଲାଟ ଉତ୍ପାଦର ଆମଦାନୀ ଆର୍ଥିକ ବର୍ଷ ୨୬ ମାସିକ ହାରାହାରି ସ୍ତରର ୨.୯ ଗୁଣ ଥିଲା ଏବଂ କେବଳ ଆର୍ଥିକ ବର୍ଷ ୨୭ ର ପ୍ରଥମ ଚାରି ମାସ ଚୀନ୍ ରୁ ସମଗ୍ର ପୂର୍ବ ବର୍ଷର ଆମଦାନୀର ପ୍ରାୟ ୬୩% ଅଟେ। ଆର୍ଥିକ ବର୍ଷ ୨୬ ର ହାରାହାରି ୧୮,୫୭୬ ମେଟ୍ରିକ୍ ଟନ୍ ଥିବାବେଳେ କେବଳ ଜୁଲାଇ ୨୦୨୬ ରେ ଏହି ସଂଖ୍ୟା ୫୩,୨୭୧ ମେଟ୍ରିକ୍ ଟନ୍ ଥିଲା ।

୫୬ତମ ଓଡ଼ିଶା ରାଜ୍ୟ ସିନିୟର ଖୋ ଖୋ ଚାମ୍ପିଅନସିପ୍ ୨୦୨୬ରେ

ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଖୋ ଖୋ ଆଥଲେଟ୍‌ଙ୍କ ଉତ୍କୃଷ୍ଟ ପ୍ରଦର୍ଶନ

ଭୁବନେଶ୍ୱର, (ସବ୍ୟୁ): ପୁରୀର ଜିଲ୍ଲା କ୍ରୀଡ଼ା ପରିସର ଖୋ ଖୋ ଏକାଡେମୀରେ ଅନୁଷ୍ଠିତ ୫୬ତମ ଓଡ଼ିଶା ରାଜ୍ୟ ସିନିୟର ଖୋ ଖୋ ଚାମ୍ପିଅନସିପ୍ (ବାଳକ ଓ ବାଳିକା) ୨୦୨୬ରେ ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଖୋ ଖୋ ହାଇ ପରଫରମାନ୍ସ ସେଣ୍ଟର (ଓଡ଼ିଶା ଏଏମ୍/ଏନ୍‌ଏସ୍ ଖୋ ଖୋ ଏଚପିସି)ର ଆଥଲେଟ୍ ମାନେ ଉତ୍କୃଷ୍ଟ ପ୍ରଦର୍ଶନ କରିଛନ୍ତି। ବିଭିନ୍ନ ଜିଲ୍ଲା ଓ ଅନୁଷ୍ଠାନ ଦଳଗୁଡ଼ିକର ପ୍ରତିନିଧିତ୍ୱ କରି ଖେଳାଳିମାନେ ଚାମ୍ପିଅନସିପ୍ ବିଜୟରେ ଉଲ୍ଲେଖନୀୟ ଅବଦାନ ରଖିବା ସହ ବ୍ୟକ୍ତିଗତ ଭାବେ ଶ୍ରେଷ୍ଠ ସମ୍ମାନ ହାସଲ କରିଥିଲେ। ବରିଷ୍ଠ ବାଳକ ବର୍ଗରେ ପୁରୀ ଚାମ୍ପିୟନ ହୋଇଥିବାବେଳେ, ଓଡ଼ିଶା ଏଏମ୍/ଏନ୍‌ଏସ୍ ଖୋ ଖୋ ଏଚପିସିର ଖେଳାଳି ଶିବ ଗୁଣ୍ଡା, ଶୁଭମ ବିଶ୍ୱାଳ, ଆଦିତ୍ୟ ଦାସ ଓ ସୌମ୍ୟ ରଞ୍ଜନ ସ୍ୱାଇଁ ଦଳର ଟାଇଟଲ୍ ବିଜୟ ଅଭିଯାନରେ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ। ଏହି ସଫଳତାକୁ ଆହୁରି ସୁଦୃଢ଼ କରି ଓଡ଼ିଶା ଏଏମ୍/ଏନ୍‌ଏସ୍ ଖୋ ଖୋ ଏଚପିସିର ଶିବ ଗୁଣ୍ଡା




ଟୁର୍ଣ୍ଣାମେଣ୍ଟରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ଶ୍ରେଷ୍ଠ ଆଟାକର ଭାବେ ବିବେଚିତ ହୋଇଥିଲେ।

ବରିଷ୍ଠ ବାଳିକା ବର୍ଗରେ ରୋମାଞ୍ଚକର ଫାଇନାଲ୍ ମ୍ୟାଚ୍ ଡ୍ର'ରେ ଶେଷ ହେବା ପରେ କିସ୍ ବିଶ୍ୱବିଦ୍ୟାଳୟ ଓ ବାଲେଶ୍ୱରକୁ ଯୁଗ୍ମ ଚାମ୍ପିୟନ ଘୋଷଣା କରାଯାଇଥିଲା। ଓଡ଼ିଶା ଏଏମ୍/ଏନ୍‌ଏସ୍ ଖୋ ଖୋ ଏଚପିସିର ଖେଳାଳି କାଦମ୍ବିନୀ ମାଝୀ, ଶୁଭଶ୍ରୀ ସିଂ, ସବିତା ମୁର୍ମୁ, ଦୁର୍ଗାସିନୀ ମାଝୀ, ଲିସାରାଣୀ ରାଇତା, ଶୁଭଶ୍ରୀ ମଲ୍ଲିକ, ଆଶିକା କୁଜୁର, ଚିନ୍ମୟୀ ପ୍ରଧାନ ଓ ରକ୍ତିମା ଭଣ୍ଡା କିସ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରତିନିଧିତ୍ୱ କରିଥିବାବେଳେ, ରଞ୍ଜିତା ବାରିକ ବାଲେଶ୍ୱର ପକ୍ଷରୁ ଖେଳିଥିଲେ। ଏହା ସହିତ, ଓଡ଼ିଶା ଏଏମ୍/ଏନ୍‌ଏସ୍ ଖୋ ଖୋ ଏଚପିସିର ଆଥଲେଟ୍ ମାନେ ବ୍ୟକ୍ତିଗତ ବର୍ଗରେ ମଧ୍ୟ ପ୍ରମୁଖ ସମ୍ମାନ ହାସଲ କରିଥିଲେ। ଶୁଭଶ୍ରୀ ସିଂ ଶ୍ରେଷ୍ଠ ଆଟାକର ଏବଂ ରଞ୍ଜିତା ବାରିକ ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିଲେ।

ଏହି ଚାମ୍ପିୟନସିପ୍‌ରେ ଖୋ ଖୋ ଫେଡେରେସନ୍ ଅଫ୍ ଇଣ୍ଡିଆ, ଓଡ଼ିଶା ଖୋ ଖୋ ଆସୋସିଏସନ୍ ଏବଂ ରାଜ୍ୟ କ୍ରୀଡ଼ା ପ୍ରଶାସନର ଅଧିକାରୀମାନେ ଯୋଗ ଦେଇଥିଲେ। ଆଥଲେଟ୍ ମାନଙ୍କୁ ଅଭିନନ୍ଦନ ଜଣାଇ ଏଏମ୍/ଏନ୍‌ଏସ୍ ଇଣ୍ଡିଆ ମାନବ ସମ୍ବଳ ଓ ପ୍ରଶାସନ ବିଭାଗ ନିର୍ଦ୍ଦେଶକ ତଥା ଭାଇସ୍ ପ୍ରେସିଡେଣ୍ଟ ଆଶୁତୋଷ ତେଲାଙ୍ଗ କହିଛନ୍ତି "୫୬ତମ ଓଡ଼ିଶା ରାଜ୍ୟ ବରିଷ୍ଠ ଚାମ୍ପିୟନସିପ୍‌ରେ ଆମ ଖେଳାଳିମାନଙ୍କ ଉତ୍କୃଷ୍ଟ ପ୍ରଦର୍ଶନ ସେମାନଙ୍କ ଶୃଙ୍ଖଳା, ନିଷ୍ଠା ଏବଂ ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଖୋ ଖୋ ହାଇ ପରଫର୍ମାନ୍ସ ସେଣ୍ଟରରେ ପ୍ରଦାନ କରାଯାଉଥିବା ସଂଗଠିତ ପ୍ରଶିକ୍ଷଣକୁ ପ୍ରତିଫଳିତ କରୁଛି। ଦଳଗତ ଓ ବ୍ୟକ୍ତିଗତ ବର୍ଗରେ ସେମାନଙ୍କ ସଫଳତା କ୍ରୀଡ଼ା ପ୍ରତିଭାର ବିକାଶ ଏବଂ ଖୋ ଖୋ କ୍ରୀଡ଼ାରେ ଉତ୍କର୍ଷତା ହାସଲ କରିବାର ଏକ ପ୍ରମୁଖ କେନ୍ଦ୍ର ଭାବେ ଓଡ଼ିଶାର ସ୍ଥିତିକୁ ଆହୁରି ସୁଦୃଢ଼ କରିବା ପ୍ରତି ଆମର ପ୍ରତିବଦ୍ଧତାକୁ ପୁନଃପ୍ରମାଣିତ କରୁଛି। ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଖୋ ଖୋ ଏଚପିସି ଉତ୍କର୍ଷତାର ଏକ ପ୍ରମୁଖ କେନ୍ଦ୍ର ଭାବେ ପ୍ରତିଷ୍ଠିତ ହୋଇଛି। ଏଠାରେ ବିଶ୍ୱସ୍ତରୀୟ ପ୍ରଶିକ୍ଷଣ, ବୈଜ୍ଞାନିକ ସହାୟତା ଏବଂ ଏକ ବୃତ୍ତିଗତ ପ୍ରଶିକ୍ଷଣ ବ୍ୟବସ୍ଥା ଯୋଗାଇ ଦିଆଯାଉଛି, ଯାହା ଖେଳାଳିମାନଙ୍କୁ ରାଜ୍ୟ, ଆଞ୍ଚଳିକ ଓ ଜାତୀୟ ସ୍ତରରେ ନିଜର ପ୍ରତିଭା ପ୍ରଦର୍ଶନ କରିବା ସହ ଉତ୍କୃଷ୍ଟ ପ୍ରଦର୍ଶନ ହାସଲ କରିବାକୁ ସକ୍ଷମ କରୁଛି।

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ଏକାଦଶାହ ଉପଲକ୍ଷେ



ସ୍ୱର୍ଗତ ଅକ୍ଷୟ କୁମାର ପାତ୍ର
ବଡ଼େଇସାହି, ଭୁବନ, ଢେଙ୍କାନାଳ
ଆବିର୍ଭାବ - ୧୩.୦୧.୧୯୬୩
ତିରୋଧାନ - ୧୪.୧୦.୨୦୨୬
ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା, ଭଲ ପାଇବା, ନିଷ୍ଠାପରତା, ପରୋପକାରୀତା, ଅସୀମ ତ୍ୟାଗ, ଅମାୟିକ ବ୍ୟକ୍ତିତ୍ୱ, ଆଦର୍ଶ ଓ ଆଶୀର୍ବାଦ ଚିରଦିନ ପାଇଁ ଆମ ହୃଦୟରେ ସ୍ମୃତି ହୋଇ ରହିବ । ଆପଣଙ୍କ ପବିତ୍ର ଆତ୍ମା ବୈକୁଣ୍ଠ ପ୍ରାପ୍ତି ହେଉ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦ ପଦ୍ମରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛୁ ।
ଶୋକସନ୍ତପ୍ତ : ମୋହନ ଚନ୍ଦ୍ର ପାତ୍ର, ବନ୍ଧୁ ଓ ପରିବାରବର୍ଗ

ତିବ୍ବତରେ ଶକ୍ତିଶାଳୀ ଭୂକମ୍ପ; ୧୬ ମୃତ



ବେଜିଂ: ଚୀନର ତିବ୍ବତ ଅଞ୍ଚଳରେ ଏକ ଶକ୍ତିଶାଳୀ ଭୂମିକମ୍ପ ଅନୁଭୂତ ହୋଇଛି । ଶକ୍ତିଶାଳୀ ୭ ତୀବ୍ରତାର ଭୂମିକମ୍ପରେ ଅତି କମରେ ୧୬ ଜଣଙ୍କର ମୃତ୍ୟୁ ଏବଂ ୩୨ ଜଣ ଆହତ ହୋଇଛନ୍ତି । ଶହ ଶହ ଘର କ୍ଷତିଗ୍ରସ୍ତ ହୋଇଛି ଏବଂ ଉତ୍ତର ସହର ନାଗକ୍ଷୁରେ ଜରୁରୀକାଳୀନ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ୭ ତୀବ୍ରତାର ଭୂମିକମ୍ପ ପରେ ଆଖପାଖ ଅଞ୍ଚଳରେ ୩ ରୁ ୪ ତୀବ୍ରତାର ଅନେକ ମୃଦୁ ଭୂମିକମ୍ପ ଅନୁଭୂତ ହୋଇଥିଲା । ଜାନୁଆରୀ ୨୦୨୪ ପରଠାରୁ ଏହା ଚୀନରେ ହୋଇଥିବା ସବୁଠାରୁ ଶକ୍ତିଶାଳୀ ଭୂମିକମ୍ପ । ସ୍ଥାନୀୟ ଅଧିକାରୀଙ୍କ ଉଦ୍ଧୃତି ଦେଇ ସହରର ଗଣମାଧ୍ୟମ କାର୍ଯ୍ୟାଳୟ ରିପୋର୍ଟ କରିଛି ଯେ ଅତି କମରେ ୩୩୯ ଘର ଭୁଶୁଡ଼ି ପଡ଼ିଛି । ଆହତଙ୍କ ମଧ୍ୟରୁ ୧୧ ଜଣ ଗୁରୁତର ଆହତ ହୋଇଛନ୍ତି, ଯେତେବେଳେ ୨୧ ଜଣ ସାମାନ୍ୟ ଆହତ ହୋଇଛନ୍ତି । ପୁଲିସ ଏବଂ ଅଗ୍ନିଶମ ବିଭାଗ କର୍ମଚାରୀ ଲୋକମାନଙ୍କୁ ଉଦ୍ଧାର କରିବା ଏବଂ ବାସହୀନ ଲୋକଙ୍କୁ ଅସ୍ଥାୟୀ ଆଶ୍ରୟ ପ୍ରଦାନ କରିବା ପାଇଁ କାର୍ଯ୍ୟ କରୁଛନ୍ତି । ଉଦ୍ଧାରକାରୀ ଦଳ ମଧ୍ୟ ତମ୍ବୁ ସ୍ଥାପନ କରୁଥିଲେ । ଭୂମିକମ୍ପର କେନ୍ଦ୍ରସ୍ଥଳ ତିବ୍ବତର ରାଜଧାନୀ ଲାସାଠାରୁ ପ୍ରାୟ ୪୦୦ କିଲୋମିଟର ଦୂରରେ ଥିଲା । ଏହି ଭୂମିକମ୍ପ ଲୋକଙ୍କ ମଧ୍ୟରେ ଭୟ ସୃଷ୍ଟି କରିଥିଲା । ଚୀନ୍ ଭୂମିକମ୍ପ ନେଟୱାର୍କସ୍ ସେଣ୍ଟର ଅନୁଯାୟୀ, ସ୍ଥାନୀୟ ସମୟ ପ୍ରାୟ ରାତି ୧୦:୩୩ ରେ ହୋଇଥିବା ଏହି ଭୂମିକମ୍ପର ତୀବ୍ରତା ୭.୦ ଥିଲା । ଏହାର କେନ୍ଦ୍ରସ୍ଥଳ ସମୁଦ୍ର ପତ୍ତନଠାରୁ ପ୍ରାୟ ୪,୮୬୪ ମିଟର ଉଚ୍ଚତାରେ ଅବସ୍ଥିତ ଉତ୍ତର ତିବ୍ବତର ନାଗକ୍ଷୁ ଅଞ୍ଚଳରେ ଭୂମିଠାରୁ ୧୦ କିଲୋମିଟର ତଳେ ଥିଲା । ରାଜ୍ୟ ଗଣମାଧ୍ୟମ ଅନୁଯାୟୀ, ଭୂମିକମ୍ପ କେନ୍ଦ୍ର ନିକଟବର୍ତ୍ତୀ ଏକ ଗ୍ରାମରେ ଦୁଇଜଣ ଆହତ ହୋଇଛନ୍ତି, ଯେତେବେଳେ ଆଖପାଖ ଗାଁର ଅନେକ ଘରେ ଫାଟ ସୃଷ୍ଟି ହୋଇଛି । ସ୍ଥାନୀୟ ରାଜ୍ୟ ଗଣମାଧ୍ୟମ ଦ୍ୱାରା ପ୍ରକାଶିତ ଭିଡିଓରେ ଲୋକମାନେ ଘରୁ ବାହାରକୁ ବାହାରି ବାହାରେ କିମ୍ବା ରାସ୍ତାରେ ପାର୍କିଂ ହୋଇଥିବା ସେମାନଙ୍କ କାରରେ ଆଶ୍ରୟ ନେଉଥିବା ଦେଖାଯାଇଛି ।

ବେଙ୍ଗାଲୁରୁରେ ଝଟକା

ବେଙ୍ଗାଲୁରୁ: କର୍ଣ୍ଣାଟକର ରାଜଧାନୀ ବେଙ୍ଗାଲୁରୁ ଏବଂ ଏହାର ଆଖପାଖ ଅଞ୍ଚଳରେ ଶୁକ୍ରବାର ସକାଳେ ଏକ ମୃଦୁ ଭୂମିକମ୍ପ ଅନୁଭୂତ ହୋଇଛି । ରିକ୍ଟର ସ୍କେଲରେ ଏହି ଭୂକମ୍ପର ତୀବ୍ରତା ୩.୦ ରେକର୍ଡ କରାଯାଇଛି । ନ୍ୟାସନାଲ୍ ସେଣ୍ଟର୍ ଫୋର୍ ସିସମୋଲୋଜି ଏବଂ କର୍ଣ୍ଣାଟକ ରାଜ୍ୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କେନ୍ଦ୍ର ଅନୁଯାୟୀ, ସକାଳ ୯ଟା ୧ ମିନିଟରେ ଏହି ଭୂମିକମ୍ପ ସଂଘଟିତ ହୋଇଥିଲା । ଏହି ଭୂମିକମ୍ପର କେନ୍ଦ୍ରସ୍ଥଳ ବେଙ୍ଗାଲୁରୁ ଗ୍ରାମୀଣ ଜିଲ୍ଲାର ଦୋଡ୍ଡାବଲ୍ଲାପୁର ତାଲୁକ ଅନ୍ତର୍ଗତ ଟୁବାଗେରେ ଗ୍ରାମ ପଞ୍ଚାୟତର ତିମ୍ମୋଜାନାହଲ୍ଲୀ ଗାଁର ଉତ୍ତର ଦିଗରେ ରହିଥିଲା । କେନ୍ଦ୍ରସ୍ଥଳରୁ ପ୍ରାୟ ୨୦ ରୁ ୩୦ କିଲୋମିଟର ବ୍ୟାସାର୍ଦ୍ଧ ମଧ୍ୟରେ ସାମାନ୍ୟ କମ୍ପନ ଅନୁଭୂତ ହୋଇଥିବା କର୍ଣ୍ଣାଟକ ରାଜ୍ୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କେନ୍ଦ୍ର ସୂଚନା ଦେଇଛି । ତେବେ ଭୂମିକମ୍ପର ତୀବ୍ରତା ଅତ୍ୟନ୍ତ କମ୍ ଥିବାରୁ ଏହାଦ୍ୱାରା କୌଣସି ଜନଧନ କ୍ଷୟକ୍ଷତି କିମ୍ବା ଘରଦ୍ୱାର ଭାଙ୍ଗିବାର ସୂଚନା ନାହିଁ । ଏହି ଅଞ୍ଚଳ ଭୂକମ୍ପୀୟ ମାନଚିତ୍ରର "ଜୋନ୍-୨" ଅନ୍ତର୍ଗତ ଆସୁଥିବାରୁ ଏହା ସାଧାରଣତଃ ନିରାପଦ । ଭୂମିକମ୍ପର ମାତ୍ରା କମ୍ ଥିବାରୁ ଜନସାଧାରଣ ଆତଙ୍କିତ ନହେବା ପାଇଁ ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଛି ।

• ନଭେମ୍ବରରେ ସିବିଟିର ୨୪୦ତମ ବୈଠକ

ବଢ଼ିପାରେ ଇପିଏଫ୍ ପେନସନ୍

ନୂଆଦିଲ୍ଲୀ: କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫଓ)ର କେନ୍ଦ୍ରୀୟ ଟ୍ରଷ୍ଟି ବୋର୍ଡ (ସିବିଟି)ର ୨୪୦ତମ ବୈଠକ ଆସନ୍ତାମାସ ୧୯ ତାରିଖରେ ଗୁଜରାଟର ଗିର୍ଠାରେ ଅନୁଷ୍ଠିତ ହେବ । ଏହି ବୈଠକରେ ଟ୍ରଷ୍ଟ ସର୍ବନିମ୍ନ ପେନସନ୍ ବୃଦ୍ଧି ନେଇ ନିଷ୍ପତ୍ତି ନେଇପାରେ । ଏହି ପ୍ରସଙ୍ଗ ବୈଠକର ଏଜେଣ୍ଡାରେ ରହିପାରେ ବୋଲି ଦୁଇଟି ସୂତ୍ରରୁ ଜଣାଯାଇଛି । ଉଲ୍ଲେଖଯୋଗ୍ୟ, ୨୦୧୪ ସେପ୍ଟେମ୍ବରରୁ ସର୍ବନିମ୍ନ ମାସିକ ଇପିଏଫ୍ ପେନସନ୍ ୧୦୦୦ ଟଙ୍କା କରାଯାଇଛି । ଦରଦାମ ଓ ଜୀବନଯାପନ ଖର୍ଚ୍ଚ ବୃଦ୍ଧି କାରଣରୁ ଏହି ରାଶି ପେନସନ୍ଭୋଗୀଙ୍କ ପାଇଁ ଯଥେଷ୍ଟ ହେଉନାହିଁ । ତେଣୁ ସର୍ବନିମ୍ନ ମାସିକ ପେନସନ୍ ରାଶି ୭୫୦୦ ଟଙ୍କାକୁ ବଢ଼ାଇବା ସହ ଏଥିରେ ମହଙ୍ଗା ଭତ୍ତାକୁ ଯୋଡ଼ିବା ପାଇଁ ପେନସନଭୋଗୀ ଓ ଶ୍ରମିକ ସଂଗଠନଗୁଡ଼ିକ ଦୀର୍ଘଦିନ ହେଲା ଦାବି କରି ଆସୁଛନ୍ତି । ମାସିକ ୧୦୦୦ ଟଙ୍କା ପେନସନ୍ ପ୍ରଦାନ ବାବଦରେ କେନ୍ଦ୍ର ସରକାର ପ୍ରତିବର୍ଷ ବଜେଟ୍ ସହାୟତା ପ୍ରଦାନ କରୁଛନ୍ତି । ତେଣୁ ସର୍ବନିମ୍ନ ପେନସନ୍ ରାଶି ବଢ଼ାଇବା ଆର୍ଥିକ ଦୃଷ୍ଟିରୁ କେତେ ସମ୍ଭବ ସେ ନେଇ ବିଚାରବିମର୍ଶ ହେବ । ଗତ ସେପ୍ଟେମ୍ବରରେ କର୍ମଚାରୀମାନଙ୍କ ପାଇଁ ଇପିଏଫ୍ର ସର୍ବୋଚ୍ଚ ବେତନ ସୀମା ୧୫ ହଜାର ଟଙ୍କାରୁ ୨୫ ହଜାର ଟଙ୍କାକୁ ବୃଦ୍ଧି କରାଯାଇଥିବାରୁ ଆଗାମୀ ବୈଠକରେ ପେନସନ୍ ରାଶି ବୃଦ୍ଧି ଉପରେ ଆଲୋଚନା ସମ୍ଭାବନା ରହିଛି ।

ଆମେରିକାରେ ଭାରତୀୟ ବଂଶୋଦ୍ଭବ ନର୍ସଙ୍କୁ ନିର୍ମମ ହତ୍ୟା

କାଲିଫର୍ଣ୍ଣିଆ: ଆମେରିକାର କାଲିଫର୍ଣ୍ଣିଆରେ ଜଣେ ୩୦ ବର୍ଷୀୟା ଭାରତୀୟ ବଂଶୋଦ୍ଭବ ନର୍ସ ଜାସମିନ୍ ଗିଲଙ୍କୁ ନିର୍ମମ ଭାବେ ହତ୍ୟା କରାଯିବା ପରେ ଶବକୁ ଜାଳି ପୋତି ଦିଆଯାଇଥିବା ଏକ ଭୟାବହ ଘଟଣା ସାମ୍ନାକୁ ଆସିଛି । ଏହି ସଂଘାତିକ ହତ୍ୟାକାଣ୍ଡ ଅଭିଯୋଗରେ ସାକ୍ରାମେଣ୍ଟୋ କାଉଣ୍ଟି ଶେରିଫ୍ କାର୍ଯ୍ୟାଳୟ ପୁଲିସ ମୃତକଙ୍କ ସ୍ୱାମୀ ଗୁରିନ୍ଦର ଗିଲ୍ (୨୮) କୁ ଗିରଫ କରିଛି । ଘଟଣା ଅନୁସାରେ, ଗତ ଅକ୍ଟୋବର ୪ ତାରିଖରେ ଜାସମିନ୍ ନିଖୋଜ ଥିବା ନେଇ ତାଙ୍କ ସମ୍ପର୍କୀୟ ଭାଇ ପୁଲିସରେ ଅଭିଯୋଗ କରିଥିଲେ । ତଦନ୍ତ ସମୟରେ ଅଭିଯୁକ୍ତ ସ୍ୱାମୀ ଗୁରିନ୍ଦର ପୁଲିସକୁ ବିଭ୍ରାନ୍ତ କରିବାକୁ ଚେଷ୍ଟା କରି କହିଥିଲା ଯେ, ତାଙ୍କ ସ୍ତ୍ରୀ ଘର ବାହାରୁ ଚିଠି ଆଣିବାକୁ ଯାଇଥିବା ବେଳେ ଆମେରିକାର ଇମିଗ୍ରେସନ୍ ଆଣ୍ଡ କଷ୍ଟମ୍ସ ଏନଫୋର୍ସମେଣ୍ଟ (ଆଇସିଇ) ଏଜେଣ୍ଟମାନେ ତାଙ୍କୁ ଗିରଫ କରି ନେଇଯାଇଛନ୍ତି । ତେବେ ପୁଲିସ ସମ୍ପୃକ୍ତ ଏଜେନ୍ସି ସହ ଯୋଗାଯୋଗ କରିବା ପରେ ଏପରି କୌଣସି ଗିରଫଦାରୀ ହୋଇନଥିବା ସ୍ପଷ୍ଟ ହୋଇଥିଲା, ଯାହା ପରେ ଗୁରିନ୍ଦରର ବୟାନ ଉପରେ ପୁଲିସର ସନ୍ଦେହ ବୃଦ୍ଧି ପାଇଥିଲା । ତଦନ୍ତ ପ୍ରକ୍ରିୟା ଆଗକୁ ବଢ଼ିବା ସହ ପୁଲିସ ଦମ୍ପତିଙ୍କ ଘରଠାରୁ ପ୍ରାୟ ୭୦ ମାଇଲ୍ ଦୂର ଏଲ୍ ଡୋରାଡୋ କାଉଣ୍ଟିରୁ ଅକ୍ଟୋବର ୧୪ ରେ ପୋଡ଼ିଯାଇଥିବା ଏବଂ ମାଟିତଳେ ପୋତାଯାଇଥିବା ମାନବ କଙ୍କାଳ ଉଦ୍ଧାର କରିଥିଲା । ପରବର୍ତ୍ତୀ ସମୟରେ ତାହା ଜାସମିନଙ୍କର ବୋଲି ଚିହ୍ନଟ କରାଯାଇଥିଲା ।

ଶ୍ରମିକଙ୍କୁ ମିଳିବ ନିଶ୍ଚିନ୍ତ ରୋଜଗାର

ପାଟନା: ବିହାରର ଶ୍ରମିକମାନଙ୍କ ପାଇଁ ଆସିଛି ଆଶ୍ୱସ୍ତିକର ଖବର । ବନ୍ୟା ଓ ମରୁଡ଼ି ଯୋଗୁଁ ପ୍ରଭାବିତ ରାଜ୍ୟର ସମସ୍ତ ୩୮ଟି ଜିଲ୍ଲାରେ ଗ୍ରାମୀଣ ନିଯୁକ୍ତି ଯୋଜନା ଅଧୀନରେ ନିର୍ମାଣ କାର୍ଯ୍ୟ ଉପରେ ଲାଗିଥିବା କଟକଣା ହଟାଇ ଦିଆଯାଇଛି । ଫଳରେ ଅଣକୁଶଳୀ ଶ୍ରମିକମାନେ ପୁଣିଥରେ କାମ ପାଇବା ସହ ନିଜର ଜୀବିକା ନିର୍ବାହ କରିପାରିବେ । ଗ୍ରାମୀଣ ବିକାଶ ବିଭାଗ ପକ୍ଷରୁ ଏନେଇ ପଦକ୍ଷେପ ନିଆଯାଇଛି । ରାଜ୍ୟର ୨୨ଟି ଜିଲ୍ଲା ବନ୍ୟାରେ ପ୍ରଭାବିତ ହୋଇଥିବା ବେଳେ ଅନ୍ୟ ୧୬ଟି ଜିଲ୍ଲାରେ କମ୍ ବର୍ଷା ଯୋଗୁଁ ମରୁଡ଼ି ପରିସ୍ଥିତି ଦେଖାଦେଇଛି । ଏହି ପରିସ୍ଥିତିରେ କୃଷି କାର୍ଯ୍ୟ ଓ ଅନ୍ୟାନ୍ୟ ରୋଜଗାର ସୁଯୋଗ ପ୍ରଭାବିତ ହୋଇଥିବାରୁ ଶ୍ରମିକମାନଙ୍କୁ କାମ ଯୋଗାଇଦେବା ଉପରେ ସରକାର ଗୁରୁତ୍ୱ ଦେଇଛନ୍ତି । ବିଭାଗୀୟ ସୂଚନା ଅନୁଯାୟୀ, ବିହାରର ଅରୱଲ, ବେଗୁସରାୟ, ଭାଗଲପୁର, ଭୋଜପୁର, ବକ୍ସର, ଦରଭଙ୍ଗା, ଗୋପାଳଗଞ୍ଜ, କଟିହାର, ଖଗଡ଼ିଆ, ଲକ୍ଷୀସରାୟ, ମଧେପୁରା, ମୁଙ୍ଗେର, ମୁଜାଫରପୁର, ପଶ୍ଚିମ ଚମ୍ପାରଣ, ପାଟନା, ପୂର୍ବ ଚମ୍ପାରଣ, ପୂର୍ଣ୍ଣିଆ, ସହରସା, ସମସ୍ତିପୁର, ସାରଣ, ସୁପୌଲ ଓ ବୈଶାଳୀ ଜିଲ୍ଲା ବନ୍ୟାରେ ପ୍ରଭାବିତ ହୋଇଛନ୍ତି । ବନ୍ୟା ଯୋଗୁଁ ଅନେକ ସ୍ଥାନରେ ରାସ୍ତାଘାଟ କ୍ଷତିଗ୍ରସ୍ତ ହୋଇଥିବାରୁ ମରାମତି ଓ ପୁନରୁଦ୍ଧାର କାର୍ଯ୍ୟର ଆବଶ୍ୟକତା ରହିଛି । ସେହିପରି ଅରରିଆ, ଔରଙ୍ଗାବାଦ, ବାଙ୍କା, ଗୟାଜୀ, ଜମୁଇ, ଜହାନାବାଦ, କୈମୁର, କିଶନଗଞ୍ଜ, ମଧୁବନୀ, ନାଳନ୍ଦା, ନୱାଦା, ରୋହତାସ, ଶେଖପୁରା, ଶିବହର, ସୀତାମଢ଼ି ଓ ସିୱାନ ଜିଲ୍ଲାରେ ସ୍ୱାଭାବିକଠାରୁ କମ୍ ବର୍ଷା ହୋଇଛି । ଏହାଦ୍ୱାରା କୃଷି କାର୍ଯ୍ୟ ପ୍ରଭାବିତ ହେବା ସହ ଶ୍ରମିକଙ୍କ ପାଇଁ କାମର ସୁଯୋଗ ମଧ୍ୟ ହ୍ରାସ ପାଇଛି । କୃଷି କାର୍ଯ୍ୟରେ ଶ୍ରମିକଙ୍କ ଉପଲବ୍ଧତା ବଜାୟ ରଖିବା ଉଦ୍ଦେଶ୍ୟରେ ଅକ୍ଟୋବର ୨୨ରୁ ଡିସେମ୍ବର ୧୦ ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ଉପରେ କଟକଣା ଲଗାଯାଇଥିଲା । କିନ୍ତୁ ବନ୍ୟା ଓ ମରୁଡ଼ି ଯୋଗୁଁ ଉପୁଜିଥିବା ପରିସ୍ଥିତିକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତିରେ ପରିବର୍ତ୍ତନ କରାଯାଇଛି । ବନ୍ୟା ପ୍ରଭାବିତ ଅଞ୍ଚଳରେ ରାସ୍ତାଘାଟ ମରାମତି ସହ ଅନ୍ୟାନ୍ୟ ଗ୍ରାମୀଣ ବିକାଶ କାର୍ଯ୍ୟ ଆଗକୁ ବଢ଼ିବ ।

ଚିନ୍ମୟ ଅମୃତ ମହୋତ୍ସବ ଗ୍ଲୋବାଲ୍ ସମ୍ମିଳନୀ ଉଦ୍‌ଘାଟିତ

ଭାରତ ଆମ ସଂସ୍କୃତିର ଜନ୍ମଭୂମି, ଅସ୍ତିତ୍ୱର ଆଧାର: ମୋଦୀ



ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ନୂଆଦିଲ୍ଲୀର ଭାରତ ମଣ୍ଡପମଠାରେ ଚିନ୍ମୟ ଅମୃତ ମହୋତ୍ସବ ଗ୍ଲୋବାଲ୍ ସମ୍ମିଳନୀର ଉଦଘାଟନ କରିଛନ୍ତି । ଏହି ଅବସରରେ ସେ ଚିନ୍ମୟ ମିଶନକୁ କେବଳ ଏକ ଅନୁଷ୍ଠାନ ନୁହେଁ, ବରଂ ଜଣେ ମହାନ ଋଷିଙ୍କ ଦ୍ୱାରା ପ୍ରତିଷ୍ଠିତ ଏକ ଅମର ଚିନ୍ତାଧାରା ଭାବେ ବର୍ଣ୍ଣନା କରିଥିଲେ । ଦଶନ୍ଧି ଧରି ଏହି ମିଶନ ସମାଜସେବା କରିବା ସହ ଭାରତର ଆଧ୍ୟାତ୍ମିକ ଜ୍ଞାନକୁ ବିଶ୍ୱବ୍ୟାପୀ ପ୍ରସାର କରୁଥିବା ସେ କହିଥିଲେ । ସମ୍ମିଳନୀରେ ପ୍ରଯୁକ୍ତିବିଦ୍ୟାର ଉପଯୋଗ କରି ଶ୍ରଦ୍ଧେୟ ଗୁରୁଦେବ ସ୍ୱାମୀ ଚିନ୍ମୟାନନ୍ଦଙ୍କ ସହ ହୋଲୋଗ୍ରାଫ୍ ମାଧ୍ୟମରେ ହୋଇଥିବା ଆଲୋଚନାକୁ ସ୍ମରଣ କରି ମୋଦୀ କହିଥିଲେ ଯେ ଏହି ଅନୁଭୂତି ତାଙ୍କୁ ୧୯୯୩ ମସିହାରେ ଭଦୋଦରାଠାରେ ଗୁରୁଦେବଙ୍କ ସହ ହୋଇଥିବା ସାକ୍ଷାତକୁ ମନେ ପକାଇ ଦେଇଥିଲା । ଗୁରୁଦେବଙ୍କ ସ୍ନେହ, କଥାବାର୍ତ୍ତା ଓ ଆଶୀର୍ବାଦକୁ ପୁଣିଥରେ ଅନୁଭବ କରିବା ତାଙ୍କ ପାଇଁ ଅତ୍ୟନ୍ତ ଭାବପ୍ରବଣ ଅନୁଭୂତି ବୋଲି ସେ କହିଥିଲେ । ୧୯୯୩ ମସିହା ଫେବ୍ରୁଆରୀ-ମାର୍ଚ୍ଚରେ ବିଶ୍ୱ ଧର୍ମ ସଂସଦର ଶତବାର୍ଷିକୀ ଅବସରରେ ସ୍ୱାମୀ ବିବେକାନନ୍ଦଙ୍କ ଐତିହାସିକ ଅଭିଭାଷଣର ୧୦୦ ବର୍ଷ ପୂର୍ତ୍ତି ପାଳନ ପାଇଁ ସ୍ୱାମୀ ଚିନ୍ମୟାନନ୍ଦଙ୍କୁ ଚିକାଗୋ ନିମନ୍ତ୍ରଣ କରିବାକୁ ଯାଇଥିବା ଘଟଣାକୁ ମୋଦୀ ସ୍ମରଣ କରିଥିଲେ । ଗୁରୁଦେବ ଆମେରିକାରେ ଏହି କାର୍ଯ୍ୟକ୍ରମ ପାଇଁ ଲୋକଙ୍କୁ ସକ୍ରିୟ ଭାବେ ଏକଜୁଟ କରିଥିଲେ । ପରେ ଅଗଷ୍ଟ ୩ ତାରିଖରେ ସାନ୍ ଡିଏଗୋଠାରେ ତାଙ୍କର ଦେହାନ୍ତ ହୋଇଥିଲା । ସେପ୍ଟେମ୍ବର ୧୧ରେ ଚିକାଗୋରେ ଆୟୋଜିତ ସମାବେଶରେ ତାଙ୍କ ଅନୁପସ୍ଥିତିକୁ ସମସ୍ତେ ଗଭୀର ଭାବେ ଅନୁଭବ କରିଥିଲେ । ଗୁରୁଦେବଙ୍କ ସହ ହୋଇଥିବା ଶେଷ ଆଲୋଚନାର ମୁଖ୍ୟ ବିଷୟ ଥିଲା ଯୁବଶକ୍ତିର ବିକାଶ । ଯୁବଶକ୍ତି ମାଧ୍ୟମରେ ଏକ ସୁଦୃଢ଼ ଓ ସକ୍ଷମ ଭାରତ ଗଠନ କରିବା ଏହାର ମୂଳ ଉଦ୍ଦେଶ୍ୟ ଥିଲା ବୋଲି ମୋଦୀ କହିଥିଲେ । ଗୁଜରାଟର ମୁଖ୍ୟମନ୍ତ୍ରୀ ହେବା ପରଠାରୁ ସରକାରର ମୁଖ୍ୟ ଭାବେ ତାଙ୍କର ୨୫ ବର୍ଷର ଯାତ୍ରାରେ ଦେଶର ଯୁବବର୍ଗ ସବୁବେଳେ ତାଙ୍କ ନୀତିର କେନ୍ଦ୍ରରେ ରହିଥିବା ସେ କହିଥିଲେ । ଚିନ୍ମୟ ଅମୃତ ମହୋତ୍ସବର ଯୁବ ସ୍ୱେଚ୍ଛାସେବୀମାନଙ୍କ ଉଦ୍ୟମକୁ ପ୍ରଶଂସା କରି ମୋଦୀ କହିଥିଲେ ଯେ ସେମାନେ ୩୦୦ ଦିନ ମଧ୍ୟରେ ୪୦ ହଜାର କିଲୋମିଟର ଯାତ୍ରା କରି ଏକ ଲକ୍ଷରୁ ଅଧିକ ଯୁବକଯୁବତୀଙ୍କ ସହ ଯୋଡ଼ି ହୋଇଥିଲେ ।

ଦିଲ୍ଲୀ କୋର୍ଟରେ ହାଜର ହେଲେ ଆମେରିକୀୟ ନାଗରିକ

ନୂଆଦିଲ୍ଲୀ: ମ୍ୟାଁମାର ସଶସ୍ତ୍ର ଗୋଷ୍ଠୀଗୁଡ଼ିକୁ ତାଲିମ ଦେବା ଅଭିଯୋଗରେ ଅଭିଯୁକ୍ତ ଆମେରିକୀୟ ନାଗରିକ ମାଥ୍ୟୁ ଭାନଡାଇକଙ୍କୁ ଫେବୃଆରି ୨୪ ପର୍ଯ୍ୟନ୍ତ ବିଦେଶରେ ରହିବାକୁ କୋର୍ଟ ଅନୁମତି ଦେଇଛନ୍ତି । ଦିଲ୍ଲୀର ରାଉଜ ଆଭେନ୍ୟୁ କୋର୍ଟରେ ଆମେରିକୀୟ ଭଡ଼ାଟିଆ ସୈନିକ ମାଥ୍ୟୁ ଆରୋନ ଭାନଡାଇକଙ୍କୁ ଆମେରିକା ଯାତ୍ରା କରିବାକୁ ଅନୁମତି ଦେଇଛନ୍ତି ଓ ଫେବୃଆରି ୨୪ ତାରିଖର ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ଛଅ ଜଣ ୟୁକ୍ରେନୀୟ ନାଗରିକଙ୍କୁ ଭାରତ ବାହାରେ ରହିବା ପାଇଁ ମଧ୍ୟ ଅନୁମତି ପ୍ରଦାନ କରିଛନ୍ତି । ମ୍ୟାଁମାରରେ ଜାତିଗତ ସଶସ୍ତ୍ର ଗୋଷ୍ଠୀଗୁଡ଼ିକୁ ଅସ୍ତ୍ରଶସ୍ତ୍ର ଓ ଡ୍ରୋନ-ଯୁଦ୍ଧ ତାଲିମ ପ୍ରଦାନ କରିବା ଅଭିଯୋଗରେ ଭାନଡାଇକ ଓ ଏହି ଛଅ ଜଣ ୟୁକ୍ରେନୀୟ ନାଗରିକଙ୍କୁ ମାର୍ଚ୍ଚ ୨୦୨୬ ରେ ଜାତୀୟ ତଦନ୍ତ ସଂସ୍ଥା (ଏନଆଇଏ) ଦ୍ୱାରା ଗିରଫ କରାଯାଇଥିଲା । ସେପ୍ଟେମ୍ବରରେ ଏକ ମାସ ପାଇଁ ଆମେରିକା ଯାତ୍ରା କରିବାକୁ ଅନୁମତି ପାଇବା ପରେ, ତାଙ୍କ ଭାରତ ଫେରିବା ନେଇ ପ୍ରଶ୍ନ ଉଠିଥିଲା ।


୨୦ ବାଂଲାଦେଶୀଙ୍କ ଉପରେ ଝୁଲୁଛି ମୃତ୍ୟୁର ଖଣ୍ଡା

ନୂଆଦିଲ୍ଲୀ: ଧର୍ମୀୟ ପବିତ୍ରତାର ସହର ମକ୍କା । ହେଲେ ଏହି ସହରର ଏକ ମସଜିଦରେ ଅନୈତିକ ଆଚରଣ ଅଭିଯୋଗରେ ଦୁଇ ବାଂଲାଦେଶୀ ନାଗରିକଙ୍କୁ ମିଳିଛି ମୃତ୍ୟୁଦଣ୍ଡ । ଏହି ଘଟଣାକୁ ନେଇ ଏବେ ବାଂଲାଦେଶରେ ତୀବ୍ର ଅସନ୍ତୋଷ । କିନ୍ତୁ କାହାଣୀ ଏତିକିରେ ସରିନାହିଁ । ସାଉଦି ଆରବର ଜେଲ୍‌ରେ ବନ୍ଦୀ ଥିବା ଆଉ ୨୦ ଜଣ ବାଂଲାଦେଶୀଙ୍କ ମୁଣ୍ଡ ଉପରେ ମଧ୍ୟ ଝୁଲୁଛି ମୃତ୍ୟୁର ଖଣ୍ଡା । ସେମାନଙ୍କୁ କେଉଁ ଦଣ୍ଡ ମିଳିଛି, ତାହା ଏବେ ବି ଅସ୍ପଷ୍ଟ । ରିପୋର୍ଟ ଅନୁସାରେ, ସାଉଦି ଆରବ ପକ୍ଷରୁ ବାଂଲାଦେଶକୁ ପଠାଯାଇଥିବା ଏକ ତାଲିକାରେ ୨୨ ଜଣ ବାଂଲାଦେଶୀଙ୍କ ନାଁ ରହିଛି । ସେମାନଙ୍କ ନାଁ ଆଗରେ 'ଦୋଷୀ' ବୋଲି ଉଲ୍ଲେଖ ଥିଲେ ମଧ୍ୟ କାହାକୁ କେଉଁ ଦଣ୍ଡ ମିଳିଛି, ତାହା ସ୍ପଷ୍ଟ କରାଯାଇନାହିଁ । ଏହି ତାଲିକାରେ ନଜରୁଲ ଇସଲାମ ଓ ସ୍ୱିଟି ଅଖତରଙ୍କ ନାଁ ମଧ୍ୟ ରହିଥିଲା । ଉଭୟଙ୍କୁ ମୃତ୍ୟୁଦଣ୍ଡ ମିଳିଥିବା ଖବର ପ୍ରକାଶ ପାଇବା ପରେ ବାଂଲାଦେଶରେ ତୀବ୍ର ପ୍ରତିକ୍ରିୟା ଦେଖାଦେଇଛି । ଏହି ମାମଲାରେ ଆଉ ଏକ ବଡ଼ ପ୍ରଶ୍ନ ଉଠିଛି । ପ୍ରାରମ୍ଭିକ ରିପୋର୍ଟରେ ଉଭୟଙ୍କୁ ସ୍ୱାମୀ-ସ୍ତ୍ରୀ ବୋଲି କୁହାଯାଇଥିଲେ ମଧ୍ୟ ପରିବାର ଲୋକେ ଏହାକୁ ଖଣ୍ଡନ କରିଛନ୍ତି । ଏପରିକି ମାମଲାର ସମ୍ପୂର୍ଣ୍ଣ ତଥ୍ୟ ବାଂଲାଦେଶ ସରକାରଙ୍କୁ ଦିଆଯାଇନଥିବା ନେଇ ମଧ୍ୟ ପ୍ରଶ୍ନ ଉଠିଛି । ତାଲିକାରେ ଥିବା ୨୨ ଜଣଙ୍କ ମଧ୍ୟରୁ ୮ ଜଣଙ୍କ ବିରୋଧରେ ହତ୍ୟା, ୫ ଜଣଙ୍କ ବିରୋଧରେ ଡ୍ରଗ୍ସ ଚୋରାଚାଲାଣ ଏବଂ ଅନ୍ୟମାନଙ୍କ ବିରୋଧରେ ବିଭିନ୍ନ ଅଭିଯୋଗ ରହିଛି । ଅବଶିଷ୍ଟ ୨୦ ଜଣଙ୍କ ଦଣ୍ଡ ସମ୍ପର୍କରେ ତଥ୍ୟ ପାଇଁ ଅକ୍ଟୋବର ୧୯ରେ ସାଉଦି ବୈଦେଶିକ ମନ୍ତ୍ରଣାଳୟକୁ ଚିଠି ଲେଖିଛି ବାଂଲାଦେଶର ଜେଦ୍ଦାସ୍ଥିତ ମହାବାଣିଜ୍ୟ ଦୂତାବାସ । ଏବେ ସମସ୍ତଙ୍କ ନଜର ସାଉଦି ସରକାରଙ୍କ ଉତ୍ତର ଉପରେ । ବାକି ୨୦ ଜଣଙ୍କ ଭାଗ୍ୟ କ'ଣ ହେବ, ତାହା ଜାଣିବାକୁ ଅପେକ୍ଷା ।

କୃଷିକ୍ଷେତ୍ରରେ ନବସୃଜନର ୧୦୦ ବର୍ଷ ପୂର୍ତ୍ତି

ନୂଆଦିଲ୍ଲୀ: କୃଷିକ୍ଷେତ୍ରରେ ନବସୃଜନ ଓ ବିଶ୍ୱସ୍ତରୀୟ ନେତୃତ୍ୱର ୧୦୦ ବର୍ଷ ପୂରଣ କରିଛି ପାୟୋନିୟର । ବିଶ୍ୱର ୭୦ରୁ ଅଧିକ ଦେଶରେ କାର୍ଯ୍ୟ କରିବା ସହ କୋଟିଏରୁ ଅଧିକ କୃଷକଙ୍କ ସହ ଯୋଡ଼ି ହୋଇଥିବା ଏହି ବ୍ରାଣ୍ଡ ଉନ୍ନତ ବୀଜ ବିଜ୍ଞାନ ଓ କ୍ଷେତ୍ରସ୍ତରୀୟ ଜ୍ଞାନକୌଶଳ ମାଧ୍ୟମରେ ଫସଲ ଉତ୍ପାଦନ ଓ କୃଷକଙ୍କ ଲାଭ ବୃଦ୍ଧି ଦିଗରେ କାର୍ଯ୍ୟ କରୁଛି । ଭାରତରେ ୫୪ ବର୍ଷରୁ ଅଧିକ ସମୟ ଧରି କୃଷକଙ୍କ ସହ କାମ କରିଆସୁଥିବା ପାୟୋନିୟର ବିଭିନ୍ନ କୃଷି-ଜଳବାୟୁ ଅଂଚଳର ଆବଶ୍ୟକତା ଅନୁଯାୟୀ ଉନ୍ନତ ଓ ଜଳବାୟୁ ସହନଶୀଳ ସଂକର ବୀଜ ବିକାଶ ସହ ଅଧିକ ଅମଳ ଓ ଉନ୍ନତ ଆୟ ପାଇଁ କୃଷକଙ୍କୁ ସହାୟତା ଯୋଗାଇ ଆସୁଛି । ଏହି ଅବସରରେ ଭାଇର୍ଲର ଏସିଆ ପ୍ରଶାନ୍ତ ମହାସାଗରୀୟ ଓ ରଣନୈତିକ ପଦକ୍ଷେପ ପ୍ରମୁଖ ରବର୍ଟ କାନ୍ କହିଛନ୍ତି, ଶହେ ବର୍ଷ ପୂର୍ବେ ଜଣେ କୃଷକ, ଗୋଟିଏ ବୀଜ ଏବଂ ଏକ ସାହସିକ ଚିନ୍ତାଧାରା କୃଷିକ୍ଷେତ୍ରରେ ନୂତନ ସମ୍ଭାବନାର ଦ୍ୱାର ଖୋଲିଥିଲା । ସେହି ନବସୃଜନର ଭାବନା ଆଜି ମଧ୍ୟ ଆମକୁ ମାର୍ଗଦର୍ଶନ କରୁଛି । ଆଗାମୀ ଶତାବ୍ଦୀରେ ଜଳବାୟୁ ପରିବର୍ତ୍ତନ ଓ ଖାଦ୍ୟ ନିରାପତ୍ତାଭଳି ଆହ୍ୱାନର ମୁକାବିଲା ପାଇଁ ଆମେ ଉନ୍ନତ ବୀଜ ଗବେଷଣା ଓ ନବସୃଜନକୁ ଆହୁରି ଆଗକୁ ନେବାକୁ ପ୍ରତିବଦ୍ଧ । ଅଧିକ ଉତ୍ପାଦନଶୀଳ ଓ ପ୍ରତିକୂଳ ପାଣିପାଗ ସହନ କରିପାରୁଥିବା ବୀଜ ବିକାଶ ମାଧ୍ୟମରେ କୃଷକଙ୍କ ବିଶ୍ୱାସକୁ ବଜାୟ ରଖିବା ଆମର ପ୍ରାଥମିକତା । ୧୯୨୬ ମସିହାରେ ପ୍ରଥମ ସଂକର ମକା ବଜାରକୁ ଆଣିବାଠାରୁ ଆରମ୍ଭକରି ଆଧୁନିକ ଜିନ୍ ସମ୍ପାଦନ ପ୍ରଯୁକ୍ତିବିଦ୍ୟା ପର୍ଯ୍ୟନ୍ତ ପାୟୋନିୟରର ଯାତ୍ରା କୃଷିକ୍ଷେତ୍ରରେ ନୂତନ ସମ୍ଭାବନା ସୃଷ୍ଟି କରିଛି । ଆଗାମୀ ଦିନରେ ବିଶ୍ୱର ବର୍ଦ୍ଧିତ ଖାଦ୍ୟ ଓ ଶକ୍ତି ଆବଶ୍ୟକତା ପୂରଣ ସହ କୃଷକଙ୍କ ଉତ୍ପାଦନ ଓ ଲାଭ ବୃଦ୍ଧି ଦିଗରେ କମ୍ପାନୀ ନିଜର ପ୍ରୟାସ ଜାରି ରଖିବ । ତେଲେଙ୍ଗାନାରେ ମକା, ରାଜସ୍ଥାନରେ ବାଜରା, ଉତରପ୍ରଦେଶରେ ସୋରିଷ ଏବଂ ବିହାରରେ ଧାନ ଚାଷୀଙ୍କୁ ଉନ୍ନତ ବୀଜ, ଉପଯୁକ୍ତ ଚାଷ ପଦ୍ଧତି ଓ କ୍ଷେତ୍ରସ୍ତରୀୟ କୃଷି ତଥ୍ୟ ମାଧ୍ୟମରେ ଉତ୍ପାଦନ ବୃଦ୍ଧି ଏବଂ ପାଣିପାଗଜନିତ ଆହ୍ୱାନର ମୁକାବିଲାରେ ସହାୟତା ମିଳୁଛି । ଛ ଭାଇଲର ମୁଖ୍ୟ ବ୍ରାଣ୍ଡ ଭାବେ ପାୟୋନିୟର ୧୩୦ରୁ ଅଧିକ ଗବେଷଣା କେନ୍ଦ୍ର, ୩,୦୦୦ରୁ ଅଧିକ ବୈଜ୍ଞାନିକ ଏବଂ କୃଷି-ପ୍ରଯୁକ୍ତିବିଦ୍ୟାରେ ନିରନ୍ତର ପୁଞ୍ଜିନିବେଶ ମାଧ୍ୟମରେ ନବସୃଜନକୁ ଆଗକୁ ବାଉଛି ।

ଡିଜିଟାଲ୍ ଆରେଷ୍ଟ ଠକେଇ: ୮ ମାସରେ ୨୧,୯୦୦ରୁ ଅଧିକ ଅଭିଯୋଗ



ନୂଆଦିଲ୍ଲୀ: ଦେଶରେ ଡିଜିଟାଲ୍ ଆରେଷ୍ଟ ଠକେଇ ଚିନ୍ତାଜନକ ସ୍ଥିତିରେ ପହଞ୍ଚିଛି । ଚଳିତ ବର୍ଷ ଜାନୁଆରିରୁ ଅଗଷ୍ଟ ମଧ୍ୟରେ ଏହି ଠକେଇ ସଂକ୍ରାନ୍ତରେ ୨୧,୯୦୦ରୁ ଅଧିକ ଅଭିଯୋଗ ପଞ୍ଜୀକୃତ ହୋଇଛି । ଏଥିରେ ୬୪୭ କୋଟି ଟଙ୍କାରୁ ଅଧିକ ଅର୍ଥ ଠକେଇ ହୋଇଥିବା ଗୃହ ମନ୍ତ୍ରଣାଳୟ (ଏମ୍ଏଚ୍ଏ) ଓ ଭାରତୀୟ ସାଇବର ଅପରାଧ ସମନ୍ୱୟ କେନ୍ଦ୍ର (ଆଇ୪ସି) ସୁପ୍ରିମ୍‌କୋର୍ଟରେ ଦାଖଲ କରିଥିବା ସ୍ଥିତି ରିପୋର୍ଟରେ ଦର୍ଶାଯାଇଛି । ଡିଜିଟାଲ୍ ଆରେଷ୍ଟ ଠକେଇ ରୋକିବା, ପୀଡ଼ିତଙ୍କ ଅର୍ଥ ଫେରାଇବା ଓ ଏପରି ଅପରାଧ ରୋକିବା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଛି । ପୁଲିସ, ବ୍ୟାଙ୍କ ଓ ଅନ୍ୟ ସଂସ୍ଥାର ଅଧିକାରୀ ବୋଲି ପରିଚୟ ଦେଇ ଠକମାନେ ଲୋକଙ୍କୁ ଭୟଭୀତ କରିଥାନ୍ତି । ମାମଲାରେ ଫସାଇଦେବା କିମ୍ବା ଗିରଫ କରିବାର ଧମକ ଦେଇ ଭିଡିଓ କଲ୍ ମାଧ୍ୟମରେ ଲୋକଙ୍କୁ ଦୀର୍ଘ ସମୟ ନିୟନ୍ତ୍ରଣରେ ରଖି ଟଙ୍କା ଆଦାୟ କରାଯାଏ । ଏହାକୁ ଡିଜିଟାଲ୍ ଆରେଷ୍ଟ ଠକେଇ କୁହାଯାଉଛି । ୨୦୨୪ରେ ଏପରି ଠକେଇ ସଂକ୍ରାନ୍ତରେ ୧,୨୩,୬୭୨ଟି ଅଭିଯୋଗ ହୋଇଥିଲା ଏବଂ ଠକେଇର ପରିମାଣ ୧,୯୩୫ କୋଟି ଟଙ୍କା ଥିଲା । ୨୦୨୫ରେ ଅଭିଯୋଗ ସଂଖ୍ୟା ୫୮,୨୩୯କୁ ହ୍ରାସ ପାଇଥିବାବେଳେ ଠକେଇର ପରିମାଣ ୧,୨୧୧ କୋଟି ଟଙ୍କା ରହିଥିଲା । ଠକେଇର ଶିକାର ଲୋକଙ୍କୁ ସହାୟତା ପାଇଁ ଗୃହ ମନ୍ତ୍ରଣାଳୟ ଫେବୃଆରିରେ ଅଭିଯୋଗ ସମାଧାନ ପୋର୍ଟାଲ୍ ଆରମ୍ଭ କରିଥିଲା । ଏହା ଏପ୍ରିଲୁ ସାରା ଦେଶରେ କାର୍ଯ୍ୟକ୍ଷମ ହୋଇଛି । ସେପ୍ଟେମ୍ବର ୩୦ ସୁଦ୍ଧା ଏହି ବ୍ୟବସ୍ଥାରେ ୧୦୯ଟି ବ୍ୟାଙ୍କ ଓ ୧୬୨୮ ଲକ୍ଷ ଶାଖାକୁ ସାମିଲ କରାଯାଇଥିଲା । ସାଇବର ଅପରାଧ ଓ ଠକେଇ ସମ୍ପର୍କିତ ୯୩,୦୪୧ଟି ଅଭିଯୋଗ ମଧ୍ୟରୁ ୬୦,୬୩୮ଟି ଉପରେ ସମ୍ପୃକ୍ତ ତଦନ୍ତକାରୀ ସଂସ୍ଥା ପଦକ୍ଷେପ ନେଇଛନ୍ତି । ଅର୍ଥ ଫେରସ୍ତ ପୋର୍ଟାଲ୍ ମାଧ୍ୟମରେ ୬ ଲକ୍ଷରୁ ଅଧିକ ଆବେଦନ ମଧ୍ୟରୁ ୪.୮୬୯ ଲକ୍ଷ ମାମଲାରେ ଅର୍ଥ ଫେରସ୍ତ ପାଇଁ ଆଦେଶ ଦିଆଯାଇଛି । ଏହାଦ୍ୱାରା ମୋଟ ୩୩୨.୮୭ କୋଟି ଟଙ୍କା ଫେରସ୍ତ ହୋଇଥିବା ରିପୋର୍ଟରେ କୁହାଯାଇଛି । ସୁପ୍ରିମ୍‌କୋର୍ଟ ୨୦୨୫ ଅକ୍ଟୋବର ୧୭ରେ ହରିୟାଣାର ଜଣେ ବୟସ୍କ ଦମ୍ପତିଙ୍କ ଅଭିଯୋଗ ପରେ ଏହି ପ୍ରସଙ୍ଗକୁ ନିଜ ଆଡୁ ବିଚାର ପାଇଁ ଗ୍ରହଣ କରିଥିଲେ । ଠକମାନେ ସିବିଆଇ ଓ ଇଡି ଅଧିକାରୀଙ୍କ ପରିଚୟ ଦେଇ ଦମ୍ପତିଙ୍କଠାରୁ ୧ କୋଟି ଟଙ୍କାରୁ ଅଧିକ ଠକିଥିଲେ । ଆସନ୍ତା ୨୯ ତାରିଖରେ ସୁପ୍ରିମ୍‌କୋର୍ଟ ଏହି ମାମଲାର ପରବର୍ତ୍ତୀ ଶୁଣାଣି କରିବେ ।

ଏସୀୟ ପାରା କ୍ରୀଡ଼ାରେ ଭାରତର ଐତିହାସିକ ସଫଳତା

୧୧୪ ପଦକ ସହ ସର୍ବଶ୍ରେଷ୍ଠ ପ୍ରଦର୍ଶନ, ସ୍ୱର୍ଣ୍ଣିମ ଦିବସରେ ନଅ ସ୍ୱର୍ଣ୍ଣ

ନୂଆଦିଲ୍ଲୀ,୨୩।୧୦(ଏଜେନ୍ସି): ଏସୀୟ ପାରା କ୍ରୀଡ଼ାରେ ଭାରତୀୟ କ୍ରୀଡ଼ା ଇତିହାସରେ ଯୋଡ଼ି ହୋଇଛି ଏକ ସ୍ମରଣୀୟ ଅଧ୍ୟାୟ। ଅନ୍ତର୍ଜାତୀୟ କ୍ରୀଡ଼ା ମଞ୍ଚରେ ନିଜର ଦକ୍ଷତା, ଦୃଢ଼ ମନୋବଳ ଓ ଅଦମ୍ୟ ସଂକଳ୍ପର ପରିଚୟ ଦେଇ ଭାରତ ଏଥର ମୋଟ ୧୧୪ଟି ପଦକ ହାସଲ କରି ନିଜର ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିଛି। ଗୋଟିଏ ଦିନରେ ନଅଟି ସ୍ୱର୍ଣ୍ଣପଦକ ଜିତି ଭାରତୀୟ ଖେଳାଳିମାନେ ଦେଶର ପଦକ ଅଭିଯାନକୁ ନୂଆ ଉଚ୍ଚତାକୁ ନେଇଛନ୍ତି। ଏହି ସଫଳତା କେବଳ ପଦକ ସଂଖ୍ୟାର ବୃଦ୍ଧି ନୁହେଁ, ବରଂ ଭାରତର ପାରା କ୍ରୀଡ଼ା କ୍ଷେତ୍ରରେ ବଢ଼ୁଥିବା ଦକ୍ଷତା, ଖେଳାଳିଙ୍କ ଅଧିକ ପ୍ରସ୍ତୁତି ଓ ଅନ୍ତର୍ଜାତୀୟ ସ୍ତରରେ ନିଜକୁ ପ୍ରମାଣିତ କରିବାର ସାମର୍ଥ୍ୟକୁ ପ୍ରତିଫଳିତ କରିଛି। ଭାରତ ୩୦ ସ୍ୱର୍ଣ୍ଣ, ୩୫ ରୌପ୍ୟ ଓ ୪୯ ବ୍ରୋଞ୍ଜ ସହ ମୋଟ ୧୧୪ ପଦକ ଜିତି ଚତୁର୍ଥ ସ୍ଥାନରେ ଅଭିଯାନ ଶେଷ କରିଛି। ଏହା ପୂର୍ବ ସଂସ୍କରଣର ୧୦୮ ପଦକକୁ ଅତିକ୍ରମ କରିଛି। ପାରା ଆଥଲେଟିକ୍ସରୁ ସର୍ବାଧିକ ୬୫ ପଦକ ମିଳିଥିବା ବେଳେ ପାରା ସନ୍ତରଣରେ ଭାରତ ୧୧ ପଦକ ଜିତିଛି।

ପଦକ ତାଲିକାରେ ନୂଆ ରେକର୍ଡ

ଏସୀୟ ପାରା କ୍ରୀଡ଼ାରେ ୧୧୪ଟି ପଦକ ଜିତିବା ଭାରତ ପାଇଁ ଏକ ବଡ଼ ଉପଲବ୍ଧି। ଏହା ଦେଶର ପାରା କ୍ରୀଡ଼ା ଇତିହାସରେ ସର୍ବାଧିକ ପଦକ ସଂଗ୍ରହ ଭାବେ ଚର୍ଚ୍ଚାକୁ ଆସିଛି। ପ୍ରତିଯୋଗିତାର ବିଭିନ୍ନ ବିଭାଗରେ ଭାରତୀୟ ଖେଳାଳିମାନେ ନିଜର କୌଶଳ ଓ ଅଭ୍ୟାସର ପରିଚୟ ଦେଇ ପଦକ ଜିତିଛନ୍ତି। ପାରା କ୍ରୀଡ଼ାରେ ଖେଳାଳିମାନଙ୍କୁ କେବଳ ପ୍ରତିଦ୍ୱନ୍ଦ୍ୱୀଙ୍କ ସହ ଲଢ଼ିବାକୁ ପଡ଼େ ନାହିଁ, ଅନେକ ସମୟରେ ନିଜ ଶାରୀରିକ ସୀମାବଦ୍ଧତା, ଅଭ୍ୟାସର ଆହ୍ୱାନ ଓ ପ୍ରତିଯୋଗିତାର ଚାପକୁ ମଧ୍ୟ ସାମ୍ନା କରିବାକୁ ପଡ଼େ।

ଗୋଟିଏ ଦିନରେ ନଅ ସ୍ୱର୍ଣ୍ଣ

ଭାରତର ପଦକ ଅଭିଯାନରେ ଗୋଟିଏ ଦିନରେ ନଅଟି ସ୍ୱର୍ଣ୍ଣପଦକ ଜିତିବା ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା। ଏହି ସ୍ୱର୍ଣ୍ଣିମ ସଫଳତା ଭାରତୀୟ ଦଳର ମନୋବଳକୁ ଆହୁରି ଦୃଢ଼ କରିବା ସହ ପଦକ ତାଲିକାରେ ଦେଶର ସ୍ଥିତିକୁ ମଜଭୁତ କରିଛି। ସ୍ୱର୍ଣ୍ଣପଦକ ଜିତିବା ପଛରେ ଖେଳାଳିଙ୍କ ଦୀର୍ଘଦିନର ଅଭ୍ୟାସ, ପ୍ରଶିକ୍ଷକଙ୍କ ମାର୍ଗଦର୍ଶନ, ଯୋଜନାବଦ୍ଧ ପ୍ରସ୍ତୁତି ଓ ପ୍ରତିଯୋଗିତା ସମୟରେ ଚାପକୁ ସମ୍ଭାଳିବାର କ୍ଷମତା ରହିଥାଏ। ପ୍ରତ୍ୟେକ ପଦକ ପଛରେ ରହିଛି ଅନେକ ଦିନର ପରିଶ୍ରମ ଓ ନିଜ ଲକ୍ଷ୍ୟ ପ୍ରତି ଅଟଳ ରହିବାର ମନୋଭାବ। ଭାରତୀୟ ଖେଳାଳିମାନଙ୍କ ଏହି ସଫଳତା ଦର୍ଶାଇଛି ଯେ ପାରା କ୍ରୀଡ଼ା ଆଉ କେବଳ ଅଂଶଗ୍ରହଣରେ ସୀମିତ ନାହିଁ। ଏହି କ୍ଷେତ୍ରରେ ଭାରତୀୟ ଖେଳାଳିମାନେ ଉଚ୍ଚସ୍ତରୀୟ ପ୍ରତିଯୋଗିତାରେ ପଦକ ଜିତିବା ସହ ଦେଶର କ୍ରୀଡ଼ା ମାନଚିତ୍ରରେ ନିଜର ସ୍ଥାନକୁ ଆହୁରି ମଜଭୁତ କରୁଛନ୍ତି।

ଓଡ଼ିଶାର ପାରା କ୍ରୀଡ଼ାବିତଙ୍କୁ ପାଇଁ ପ୍ରେରଣା

ଏହି ଐତିହାସିକ ସଫଳତା ଓଡ଼ିଶାର ପାରା କ୍ରୀଡ଼ାବିତଙ୍କ ପାଇଁ ମଧ୍ୟ ପ୍ରେରଣାଦାୟକ। ଓଡ଼ିଶାରୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପରିଚୟ ହାସଲ କରିଥିବା ଅନେକ ଖେଳାଳି ନିଜର ପରିଶ୍ରମ ଓ ସଂକଳ୍ପ ଦ୍ୱାରା ଦେଶର ଗୌରବ ବଢ଼ାଇଛନ୍ତି।

ପାରା ବ୍ୟାଡମିଣ୍ଟନରେ ପ୍ରମୋଦ ଭଗତଙ୍କ ଭଳି ଖେଳାଳି ଦେଶ ଓ ରାଜ୍ୟ ପାଇଁ ଉଲ୍ଲେଖନୀୟ ସଫଳତା ଆଣିଛନ୍ତି। ସେହିପରି ପାରା ତୀରନ୍ଦାଜୀ ଓ ଆଥଲେଟିକ୍ସରେ ଓଡ଼ିଶାର ଖେଳାଳିମାନଙ୍କ ପ୍ରଦର୍ଶନ ମଧ୍ୟ ରାଜ୍ୟର କ୍ରୀଡ଼ା ଜଗତକୁ ନୂଆ ଆଶା ଦେଇଛି।ରାଜ୍ୟର ଗ୍ରାମାଞ୍ଚଳରେ ଥିବା ପ୍ରତିଭାକୁ ଚିହ୍ନଟ କରି ଉପଯୁକ୍ତ ପ୍ରଶିକ୍ଷଣ ଦେବା, ଆଧୁନିକ ଉପକରଣ ଯୋଗାଇବା ଓ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣର ସୁଯୋଗ ବଢ଼ାଇବା ଦ୍ୱାରା ଆଗାମୀ ଦିନରେ ଅଧିକ ଓଡ଼ିଆ ଖେଳାଳି ଦେଶ ପାଇଁ ପଦକ ଜିତିପାରିବେ।





ପ୍ରମୋଦଙ୍କୁ ରୌପ୍ୟ, ନୀତେଶଙ୍କୁ ସ୍ୱର୍ଣ୍ଣ

ଏସୀୟ ପାରା କ୍ରୀଡ଼ାରେ ଓଡ଼ିଶାର ତାରକା ପାରା ବ୍ୟାଡମିଣ୍ଟନ ଖେଳାଳି ତଥା ପାରାଲିମ୍ପିକ୍ ବିଜେତା ପ୍ରମୋଦ ଭଗତଙ୍କୁ ରୌପ୍ୟ ପଦକ ମିଳିଛି। ପୁରୁଷ ଏକକ ଏସ୍‌ଏଲ୍-୩ ବର୍ଗର ଫାଇନାଲରେ ଭାରତର ଅନ୍ୟତମ ଖେଳାଳି ନୀତେଶ କୁମାରଙ୍କଠାରୁ ପରାସ୍ତ ହୋଇ ପ୍ରମୋଦ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଛନ୍ତି। ଅନ୍ୟପକ୍ଷରେ ନୀତେଶ ସ୍ୱର୍ଣ୍ଣ ପଦକ ଜିତି ଭାରତର ଗୌରବ ବଢ଼ାଇଛନ୍ତି। ଫାଇନାଲ୍ ମୁକାବିଲାରେ ନୀତେଶ ଦମ୍ଦାର ପ୍ରଦର୍ଶନ କରି ପ୍ରମୋଦଙ୍କୁ ସିଧାସଳଖ ଦୁଇଟି ଗେମରେ ପରାସ୍ତ କରିଥିଲେ। ସେ ୨୧-୧୮ ଓ ୨୧-୧୬ ଗେମରେ ବିଜୟୀ ହୋଇ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଅଭିଜ୍ଞ ପ୍ରମୋଦ ମ୍ୟାଚରେ ଲଢ଼ୁଆ ପ୍ରଦର୍ଶନ କରିଥିଲେ ମଧ୍ୟ ନୀତେଶଙ୍କୁ ଅଟକାଇବାରେ ସଫଳ ହୋଇନଥିଲେ।

ଏହି ଫାଇନାଲ୍ ପ୍ରମୋଦଙ୍କ ପାଇଁ ବିଶେଷ ଗୁରୁତ୍ୱ ବହନ କରୁଥିଲା। ସେ ୨୦୧୮ ଜାକର୍ତ୍ତା ଏସୀୟ ପାରା କ୍ରୀଡ଼ା ଏବଂ ୨୦୨୨ ହାଙ୍ଗଝୋଉ ଏସୀୟ ପାରା କ୍ରୀଡ଼ାରେ ପୁରୁଷ ଏକକ ଏସ୍‌ଏଲ୍-୩ ବର୍ଗରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ତେଣୁ ଚଳିତ ସଂସ୍କରଣରେ ମଧ୍ୟ ତାଙ୍କଠାରୁ ସ୍ୱର୍ଣ୍ଣ ପଦକ ଆଶା କରାଯାଉଥିଲା। ୨୦୨୨ ହାଙ୍ଗଝୋଉରେ ମଧ୍ୟ ପ୍ରମୋଦ ଓ ନୀତେଶ ଫାଇନାଲ୍ରେ ମୁହାଁମୁହିଁ ହୋଇଥିଲେ। ସେହି ମୁକାବିଲାରେ ପ୍ରମୋଦ ବିଜୟୀ ହୋଇ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। କିନ୍ତୁ ଚଳିତଥର ନୀତେଶ ପୂର୍ବ ପରାଜୟର ପ୍ରତିଶୋଧ ନେବା ସହ ସ୍ୱର୍ଣ୍ଣ ପଦକ ଜିତିବାରେ ସଫଳ ହୋଇଛନ୍ତି। ଦୁଇ ଭାରତୀୟ ଖେଳାଳିଙ୍କ ମଧ୍ୟରେ ଏହି ଫାଇନାଲ୍ ଦେଶର ପାରା ବ୍ୟାଡମିଣ୍ଟନର ଉଚ୍ଚସ୍ତରୀୟ ପ୍ରତିଯୋଗିତାକୁ ପ୍ରତିଫଳିତ କରିଛି। ଅନ୍ତର୍ଜାତୀୟ ମଞ୍ଚରେ ଦୁଇ ଭାରତୀୟଙ୍କ ଫାଇନାଲ୍ରେ ପ୍ରବେଶ ଦେଶର ଏହି କ୍ରୀଡ଼ାରେ ଦକ୍ଷତା ଓ ପ୍ରତିଦ୍ୱନ୍ଦ୍ୱିତାର ପରିଚୟ ଦେଇଛି।

ଶୁଭେଚ୍ଛା : ପ୍ରମୋଦଙ୍କ ଏହି ସଫଳତା ପାଇଁ ପାରା ସ୍ପୋର୍ଟ୍ସ ଆସୋସିଏସନ୍ ଅଫ୍ ଓଡ଼ିଶା (ପିଏସ୍‌ଏଓ) ତାଙ୍କୁ ଅଭିନନ୍ଦନ ଜଣାଇଛି। ଏସୀୟ ପାରା କ୍ରୀଡ଼ାରେ ରୌପ୍ୟ ପଦକ ଜିତିଥିବାରୁ ସଂଘ ପକ୍ଷରୁ ତାଙ୍କୁ ଶୁଭେଚ୍ଛା ଜଣାଯିବା ସହ ଉଭୟ ଭାରତୀୟ ଖେଳାଳିଙ୍କ ଉଲ୍ଲେଖନୀୟ ପ୍ରଦର୍ଶନର ପ୍ରଶଂସା କରାଯାଇଛି। ଓଡ଼ିଶାର ପ୍ରମୋଦ ଭଗତ ଦୀର୍ଘଦିନ ଧରି ଦେଶ ପାଇଁ ପାରା ବ୍ୟାଡମିଣ୍ଟନରେ ଗୌରବ ଆଣିଆସିଛନ୍ତି। ଏଥର ସ୍ୱର୍ଣ୍ଣ ପଦକରୁ ବଞ୍ଚିତ ହୋଇଥିଲେ ମଧ୍ୟ ତାଙ୍କର ରୌପ୍ୟ ଓ ବ୍ରୋଞ୍ଜ ପଦକ ଭାରତୀୟ ଦଳର ପଦକ ଅଭିଯାନରେ ଯୋଗଦାନ ଦେଇଛି। ନୀତେଶ କୁମାରଙ୍କ ସ୍ୱର୍ଣ୍ଣ ବିଜୟ ମଧ୍ୟ ଭାରତୀୟ ପାରା ବ୍ୟାଡମିଣ୍ଟନ ପାଇଁ ଆଉ ଏକ ଗର୍ବର ମୁହୂର୍ତ୍ତ। ଦୁଇ ଭାରତୀୟ ଖେଳାଳିଙ୍କ ଏହି ପ୍ରଦର୍ଶନ ଏସୀୟ ପାରା କ୍ରୀଡ଼ାରେ ଭାରତର ଉପସ୍ଥିତିକୁ ଆହୁରି ମଜଭୁତ କରିଛି। ପ୍ରମୋଦଙ୍କ ପାଇଁ ରୌପ୍ୟ ପଦକ ଆଉ ଏକ ଆନ୍ତର୍ଜାତୀୟ ସଫଳତା ହୋଇଥିବା ବେଳେ ନୀତେଶଙ୍କ ପାଇଁ ଏହା ଏକ ସ୍ମରଣୀୟ ସ୍ୱର୍ଣ୍ଣିମ ବିଜୟ ହୋଇ ରହିବ।

କିଟ୍ ରେ ଏସୀୟ କ୍ରୀଡ଼ା ଓ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ପଦକ ବିଜେତାଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୨୩ ।୧୦: ଜାପାନରେ ଆୟୋଜିତ ୨୦୨୬ ଏସୀୟ କ୍ରୀଡ଼ା ଓ ଗ୍ଲାସ୍‌ଗୋରେ ଆୟୋଜିତ ୨୦୨୬ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସଫଳତା ହାସଲ କରିଥିବା କିଟ୍‌ ଓ କିସ୍‌ର କ୍ରୀଡ଼ାବିତ୍‌ଙ୍କୁ ଶୁକ୍ରବାର କିଟ୍ ପରିସରରେ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସମାରୋହରେ କିଟ୍ ଓ କିସ୍ ଅଚ୍ୟୁତ ସାମନ୍ତ ଉପସ୍ଥିତ ରହି ମୋଟ ୨୧ ଜଣ ପଦକଧାରୀ କିଟ୍ ବିଶ୍ୱବିଦ୍ୟାଳୟ ଖେଳାଳିଙ୍କୁ ସମ୍ବର୍ଦ୍ଧନା ସହ ମୋଟ ପ୍ରୋତ୍ସାହନ ରାଶି ୨କୋଟି ୫୦ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଥିଲେ।

ସୂଚନାଯୋଗ୍ୟ, ଗତ କିଛିଦିନ ତଳେ ଜାପାନରେ ଅନୁଷ୍ଠିତ ୨୦ତମ ଏସୀୟ କ୍ରୀଡ଼ାରେ କିଟ୍ ଓ କିସ୍‌ର ୫୭ ଜଣ ଛାତ୍ରଛାତ୍ରୀ କ୍ରୀଡ଼ାବିତ୍ ଭାରତର ପ୍ରତିନିଧିତ୍ୱ କରିଥିଲେ। ଗୋଟିଏ ଭାରତୀୟ ବିଶ୍ୱବିଦ୍ୟାଳୟରୁ ଅଂଶଗ୍ରହଣ କରିଥିବା କ୍ରୀଡ଼ାବିତ୍‌ଙ୍କ ମଧ୍ୟରେ ଏହା ସର୍ବବୃହତ୍ ଦଳ ଥିଲା। ଏହି ପ୍ରତିଯୋଗିତାରେ କିଟ୍‌ର କ୍ରୀଡ଼ାବିତ୍‌ମାନେ ବିଭିନ୍ନ ବିଭାଗରେ ମୋଟ ୨୧ଟି ପଦକ ହାସଲ କରିଥିଲେ, ଯାହା କି ପଞ୍ଜାବ ରାଜ୍ୟ ହାସଲ କରିଥିବା ପଦକ ସଂଖ୍ୟା ସହ ସମାନ। ସେହିପରି ଗ୍ଲାସଗୋଠାରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ କିଟ୍‌ର ୧୪ ଜଣ କ୍ରୀଡ଼ାବିତ୍ ଭାରତର ପ୍ରତିନିଧିତ୍ୱ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ୫ ଜଣ ପଦକ ଜିତିଥିଲେ।

ଆଜି ଏହି ସମାରୋହରେ ପଦକ ବିଜେତା କ୍ରୀଡ଼ାବିତ୍‌ଙ୍କୁ ସମ୍ବର୍ଦ୍ଧିତ କରି ପ୍ରତିଷ୍ଠାତା ଶ୍ରୀ ସାମନ୍ତ କହିଲେ, କିଟ୍ ଓ କିସ୍ ସର୍ବଦା କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କୁ ପ୍ରୋତ୍ସାହନ ଯୋଗାଇ ଦେବା ସହ ସମ୍ମାନ ପ୍ରଦାନ କରିଆସୁଛି । କିଟ୍ ଓ କିସ୍‌ର ବିଭିନ୍ନ ଷ୍ଟାଡ଼ିୟମ ଭାରତର ବିଭିନ୍ନ କିମ୍ବଦନ୍ତୀ କ୍ରୀଡ଼ାବିତ୍‌ଙ୍କ ନାମରେ ନାମିତ କରାଯାଇଛି । କ୍ରୀଡ଼ାବିତ୍‌ମାନେ ଉଚ୍ଚଶିକ୍ଷା ଲାଭ କରିବା ସହ କ୍ରୀଡ଼ାରେ ଉତ୍କର୍ଷତା ପ୍ରତିପାଦନ କରିବା ପାଇଁ ସେମାନଙ୍କୁ ସମସ୍ତ ପ୍ରକାର ସୁବିଧାସୁଯୋଗ ଓ ପ୍ରୋତ୍ସାହନ ଯୋଗାଇ ଦେଇଆସୁଛି ବୋଲି ଶ୍ରୀ ସାମନ୍ତ କହିଥିଲେ।

ଏସୀୟ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ବିଜେତାଙ୍କୁ ୭ଲକ୍ଷ, ରୌପ୍ୟ ପଦକ ବିଜେତାଙ୍କୁ ୫ଲକ୍ଷ ଓ କାଂସ୍ୟ ପଦକ ବିଜେତାଙ୍କୁ ୩ ଲକ୍ଷ ଲେଖାଏଁ ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା । ସେହିପରି ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣପଦକ ବିଜେତାଙ୍କୁ ୫ ଲକ୍ଷ, ରୌପ୍ୟ ପଦକ ବିଜେତାଙ୍କୁ ୩ଲକ୍ଷ ଓ କାଂସ୍ୟ ପଦକ ବିଜେତାଙ୍କୁ ୨ଲକ୍ଷ ଲେଖାଏଁ ଟଙ୍କା ପ୍ରଦାନ କରାଯାଇଥିଲା । ଉଭୟ ଏସୀୟ ଓ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଅଂଶଗ୍ରହଣ କରିଥିବା ପ୍ରତ୍ୟେକ ଖେଳାଳିଙ୍କୁ ୧ଲକ୍ଷ ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା।



ଏହି କାର୍ଯ୍ୟକ୍ରମରେ ଅଲିମ୍ପିଆନ୍ ଦୂତୀ ଚାନ୍ଦ, ଅନୁରାଧା ବିଶ୍ୱାଳ, ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ଓ ସାଇକ୍ଲିଷ୍ଟ ମୀନତି ମହାପାତ୍ର, ଓଡ଼ିଶା ସରକାରଙ୍କ ଆଥଲେଟିକ୍ କୋଚ୍ ସଞ୍ଜୟ ଗଡ଼ନାୟକ, କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, ଉପକୁଳପତି ତଥା କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି, କ୍ରୀଡ଼ା ମହାନିର୍ଦ୍ଦେଶକ ଡ଼ ଗଗନେନ୍ଦୁ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

ବାଳିକାଙ୍କ ଫୁଟବଲ୍ ସ୍ୱପ୍ନ ସାକାର କରୁଛି ଆଦିତ୍ୟ ଆଲୁମିନିୟମ

ଭୁବନେଶ୍ୱର,୨୩।୧୦(ସବ୍ୟୁ): ଗ୍ରାମାଞ୍ଚଳ ଓ ଆଦିବାସୀ ଅଞ୍ଚଳର ବାଳିକାମାନଙ୍କ ଫୁଟବଲ୍ ପ୍ରତିଭାର ବିକାଶ ପାଇଁ ଆଗେଇ ଆସିଛି ଆଦିତ୍ୟ ଆଲୁମିନିୟମ। ଆଦିତ୍ୟ ବିର୍ଲା ଗ୍ରୁପ୍ର ହିଣ୍ଡାଲ୍କୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ର ଏହି ୟୁନିଟ୍ ପକ୍ଷରୁ ପରିଚାଳିତ 'ପ୍ରୋଜେକ୍ଟ ଲକ୍ଷ୍ୟଦ ମାଧ୍ୟମରେ ସମ୍ବଲପୁର ଜିଲ୍ଲା ରେଙ୍ଗାଲି ବ୍ଲକ୍‌ର ୫୫ ଜଣ କିଶୋରୀଙ୍କୁ ଫୁଟବଲ୍ ପ୍ରଶିକ୍ଷଣ ଦିଆଯାଉଛି। ଏହି ପଦକ୍ଷେପ ଗ୍ରାମାଞ୍ଚଳର ଯୁବ ଖେଳାଳିଙ୍କୁ ନୂଆ ସୁଯୋଗ ଦେବା ସହ ସେମାନଙ୍କ ଆତ୍ମବିଶ୍ୱାସ ବଢ଼ାଉଛି। ଆଦିତ୍ୟ ଉଦୟ ସ୍ପୋର୍ଟସ୍ କ୍ଲବ୍ ମାଧ୍ୟମରେ କାର୍ଯ୍ୟକାରୀ ଏହି ପ୍ରକଳ୍ପରେ ବୃତ୍ତିଗତ ପ୍ରଶିକ୍ଷଣ, କ୍ରୀଡ଼ା ଭିତ୍ତିଭୂମି, ପୁଷ୍ଟିସମ୍ବନ୍ଧୀୟ ସହାୟତା ଓ ପ୍ରତିଯୋଗିତାରେ ଭାଗ ନେବାର ସୁଯୋଗ ଯୋଗାଇ ଦିଆଯାଉଛି। ଫୁଟବଲ୍ ମାଧ୍ୟମରେ ବାଳିକାମାନଙ୍କ ମଧ୍ୟରେ ଶୃଙ୍ଖଳା, ଦଳଗତ କାର୍ଯ୍ୟ, ନେତୃତ୍ୱ ଓ ଆତ୍ମବିଶ୍ୱାସ ବୃଦ୍ଧି କରିବା ଏହାର ଅନ୍ୟତମ ଲକ୍ଷ୍ୟ। ଏହି ପ୍ରକଳ୍ପରୁ ଉଲ୍ଲେଖନୀୟ ସଫଳତା ମିଳିଛି। ପ୍ରଶିକ୍ଷଣ ନେଉଥିବା ପାଞ୍ଚ ଜଣ ଖେଳାଳି ଜିଲ୍ଲା ଅଣ୍ଡର-୧୪ ଫୁଟବଲ୍ ଦଳ ପାଇଁ ମନୋନୀତ ହୋଇଥିବା ବେଳେ ଅନ୍ୟ ଜଣେ ଖେଳାଳି ଗୋଆର ଏସ୍‌ଏଆଇଏସ୍‌ଏଫ୍‌ଏ ଫୁଟବଲ୍ ଏକାଡେମୀରେ ପ୍ରଶିକ୍ଷଣ ପାଇଁ ନାମ ଲେଖାଇଛନ୍ତି। ଜାଙ୍ଗଲା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଡୁଙ୍ଗୁରିପଡ଼ାର ୧୫ ବର୍ଷୀୟା ନନ୍ଦିନୀ ଓରାମ କହିଛନ୍ତି ଯେ ପିଲାଦିନରୁ ଫୁଟବଲ୍ ପ୍ରତି ତାଙ୍କର ଆଗ୍ରହ ଥିଲେ ମଧ୍ୟ ଉପଯୁକ୍ତ ସୁଯୋଗ ମିଳିନଥିଲା। ପ୍ରକଳ୍ପ ତାଙ୍କୁ ନିୟମିତ ପ୍ରଶିକ୍ଷଣ ଓ ନିଜ ଦକ୍ଷତା ଉପରେ ବିଶ୍ୱାସ ରଖିବାର ପ୍ରେରଣା ଦେଇଛି। ସେହିପରି ସାଲେପଡ଼ାର



ସୁନିତା ମିଞ୍ଜଙ୍କ ମତରେ, ଏହି ସହାୟତା ତାଙ୍କୁ ଉଚ୍ଚ ଲକ୍ଷ୍ୟ ହାସଲ ପାଇଁ ଆତ୍ମବିଶ୍ୱାସ ଦେଇଛି। ଲୁଧାପାଲିର ନିକିତା ଓରାମ ମଧ୍ୟ ମାଆଙ୍କ ପ୍ରେରଣାରେ ଫୁଟବଲ୍ ଖେଳକୁ ଆଗକୁ ନେଉଛନ୍ତି। ସେ ଆଦିତ୍ୟ ଉଦୟ ସ୍ପୋର୍ଟସ୍ କ୍ଲବ୍ରେ ଗୋଲକିପର୍ ଭାବେ ଖେଳୁଛନ୍ତି। ଆଦିତ୍ୟ ଆଲୁମିନିୟମର ୟୁନିଟ୍ ମୁଖ୍ୟ ଜଗନ୍ନାଥ ନାୟକ କହିଛନ୍ତି ଯେ ପ୍ରତ୍ୟେକ ବାଳିକା ନିଜର ପୂର୍ଣ୍ଣ ସାମର୍ଥ୍ୟର ଉପଯୋଗ କରିବାକୁ ସୁଯୋଗ ପାଇବା ଉଚିତ। 'ପ୍ରୋଜେକ୍ଟ ଲକ୍ଷ୍ୟଦ ମାଧ୍ୟମରେ ଗ୍ରାମାଞ୍ଚଳର ବାଳିକାଙ୍କୁ ସଶକ୍ତ କରିବା ଓ ସେମାନଙ୍କ ଭବିଷ୍ୟତ ପାଇଁ ନୂଆ ପଥ ସୃଷ୍ଟି କରିବାକୁ ଉଦ୍ୟମ କରାଯାଉଛି। ପ୍ରଶିକ୍ଷଣ, ପୁଷ୍ଟିସାଧନ ଓ ପ୍ରତିଯୋଗିତାର ସୁଯୋଗକୁ ଏକାଠି କରି ଏହି ପ୍ରକଳ୍ପ ଗ୍ରାମାଞ୍ଚଳର ବାଳିକାମାନଙ୍କୁ ନିଜର କ୍ରୀଡ଼ା ସ୍ୱପ୍ନ ପୂରଣ ଦିଗରେ ଆଗେଇ ନେଉଛି।

ଦ୍ୱିତୀୟ ଟି-୨୦ ଖେଳିବେ ବୈଭବ

ନୂଆଦିଲ୍ଲୀ,୨୩।୧୦(ଏଜେନ୍ସି): ଭାରତୀୟ ଦଳର ବିସ୍ମୟ ବାଳକ ବୈଭବ ସୂର୍ଯ୍ୟବଂଶୀ ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ ଟି-୨୦ ଖେଳିବେ। ଟପ ଅର୍ଡରରେ ଫାଙ୍କା ନଥିବାରୁ ବୈଭବଙ୍କୁ ଚୂଡ଼ାନ୍ତ ଏକାଦଶରେ ସୁଯୋଗ ମିଳୁନଥିଲା। କିନ୍ତୁ ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ ଟି-୨୦ରେ ତାଙ୍କୁ ସୁଯୋଗ ମିଳିବାର ଯଥେଷ୍ଟ ସମ୍ଭାବନା ଅଛି। ଭାରତ ପ୍ରଥମ ଟି-୨୦ ମ୍ୟାଚ ଜିତିଥିବା ବେଳେ ଆହତ କାରଣରୁ ଇଶାନ କିଷାନ ଦ୍ୱିତୀୟ ମ୍ୟାଚରୁ ବାଦ ପଡିଛନ୍ତି। ତେଣୁ ଇଶାନଙ୍କ ସ୍ଥାନରେ ବୈଭବରେ ଚୂଡ଼ାନ୍ତ ଏକାଦଶରେ ସୁଯୋଗ ମିଳିପାରେ ବୋଲି ଦଳର ବ୍ୟାଟିଂ କୋଚ ସୀତାଂଶୁ କୋଟାକ ସ୍ପଷ୍ଟ କରିଛନ୍ତି। ଖ୍ରୀଷ୍ଟଚର୍ଚ୍ଚ ପ୍ରଥମ ଟି-୨୦ରେ ଭାରତ ୪ ୱିକେଟରେ ଜିତିଥିଲା। ଏହି ମ୍ୟାଚରେ ଇଶାନ କିଷାନ ୧ ରନ କରିଥିଲେ। ମ୍ୟାଚ ବେଳେ ତାଙ୍କ ଜଙ୍ଘର ସମସ୍ୟା ଦେଖାଯାଇଥିଲା। ତେଣୁ ଦ୍ୱିତୀୟ ଟି-୨୦ରେ ସେ ନଜର ଆସିବେ ନାହିଁ। ସୀତାଂଶୁ କୋଟାକ କହିଛନ୍ତି ଇଶାନଙ୍କ ଜଙ୍ଘରେ ସମସ୍ୟା ଦେଖା ଦେଇଛି। ଇଶାନ ଦ୍ୱିତୀୟ ଟି-୨୦ ଖେଳିବା ସମ୍ଭାବନା କମ। ଯଦି ଇଶାନ ଖେଳିବେ ନାହିଁ ତା'ହେଲେ ବୈଭବ ନିଶ୍ଚିତ ଭାବେ ତାଙ୍କ ସ୍ଥାନ ନେବେ। ଏସିଆନ ଗେମ୍ସ ଫାଇନାଲ ପରଠାରୁ ଭାରତୀୟ ଦଳର ଚୂଡ଼ାନ୍ତ ଏକାଦଶରେ ବୈଭବ ସ୍ଥାନ ପାଇନାହାନ୍ତି। ସେ ୱେଷ୍ଟଇଣ୍ଡିଜ୍ ବିପକ୍ଷ ୫ ମ୍ୟାଚ ବିଶିଷ୍ଟ ଶୃଙ୍ଖଳା ପାଇଁ ଦଳରେ ଥିଲେ ହେଁ ତାଙ୍କୁ ମ୍ୟାଚ ଖେଳିବାକୁ ସୁଯୋଗ ମିଳିନଥିଲା। ବୈଭବଙ୍କୁ ଧୈର୍ଯ୍ୟ ରଖିବାକୁ ହେବ ବୋଲି ଅଧିନାୟକ ଶ୍ରେୟାସ ଆୟର କହିଥିଲେ। ଏବେ ଇଶାନଙ୍କ ଆହତ ସମସ୍ୟା ବୈଭବଙ୍କୁ ନୂଆ ସୁଯୋଗ ଦେବ। ଶନିବାର ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଦ୍ୱିତୀୟ ଟି-୨୦ ମ୍ୟାଚ ଖେଳିଯିବ।







Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665,
TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Dr. Gurukalyan Mohapatra, ମୁଖ୍ୟ ସମ୍ପାଦକ: ଡ. ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି